DHARITRI
ବ୍ରହ୍ମପୁର, ଶୁକ୍ରବାର, ସେପ୍ଟେମ୍ବର ୭/୨୦୧୮ (୨୦ ପୃଷ୍ଠା) | Berhampur, Friday, September 7 / 2018 | ★★★
୧୪ ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



**ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ**
ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ସର୍ବୋତ୍ତମ ଦକ୍ଷତା ଲାଗି ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ।
୦୭

୧୯
**ବିଶ୍ୱରେକର୍ଡ କଲେ ସୌରଭ**
ଭାରତର ସୌରଭ ଚୌଧାରୀ ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜୁନିୟର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ସହ ବିଶ୍ୱ ରେକର୍ଡ କରିଛନ୍ତି।



■ ଆଗୁଆ ନିର୍ବାଚନ ପାଇଁ ବାଟ ଫିଟାଇଲେ କେସିଆର୍

# ଭଙ୍ଗହେଲା ତେଲେଙ୍ଗାନା ବିଧାନସଭା

ହାଇଦ୍ରାବାଦ,୬।୯(ପି.ଟି.)

ଯାହା ଅନୁମାନ କରାଯାଉଥିଲା ଶେଷରେ ତାହା ହେଲା। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ରାଜ୍ୟ ବିଧାନସଭାକୁ ଭଙ୍ଗ କରାଇବା ପାଇଁ ସୁପାରିସ କରିଛନ୍ତି। ସେ ରାଜ୍ୟପାଳ ଇଏସ୍ଏଲ୍ ନରସିଂହନଙ୍କୁ ଭେଟି କ୍ୟାବିନେଟର ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ରାଜ୍ୟପାଳ ଉକ୍ତ ସୁପାରିସକୁ ଗ୍ରହଣ କରିବା ପରେ ତେଲେଙ୍ଗାନାରେ ଆଗୁଆ ନିର୍ବାଚନର ପଥ ଉନ୍ମୁକ୍ତ ହୋଇଛି। ପୁନଃ କ୍ଷମତାସୀନ ହେବା ପାଇଁ କେସିଆର୍‌ଙ୍କ ଏହି ପଦକ୍ଷେପକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

୨୦୧୯ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୭ ମାସ ବାକି ଥିବାବେଳେ ଦେଶରେ ନିର୍ବାଚନୀ ମାହୋଲ ସୃଷ୍ଟି କରିଛି ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧ୍ୟକ୍ଷ କେସିଆର୍‌ଙ୍କ ମାଷ୍ଟରଷ୍ଟ୍ରୋକ୍। ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡ଼ିକୁ ନେଇ ସଂଘୀୟ ସାମ୍ମୁଖ୍ୟ ଗଠନର ମଙ୍ଗ ଧରିଥିବା କେସିଆର୍ ଗୁରୁବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟରେ ଅଧ୍ୟକ୍ଷତା କରି ନେଇଛନ୍ତି ବଡ଼ ନିଷ୍ପତ୍ତି। ତେଲେଙ୍ଗାନରେ ଲୋକ ସଭା ନିର୍ବାଚନ ସହ ବିଧାନସଭା ଭୋଟ ହେବାକୁ ଥିବାବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ କରାଇବାକୁ କ୍ୟାବିନେଟରେ ଏକ ସଂକଳ୍ପନାମା ଗୃହୀତ ହୋଇଛି।



ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଗୁରୁବାର ରାଜ୍ୟପାଳ ଇଏସ୍ଏଲ୍ ନରସିଂହନ୍‌ଙ୍କୁ ଭେଟି ସଂକଳ୍ପନାମା ପ୍ରଦାନ କରୁଛନ୍ତି।

ଏହାର କିଛି ସମୟ ପରେ ମୁଖ୍ୟମନ୍ତ୍ରୀ କେସିଆର୍ ରାଜଭବନକୁ ଯାଇ ରାଜ୍ୟପାଳଙ୍କୁ ସଂକଳ୍ପନାମା ପ୍ରଦାନ କରିଛନ୍ତି। ରାଜ୍ୟପାଳ କ୍ୟାବିନେଟ ସୁପାରିସ ଗ୍ରହଣ କରିବା ସହ ବିଧାନସଭାକୁ ଭଙ୍ଗ କରିଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସଦସ୍ୟଙ୍କୁ କାମଚଳା ସରକାର ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। କେସିଆର୍ ଏଥିରେ ସହମତି ପ୍ରକାଶ କରିଥିବା ରାଜଭବନ ସୂତ୍ରରୁ ପ୍ରକାଶ। ☞ପୃଷ୍ଠା–୪

# ବିପଦସଙ୍କେତ ଉପରେ ବୈତରଣୀ

ଭୁବନେଶ୍ୱର,୬।୯(ବ୍ୟୁରୋ)

**ବର୍ଷା ବିଭ୍ରାଟ**
- ■ ଫୁଲୁଛି ସୁବର୍ଣ୍ଣରେଖା
- ■ ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ■ ଅବପାତ ରୂପ ନେଲା ଲଘୁଚାପ
- ■ ୨୪ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା

ଲଘୁଚାପ ଯୋଗୁ ଗୁରୁବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଏହି ନଦୀର ଆଖୁଆପଦାଠାରେ ବନ୍ୟାଜଳ ବିପଦସଙ୍କେତ ଉପରକୁ ଉଠି ଯାଇଛି। ଏଠାରେ ବିପଦସଙ୍କେତ ସ୍ତର ୧୭.୯୩ ମିଟର ଥିବା ବେଳେ ଗୁରୁବାର ରାତି ସୁଦ୍ଧା ଏହା ୧୭.୯୪ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରକୁ ବନ୍ୟା ପାଣି ଅତିକ୍ରମ କରି ନ ଥିଲେ ମଧ୍ୟ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ସତର୍କ ରହିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ☞ପୃଷ୍ଠା–୪

■ ଦଫା ୩୭୭: ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ଅପରାଧ ନୁହେଁ ସମଲିଙ୍ଗୀ ସମ୍ପର୍କ

ନୂଆଦିଲ୍ଲୀ,୬।୯(ପି.ଟି.)

ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ରଖାଯାଉଥିବା ସମ୍ପର୍କ ଆଉ ଅପରାଧ ଭାବେ ପରିଗଣିତ ହେବନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ରାୟ ଦେଇଛନ୍ତି। ଏଥିସହ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ୧୮୬୦ର ଦଫା ୩୭୭କୁ ସର୍ବୋଚ୍ଚ ଅଦାଲତ ଅଯୌକ୍ତିକ, ଅସମର୍ଥନୀୟ ଓ ସ୍ପଷ୍ଟ ସ୍ୱେଚ୍ଛାଚାରିତା ଭାବେ ଅଭିହିତ କରି ଅପରାଧମୁକ୍ତ କରିଛନ୍ତି। ଏହି ୧୫୮ ବର୍ଷ ପୁରୁଣା ଆଇନ ସମ୍ବିଧାନ ପ୍ରଦତ୍ତ ସମାନତା ଓ ସସମ୍ମାନେ ବଞ୍ଚିବା ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଯୁଗାନ୍ତକାରୀ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାକୁ ନେଇ ସମଲିଙ୍ଗୀ ଗୋଷ୍ଠୀ ଦେଶର ବିଭିନ୍ନ ସ୍ଥାନରେ ଉତ୍ସବ ମନାଇବାରେ ଲାଗିଛନ୍ତି। ଏଥିସହ ଦଫା ୩୭୭କୁ ନେଇ ଚାଲିଥିବା ବିବାଦ ଓ ବିତର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

୧୮୬୦ ମସିହାରେ ପ୍ରଣୀତ ଆଇପିସିର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ ବୋଲି ବିବେଚନା କରାଯାଉଥିଲା। ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡାଦେଶ ଓ ଜରିମାନାର ବିଧାନ କରାଯାଉଥିଲା। ଭିକ୍ଟୋରିଆ ଯୁଗୀୟ ଏହି ଆଇନକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିରୋଧ କରି ଦୀର୍ଘବର୍ଷ ଧରି ଆଇନଗତ ଲଢ଼େଇ ଜାରି ରଖିଥିଲେ। ଦଫା ୩୭୭କୁ ଚ୍ୟାଲେଞ୍ଜ କରି ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅସ୍ୱାଭାବିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ

**ସ୍ପଷ୍ଟକଲେ ସାମ୍ବିଧାନିକ ପୀଠ**



- ■ ଯୌନ ଆକାଂକ୍ଷା ଏକ ପ୍ରାକୃତିକ 'ଜୈବିକ ଆଗ୍ରହ'
- ■ ସମାନତା ଅଧିକାରକୁ ଉଲ୍ଲଂଘନ କରୁଛି ଦଫା ୩୭୭
- ■ ଅନ୍ୟ ନାଗରିକମାନଙ୍କ ଭଳି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ
- ■ ଶିଶୁ ଓ ପଶୁଙ୍କ ପ୍ରତି ଯୌନାଚାର ପୂର୍ବଭଳି ଅପରାଧ ବିବେଚିତ ହେବ

୫ ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୧୭ରେ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏହି ବହୁପ୍ରତୀକ୍ଷିତ ରାୟ ଗୁରୁବାର ପ୍ରକାଶ ପାଇଛି। ସାମ୍ବିଧାନିକ ପୀଠ ୪୯୩ ପୃଷ୍ଠାର ରାୟରେ କହିଛନ୍ତି, ଦେଶର ଅନ୍ୟ ନାଗରିକମାନଙ୍କ ଭଳି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ମଧ୍ୟ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ। ଯୌନ ଆକାଂକ୍ଷା ଏକ 'ଜୈବିକ ଆଗ୍ରହ' ଓ 'ପ୍ରାକୃତିକ'। ଏହି ପୃଷ୍ଠଭୂମିରେ କୌଣସି ପ୍ରକାର ଭେଦଭାବ ହେଉଛି ମୌଳିକ ଅଧିକାରର ଉଲ୍ଲଂଘନ। ଏକାନ୍ତରେ ବୟସ୍କଙ୍କ ସମ୍ପର୍କକୁ ଅପରାଧର ପର୍ଯ୍ୟାୟଭୁକ୍ତ କରୁଥିବା ଦଫା ୩୭୭ ସମ୍ବିଧାନର ଧାରା ୧୪,୧୫, ୧୯ ଓ ୨୧ର ବିରୁଦ୍ଧାଚରଣ। ତେବେ ଏଭଳି ସହମତି ନିଶ୍ଚିତ ଭାବେ ମୁକ୍ତ ଓ ସ୍ୱେଚ୍ଛାକୃତ ହେବା ଜରୁରୀ। ଚାପ ବା ବଳପ୍ରୟୋଗ ଯୋଗୁ ପ୍ରକାଶ ପାଇଥିବା ଇଚ୍ଛା ସହମତିର ପଦବାଚ୍ୟ ହେବନାହିଁ ବୋଲି ପୀଠ ସ୍ପଷ୍ଟ କରିଛନ୍ତି।

ଅଦାଲତ ଆହୁରି କହିଛନ୍ତି ଯେ, ସାମାଜିକ ନୈତିକତା ଆଳରେ ନୈତିକତାକୁ ବଳି ପକାଯାଇପାରିବ ନାହିଁ। ପ୍ରଚଳିତ ଆଇନାନୁସାରେ କେବଳ ସାମ୍ବିଧାନିକ ନୈତିକତା ଗ୍ରହଣୀୟ। ଏଯାଏ ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀକୁ ହଇରାଣ କରିବା ପାଇଁ ଦଫା ୩୭୭କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିଲା। ଏହି ଗୋଷ୍ଠୀର ସଦସ୍ୟ ଓ ସେମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ବିଳମ୍ବ ହୋଇଛି। ସଦ୍ୟ ରାୟକୁ ନେଇ ପୁରୁଣା ମାମଲାଗୁଡ଼ିକ ପ୍ରଭାବିତ ହେବନାହିଁ। କିନ୍ତୁ ଅଦାଲତଗୁଡ଼ିକରେ ଗଡୁଥିବା ମାମଲାଗୁଡ଼ିକର ଅଭିଯୁକ୍ତମାନେ ଏହାଦ୍ୱାରା ଆଶ୍ୱସ୍ତି ପାଇବେ ବୋଲି ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା କହିଛନ୍ତି। ସେହିପରି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଦଫା ୩୭୭ ଯୋଗୁ ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀର ସଦସ୍ୟମାନେ ଲୁଚିଛପି ଜୀବନ ବିତାଇବାକୁ ବାଧ୍ୟ ହେଉଥିଲେ। ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରାଯାଉଥିଲା, ଅଥଚ ଅନ୍ୟମାନେ ଯୌନ ଆଗ୍ରହ ଚରିତାର୍ଥ କରିବା ଅଧିକାରକୁ ଉପଭୋଗ କରୁଥିଲେ। ରାୟ ପରେ ଏହି ବ୍ୟବସ୍ଥା ଉଚ୍ଛେଦ ହୋଇଛି। ତେବେ ଶିଶୁ ଓ ପଶୁଙ୍କ ପ୍ରତି ଯୌନାଚାରକୁ ପୂର୍ବଭଳି ଅପରାଧ ବିବେଚନା କରାଯିବ। କେହି ମହିଳା କିମ୍ବା ପୁରୁଷ ଶିଶୁ ବା ଜୀବଜନ୍ତୁଙ୍କ ସହ ଅପ୍ରାକୃତିକ ଯୌନ ସମ୍ବନ୍ଧ ରକ୍ଷା କଲେ ଆଇନାନୁଯାୟୀ ଦଣ୍ଡିତ ହେବେ। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଏ.ଏମ୍. ଖାନ୍‌ୱିଲକର ସଦସ୍ୟତା କରୁଥିବା ଏହି ସାମ୍ବିଧାନିକ ପୀଠ କହିଛନ୍ତି, ସମଲିଙ୍ଗୀ ସମ୍ପର୍କ ମାନସିକ ବିକାର ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବେ ଏକ ପ୍ରାକୃତିକ ଆବେଗ। ତେଣୁ କ'ଣ ଅନୁମତି ପ୍ରଦାନଯୋଗ୍ୟ ଓ କେଉଁଟା ନୁହେଁ, ତାକୁ ନେଇ ରାଷ୍ଟ୍ର ସୀମା ସରହଦ ଟାଣିପାରିବ ନାହିଁ। ସେହିପରି ଏଭଳି ଯୌନ ସମ୍ପର୍କକୁ ନେଇ ରାଷ୍ଟ୍ର କାହାକୁ ଦଣ୍ଡିତ କରିପାରିବ ନାହିଁ। ୨୦୧୩ରେ ସୁରେଶ କୌଶଲ ମାମଲାରେ 'ସହମତି ଭିତ୍ତିରେ ଅପ୍ରାକୃତିକ ଯୌନ ସମ୍ପର୍କ'କୁ ଅପରାଧର ପୁନଃ ପର୍ଯ୍ୟାୟଭୁକ୍ତ କରିଥିବା ରାୟକୁ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ରଦ୍ଦ କରିଦେଇଛନ୍ତି।




■ ଆନ୍ଦୋଳନରତ ଶିକ୍ଷକଙ୍କୁ ଡରାଇଲେ ସରକାର

# ସ୍କୁଲରେ ଅନୁପସ୍ଥିତ ରହିଲେ ଦରମା କଟିବ

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ■ ପ୍ରଭାବ ପଡ଼ିବନି: ମିଳିତ ମଞ୍ଚ
- ■ ସୋମବାରଠାରୁ ବ୍ଲକ ଅଫିସ ଆଗରେ ଧାରଣା

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ସ୍କୁଲ, କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଶିକ୍ଷକମାନେ ଦାବି ହାସଲ ପାଇଁ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଫଳରେ ରାଜ୍ୟର ଅନେକ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜରେ ଶିକ୍ଷକ ଏବଂ ଅଧ୍ୟାପକ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଏପରିସ୍ଥିତିରେ ସରକାର ଶିକ୍ଷକଙ୍କ ଦାବି ପୂରଣ କରିବା ବଦଳରେ ସେମାନଙ୍କୁ ଡରାଇବାକୁ ଉଦ୍ୟମ କରିଛନ୍ତି। ସ୍କୁଲ ପ୍ରଧାନଶିକ୍ଷକଙ୍କ ବିନା ଅନୁମତିରେ କୌଣସି ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ କନିଷ୍ଠ ଶିକ୍ଷକ(ଚୁକ୍ତିଭିତ୍ତିକ) ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲେ ସେମାନଙ୍କ ବିରୋଧରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସ୍କୁଲରେ ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

" ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଭାଜପା ହାତର କଣ୍ଢେଇ ପାଲଟି ଯାଇଛନ୍ତି।

–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

**କିଛି ତଥ୍ୟ**

ଦେଶରେ ବର୍ତ୍ତମାନ ଫୁଏଲ୍ ଷ୍ଟେଶନ ସଂଖ୍ୟା ପ୍ରାୟ ୬୦,୦୦୦ରୁ ଅଧିକ ଥିବା ବେଳେ ଗତ ୬ ବର୍ଷ ମଧ୍ୟରେ ଏଥିରେ ୪୫% ବୃଦ୍ଧି ଘଟିଛି।

–ତୈଳ ମନ୍ତ୍ରଣାଳୟ

ବିଧାନ ପରିଷଦ ଗଠନ ନେଇ ସଂକଳ୍ପ ଗୃହୀତ
........ ୩ ........

**ଆଜିର ସମ୍ପାଦକୀୟ**

ଟାଳଟୁଳ ନୀତି ଛାଡ଼

NECC NATIONAL EGG CO-ORDINATION COMMITTEE | 06.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 58 | 103 | 113 |


*Conditions Apply
Eggs Retail Price- 42/-Dozen
Issued in the Interest of Consumers

# ଆଜି ବନ୍ଦ ରହିବ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର, ୬।୯(ବ୍ୟୁରୋ)

**ଲଘୁଚାପ ବର୍ଷା**
- ■ ଭୁବନେଶ୍ୱରର ସବୁ ସ୍କୁଲ ଛୁଟି
- ■ ଅନ୍ୟ ଜିଲାରେ ସ୍ଥିତି ଦେଖି ନିଷ୍ପତ୍ତି ନେବେ ଜିଲାପାଳ

ସାରା ରାଜ୍ୟରେ ବୁଧବାର ସକାଳୁ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରିଛନ୍ତି। ଛୋଟ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ☞ପୃଷ୍ଠା–୪





ଏହା ଏକ ଉତ୍ସବମୁଖୀ ରାୟ ବୋଲି ବିବେଚନା କରିଛନ୍ତି । ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ଯୌନ ସମ୍ପର୍କକୁ ଅପରାଧୀକରଣ କରାଯିବା ଅନୁଚିତ । କୌଣସି ବ୍ୟକ୍ତିଙ୍କ ଏକ ନିର୍ଦ୍ଦିଷ୍ଟ ଯୌନ ଅଭିଳାଷା ଅପରାଧ ନୁହେଁ ।

-ସୋଲି ସୋରାବ୍‌ଜୀ, ପୂର୍ବତନ ଆଟର୍ନି ଜେନେରାଲ



# ପ୍ରେମର ନାହିଁ ସରହଦ

**ଏକାନ୍ତରେ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସମଲିଙ୍ଗୀ ସମ୍ପର୍କ ଅପରାଧର ପଦବାଚ୍ୟ କି ନୁହେଁ ବୋଲି ଚାଲିଥିଲା ବିବାଦ ଓ ବିତର୍କ । ଏଭଳି ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିବା ପାଇଁ ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ) ଗୋଷ୍ଠୀ ଲଢ଼ିଥିଲା ଆଇନର ଲମ୍ବା ଲଢ଼େଇ । ଆଇପିସି ଦଫା ୩୭୭ ଅନୁସାରେ ସହମତି ଭିତ୍ତିରେ ରଖାଯାଉଥିବା ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବୋଲି ପୂର୍ବରୁ ବିବେଚନା କରାଯାଉଥିବାବେଳେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରି ବିଭିନ୍ନ ଯୌନ ସଂଖ୍ୟାଲଘୁ ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ହୋଇଥିଲା ଏକାଧିକ ପିଟିଶନ । ଶେଷରେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଶୁଣାଇଛନ୍ତି ଯୁଗାନ୍ତକାରୀ ରାୟ । ଯୌନ ଆକାଂକ୍ଷା ଏକ ପ୍ରାକୃତିକ ଆବେଗ ହୋଇଥିବାରୁ ଏଲ୍‌ଜିବିଟିମାନେ ଅନ୍ୟ ନାଗରିକଙ୍କ ଭଳି ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିପାରିବେ । କାରଣ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି । ଏଥିସହ ୧୫୮ ବର୍ଷ ଧରି ପ୍ରଚଳିତ ବ୍ରିଟିଶ୍ ଅମଳର ଆଇନ ଆଂଶିକ ଭାବେ ଅକାମୀ ହୋଇଯାଇଛି ।**

ନୂଆଦିଲ୍ଲୀ, ୬।୯(ପି.ଟି.)

ସମଲିଙ୍ଗୀ ସମ୍ପର୍କ ମାନସିକ ବିକାର ନୁହେଁ, ବରଂ ଏକ ପ୍ରାକୃତିକ ଆବେଗ। କ'ଣ ଅନୁମତି ପ୍ରଦାନଯୋଗ୍ୟ ଓ କେଉଁଟା ନୁହେଁ, ତାକୁ ନେଇ ରାଷ୍ଟ୍ର ସୀମାରେଖା ଟାଣିପାରିବ ନାହିଁ। କାହିଁକି ନା ଲୋକଙ୍କ ବ୍ୟକ୍ତିଗତ ପସନ୍ଦକୁ ସମ୍ମାନ ଦେବା ହେଉଛି ସ୍ୱାଧୀନତାର ପ୍ରକୃତ ନିଦର୍ଶନ। ଗୁରୁବାର ଦଫା ୩୭୭ ସମ୍ପର୍କିତ ମାମଲାର ରାୟ ପ୍ରକାଶବେଳେ ଏହା କହିଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ବିଶ୍ୱସ୍ତରର ଚର୍ଚ୍ଚିତ ତଥା ଐତିହାସିକ ରାୟ ଦେବା ପରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି, ପ୍ରେମର ସରହଦ ନାହିଁ। ଜଣେ ଜଣଙ୍କୁ ପସନ୍ଦ କରୁଥିଲେ ଏବଂ ତାଙ୍କ ସାଥୀ ହୋଇ ରହିବାକୁ ଚାହିଁଲେ ଆଇନ ମଧ୍ୟ ସେମାନଙ୍କୁ ଅପରାଧୀ ଦର୍ଶାଇ ଦଣ୍ଡିତ କରିପାରିବ ନାହିଁ। ସମଲିଙ୍ଗୀ ମଧ୍ୟ ସମାଜରେ ସମ୍ମାନର ସହ ବଞ୍ଚିପାରିବେ।

ସହମତି ଭିତ୍ତିରେ ପ୍ରାପ୍ତବୟସ୍କ ସମଲିଙ୍ଗୀ ସମ୍ପର୍କ ସ୍ଥାପନ କଲେ ଏଥିରେ ଆଇନଗତ ହସ୍ତକ୍ଷେପ କରାଯାଇପାରିବ ନାହିଁ। ଦେଶବାସୀଙ୍କୁ ଏଭଳି ଏକ ସନ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। "ମୁଁ ହେଉଛି ମୁଁ, ତେଣୁ ମୋତେ ମୋ ଭଳି ଗ୍ରହଣ କର। କାରଣ ବ୍ୟକ୍ତିଗତ ମୌଳିକତାକୁ କେହି ବଦଳାଇପାରିବେ ନାହିଁ...ପ୍ରତିଟି ବାଦଲରୁ ଇନ୍ଦ୍ରଧନୁକୁ ଦେଖ" ବୋଲି ରାୟ ପ୍ରକାଶ ବେଳେ ଜଷ୍ଟିସ୍ ଦୀପକ ମିଶ୍ର କହିଛନ୍ତି। ଦଫା ୩୭୭ରେ ପକ୍ଷପାତ ରହିଥିବା ସେ ଦର୍ଶାଇଛନ୍ତି। ଅକ୍ଟୋବର ୨ରେ ଅବସର ଗ୍ରହଣ ପୂର୍ବରୁ ଯୁଗାନ୍ତକାରୀ ରାୟ ଦେଇ ପ୍ରଧାନ ବିଚାରପତି ଆହୁରି କହିଛନ୍ତି, ଲୋକଙ୍କୁ ଆତ୍ମଅଭିବ୍ୟକ୍ତି ପାଇଁ ଅନୁମତି ନ ଦେବା ମୃତ୍ୟୁ ସଙ୍ଗେ ସମାନ। ତେଣୁ ପୂର୍ବ ଧାରଣାକୁ ଆମେ ସବୁଦିନ ପାଇଁ ମନରୁ ହଟାଇବା ସହ ନାଗରିକଙ୍କୁ ସଶକ୍ତ କରିବା ଉଚିତ। ସର୍ବୋଚ୍ଚ ଅଦାଲତ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିବା ଭଳି ନିଷ୍ପତ୍ତି ଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। 'ପ୍ରେମରେ ନାହିଁ ଲିଙ୍ଗଭେଦ', 'ଏକ ଦେଶ, ପ୍ରେମରେ ସମାନତା'.....ଲେଖାଥିବା ପ୍ଲାକାର୍ଡ ଧରି ସଭିଏଁ ଖୁସି ମନାଇଛନ୍ତି।

ଦଫା ୩୭୭ ଏକପ୍ରକାର ଅକାମୀ ହୋଇଯିବା ପରେ ସମଲିଙ୍ଗୀ ଅଧିକାର କର୍ମୀଙ୍କ ଦୀର୍ଘବର୍ଷର ନ୍ୟାୟିକ ଲଢ଼େଇର ଅନ୍ତ ଘଟିଛି। ଅନେକ ସଂଘର୍ଷ ପରେ ସେମାନେ ବିଜୟୀ ହୋଇଛନ୍ତି। କୋର୍ଟଙ୍କ ରାୟ ଶୁଣି ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟର ଲୋକେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି। ପରସ୍ପରକୁ କୋଳାଗ୍ରତ କରିବା ସହ ସେମାନେ କେକ୍ କାଟିଛନ୍ତି, ଇନ୍ଦ୍ରଧନୁ ପତାକା ଉଡ଼ାଇ ନାଚଗୀତରେ ମସ୍‌ଗୁଲ ହୋଇଛନ୍ତି। ଅନ୍ୟ ନାଗରିକଙ୍କ ଭଳି ମୌଳିକ ମାନବିକ ଅଧିକାର ଲାଭ କରିଥିବାରୁ କେତେଜଣଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡ଼ିଛି। ରାସ୍ତା, ହୋଟେଲ ଏବଂ ଅନ୍ୟାନ୍ୟ ସ୍ଥାନରେ ସମଲିଙ୍ଗୀମାନେ ପାଳୁଛନ୍ତି ଖୁସିର ପର୍ବ। କାହିଁକି ନା, ସୁପ୍ରିମକୋର୍ଟ ଆଜି ସେମାନଙ୍କୁ ଜିଇଁବାର ରାହା ଦେଖାଇଛନ୍ତି। ବଲିଉଡ୍ ସେଲିବ୍ରିଟି, ଲେଖକ, ଆଇନଜୀବୀ, ଶିକ୍ଷକ, ରାଜନେତା ଏବଂ ବିଭିନ୍ନ ବର୍ଗର ଲୋକେ ମଧ୍ୟ ସମଲିଙ୍ଗୀ ଅଧିକାର କର୍ମୀଙ୍କ ସହ ମିଶି ଉତ୍ସବ ମନାଇଛନ୍ତି। ଏଲ୍‌ଜିବିଟି ସମ୍ପ୍ରଦାୟର ଲୋକେ ଆଉ ନିଜକୁ ଅପରାଧୀ ଏବଂ ଦ୍ୱିତୀୟ ଶ୍ରେଣୀ ନାଗରିକ ଭଳି ମନେକରିବେ ନାହିଁ ବୋଲି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବା ହମ୍‌ସଫର ଟ୍ରଷ୍ଟର ଜଣେ କର୍ମୀ କହିଛନ୍ତି।

ବ୍ରିଟିଶ୍ ଅମଳର ଆଇନ ଉଚ୍ଛେଦ ହୋଇଥିବାରୁ ଗୋଟିଏ ପଟେ ଖୁସିର ବାତାବରଣ ଚାଲିଥିଲାବେଳେ କେତେଜଣଙ୍କ ମନରେ ଆଶଙ୍କା ରହିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଭିଡ଼ହିଂସାର ଶିକାର ହୋଇପାରନ୍ତି ବୋଲି ଅନେକେ ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ପୁରୁଷ ସମଲିଙ୍ଗୀଙ୍କ ବିବାହକୁ ଏବେ ମଧ୍ୟ ଆଇନ ସ୍ୱୀକୃତି ମିଳି ନାହିଁ। ତେଣୁ ସମ୍ପୂର୍ଣ୍ଣ ଭାବେ ସମାନତା ଅଧିକାର ପ୍ରାପ୍ତ ହୋଇ ନ ଥିବା ସେମାନେ ହୃଦ୍‌ବୋଧ କରୁଛନ୍ତି। ତଥାପି ସେମାନେ ଆଶାବାଦୀ ଅଛନ୍ତି। ଅଧିକାର କର୍ମୀ ଅଞ୍ଜଳି ନାଜିଆ କହିଛନ୍ତି ଯେ, ବଡ଼ ବଡ଼ ଶୁଣାଣି ଲାଗି ଏବେ ସୁପ୍ରିମକୋର୍ଟ ପଥ ପରିଷ୍କାର କରିଛନ୍ତି। ଭଲ ଦିନ ଆସିବା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିବା ଅନେକ ସାମାଜିକ ଓ ସମଲିଙ୍ଗୀ ଅଧିକାର କର୍ମୀ ମତବ୍ୟକ୍ତ କରିଛନ୍ତି। ଏହା ପ୍ରେମ ଓ ଆଇନ ପାଇଁ ବିଜୟ ଦିବସ ବୋଲି ଆଲାଏନ୍ସ ଇଣ୍ଡିଆ ସିଇଓ ସୋନାଲ ମେହଟା କହିଛନ୍ତି।



ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ନୂଆଦିଲ୍ଲୀରେ ଏଲ୍‌ଜିବିଟି କର୍ମୀମାନେ ଉତ୍ସବ ମନାଉଛନ୍ତି।

## ଦଫା ୩୭୭: ଘଟଣାକ୍ରମ



*ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିଛନ୍ତି ସୁପ୍ରିମକୋର୍ଟ । ଆଇପିସିର ଦଫା ୩୭୭କୁ ନେଇ ଚାଲିଥିବା ନ୍ୟାୟିକ ବିଚାରର ଘଟଣାକ୍ରମ ....*

**୨୦୦୧:** ସମଲିଙ୍ଗୀଙ୍କ ଅଧିକାର ପାଇଁ ଲଢୁଥିବା ନାଜ୍ ଫାଉଣ୍ଡେଶନ ନାମକ ଏନ୍‌ଜିଓ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) କରିଥିଲେ। ସହମତି ଭିତ୍ତିରେ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ସ୍ଥାପନକୁ ଆଇନଗତ ଅନୁମତି ମିଳୁ ବୋଲି ଏହା ଦାବି କରିଥିଲା।

**୨୦୦୪ ସେପ୍ଟେମ୍ବର:** ପିଆଇଏଲ୍ ଖାରଜ କଲେ ହାଇକୋର୍ଟ। ସମଲିଙ୍ଗୀ ଅଧିକାର କର୍ମୀମାନେ କଲେ ସମୀକ୍ଷା ଆବେଦନ।

**୨୦୦୪ ନଭେମ୍ବର ୩:** ସମୀକ୍ଷା ଆବେଦନ ଖାରଜ।

**୨୦୦୪ ଡିସେମ୍ବର:** ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ସମଲିଙ୍ଗୀ ଅଧିକାର କର୍ମୀ।

**୨୦୦୬ ଏପ୍ରିଲ ୩:** ହାଇକୋର୍ଟଙ୍କୁ ପୁଣି ମାମଲା ହସ୍ତାନ୍ତର କଲେ ସୁପ୍ରିମକୋର୍ଟ।

**୨୦୦୬ ଅକ୍ଟୋବର ୪:** ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇ ଆବେଦନ କଲେ ବରିଷ୍ଠ ଭାଜପା ନେତା ବି.ପି. ସିଂଘଲ। ହାଇକୋର୍ଟ ତାଙ୍କ ପିଟିଶନ ଗ୍ରହଣ କଲେ।

**୨୦୦୮ ସେପ୍ଟେମ୍ବର ୧୮:** ଏ ପ୍ରସଙ୍ଗରେ ସ୍ୱରାଷ୍ଟ୍ର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁକ୍ତି ସମାନ ନ ରହିବାରୁ କେନ୍ଦ୍ର ସରକାର ପକ୍ଷ ରଖିବା ଲାଗି ଅଧିକ ସମୟ ମାଗିଲେ। ହାଇକୋର୍ଟ କେନ୍ଦ୍ରର ଆବେଦନକୁ ଖାରଜ କରିଦେଲେ ଏବଂ ଏହା ପରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ ହୋଇଗଲା।

**ସେପ୍ଟେମ୍ବର ୨୫:** ନୈତିକତାର ଦ୍ୱାହି ଦେଇ ସରକାର ସମାନ ଢଙ୍ଗରେ ବଞ୍ଚିବା ପାଇଁ ସେମାନଙ୍କ ମୌଳିକ ଅଧିକାରକୁ ଛଡ଼ାଇନେଇପାରିବେ ନାହିଁ ବୋଲି ସମଲିଙ୍ଗୀ ଅଧିକାର କର୍ମୀମାନେ ଯୁକ୍ତି ଉପସ୍ଥାପନ କଲେ।

**ସେପ୍ଟେମ୍ବର ୨୬:** ସମଲିଙ୍ଗୀ ଯୌନ ସମ୍ପର୍କ ଏକ ଅନୈତିକ କାର୍ଯ୍ୟ। ଏହା ବିକୃତ ମାନସିକତାର ପ୍ରତିଫଳନ ବୋଲି କହିଲେ କେନ୍ଦ୍ର ସରକାର।

**ଅକ୍ଟୋବର ୧୫:** ଧର୍ମୀୟ ପୁସ୍ତକ ଆଧାରରେ କେନ୍ଦ୍ର ଯୁକ୍ତି ଦର୍ଶାଇ ବିରୋଧ କରିବାରୁ ହାଇକୋର୍ଟ ଭର୍ତ୍ସନା କଲେ। ସମଲିଙ୍ଗୀ ଯୌନ ସମ୍ପର୍କର ନକାରାତ୍ମକ ପ୍ରଭାବ ବିଷୟରେ ବୈଜ୍ଞାନିକ କାରଣ ଦର୍ଶାଇବାକୁ କୋର୍ଟ ନିର୍ଦ୍ଦେଶ ଦେଲେ।

**ନଭେମ୍ବର:** ଏ ବିଷୟ ଉପରେ ନ୍ୟାୟପାଳିକାର ହସ୍ତକ୍ଷେପ ଲୋଡ଼ା ନାହିଁ। ଏନେଇ ନିଷ୍ପତ୍ତି ଗ୍ରହଣ ଲାଗି ପାର୍ଲାମେଣ୍ଟ ଉପରେ ଛାଡ଼ିଦିଆଯାଉ ବୋଲି ବୋଲି ଉଚ୍ଚ ନ୍ୟାୟାଳୟଙ୍କୁ ଲିଖିତ ଆକାରରେ କହିଲା କେନ୍ଦ୍ର।

**୨୦୦୯ ଜୁଲାଇ ୨:** ସହମତି ଭିତ୍ତିରେ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ହାଇକୋର୍ଟ ରାୟ ଦେଲେ।

**୨୦୦୯ ଜୁଲାଇ ୯:** ଦିଲ୍ଲୀର ଜ୍ୟୋତିର୍ବିଜ୍ଞାନୀ ଏହି ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ସମାନ ଧରଣର ଅନେକ ଆବେଦନ ହେଲା।

**୨୦୧୨ ଫେବୃୟାରୀ ୧୫:** ସୁପ୍ରିମକୋର୍ଟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ନିତିଦିନିଆ ଶୁଣାଣି ଆରମ୍ଭ।

**୨୦୧୩ ଡିସେମ୍ବର ୧୧:** ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରି ହାଇକୋର୍ଟ ୨୦୦୯ରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଲେ।

**୨୦୧୩ ଡିସେମ୍ବର ୨୦:** ରାୟ ସମୀକ୍ଷା ଲାଗି କେନ୍ଦ୍ରର ଆବେଦନ।

**୨୦୧୪ ଜାନୁୟାରୀ ୨୮:** ରାୟ ସମୀକ୍ଷା ହେବ ନାହିଁ ବୋଲି ସ୍ପଷ୍ଟ କରିବା ସହ କେନ୍ଦ୍ର ଓ ସମଲିଙ୍ଗୀ ଅଧିକାର କର୍ମୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ।

**୨୦୧୪ ଏପ୍ରିଲ ୩:** ସମଲିଙ୍ଗୀ ଅଧିକାର କର୍ମୀଙ୍କ କ୍ୟୁରେଟିଭ ପିଟିଶନର ଶୁଣାଣି ଖୋଲା କୋର୍ଟରେ ହେବା ସପକ୍ଷରେ ମତ ଦେଲେ ସର୍ବୋଚ୍ଚ ଅଦାଲତ।

**୨୦୧୬ ଫେବୃୟାରୀ ୨:** କ୍ୟୁରେଟିଭ ପିଟିଶନଗୁଡ଼ିକର ବିଚାର ଲାଗି ପାଞ୍ଚ ବିଚାରପତି ବିଶିଷ୍ଟ ଖଣ୍ଡପୀଠକୁ ହସ୍ତାନ୍ତର କଲେ ସୁପ୍ରିମକୋର୍ଟ।

**୨୦୧୬ ଜୁନ୍ ୨୯:** ଆଇପିସିର ଦଫା ୩୭୭ ଉଚ୍ଛେଦ ଲାଗି ସେଲିବ୍ରିଟି ଏନ୍.ଏସ୍. ଜୁହାର, ଶେଫ୍ ରିତୁ ଡାଲ୍‌ମିଆ ଏବଂ ହୋଟେଲ ମାଲିକ ଅମନ ନାଥଙ୍କ ଆବେଦନକୁ ଖଣ୍ଡପୀଠଙ୍କ ନିକଟକୁ ପଠାଇଦେଲେ କୋର୍ଟ।

**୨୦୧୭ ଅଗଷ୍ଟ ୨୪:** ଗୋପନୀୟତା ସମ୍ବିଧାନର ଏକ ମୌଳିକ ଅଧିକାର। ତେଣୁ ଜଣେ ବ୍ୟକ୍ତିଙ୍କ ଲିଙ୍ଗଗତ ପରିଚୟ ମଧ୍ୟ ଏହା ଅନ୍ତର୍ଗତ ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଲେ।

**୨୦୧୮ ଜାନୁୟାରୀ ୮:** ୨୦୧୩ ରାୟର ସମୀକ୍ଷା ଲାଗି ରାଜି ହେଲେ ସୁପ୍ରିମକୋର୍ଟ। ଦଫା ୩୭୭ ଉପରେ ବିଚାର ଲାଗି ବୃହତ୍ତର ଖଣ୍ଡପୀଠକୁ ମାମଲା ହସ୍ତାନ୍ତର।

**ଜୁଲାଇ ୧୦:** ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଆରମ୍ଭ କଲେ ଶୁଣାଣି।

**ଜୁଲାଇ ୧୧:** ଦଫା ୩୭୭ର ବୈଧତା ଉପରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟଙ୍କୁ ଛାଡ଼ିଦେଲେ କେନ୍ଦ୍ର ସରକାର।

**ଜୁଲାଇ ୧୨:** ଗଣଭୋଟ ଦାବି ପ୍ରତ୍ୟାଖ୍ୟାନ କଲେ କୋର୍ଟ।

**ଜୁଲାଇ ୧୭:** ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ।

**ସେପ୍ଟେମ୍ବର ୬:** ଅପ୍ରାକୃତିକ ଯୌନ ସମ୍ପର୍କକୁ ଅପରାଧ ଦର୍ଶାଯାଇଥିବା ଦଫା ୩୭୭ର ଅଂଶକୁ ଉଚ୍ଛେଦ କରାଗଲା। ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ସାମ୍ବିଧାନିକ ଖଣ୍ଡପୀଠ ରାୟ ଦେଇଛନ୍ତି।

## ଦଫା ୩୭୭

୧୮୬୦ ମସିହାରେ ପ୍ରଣୀତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୩୭୭ ଅନୁସାରେ ପ୍ରକୃତିର ବିରୁଦ୍ଧାଚରଣ କରୁଥିବା କୌଣସି ପ୍ରକାର ଯୌନ ସମ୍ପର୍କ ଏକ ଅପରାଧ। ଏଭଳି ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ ୧୦ ବର୍ଷ (ସ୍ଥଳ ବିଶେଷରେ ଆଜୀବନ) କାରାଦଣ୍ଡ ଓ ଜରିମାନାର ବିଧାନ କରାଯାଇଥିଲା।

## ୨୫ ରାଷ୍ଟ୍ର ପରେ ଭାରତ



ନୂଆଦିଲ୍ଲୀ, ୬।୯ (ପି.ଟି.): ଦଫା ୩୭୭ ମାମଲାରେ ସୁପ୍ରିମକୋର୍ଟଙ୍କ ସଦ୍ୟ ରାୟ ପରେ ଗୁରୁବାର ଇତିହାସ ରଚିଛି ଭାରତ। ସମଲିଙ୍ଗୀ ଯୌନ ସମ୍ପର୍କକୁ ଆଇନଗତ ଅନୁମତି ପ୍ରଦାନ କରିସାରିଛନ୍ତି ୨୫ ରାଷ୍ଟ୍ର। ଏବେ ଏଥିରେ ଭାରତ ସାମିଲ ହୋଇଯାଇଛି। ତେବେ ବିଶ୍ୱର ୭୨ ଦେଶ ଓ ଭୂଖଣ୍ଡରେ ଏବେ ମଧ୍ୟ ସମଲିଙ୍ଗୀଙ୍କ ଯୌନ ସମ୍ପର୍କ ସ୍ଥାପନକୁ ଅପରାଧ ଭାବେ ପରିଗଣିତ କରାଯାଉଛି। ତନ୍ମଧ୍ୟରୁ ୪୫ ଦେଶ ଓ ଭୂଖଣ୍ଡରେ ମହିଳା ସମଲିଙ୍ଗୀଙ୍କ ସମ୍ପର୍କ ବେଆଇନ ଘୋଷିତ ହୋଇଛି। ଇଣ୍ଟରନ୍ୟାଶନାଲ ଲେସ୍‌ବିଆନ, ଗେ, ବାଇସେକ୍ସୁଆଲ, ଟ୍ରାନ୍ସ ଆଣ୍ଡ ଇଣ୍ଟରସେକ୍ସ ଆସୋସିଏଶନ (ଆଇଏଲ୍‌ଜିଏ) ପକ୍ଷରୁ ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥି ଅନୁଯାୟୀ ୮ ରାଷ୍ଟ୍ରରେ ସମଲିଙ୍ଗୀ ଯୌନ ସମ୍ପର୍କ ରଖିଲେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି। ଆହୁରି ୧୨ରୁ ଅଧିକ ଦେଶରେ ଏମାନଙ୍କୁ ଅପରାଧୀ ଦର୍ଶାଯାଇ ଜେଲ୍ ପଠାଇଦିଆଯାଉଛି। ତେବେ ଭାରତରେ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯାଉ ନ ଥିବାରୁ ଅନେକେ ଦୁର୍ବିଷହ ଜୀବନ ବିତାଉଛନ୍ତି। ସେମାନଙ୍କୁ ଏଥିରୁ ମୁକ୍ତି ଦେବା ଲାଗି ଭାରତୀୟ ସମାନତା ଅଧିକାର କର୍ମୀମାନେ ଦଶନ୍ଧି ଦଶନ୍ଧି ହେଲା ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଶେଷରେ ସେମାନଙ୍କର ବିଜୟ ହୋଇଛି। ଭାରତ ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କକୁ ସ୍ୱୀକୃତି ପ୍ରଦାନ କରିଥିବା ଦେଶଗୁଡ଼ିକ ହେଲେ ଅଷ୍ଟ୍ରେଲିଆ (୨୦୧୭), ୟୁନାଇଟେଡ ଷ୍ଟେଟ୍ସ (୨୦୧୫), ଆୟର୍ଲାଣ୍ଡ (୨୦୧୫), ଗ୍ରୀନ୍‌ଲାଣ୍ଡ (୨୦୧୫), ଲକ୍ସେମ୍‌ବର୍ଗ (୨୦୧୪), ବ୍ରାଜିଲ୍ (୨୦୧୩), ଆର୍ଜେଣ୍ଟିନା (୨୦୧୦), ଆଇସ୍‌ଲାଣ୍ଡ (୨୦୧୦), ସ୍ୱିଡେନ୍ (୨୦୦୯), ଦକ୍ଷିଣ ଆଫ୍ରିକା (୨୦୦୬), ସ୍ପେନ୍ (୨୦୦୫), କାନାଡା (୨୦୦୫), ବେଲ୍‌ଜିୟମ୍ (୨୦୦୩)।

## ଆବେଦନକାରୀ

ଆଇପିସି ଦଫା ୩୭୭ ବିରୋଧରେ ମୋଟ ୩୨ ଜଣ ବ୍ୟକ୍ତି ଓ ସେଲିବ୍ରିଟି ରିଟ୍ ପିଟିଶନ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ଆଇଆଇଟି ଛାତ୍ରୀଛାତ୍ର, ଏଲ୍‌ଜିବିଟି କର୍ମୀ, ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ନଭତେଜ୍ ଜୋହର, ସଂସ୍କୃତି ବିଶେଷଜ୍ଞ ଅମନ୍‌ନାଥ, ରେଷ୍ଟୁରାଣ୍ଟ ମାଲିକ ରିତୁ ଡାଲମିଆ ଓ ଆୟେଶା କପୁର। ସେହିପରି ଗଣମାଧ୍ୟମ କର୍ମୀ ସୁନୀଲ ମେହରା, ବ୍ୟବସାୟୀ କେଶବ ସୁରି ଓ ନାଜ୍ ଫାଉଣ୍ଡେଶନ ଭଳି ସଙ୍ଗଠନ ମଧ୍ୟ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସଦ୍ୟ ରାୟକୁ ଏମାନେ ସ୍ୱାଗତ କରିଛନ୍ତି।

# ପ୍ରଗତିଶୀଳ ଚିନ୍ତାଧାରାକୁ ସ୍ୱାଗତ

ନୂଆଦିଲ୍ଲୀ/ୱାଶିଂଟନ୍/ଲଣ୍ଡନ,୬।୯(ପି.ଟି.)

ଉପନିବେଶୀୟ ଆଇନ ବିରୋଧରେ ଯାଇ ଏଲ୍‌ଜିବିଟିଙ୍କ ଅଧିକାର ସମର୍ଥରେ ଭାରତୀୟ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟକୁ ବିଶ୍ୱବ୍ୟାପୀ ସ୍ୱାଗତ କରାଯାଇଛି। ଦେଶର ରାଜନୈତିକ ଦଳଠୁ ଆରମ୍ଭ କରି ଅନ୍ତର୍ଜାତୀୟ ଗଣମାଧ୍ୟମ, ମିଳିତ ଜାତିସଂଘ, ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ପର୍ଯ୍ୟନ୍ତ ଭାରତର ପ୍ରଗତିଶୀଳ ପଦକ୍ଷେପକୁ ଅଭିନନ୍ଦନ ଜଣାଇଛନ୍ତି। ସହମତି ଭିତ୍ତିରେ ଦୁଇଜଣ ପ୍ରାପ୍ତ ବୟସ୍କ ସମଲିଙ୍ଗୀଙ୍କ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ଉପରେ ବିଶେଷଜ୍ଞମାନେ ମଧ୍ୟ ସନ୍ତୋଷବ୍ୟକ୍ତ କରିଛନ୍ତି।

### ଜାତିସଂଘରୁ ଅଭିନନ୍ଦନ



ସୁପ୍ରିମକୋର୍ଟଙ୍କ ରାୟକୁ ଜାତିସଂଘର ନୂଆଦିଲ୍ଲୀ ଶାଖା ଏବଂ ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ପକ୍ଷରୁ ସ୍ୱାଗତ କରାଯାଇଛି। ବର୍ତ୍ତମାନ ଏହାର ପ୍ରତିକାର ସମେତ ନ୍ୟାୟ ପ୍ରଦାନ, ଭେଦଭାବ ହିଂସା ଘଟଣାର ଉଚିତ ତଦନ୍ତ, ସମଲିଙ୍ଗୀଙ୍କୁ ଯଥାର୍ଥ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ପ୍ରଦାନ ଉପରେ ଧ୍ୟାନ ଦେବାକୁ ହେବ ବୋଲି ଜାତିସଂଘ ଶାଖା ପ୍ରକାଶ କରିଛି। ଏହି ରାୟ ସମାନତା ଏବଂ ନ୍ୟାୟର ଲଢ଼େଇ ଲାଗି ସମସ୍ତଙ୍କ ପାଇଁ ଏକ ଆଶାର ଆଲୋକ ପାଲଟିଛି ବୋଲି ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ କହିଛି। ଏହା ଭାରତୀୟ ଇତିହାସର ଏକ ଅନ୍ଧକାର ପୃଷ୍ଠାକୁ ବନ୍ଦ କରିବା ସହ କୋଟି କୋଟି ଭାରତୀୟଙ୍କ ପାଇଁ ସମାନତାର ଏକ ନୂଆ ଯୁଗ ସୃଷ୍ଟିକରିଛି ବୋଲି ଏହାର ପ୍ରୋଗ୍ରାମ ନିର୍ଦ୍ଦେଶକ ଅସ୍ମିତା ବସୁ ପ୍ରକାଶ କରିଛନ୍ତି।

### ବିଶ୍ୱ ଗଣମାଧ୍ୟମର ସ୍ୱାଗତ

ବିଶ୍ୱ ଗଣମାଧ୍ୟମ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇଛି। ଏହି ରାୟ କେବଳ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ସମଲିଙ୍ଗୀଙ୍କ ଅଧିକାର ସୁରକ୍ଷିତ କରିବ ନାହିଁ, ବରଂ ସମଗ୍ର ବିଶ୍ୱରେ ସେମାନଙ୍କୁ ସଶକ୍ତ କରିବ ବୋଲି ପ୍ରମୁଖ ଆମେରିକୀୟ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ' ପ୍ରକାଶ କରିଛି। 'ଦି ନ୍ୟୁୟର୍କ ଟାଇମ୍ସ' ଏହି ରାୟକୁ ଭାରତରେ ଗେ' ଅଧିକାର ପାଇଁ ଗ୍ରାଉଣ୍ଡ ବ୍ରେକିଂ ବିଜୟ ବୋଲି ଉଲ୍ଲେଖ କରିଛି। ଦୀର୍ଘବର୍ଷ ଧରି ଚାଲିଥିବା ଆଇନ ଲଢ଼େଇକୁ ଏବେ ସାମାନ୍ୟ ଆଶ୍ୱସ୍ତି ମିଳିଛି। 'ସିଏନ୍‌ଏନ୍'ର ମତ ହେଲା ସୁପ୍ରିମକୋର୍ଟଙ୍କ ରାୟ ଭାରତରେ ଏଲ୍‌ଜିବିଟିଙ୍କ ଅଧିକାର ଲାଗି ଲଢ଼େଇ କରୁଥିବା କର୍ମୀ ଏବଂ ସମର୍ଥକଙ୍କ ପାଇଁ ଏକ ବୃହତ୍ ବିଜୟ। ସମଲିଙ୍ଗୀଙ୍କୁ ସାମାଜିକ ପ୍ରତିବନ୍ଧକ ଭାବେ ଦେଖାଯାଉଥିବା ଭାରତରେ ଅଧିକାର ପାଇଁ ଚାଲିଥିବା ଦୀର୍ଘଦିନର ଆଇନ ଲଢ଼େଇର ଏବେ ଅନ୍ତ ଘଟିଛି ବୋଲି ସିଏନ୍‌ଏନ୍ କହିଛି। ଭାରତୀୟ କୋର୍ଟଙ୍କ ଏହି ରାୟ ଉପନିବେଶୀୟ ଆଇନ ଉଚ୍ଛେଦକରି ସମାନତା ଅଧିକାର ପ୍ରଦାନ କରିବା ପାଇଁ ଅନ୍ୟଦେଶଗୁଡ଼ିକୁ ମଧ୍ୟ ପ୍ରେରଣା ଦେବ ବୋଲି ଦକ୍ଷିଣ ଏସିଆ ମାନବାଧିକାର ଶାଖା ନିର୍ଦ୍ଦେଶିକା ମୀନାକ୍ଷୀ ଗାଙ୍ଗୁଲୀ ପ୍ରକାଶ କରିଛନ୍ତି। ସେହିପରି ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧମୁକ୍ତ କରିବା ଲାଗି ଆଧୁନିକ ଭାରତରେ ଦୀର୍ଘଦିନ ଧରି ଚାଲିଥିବା ଲଢ଼େଇକୁ ଏହା ଶେଷ ପରିଣାମ ଆଣିଦେବ ବୋଲି ବ୍ରିଟିଶ ଖବରକାଗଜ 'ଦି ଗାର୍ଡିଆନ୍' ମତ ରଖିଛି। ବିବିସି କହିଛି, ଏହି ରାୟ ଐତିହାସିକ। ରକ୍ଷଣଶୀଳ ଭାରତରେ ସବୁ ଧର୍ମର ନେତାମାନେ ସମଲିଙ୍ଗୀ ସମ୍ପର୍କକୁ ବିରୋଧ କରନ୍ତି। ଏବେ ବି ସମଲିଙ୍ଗୀ ସମ୍ପର୍କକୁ ସାମାଜିକ ସ୍ୱୀକୃତି ମିଳିପାରିବ କି ନାହିଁ ତାହା ସନ୍ଦେହଜନକ। ଟେଲିଗ୍ରାଫ୍, ଦି ଇଣ୍ଡିପେଣ୍ଡେଣ୍ଟ ମଧ୍ୟ ରାୟକୁ ସ୍ୱାଗତ ଜଣାଇଛନ୍ତି।

### ଦେଶ ଆଜି ଅମ୍ଳଜାନ ଫେରିପାଇଛି



ଭାରତୀୟ ଚଳଚ୍ଚିତ୍ର ଜଗତରେ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରାଯାଇଛି। ସୁପ୍ରିମକୋର୍ଟଙ୍କ ରାୟ ସହ ଦେଶ ଆଜି ଅମ୍ଳଜାନ ଫେରିପାଇଛି ବୋଲି ଫିଲ୍ମ ନିର୍ମାତା କରନ ଜୋହର କହିଛନ୍ତି। ନିର୍ଦ୍ଦେଶକ ହଂସଲ ମେହେଟା, ଅର୍ଜୁନ କପୁର, ସୋନମ କପୁର, ସ୍ୱରା ଭାସ୍କର, ଅପୂର୍ବ ଅନ୍‌ସାରୀ, ନିମ୍ରତ୍ କୌର୍, ଫର୍‌ହାନ ଅଖ୍‌ତର, ଆୟୁଷ୍ମାନ ଖୁରାନା, କଲ୍‌କୀ କୋଚ୍‌ଲିନ୍ ପ୍ରମୁଖ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇବା ସହ ଏକ ନୂଆ ଯୁଗର ଆରମ୍ଭ ହୋଇଛି ବୋଲି କହିଛନ୍ତି। ଦଫା ୩୭୭କୁ ବିଦାୟ କହିବା ସହ ନୂଆ ଆଇନର ଜନ୍ମଦିନ ଆଜି ବୋଲି ସେମାନେ ପ୍ରକାଶ କରିଛନ୍ତି।


### ମୌଳିକ ଅଧିକାର ସୁରକ୍ଷିତ କରିବ: କଂଗ୍ରେସ




ସ୍ୱାଧୀନତା ଏବଂ ସହିଷ୍ଣୁ ସମାଜ ଦିଗକୁ ଆଗେଇବାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାୟପରେ କଂଗ୍ରେସ କହିଛି। ଦଳର ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ଶତାବ୍ଦୀ ପୁରୁଣା ଉପନିବେଶୀୟ ଆଇନ ଆଧୁନିକ ସମାଜ ପାଇଁ କାଳଭ୍ରମ ହୋଇ ରହିଥିଲା। ଏହି ରାୟ ମୌଳିକ ଅଧିକାର ସୁରକ୍ଷିତ ରଖିବା ସହ ଯୌନ ଅଭିଳାଷାକୁ ନେଇ ରହିଥିବା ଭେଦଭାବ ଦୂର କରିବ ।

# ସମଲିଙ୍ଗୀଙ୍କ ବିବାହ ଅପ୍ରାକୃତିକ: ଆର୍‌ଏସ୍‌ଏସ୍

ନୂଆଦିଲ୍ଲୀ,୬।୯(ପି.ଟି.)



ସମଲିଙ୍ଗୀ ହେବା ଅପରାଧ ନୁହେଁ, କିନ୍ତୁ ସମଲିଙ୍ଗୀଙ୍କ ମଧ୍ୟରେ ବିବାହ ଅପ୍ରାକୃତିକ। ଏଣୁ ସମଲିଙ୍ଗୀ ବିବାହକୁ ସମର୍ଥନ କରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରାୟ ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଗୁରୁବାର କହିଛି। ସଂଘର ପ୍ରଚାର ପ୍ରମୁଖ (ମୁଖପାତ୍ର) ଅରୁଣ କୁମାର ଏକ ବିବୃତିରେ କହିଛନ୍ତି, ସମଲିଙ୍ଗୀଙ୍କୁ ସଂଘର କୌଣସି ଆପତ୍ତି ନାହିଁ। କିନ୍ତୁ ସେମାନଙ୍କ ବିବାହକୁ ପାରମ୍ପରିକ ଭାରତୀୟ ସମାଜ ଗ୍ରହଣ କରେନାହିଁ। କାରଣ ଏହା ଅପ୍ରାକୃତିକ। ଏଭଳି ସମ୍ପର୍କ ପ୍ରକୃତି ଅନୁକୂଳ ନୁହେଁ। ମଣିଷ ଅନୁଭୂତିରୁ ଶିଖିଥାଏ। ଏଣୁ ଏହି ପ୍ରସଙ୍ଗକୁ ସମାଜ ଏବଂ ମନସ୍ତାତ୍ତ୍ୱିକ ସ୍ତରରେ ଆଲୋଚନା କରାଯିବା ଉଚିତ ବୋଲି କୁମାର କହିଛନ୍ତି।




## ସଂକ୍ଷେପରେ

### ଜଟଣୀ ଥାନା ଅଧିକାରୀ ନିଲମ୍ବିତ

**କଟକ ଅଫିସ, ୬।୯:** ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା। ନିଲମ୍ବନ ଅବଧି ମଧ୍ୟରେ ସେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରହିବେ। ଏଥିସହିତ ଏହି ଘଟଣାର ତଦନ୍ତ ଦାୟିତ୍ୱ କମିଶନର ମହାନ୍ତିଙ୍କୁ ଦିଆଯାଇଛି। ଯଦି ଏହି ଘଟଣାରେ ଥାନାର ଅନ୍ୟ କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କମିଶନରେଟ ପୋଲିସ ଅଧୀନ ଜଟଣୀ ଥାନାରେ କୁଦିଆରି ଅଞ୍ଚଳର ସୁମିତ୍ କୁମାର ମଙ୍ଗରାଜଙ୍କ ନାମରେ ଏକ ମାମଲା ରହିଥିଲା। ଏଥିରେ ସୁମିତଙ୍କ ବିରୋଧରେ ଲାଗିଥିବା ଆଇପିସି ଦଫା ୧୧୦ ଉଠାଇ ଦେବାକୁ ଥାନାଧିକାରୀ ମହାନ୍ତି ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଏନେଇ ସୁମିତ୍ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

### ଚାରା ପରେ ଦାମଙ୍କ ଓମ୍‌ଫେଡ୍ ଉପାଖ୍ୟାନ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ଡା. ଦାମୋଦର ରାଉତଙ୍କ ଚାରା ଦୁର୍ନୀତି ଉପାଖ୍ୟାନ ନେଇ ଚର୍ଚ୍ଚା ଥମିନାହିଁ। ତା' ସାଙ୍ଗକୁ ଯୋଡି ହୋଇଯାଇଛି ଓମ୍‌ଫେଡ୍ ସମ୍ପର୍କିତ ଏକ ଦୁର୍ନୀତି। ବିଧାନସଭା ବାହାରେ ଗୁରୁବାର ଦାମ ଏନେଇ ବକ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ, ଓମ୍‌ଫେଡ୍ ମିଲ୍କ ପାଉଚ ପଲିଥିନ୍ କିଣାରେ ୩୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ତତ୍କାଳୀନ ଓମ୍‌ପେଡ୍ ଏମ୍‌ଡି ଉକ୍ତ ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସକୁ ଚିଠି ଲେଖିଥିଲେ। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତଦନ୍ତ ହେବା ଦ୍ୱାରା ସରକାର ବଦ୍‌ନାମ ହୋଇପାରନ୍ତି ବୋଲି ଅନୁଭବ କରି ବିଭାଗୀୟ ତଦନ୍ତ କରାଯାଇଥିବା ଦାମ କହିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ମନ୍ତ୍ରୀପଦ ଯିବାରେ ବର୍ତ୍ତମାନର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଭାଗୀଦାରି ଥାଇପାରେ ବୋଲି ସେ ଇଙ୍ଗିତ କରିଛନ୍ତି। ଦାମଙ୍କ ଇଙ୍ଗିତକୁ ନେଇ ମନ୍ତ୍ରୀ ମହାରଥୀ ମଧ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଦାମବାବୁ ଏପରି କହିଥିବେ, ମୋର ମନେ ହେଉନାହିଁ। ମୁଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦାୟିତ୍ୱରେ ଥିଲି। ମୋ କାର୍ଯ୍ୟକାଳ ସମୟରେ ଦୁର୍ନୀତି ହୋଇନାହିଁ। କ'ଣ ପାଇଁ ଦାମବାବୁ ଏପରି ଇଙ୍ଗିତ କରୁଛନ୍ତି, ତାହା ତାଙ୍କୁ ଜଣା ନ ଥିବା ମହାରଥୀ କହିଛନ୍ତି।




## ବିଧାୟକଙ୍କ ବାସଗୃହ ଭତ୍ତା ଦିନକୁ ହଜାରେ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ଅଧିନିୟମ-୧୯୫୨ରେ ସଂଶୋଧନ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଛି। ଧାରା ୫ରେ ଥିବା ମାସିକ ୧୦୦ ଟଙ୍କା ବଦଳରେ ଏବେ ଦୈନିକ ୧୦୦୦ ଟଙ୍କା ବାସଗୃହ ଭତ୍ତା ମନ୍ତ୍ରୀମାନେ ପାଇବେ। ସେହିପରି ବାସଗୃହ ଆବଣ୍ଟିତ ହେବା ପର୍ଯ୍ୟନ୍ତ ବିଧାୟକମାନେ ଦୈନିକ ୧୦୦୦ ଟଙ୍କା ପାଇବେ। ପୂର୍ବରୁ ମନ୍ତ୍ରୀମାନେ ମାସକୁ ୧୦୦ ଟଙ୍କା ପାଉଥିଲେ, ଉକ୍ତ ଅସଙ୍ଗତିକୁ ଦୂର କରାଯାଇଛି। ସେହିପରି ବିଧାନସଭାର ପ୍ରତ୍ୟେକ ପୂର୍ବତନ ସଦସ୍ୟଙ୍କୁ ମାସିକ ୨୦୦୦ ଟଙ୍କାର ଚିକିତ୍ସା ଭତ୍ତା ପ୍ରଦାନ କରାଯିବ।

## ଏଟିଏମ୍ ଭାଙ୍ଗି ନେଇଗଲେ ୧୨.୬୯ ଲକ୍ଷ

**ଢେଙ୍କାନାଳ ଅଫିସ, ୬।୯**



ଅପରାଧୀପ୍ରବଣ ହେଉଛି ଢେଙ୍କାନାଳ ସହର। ସ୍ପଷ୍ଟ ଦିବାଲୋକରେ ଘଟୁଛି ଅପରାଧ। ପୋଲିସ ଅଭିଯୋଗକୁ ଅପେକ୍ଷା କରି ରହୁଥିବାବେଳେ ଚମ୍ପଟ ମାରୁଛନ୍ତି ଅଭିଯୁକ୍ତ। ବୁଧବାର ବିଳମ୍ବିତ ରାତିରେ ୩ଟି ଏଟିଏମ୍‌ରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିବା ସହିତ ୧୨ଲକ୍ଷ ୬୯ହଜାର ୬୦୦ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁବାର ସକାଳେ ଘଟଣା ଜଣାପଡ଼ିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ବୁଧବାର ରାତିରେ କୈବଲ୍ୟ ବଜାରସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ୍, କାଲଟାକ୍ସସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଏବଂ ଷ୍ଟାଡିୟମ ନିକଟ ଆକ୍ସିସ ବ୍ୟାଙ୍କ ଏଟିଏମ୍ ଭିତରେ ପଶି ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। କାଲଟାକ୍ସ ଏଟିଏମ୍‌ରୁ ୧୨ଲକ୍ଷ ୬୯ହଜାର ୬୦୦ଟଙ୍କା ଲୁଟ୍ ହୋଇଥିବା ବ୍ୟାଙ୍କ ଅଧିକାରୀ କହିଛନ୍ତି। ହେଲେ ଟାଉନ ଥାନାଧିକାରୀ ଅଭିନବ ଡାଲୁଆ ଟଙ୍କା ଲୁଟ୍ ହୋଇ ନ ଥିବା କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ପୋଲିସ କଥାରେ ତାଳମେଳ ରହୁ ନ ଥିବାରୁ ଘଟଣା ରହସ୍ୟାବୃତ୍ତ ହୋଇ ରହିଛି।

ସେହିପରି ଷ୍ଟାଡିୟମ ନିକଟରେ ଅଭିଯୁକ୍ତମାନେ ଏଟିଏମ୍ ଲୁଟ୍ କରିବାକୁ ମସୁଧା କରୁଥିବାବେଳେ ଏସ୍‌ପିଙ୍କ ବାସଭବନ ଫାଟକ ନିକଟରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଜଣଙ୍କୁ ଧରି ଆଣି ପୋଲିସ ଜେରା କରୁଛି। ସେହିପରି ଆଇସିଆଇସିଆଇ ଏଟିଏମ୍ କାଉଣ୍ଟରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ପାରିପାର୍ଶ୍ୱିକସ୍ଥିତିକୁ ଅନୁଧ୍ୟାନକରିପୋଲିସତଦନ୍ତଚଳାଇଛି।

# ବିଧାନ ପରିଷଦ ଗଠନ ନେଇ ସଂକଳ୍ପ ଗୃହୀତ

**ଭୁବନେଶ୍ୱର,୬।୯(ବ୍ୟୁରୋ)**



- ସଂକଳ୍ପ ସପକ୍ଷରେ ୧୦୪ ଭୋଟ
- ବିପକ୍ଷରେ ଶୂନ୍ , ବିରୋଧୀଙ୍କ କକ୍ଷତ୍ୟାଗ
- ବ୍ୟାପକ ଚିନ୍ତନ ଦିଗରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

ରାଜ୍ୟରେ ବିଧାନ ପରିଷଦ ଗଠନ ସମ୍ପର୍କିତ ସଂକଳ୍ପ ଓଡ଼ିଶା ବିଧାନସଭାରେ ଗୁରୁବାର ଗୃହୀତ ହୋଇଛି। ଗୃହର ୧୦୪ ଜଣ ସଦସ୍ୟଙ୍କ ସମର୍ଥନରେ ଏହି ସଂକଳ୍ପ ଗୃହୀତ ହୋଇଥିବା ବାଚସ୍ପତି ପ୍ରଦୀପ ଅମାତ ସୂଚନା ଦେଇଛି। ହେଲେ ଏହା ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ତେଣୁ ଆଗତ ହୋଇଥିବା ସଂକଳ୍ପ ବିରୋଧରେ ଖଣ୍ଡିଏ ବି ଭୋଟ ପଡ଼ି ନ ଥିଲା। ପ୍ରାୟ ଅଢ଼େଇ ଘଣ୍ଟାର ଆଲୋଚନା ପରେ ଭୋଟଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୃହରେ ଉପସ୍ଥିତ ଥିବା ଶାସକ ଦଳର ସମସ୍ତ ଓ ଜଣେ ସ୍ୱାଧୀନ ସଦସ୍ୟ ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ସପକ୍ଷରେ ମତଦାନ କରିଥିଲେ। ଶାସକ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ପ୍ରଥମେ ମତଦାନ କରିଥିଲେ।

ବିଧାନ ପରିଷଦ ସଂକଳ୍ପ ଗୃହୀତ ହେବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବିକାଶଧାରାରେ ଅଗ୍ରସର ହେଉଛି। ଏହି ବିକାଶଧାରାର ଅଗ୍ରଗତି ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ଚିନ୍ତନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବିଧାନ ପରିଷଦ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ହୋଇଥିବା ଭୋଟଦାନରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ସଂକଳ୍ପ ପ୍ରସ୍ତାବ ବିପକ୍ଷ ମତଦାନ କକ୍ଷ ଦାୟିତ୍ୱରେ ରହିଥିଲେ। ସେହିପରି ଚମ୍ପୁଆ ବିଧାୟକ ସନାତନ ମହାକୁଡ ସଂକଳ୍ପ ପ୍ରସ୍ତାବ ସପକ୍ଷ ମତଦାନ କକ୍ଷ ଦାୟିତ୍ୱରେ ରହିଥିଲେ। ଅପରାହ୍ଣ ପ୍ରାୟ ୪ଟା ୪୮ରୁ ଆରମ୍ଭ ହୋଇଥିବା ଆଲୋଚନାରେ ସମସ୍ତ ଦଳର ଏକାଧିକ ସଦସ୍ୟ ଭାଗ ନେଇଥିଲେ। ଶାସକ ଦଳର ସମସ୍ତ ସଭ୍ୟ ସଂକଳ୍ପ ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିରୋଧ କରିଥିଲେ।

ଆଲୋଚନାରେ ଭାଗନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ରାଜରାସ୍ତାରେ ଶିକ୍ଷକ ଆନ୍ଦୋଳନ କରୁଛନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ସେସବୁର ସମାଧାନ ଦିଗରେ ଦୃଷ୍ଟି ନ ଦେଇ ବିଧାନ ପରିଷଦ ଗଠନ କରି ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ କରାଯିବାକୁ ଚେଷ୍ଟା କରାଯାଉଛି। ଯୁବକଙ୍କୁ ନିଯୁକ୍ତି ନ ଦେଇ ବିଜୁ ଯୁବ ବାହିନୀ ପ୍ରତିଷ୍ଠା କରାଯାଇଛି। ରାଜ୍ୟର ଋଣଭାର ବୃଦ୍ଧି ପାଇବାରେ ଲାଗିଛି। ସବୁ ବିଭାଗରେ ପଦବୀ ଖାଲି। ନିଯୁକ୍ତି ନ ଥିବାବେଳେ ବିଧାନ ପରିଷଦ ଗଠନ ହେବାର ଆବଶ୍ୟକତା ନ ଥିବା ତାରାପ୍ରସାଦ କହିଛନ୍ତି। ସେହିପରି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ କହିଛନ୍ତି ଯେ, ଅନେକ ବଡ଼ ବଡ଼ ରାଜ୍ୟରେ ଏହା ହୋଇନାହିଁ। ବିଧାନସଭାରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନାହାନ୍ତି। ରାଜ୍ୟର ଋଣଭାର ପ୍ରାୟ ୯୧,୫୦୦ କୋଟି ଟଙ୍କାରେ ପହଞ୍ଚିଛି। ତେଣୁ ବିଧାନ ପରିଷଦ ନିଷ୍ପତ୍ତିର ପୁନର୍ବିଚାର ଆବଶ୍ୟକ ବୋଲି କେ.ଭି. କହିଛନ୍ତି। ଶାସକ ଦଳ ପକ୍ଷରୁ ଅରୁଣ ସାହୁ ବକ୍ତବ୍ୟ ରଖି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସମସ୍ତେ ଭୋଟ ରାଜନୀତିରେ ନିର୍ବାଚିତ ହୋଇପାରିବେ ନାହିଁ। ବିଭିନ୍ନ କ୍ଷେତ୍ରରୁ ଦକ୍ଷ ଲୋକ ବିଧାନ ପରିଷଦକୁ ଆସିପାରିବେ। ଗଣତନ୍ତ୍ରରେ ଥିବା ବିତର୍କ ସ୍ତର ଉନ୍ନତ ହେବ। ବିଧାନ ପରିଷଦ ଗଠନ ପରେ ବିରୋଧ କରୁଥିବା ଦଳଗୁଡିକ ନିଜ ସଭ୍ୟମାନଙ୍କୁ ସେଠାକୁ ପଠାଇବେ ନାହିଁ କି ବୋଲି ଅରୁଣ ପ୍ରଶ୍ନ କରିଥିଲେ। ଆଲୋଚନାରେ ମନ୍ତ୍ରୀ ଶଶିଭୂଷଣ ବେହେରା, କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ ମାଝି, ଜାକବ ପ୍ରଧାନ, ଭାଜପା ସଦସ୍ୟ ରବି ନାଏକ, ପ୍ରଦୀପ ପୁରୋହିତ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାସକ ସଭ୍ୟ ରାସେଶ୍ୱରୀ ପାଣିଗ୍ରାହୀ, ସମୀର ରଞ୍ଜନ ଦାସ, ସୁଦାମ ମାର୍ଣ୍ଡି ଏବଂ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଆଲୋଚନାରେ ଭାଗ ନେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରସ୍ତାବ ଆଲୋଚନା ପୂର୍ବରୁ ଗୃହରେ ଆଗତ କରିଥିଲେ।

ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୧୬୯(୧)ର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ସଂକଳ୍ପ ଗୃହୀତ ହେବାର ନିୟମ ରହିଛି। ସେହିପରି ଓଡ଼ିଶାରେ ପ୍ରସ୍ତାବିତ ବିଧାନ ପରିଷଦ କାର୍ଯ୍ୟକାରୀ ହେଲେ ସେଥିରେ ୪୯ ସଦସ୍ୟ ରହିବେ। ବିଧାନସଭାରେ ସଂକଳ୍ପ ଗୃହୀତ ହେବା ପରେ ଏହା କେନ୍ଦ୍ର ସରକାର ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣାପଡିଛି।




# ଫେରିଲେ ଲୋମଶ ବାଳକ କାହ୍ନା

## ୩ ମାସ ପରେ ୨ୟ ଅସ୍ତ୍ରୋପଚାର ପାଇଁ ଡାକ୍ତରଙ୍କ ପରାମର୍ଶ

**ବ୍ରହ୍ମପୁର ଅଫିସ, ୬।୯**

ଲୋମଶ ବାଳକ କାହ୍ନାଙ୍କୁ ଗୁରୁବାର ବ୍ରହ୍ମପୁର ବଡ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଛି। ପ୍ରଥମ ପର୍ଯ୍ୟାୟ ପ୍ଲାଷ୍ଟିକ୍ ସର୍ଜରୀ ସଫଳ ହୋଇଥିବା ବେଳେ ପିତାମାତାଙ୍କ ସହମତି ରହିଲେ ୩ ମାସ ପରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତରମାନେ କହିଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ବାଘୁଆ ଗାଁ ରାମଚନ୍ଦ୍ର ନାଇକଙ୍କ ୬ ବର୍ଷର ପୁଅ ହେଉଛନ୍ତି କାହ୍ନା । ତାଙ୍କ ଜନ୍ମ ପରେ ଦେହରେ ଅସ୍ୱାଭାବିକ ଭାବେ ଲୋମ ଏବଂ ମାଂସ ପିଣ୍ଡୁଳା ବଢିଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନକୁ ଚିକିତ୍ସା ପାଇଁ ନେଇଥିଲେ। ୩ ବର୍ଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଥିଲା। ବର୍ତ୍ତମାନ କାହ୍ନାଙ୍କୁ ୬ ବର୍ଷ। ପଢିବା ପାଇଁ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ତାଙ୍କ ବିଷୟ ଖବର ପ୍ରକାଶିତ ହେବା ପରେ ଜଗନ୍ନାଥପ୍ରସାଦ ବ୍ଲକ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମେଡିକାଲ୍ ଅଫିସର ଡାକ୍ତର ଗଜାନନ ସେଠୀ ଏବଂ ଆଲୋକ କୁମାର ସେଠ୍‌ଙ୍କ ଜରିଆରେ ଜୁଲାଇ ୧୮ରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପରୀକ୍ଷା ନିରୀକ୍ଷା ପରେ ଜୁଲାଇ ୨୬ରେ ପ୍ରଫେସର ଡାକ୍ତର ରାଜୁ ଦାସଙ୍କ ତତ୍ତ୍ୱାବଧାନରେ ସହକାରୀ ପ୍ରଫେସର ଡାକ୍ତର ବିଶ୍ୱଜିତ୍ ମିଶ୍ରଙ୍କ ସମେତ ୧୨ ଜଣିଆ ଡାକ୍ତରୀ ଦଳ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜଙ୍ଘରୁ ମାଂସ ନେଇ ମୁହଁରେ ପକାଇଥିଲେ। ଦୀର୍ଘ ୫୦ ଦିନର ଚିକିତ୍ସା ପରେ କାହ୍ନା ଗୁରୁବାର ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଡାକ୍ତର ଜଣାଇଥିଲେ। ସେହିପରି କେତେକ ସାମାଜିକକର୍ମୀଙ୍କ ପକ୍ଷରୁ କାହ୍ନାଙ୍କୁ ଏକ ସାଇକେଲ ଯୋଗାଇ ଦିଆଯାଇଛି। ନିଜେ ସାଇକେଲ ଚଲାଇ କାହ୍ନା ଆନ୍ତଃ ବିଭାଗ ନିଜ ବେଡ୍ ନଂ. ୩୨୮ରୁ ତଳକୁ ଆସିଥିଲେ। ପ୍ରଫେସର୍ ଡାକ୍ତର ରାଜୁ ଦାସ କୁହନ୍ତି, ୧୨ ଜଣିଆ ଡାକ୍ତରୀ ଦଳଙ୍କୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିବା ପରେ ସଫଳ ଅସ୍ତ୍ରୋପଚାର ହୋଇଥିଲା। ମାଗଣାରେ କାହ୍ନାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ସେ ସୁସ୍ଥ ଥିବାରୁ ସୁଷମ ଖାଦ୍ୟ ଗ୍ରହଣ କରୁଛନ୍ତି। ଡାକ୍ତର ଗଜାନନ ସେଠୀ, ମେଡିକାଲ୍ ଅଫିସର୍ (ଆର୍‌ବିଏସ୍‌କେ), ଜଗନ୍ନାଥ ପ୍ରସାଦ, କାହ୍ନାଙ୍କୁ ମେଲାନୋସାଇଟିସ୍ ନର୍ଭସ୍ ରୋଗ ହୋଇଛି। ଯେଉଁ ରୋଗ ଏକ ବିରଳ ଏବଂ ଜନ୍ମଗତ। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଅଛନ୍ତି। ବର୍ତ୍ତମାନ ମଲମ ଦିଆଯାଇଛି, ତାକୁ ସେ ନିୟମିତ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି।


ଅସ୍ତ୍ରୋପଚାର ପରେ କାହ୍ନା ସାଇକେଲ ଚଳାଉଛନ୍ତି।




ARPAN
**ଆଡ଼ଭାନ୍ସଡ ରେଲୱେ ପେନ୍‌ସନ୍ ଆକ୍ସେସ୍ ନେଟ୍‌ୱର୍କ**




**2016 ପୂର୍ବବର୍ତ୍ତୀ ପେନ୍‌ସନ୍‌ଧାରୀ/ ପେନ୍‌ସନଧାରୀ ପରିବାର, ଧ୍ୟାନ ଦିଅନ୍ତୁ !!!**

ରେଳବାଇ ପେନ୍‌ସନ୍‌ଧାରୀମାନେ ୱେବ୍‌ସାଇଟ୍ **www.arpan.railnet.gov.in** ଅଧୀନସ୍ଥ **ARPAN** ପୋର୍ଟାଲରେ ସପ୍ତମ ବେତନ ଆୟୋଗ(7th CPC) ଅନୁଯାୟୀ ସେମାନଙ୍କ PPOs ସମ୍ବନ୍ଧୀୟ ସଂଶୋଧନ ସ୍ଥିତି ଦେଖିପାରିବେ।

ତଦନୁଯାୟୀ, **'Services : Pre-2016 PPO Enquiry'** ଶୀର୍ଷକ ଅଧୀନରେ ଏହି ସୁବିଧା ନିମନ୍ତେ ସଂପ୍ରତି **ARPAN** କୁ ରୂପାନ୍ତରଣ କରାଯାଇଛି, ଯାହାକି **ARPAN** ସାଇଟ୍ ଲଗ୍ **(Logging)** ନକରି ହୋମ୍ ପେଜ୍ **(Home Page)** ରେ ସଂଶୋଧନ ସମ୍ବନ୍ଧୀୟ ସ୍ଥିତି ବିଷୟରେ ଜାଣିବାକୁ ମିଳିଥାଏ। ଏହା ସହିତ, ବାସ୍ତବିକ ପେନ୍‌ସନ୍‌ଧାରୀ/ପେନ୍‌ସନ୍‌ଧାରୀ ପରିବାରମାନଙ୍କ ଦ୍ୱାରା **'My Account'** ରେ ଲଗ୍ **(Logging)** କରିବା ପରେ ଏଥିରେ ସଂଶୋଧିତ **PPO** କୁ ଡାଉନ୍‌ଲୋଡ୍ କରିବା ସୁବିଧା ସହିତ ପେନ୍‌ସନ୍ ପେଠ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ଏବଂ ଅନ୍ୟ ବିବରଣୀ ମଧ୍ୟ ଉପଲବ୍ଧ ଅଟେ।

ପ୍ରମୁଖ ଆର୍ଥିକ ପରାମର୍ଶଦାତା
**ପୂର୍ବ ତଟ ରେଳପଥ**
PR-340/J/18-19

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଧାନୀ
ପରିବାରବର୍ଗ


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## HIRE

ଭାଡିକାମରେ ଦଶଚକିଆ/ ଛଅଚକିଆ/ 1109/ ଟ୍ରକ/ (ଟ୍ରାକ୍ଟର ଲୋଡର) ଆବଶ୍ୟକ। 9348100744, 9938732257. D-63488




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

Jatani gate ପାଖରେ NHକୁ ଲାଗି ପାଚେରି ହୋଇଥିବା plot ମିଳୁଅଛି। 9439864322. D-64303

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

**Any plot, flat, duplex, simplex sale & purchase in Bhubaneswar. Contact only owner. 9178031478.** D-63087

Chakeisianiରେ yellow-zone ଘରବାରି corner, boundary plot ମିଳୁଛି। 8480447967. D-63088

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308




Space for medicine store Clinic, Patholab Vivekananda marg, Bhubaneswar. 8018595307, 9861066949. D-60813

Furnished office space 2000 sqft. at Nalco Square, Chandrasekharpur, Bhubaneswar. 9776021815. D-64305




All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527




Earn huge income become channel partner, networker, stockist, distributor of India's biggest herbal co. offering products herbal drops, medicines & cosmetics. 09868021369. D-8250

### ୧୯ତମ ଜନ୍ମଦିନ ଶୁଭେଚ୍ଛା

**ବର୍ଷାରାଣୀ ବେହେରା**
(ମିକି)
କାକଟପୁର, ପୁରୀ

ଶୁଭ ଜନ୍ମଦିନରେ ମା' ମଙ୍ଗଳାଙ୍କ କୃପାରୁ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମା, ଲିକୁ, ଜିକୁ, ବାବୁ, ସାଇ, ପରିବାରବର୍ଗ। ଧ-୮୧୯୦

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



**ଧାନୀ ସାହୁ**
ବଲାଙ୍ଗୀର, ସୁଦପଡା

ସପ୍ତମ ଜନ୍ମଦିନ ଅବସରରେ ମା' ସମଲେଶ୍ୱରୀ ତୋର ଚଲାପଥ କୁସୁମିତ ଓ ମଧୁମୟ କରିବା ସହ ଦୀର୍ଘାୟୁ କରନ୍ତୁ। ଏତିକି ଆମ ପ୍ରାର୍ଥନା। ଶୁଭେଚ୍ଛା: ମା- ସଙ୍ଗୀତା, ବାପା- ଜିନ୍ନୁ, ମାମା- ସୁରେଖା, ଦାଦା- ମେଘନାଦ ସାହୁ, ବରପାଲି। ଧ-୬୨୪୩୯

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ପ୍ରିନ୍ସ)
**ରୁଦ୍ରନାରାୟଣ**
ନରେନ୍ଦ୍ରପୁର, କଟକ

ପିତା- **ଶ୍ରୀଯୁକ୍ତ କାଳନ୍ଦୀ ନାୟକ,**
ମାତା- **ଜ୍ୟୋତିର୍ମୟୀ ନାୟକ**
ମାଆ- **ଚିନ୍ମୟୀ ନାୟକ**
ଶୁଭେଚ୍ଛା ସହ: ବଡ ବାପା, ବଡ ବୋଉ, ପପୁନା, ମିଲି, ଭାଇ, ଭଉଣୀ, ମାମୁନି, ସାଇ। ଧ-୮୨୪୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୩୩ ନାବାଳିକା ଶ୍ରମିକ ଉଦ୍ଧାର

ବୋରିଗୁମ୍ମା,୬।୯(ଡି.ଏନ୍.ଏ)-ଆଇପିଏସ୍ ଅଧିକାରୀ ସାଗରିକା ନାଥଙ୍କ ନେତୃତ୍ୱରେ କୋରାପୁଟ ଜିଲାର ବିଭିନ୍ନ କାଜୁ ମିଲ୍‌ରେ ଚଢ଼ାଉ କରାଯାଇ ୩୩ ଜଣ ନାବାଳିକା ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ନାବାଳିକାଙ୍କ ପ୍ରତି ହେଉଥିବା ନିର୍ଯାତନା ରୋକିବା ପାଇଁ 'ପରି' କାର୍ଯ୍ୟକ୍ରମରେ ଏହି ଚଢ଼ାଉ କରାଯାଇଛି। କୋରାପୁଟ ଜିଲାରେ ନାବାଳିକା ଶ୍ରମିକମାନେ ବିଭିନ୍ନ ସଂସ୍ଥାରେ ନିୟୋଜିତ ରହିଥିବା ସୂଚନା ପାଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବୋରିଗୁମ୍ମା ଥାନା ଅନ୍ତର୍ଗତ ଜୟନ୍ତଗିରି ପୂଜାରିପୁଟ ରୋଡ଼ ସ୍ଥିତ କାଜୁ ମିଲ୍‌ରେ ଚଢ଼ାଉବେଳେ ୯ ଜଣ ଏବଂ ରାଣୀଗଡ଼ କୁମ୍ଭାରୀଗୁଡ଼ା କାଜୁ ମିଲ୍‌ରୁ ୨୪ ଜଣ ଏପରି ମୋଟ ୩୩ ଜଣ ନାବାଳିକା ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ




**✓ଜୋତ୍ସ୍ନା ସାହୁ**
ସ୍ୱା : ଆନନ୍ଦ କୁମାର ସାହୁ
ଏଲ୍.ପି-୨୫୧, ନିକଟସ୍ଥ ବିଡ଼ିଏ ନର୍ସରୀ ରାମ ମନ୍ଦିର ରୋଡ଼, ବିଡ଼ିଏ କଲୋନୀ ଲକ୍ଷ୍ମୀସାଗର, ଭୁବନେଶ୍ୱର-୦୬
ଆବିର୍ଭାବ : ୧୬.୦୭.୧୯୫୭
ତିରୋଧାନ : ୨୮.୦୮.୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ
ସୂର୍ଯ୍ୟ, ବେବି
ବିରେନ୍ଦ୍ର, ସାବି, ଅରୁଣ, ସୋନୀ
ଶୋକ ସନ୍ତପ୍ତ ପରିବାର ବର୍ଗ। ଧ-୮୨୨୧

### ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଯାମିନୀ ବଲ୍ଲଭ ଦାଶ**
ଘାଟିକିଆ, ଭୁବନେଶ୍ୱର
ଆପଣଙ୍କର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟପରାୟଣତା, ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପାଥେୟ ହୋଇ ରହୁ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ : ପତ୍ନୀ - ବାସନ୍ତୀ, ପୁତ୍ର ଓ ପୁତ୍ରବଧୂ, ନାତୁଣୀ- ଟୁଡୁ, କନ୍ୟା ଓ ଜାମାତା ଏବଂ ପରିବାରବର୍ଗ। ଧ-୬୪୧୪୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୋମନାଥ ବିଶ୍ୱାଳ**
ଦୁର୍ଗାବାଡି ରୋଡ, ପୁରୀ
ଆବିର୍ଭାବ: ୦୧।୦୧।୧୯୪୨
ତିରୋଧାନ: ୨୯।୦୮।୨୦୧୬
ତୁମର ସ୍ନେହ, ସତ୍ୟନିଷ୍ଠତା ଏବଂ ପରୋପକାରିତା ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରିବ। ତୁମ୍ଭେ ସ୍ୱର୍ଗରେ ରହି ସ୍ନେହ ପ୍ରେରଣା ଆମ୍ଭମାନଙ୍କୁ ଦେଉଥାଅ। ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ। ଧ-୬୪୦୧୦

### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା**
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ବନ୍ଧୁ ଓ ପରିବାରବର୍ଗ। ଧ-୬୩୪୮୯


ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ଦ୍ୱିତୀୟ ଦିନରେ ଆନ୍ଦୋଳନ, ସରକାରୀ କାମ ଅଚଳ

ସମ୍ବଲପୁର,୬।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଗୁରୁବାର ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ସକାଳୁ କଚେରି ଛକଠାରେ ଜିଲା ଓକିଲ ସଂଘ ପିକେଟିଂ କରିଥିଲା। ଓକିଲମାନେ ଆରଡିସି ଅଫିସ, ଜିଲାପାଳ ଅଫିସ, ଉପଜିଲାପାଳ ଅଫିସ, ତହସିଲ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରିଥିଲେ। ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ଜିତେନ୍ଦ୍ରିୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଓକିଲମାନେ ନିଜସ୍ୱ ମତ ରଖିଥିଲେ। ପୂର୍ବ ଘୋଷଣା ଅନୁଯାୟୀ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଦାବି ସମ୍ପର୍କିତ ଦେଇଥିବା ଚିଠିକୁ ସ୍ୱାଗତ କରାଯାଇଥିଲା। ହେଲେ ଏହା କେତେଦୂର ଫଳପ୍ରଦ ହେବ ଆଲୋଚନାର ବିଷୟ ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୦୧୩ ମସିହାରୁ ୩ ଥର କେନ୍ଦ୍ର ସରକାରଙ୍କୁ ଚିଠି କରିଛନ୍ତି। ଫଳାଫଳ ଶୂନ। ଏଣୁ ପୁନର୍ବାର ଚିଠିରୁ ସନ୍ତୋଷଜନକ ପରିଣାମ ଆଶା କରିବା ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଥିଲା। ଉଭୟ ସରକାର ପରସ୍ପର ଉପରେ ଦୋଷ ଲଦି ଦିନ ଗଡ଼ାଇ ଚାଲିଛନ୍ତି। ଏପରି ସ୍ଥଳେ ଆସନ୍ତା ୨୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଝାରସୁଗୁଡା ଆସିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ଦାବି ଉପରେ ବିଚାରବିମର୍ଶ କରି ଅଧ୍ୟାଦେଶ ଘୋଷଣା କରନ୍ତୁ। ଏପରି ହେଲେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଆଶା ଯେ ସାକାର ହେବ ସଭାରେ ମତପ୍ରକାଶ ପାଇଥିଲା।

ଜିଲା ଓକିଲ ସଂଘ ଉପସଭାପତି ବେଦବ୍ୟାସ ସାଥୁଆ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବହିଦାର, ବିପିନ ବିହାରୀ ନାୟକ, ଆର୍ତ୍ତତ୍ରାଣ ମିଶ୍ର, ସୁରେଶ୍ୱର ମିଶ୍ର, ରବୀନ୍ଦ୍ର ନାଥ ଦେବତା, ପ୍ରଫୁଲ୍ଲ କୁମାର ହୋତା, ନବୀନ ଶତପଥୀ, ରବି ରଞ୍ଜନ ପୂଜାରୀ, ଅରବିନ୍ଦ ନାୟକ, ସୁରଜ ବିଶ୍ୱାଳ, ସତ୍ୟ ନାରାୟଣ ପଣ୍ଡା, ସୁନୀଲ କୁମାର ମିଶ୍ର, ଚନ୍ଦ୍ରକାନ୍ତ ମହାନ୍ତି, ଦିଲୀପ କୁମାର ବିଶି, ଅକ୍ଷୟ କୁମାର ଦାଶ, ଚନ୍ଦ୍ର କୁମାର ପୁରୋହିତ, ପ୍ରମୋଦ କୁମାର ରଥ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ସ୍କୁଲରେ ଅନୁପସ୍ଥିତ...

ପହଞ୍ଚି ଶିକ୍ଷକଙ୍କ ଉପସ୍ଥାନ ଖାତା ଯାଞ୍ଚ କରିବେ। ବିନା ଅନୁମତିରେ ଯେଉଁ ଶିକ୍ଷକ ଧାରଣାସ୍ଥଳକୁ ଆସିଥିବେ ସେମାନଙ୍କ ଦୈନିକ ଦରମା କଟାଯିବ। ଗୁରୁବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଡିଇଓ ଏବଂ ବିଇଓଙ୍କୁ ଏ ନେଇ ଚିଠି ଲେଖି ଜଣାଇଛନ୍ତି।

ତେବେ ସରକାରଙ୍କ ଏଭଳି ଚେତାବନୀକୁ ଆନ୍ଦୋଳନରତ ଶିକ୍ଷକମାନେ ଖାତିର କରିନାହାନ୍ତି। ଏ ନେଇ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କୁହନ୍ତି, ଶିକ୍ଷକଙ୍କ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନାହିଁ। କାରଣ ଶିକ୍ଷକମାନେ ବିଭାଗ ଅଧୀନକୁ ଆସିନାହାନ୍ତି। ବିଭାଗ ଅଧୀନକୁ ସମ୍ପୂର୍ଣ୍ଣ ଭାବେ ଆସିବାକୁ ଏହି ଆନ୍ଦୋଳନ କରାଯାଉଛି। ସ୍କୁଲ ଛାଡି ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କ ଉପରେ ସ୍କୁଲ ପରିଚାଳନା କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। କମିଟି ଅଧୀନରେ ଶିକ୍ଷକମାନେ ସ୍କୁଲରେ କାର୍ଯ୍ୟ କରୁଛନ୍ତି। ପରିଚାଳନା କମିଟି ଶିକ୍ଷକମାନଙ୍କୁ କହିଛି, ଆନ୍ଦୋଳନ କରି ସରକାରଙ୍କ ପାଖରୁ ନିଜର ଦାବି ହାସଲ କରିବାକୁ। ତେଣୁ ସଚିବ ଯେଉଁ ଚିଠି ଜାରି କରିଛନ୍ତି ତାହା କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମହାନ୍ତି କହିଛନ୍ତି।

ସଚିବ ଚିଠିରେ କହିଛନ୍ତି ଯେ, ନୂଆ କରି ନିଯୁକ୍ତି ପାଇଥିବା କୌଣସି ଚୁକ୍ତିଭିତ୍ତିକ ଶିକ୍ଷକ ସ୍କୁଲରେ ଅନୁପସ୍ଥିତ ଥିଲେ ସେମାନଙ୍କ ବାର୍ଷିକ ଚୁକ୍ତିକୁ ଆସନ୍ତା ବର୍ଷ ମାର୍ଚ୍ଚରେ ନବୀକରଣ କରାଯିବ ନାହିଁ। ଆନ୍ଦୋଳନ ଯୋଗୁ ଯେଉଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି ସେଠାରେ କିପରି ଠିକ୍‌ରେ ପଢା ଜାରି ରହିବ ସେନେଇ ବ୍ୟବସ୍ଥା କରିବାକୁ ବିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପଟେ ମିଳିତ ମଞ୍ଚର ଆନ୍ଦୋଳନ ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ଦୁଇଦିନ ହେଲା ବିରୋଧୀ କଂଗ୍ରେସ ଏବଂ ଭାଜପା ଗୃହରେ ସରକାରଙ୍କୁ ଘେରି ହଙ୍ଗାମା କରୁଛନ୍ତି। ସେପଟେ ଆନ୍ଦୋଳନକୁ ବ୍ୟାପକ କରିବାକୁ ମଞ୍ଚ ନିଷ୍ପତ୍ତି ନେଇଛି। ଆସନ୍ତା ସୋମବାରଠାରୁ ମିଳିତ ମଞ୍ଚର ଶିକ୍ଷକମାନେ ଲୋୟର ପିଏମ୍‌ଜି ସହିତ ବ୍ଲକ ଅଫିସ୍ ଆଗରେ ଧାରଣାରେ ବସିବେ। ମଞ୍ଚର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆବାହକ ପ୍ରକାଶ ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା କହିଛନ୍ତି।

ଶିକ୍ଷକଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା ପାଇଁ ଗୁରୁବାର ଅପରାହ୍ନରେ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ହେଲେ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିବା ଜଣାପଡିଛି। ବୈଠକରେ ସରକାରଙ୍କ ପକ୍ଷରୁ କ'ଣ ନିଷ୍ପତ୍ତି ନିଆଗଲା ସେନେଇ ମିଳିତ ମଞ୍ଚକୁ ଅବଗତ କରାଯାଇ ନାହିଁ ବୋଲି ଆବାହକ ମହାନ୍ତି କହିଛନ୍ତି।

### ଭଙ୍ଗହେଲା ତେଲେଙ୍ଗାନା ...

ଲୋକ ସଭା ସହ ବିଧାନସଭା ନିର୍ବାଚନ କରାଗଲେ ପ୍ରଚାର ବେଳେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ 'କେସିଆର୍ ବନାମ ମୋଦି' ସ୍ଥିତିକୁ ଏଡାଇବା ପାଇଁ ଟିଆର୍‌ଏସ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ରାଜ୍ୟପାଳଙ୍କୁ ଭେଟିବା ପରେ କେସିଆର୍ ୧୧୯ ସଦସ୍ୟତା ବିଶିଷ୍ଟ ବିଧାନସଭା ପାଇଁ ୧୦୫ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସକୁ ତେଲଙ୍ଗାନାର ୧ ନମ୍ବର ଶତ୍ରୁ ଓ ରାହୁଲଙ୍କୁ ଦେଶର ସବୁଠୁ ବଡ଼ ହାସ୍ୟାସ୍ପଦ ବ୍ୟକ୍ତି ଭାବେ ଅଭିହିତ କରିଛନ୍ତି। ହେଲେ କେସିଆର୍ ଭାଜପା ବିରୋଧରେ ମୁହଁ ଖୋଲି ନାହାନ୍ତି। ଏହାକୁ ନେଇ କେସିଆର୍‌ଙ୍କୁ ଭାଜପାର କ୍ରୀଡ଼ନକ ବୋଲି ସମାଲୋଚନା କରିଛି କଂଗ୍ରେସ।

ଏହି ରାଜନୈତିକ ଘଟଣାକ୍ରମ ପରେ ତେଲେଙ୍ଗାନାର ପ୍ରଥମ ନିର୍ବାଚିତ ବିଧାନସଭା ଭଙ୍ଗ ହୋଇଛି। ୨୦୧୪ ଜୁନ୍ ୨ରେ ତେଲେଙ୍ଗାନା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ପ୍ରତିଷ୍ଠା ହେବା ସହିତ କେସିଆର୍‌ଙ୍କ କ୍ୟାବିନେଟ ଦାୟିତ୍ୱ ଗ୍ରହଣ କରିଥିଲା। ଟିଆର୍‌ଏସ୍ ସରକାର ନିଜ ସପକ୍ଷରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିବା ଅନୁଭବ କରିବା ପରେ ଏହାର ଫାଇଦା ନେବାକୁ ଚିନ୍ତାକରି ପ୍ରସ୍ତୁତି ଆରମ୍ଭ କରିଥିଲେ। ନିକଟରେ 'ପ୍ରଗତି ନିବେଦନ ସଭା'ର ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଥିଲେ। ଫଳରେ ରାଜ୍ୟରେ ଆଗୁଆ ନିର୍ବାଚନ କରାଇବା ପାଇଁ କେସିଆର୍ ନିଷ୍ପତ୍ତି ନେଇପାରନ୍ତି ବୋଲି ବେଶ୍ କିଛିଦିନ ଧରି କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିଲା।

### ବିପଦସଙ୍କେତ ଉପରେ ...

ଗତ ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଛି। କେନ୍ଦ୍ରାପଡାରେ ୨୭୧.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବଳେ ଜଗତ୍‌ସିଂହପୁର ୨୩୬.୧, ଯାଜପୁର ୧୩୭, କଟକ ୧୧୩.୫ ଏବଂ ଭଦ୍ରକ ଜିଲାରେ ୧୦୫.୭ ମିଲିମିଟର ବର୍ଷା ହୋଇଛି। ପୁରୀ ଜିଲାରେ ୭୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧା, ୬୪.୯ ଏବଂ କନ୍ଧମାଳ ଜିଲାରେ ୫୪.୧ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଅନ୍ୟ ୧୨ଟି ଜିଲାରେ ୨୫ରୁ ୫୦ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକରେ ୪୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୁଜଙ୍ଗ ବ୍ଲକରେ ୩୭୦, କେନ୍ଦ୍ରାପଡା ଜିଲାର କେନ୍ଦ୍ରାପଡା ବ୍ଲକରେ ୩୪୦, ମାର୍ଶାଘାଇରେ ୩୩୬, ମହାକାଳପଡାରେ ୩୨୦ ଓ ଡେରାବିଶ ବ୍ଲକରେ ୨୯୮, ଯାଜପୁର ଜିଲାର ବରିରେ ୨୭୧, ତିର୍ତ୍ତୋଲରେ ୨୬୦ ଏବଂ ରଘୁନାଥପୁର ବ୍ଲକରେ ୨୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୩୨ଟି ବ୍ଲକରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଅବପାତ ବା ଡିପ୍ରେସନରେ ପରିଣତ ହୋଇଛି । ଏହା ପଶ୍ଚିମ, ଉତ୍ତର ଓଡ଼ିଶା ଓ ଏହାର ଆଖପାଖରେ ରହିଛି। ଘଣ୍ଟାକୁ ୧୮ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଓ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ସୁନ୍ଦରଗଡ, ଝାରସୁଗୁଡା, ଖୋର୍ଦ୍ଧା, ପୁରୀ, କଳାହାଣ୍ଡି, ବୌଦ୍ଧ ଓ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର କୂଳରେ ପବନର ଗତି ୨୫ରୁ ୩୫ ଓ ବେଳେ ବେଳେ ୪୫ କି.ମି. ବେଗରେ ବହିବ । କେତେକ ସ୍ଥାନରେ ୪୫ରୁ ୫୫ ଓ ୬୫ କି.ମି. ପର୍ଯ୍ୟନ୍ତ ବହିବ ବୋଲି ପୂର୍ବାନୁମାନ କରାଯାଇଛି। ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଏଥିସହିତ ପୁରୀ, ଗୋପାଳପୁର, ଚାନ୍ଦବାଲି ଓ ପାରାଦୀପ ବନ୍ଦରରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଛି।

### ଆଜି ବନ୍ଦ ରହିବ ...

ମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଦିନକ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ଛୁଟି ରହିବ। ସହରରେ ପ୍ରବଳ ବର୍ଷା ହେଉଥିବାରୁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଅନ୍ୟ ଜିଲାରେ ସ୍କୁଲ ଛୁଟି ଘୋଷଣା କରି ନ ଥିଲେ ମଧ୍ୟ ଜିଲାରେ ବୃଷ୍ଟିପାତର ସ୍ଥିତି ଦେଖି ଜିଲାପାଳମାନେ ସ୍କୁଲ ଛୁଟି ଘୋଷଣା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାହୁ ଓ ଚନ୍ଦ୍ରଙ୍କ ଚତୁର୍ଥସ୍ଥିତି କାରଣରୁ ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ପରିସ୍ଥିତିବଶତଃ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ** ଷଷ୍ଠସ୍ଥ ଶୁକ୍ର ଆପଣଙ୍କୁ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇବ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ବିଭିନ୍ନ ପ୍ରକାର ପ୍ରତିବନ୍ଧକକୁ ପ୍ରତିହତ କରି ଲକ୍ଷ୍ୟ ହାସଲ କରିପାରିବେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର ଅସୁବିଧାକୁ ନିମନ୍ତ୍ରଣ କରିବା ଭଳି କାମ କରିବା ଠିକ୍ ହେବନାହିଁ। ଜମିଜମା ସମ୍ପର୍କିତ କୌଣସି ବିଷୟକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** ସ୍ୱାସ୍ଥ୍ୟ କ୍ରମଶଃ ନିମ୍ନାଭିମୁଖୀ ହେବାର ଅନୁଭବ କରି ବିଚଳିତବୋଧ କରିପାରନ୍ତି। କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜି କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି ।

**ସିଂହ** ଦ୍ୱାଦଶରେ ପାପଗ୍ରହ ପ୍ରଭାବରୁ କାମ ହାସଲ ପାଇଁ ସୀମାତିରିକ୍ତ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଲାଗି ରହୁଥିବାରୁ ମାନସିକ ଭାରସାମ୍ୟ ରକ୍ଷାକରି ଚଳିବାକୁ ବାଧ ହେବେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଆଶୀର୍ବାଦ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ କିନ୍ତୁ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** କର୍ମ ସ୍ଥାନରେ ପାପଗ୍ରହ ହେତୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥାନେଇ ସ୍ୱାମୀଙ୍କ ସହ ଆଲୋଚନା କରିବେ।

**ବିଛା** ଶନିଙ୍କ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଏହା ସାଙ୍ଗକୁ ପ୍ରତ୍ୟେକ କାମରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମାଜିକ ସ୍ତରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେବା ଠିକ୍ ହେବନାହିଁ। ଅର୍ଥ ଲାଭ କାରଣରୁ ସାମୟିକ ମନ ପ୍ରଫୁଲ୍ଲ ରହିବ।

**ଧନୁ** ବିନମ୍ରତାପୂର୍ବକ ଅନୁରୋଧ କଲେ ବନ୍ଧୁଙ୍କ ଜରିଆରେ ଅଟକି ରହିଥିବା କାମଗୁଡିକ ସମ୍ପନ୍ନ ହୋଇ ପାରିବ। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ସାମାଜିକ ସ୍ତରରେ ପ୍ରତିଯୋଗିତାରେ ସଫଳତା ପାଇବେ। କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ର, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** କର୍ମସ୍ଥାନରେ ଶୁଭଗ୍ରହ ହେତୁ ଜଣାଶୁଣା ବ୍ୟକ୍ତିଙ୍କ ସହାୟତାରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ** କର୍ମାଧିପତିଙ୍କ ବଳବାନତ୍ୱ କାରଣରୁ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ** ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଆଡଜଷ୍ଟ କରି ନେବାରେ କୌଣସି ଅସୁବିଧା ରହିବ ନାହିଁ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯାଇପାରନ୍ତି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ଭାଦ୍ରବ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଳମ୍ବାସୁର ବଧ ବେଶ, ସେପ୍ଟେମ୍ବର ୭ ତାରିଖ, ରାଶି ନକ୍ଷତ୍ର ଦିବା ଘ୧।୪୧ମି. ପର୍ଯ୍ୟନ୍ତ-ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୨ମି. ମଧ୍ୟେ ଘ୪।୪୬ମି. ଗତେ, ଘ୬।୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୨ମି. ଗତେ ଘ୮।୨୩ମି. ମଧ୍ୟେ, ଘ୧୧।୪୫ମି. ଗତେ ଘ୧।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦।୧୨ମି. ଗତେ, ଘ୧୧।୪୫ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ପୂରଣ ହେବ ସିପାହୀ, ଏପିପି ପଦବୀ

ଭୁବନେଶ୍ୱର, ୬।୯(ବ୍ୟୁରୋ): ରାଜ୍ୟରେ ୩୪୧ ସିପାହି ଓ କନଷ୍ଟେବଲ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ପଦବୀ ପୂରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୬୮୦ଟି ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିଲା। ଏହାଛଡା ଅଧିକ ୩୪୧ ପଦବୀ ପୂରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସମୁଦାୟ ୨୦୨୧ ସିପାହି ଓ କନଷ୍ଟେବଲ ପଦବୀ ପୂରଣ କରାଯିବ। ସେହିପରି ୪୬ଟି ନୂଆ ଏପିପି(ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର) ପଦବୀ ପୂରଣ ପାଇଁ ମଧ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଗୁରୁବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏପିପି କ୍ୟାଡରରେ ୨୦୯ଟି ପଦବୀ ରହିଛି। ନିକଟରେ ୧୪୮ଟି ଏପିପି ପଦବୀ ପୂରଣ ହୋଇଛି। ବର୍ତ୍ତମାନ ଏହି ପଦବୀରେ ୧୬୩ଜଣ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ବାକି ୩୪୧ ପଦବୀ ଓପିଏସ୍‌ସି ଜରିଆରେ ପୂରଣ କରିବାକୁ ଅନୁମୋଦନ କରାଯାଇଛି। ସେହିଭଳି ସ୍ନାତକୋତ୍ତର ଶିକ୍ଷକ ପଦବୀ ପାଇଁ ୧୫୪ଜଣ ଯୋଗ୍ୟ ପ୍ରାର୍ଥୀ ବିବେଚିତ ହୋଇଛନ୍ତି। ଓପିଏସ୍‌ସି ଜରିଆରେ ୨୩୦ଟି ଗ୍ରୁପ-ବି ପାହ୍ୟାର ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅନୁମୋଦନ କରାଯାଇଥିବା ବେଳେ ଏହା ୧୫୪ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଅଧ ମିନିଟରେ ଘଣ୍ଟାଏ ବରବାଦ



- ବିରୋଧୀ ଦୁଇଫାଳ
- ବିଧାନସଭା ହୁଲସ୍ଥୁଲ, ଗୃହ ମୁଲତବୀ

ଭୁବନେଶ୍ୱର,୬।୯(ବ୍ୟୁରୋ)

ଚଳିତ ଅଧିବେଶନରେ ବିରୋଧୀ ଦଳ ଦୁଇଫାଳ ହୋଇଯାଇଛନ୍ତି। ପ୍ରସଙ୍ଗ ଆଉ ଗୋଟିଏ ହୋଇ ନାହିଁ। ଉଭୟ କଂଗ୍ରେସ ଓ ଭାଜପା ଭିନ୍ନ ଇସ୍ୟୁକୁ ନେଇ ପ୍ରତିବାଦ କରୁଛନ୍ତି। ଗତ ଦୁଇଦିନ ହେବ ବିଧାନସଭାରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ବୁଧବାର କଂଗ୍ରେସ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ସରକାରଙ୍କୁ ହରଡ଼ଘଣାରେ ପକାଇଥିବା ବେଳେ ଭାଜପା ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲ। ଗୁରୁବାର ମଧ ଗୃହରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। କଂଗ୍ରେସ ଶିକ୍ଷକମାନଙ୍କ ଆନ୍ଦୋଳନକୁ ମୁଖ୍ୟ ଅସ୍ତ୍ର କରିଥିବା ବେଳେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଉଠାଇଥିବା ଚାରା ଦୁର୍ନୀତିକୁ ନେଇ ଭାଜପା ସରକାରଙ୍କୁ ଘେରିଥିଲା। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ବିଧାନସଭାର ଗୃହକାର୍ଯ୍ୟ ବାଏଁ ବାଏଁ ଉଡିଯାଇଥିଲା। ମାତ୍ର ଗୁରୁବାର ପୂର୍ବାହ୍ନରେ ଅଧ ମିନିଟ୍ ପରେ ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ କରିଥିଲେ ବାଚସ୍ପତି ପ୍ରଦୀପ ଅମାତ।

୧୦ଟା ୩୦ ମିନିଟରେ ସଭା ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଶିକ୍ଷକ ଓ କୃଷି ବିଭାଗ ଦୁର୍ନୀତି ପ୍ରସଙ୍ଗ ନେଇ ବିରୋଧୀ ଗୃହକୁ ମାଡ଼ିଆସିଥିଲେ। ନାରାବାଜି ଓ ହଟ୍ଟଗୋଳରେ ଗୃହ କମ୍ପି ଉଠିଲା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା, ନବକିଶୋର ଦାସ, କେ. ସୂର୍ଯ୍ୟ ରାଓ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଗୃହର ମଧଭାଗକୁ ଆସି ଶିକ୍ଷକ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ଶିକ୍ଷକଙ୍କ ଦାବି ପୂରଣ କରିବା ଆମର ଦାବି... ଆମର ଦାବି... ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଅନ୍ୟପକ୍ଷରେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ନୀତିଶ ଗଙ୍ଗଦେବ ପ୍ରମୁଖ ଗୃହକୁ ଆସି ଚାରା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ଦାବି କରି ଗୃହରେ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ମୌକା ପାଇ ନ ଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ମାତ୍ର ଅଧ ମିନିଟ ପରେ ପୂର୍ବାହ୍ନ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।



ନିଖିଳ ଓଡ଼ିଶା ଅଣନିଯୁକ୍ତ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ପିଏମ୍‌ଜିଠାରେ ବିକ୍ଷୋଭ।

### ତୈଳଦର ବୃଦ୍ଧି ପ୍ରସଙ୍ଗ
## ଆଜିଠୁ ବିଜେଡିର ୩ଦିନିଆ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ବାରମ୍ବାର ତୈଳଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ କରିବାକୁ ଦଳ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତିବାଦରେ ୭ରୁ ୯ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟାୟକ୍ରମେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିଜେଡି ପକ୍ଷରୁ ଲିଫ୍‌ଲେଟ୍ ବଣ୍ଟନ କରାଯିବ।

### ଶୂନ୍ୟକାଳରେ ଶିକ୍ଷକ ପ୍ରସଙ୍ଗ
# ବାଚସ୍ପତିଙ୍କ ହସ୍ତକ୍ଷେପ ବିରୋଧୀ ଲୋଡ଼ିଲେ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଗତ ୨୧ ଦିନ ଧରି ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ରାଜଧାନୀରେ ଖରା ଓ ବର୍ଷାରେ ଭିଜି ଦାବି ପୂରଣ ନେଇ ରାତିଦିନ ଆନ୍ଦୋଳନ ଚଳାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଗତ ଦୁଇଦିନ ହେବ ବିଧାନସଭା ଉଠୁଛି ପଡୁଛି। ତେବେ ଗୁରୁବାର ଶୂନ୍ୟକାଳରେ ମଧ ବିରୋଧୀ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିଥିଲେ। ଶୂନ୍ୟକାଳରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶିକ୍ଷକ ଆନ୍ଦୋଳନ ସମସ୍ୟା ଉଠାଇ କହିଲେ, ରାଜ୍ୟରେ ଶିକ୍ଷକଙ୍କଠାରୁ ଆରମ୍ଭ କରି ଆଇନଜୀବୀ, ସରକାରୀ କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି। ମାତ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଶିକ୍ଷକମାନେ ଦୀର୍ଘଦିନ ହେବ ଆନ୍ଦୋଳନ ଚଳାଇଛନ୍ତି। ସରକାର ସେମାନଙ୍କ ସହିତ ଆଲୋଚନା କରୁନାହାନ୍ତି। ଫଳରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ଗତକାଲି ଆମେ ଆନ୍ଦୋଳନ ସ୍ଥଳରେ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲୁ। ସେମାନଙ୍କ ଦାବି ଯଥାର୍ଥ ଅଟେ। ଏହି ବିଷୟକୁ ଆମେ ବିରୋଧୀ ଦଳ ବିଧାନସଭାରେ ଉଠାଉଛୁ। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଶିକ୍ଷା ଏକ ମୌଳିକ ଅଧିକାର। ଉତ୍ତମ ଶିକ୍ଷା ଦେବା ସରକାରଙ୍କ ପ୍ରଥମ କାର୍ଯ୍ୟ। ଗରିବୀ ଦୂର କରିବାରେ ଶିକ୍ଷା ସହାୟକ ହୋଇଥାଏ। ସମାଧାନ କରିବା ପରିବର୍ତ୍ତେ ଶିକ୍ଷକମାନଙ୍କୁ ଧମକାଇବା ଆରମ୍ଭ କରିଛନ୍ତି ସରକାର। ଆନ୍ଦୋଳନ ଚଳାଇଥିବା ଶିକ୍ଷକଙ୍କ ଦରମା ବନ୍ଦ କରିବାକୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ସରକାର କିଛି ପଦକ୍ଷେପ ନ ନେଲେ ବାଚସ୍ପତି ଏଥିରେ ହସ୍ତକ୍ଷେପ କରିବା ଦରକାର। ସବୁ ଦଳର ସଦସ୍ୟଙ୍କୁ ଡାକି ଏହାର ସମାଧାନ ବାହାର କରିବାକୁ ସେ ଦାବି କରିଥିଲେ। ନରସିଂହଙ୍କ ସହ ସ୍ୱର ମିଳାଇଥିଲେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ସଭ୍ୟ ବିଭୂତି ଭୂଷଣ ହରିଚନ୍ଦନ, ପ୍ରଦୀପ ପୁରୋହିତ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି। ଶିକ୍ଷକମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରି ଅଚଳ ହୋଇପଡିଥିବା ଶିକ୍ଷା ବ୍ୟବସ୍ଥାକୁ ଫେରାଇ ଆଣିବାକୁ ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ବିମାନ ଉଡ଼ାଣ ପାଇଁ ପ୍ରସ୍ତୁତ ଝାରସୁଗୁଡ଼ା ବିମାନବନ୍ଦର

### ସମସ୍ତ ପ୍ରକାର ଭିତ୍ତିଭୂମି ଓ ସେବା ସହାୟତା ନିଶ୍ଚିତ କର: ପାଢ଼ୀ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନ ଲାଗି ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଆସିବେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳୀ ଝାରସୁଗୁଡା ଗସ୍ତରେ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ବିମାନବନ୍ଦର କାର୍ଯ୍ୟର ସମୀକ୍ଷା ଜୋର୍‌ଦାର କରାଯାଇଛି। ରାଜ୍ୟ ସରକାର ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମଧ୍ୟରେ ୨୦୧୪ରେ ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବା ଲାଗି ଭିତ୍ତିଭୂମି ମୂଳକ ବ୍ୟବସ୍ଥାକୁ ଚୂଡାନ୍ତରୂପ ଦିଆଯାଇଛି। ଏବେ ଝାରସୁଗୁଡା ବିମାନବନ୍ଦରରୁ ବିମାନ ଉଡାଣ ହୋଇପାରିବ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି।

ବନ୍ଦର ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମସ୍ତ ସୁବିଧା ସୁଯୋଗ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଶ୍ଚିତ କରାଇବା ଲାଗି ପାଢୀ ଝାରସୁଗୁଡା ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ଯୋଗାଯୋଗକୁ ସୁଗମ ଓ ସୁବିଧାଜନକ କରିବା ପାଇଁ ଆବଶ୍ୟକୀୟ ଆନୁଷଙ୍ଗିକ ସହାୟତା ଓ ସହଯୋଗ ତୁରନ୍ତ ଯୋଗାଇବା ପାଇଁ ମଧ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଝାରସୁଗୁଡା ବିମାନବନ୍ଦରରୁ ପ୍ରଥମ ପର୍ଯ୍ୟାୟ ଉଡାଣ ଆରମ୍ଭ ଲାଗି ଝାରସୁଗୁଡା ବିମାନବନ୍ଦରର ଭିତ୍ତିଭୂମି କାର୍ଯ୍ୟ ଚୂଡାନ୍ତ ହୋଇଛି। ଏହି ବିମାନବନ୍ଦର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ୧୧୮.୭୫ଏକର ଜମି ଯୋଗାଇ ଦିଆଯାଇଛି। ଏହାର ଭିତ୍ତିଭୂମି ନିର୍ମାଣ ପାଇଁ ୨୧୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୭୫କୋଟି ଟଙ୍କା ଦିଆଯାଇଛି। ବିମାନବନ୍ଦରର ସୁରକ୍ଷା ଓ ଉଡାଣ ସହାୟତା ପାଇଁ ୫୨ଜଣ ପୋଲିସ୍ ଓ ଅଗ୍ନିଶମ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବିମାନବନ୍ଦରରେ ବିଦ୍ୟୁତ ଓ ଜଳଯୋଗାଣ ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ଯୋଗାଯାଇଛି। ଏହି ବିମାନବନ୍ଦରରୁ ଭୁବନେଶ୍ୱର ଓ ରାଞ୍ଚିକୁ ବିମାନ ଯୋଗାଯୋଗ ହେବ। ସପ୍ତାହକ ମଧ୍ୟରେ ଏକ ପରୀକ୍ଷାମୂଳକ ଭାବେ ଉଡାଣ ହେବ। ଖୁବ୍‌ଶୀଘ୍ର ଆର୍.ସି.ଏସ୍. ଉଡାଣ ଯୋଜନାର ବିମାନ ସେବା ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଫସଲ ବୀମାକୁ ନେଇ ହଙ୍ଗାମା

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଚାଷୀ ପାଉନାହାନ୍ତି ଫସଲ ବୀମା। ୨୦୧୬ରୁ ବୀମା ରାଶି ମିଳିନାହିଁ। ଦୂବଘାସ ନ ଥିଲା। କେମିତି ଫଟୋ ନେଲେ ଯେ, ଚାଷୀଙ୍କୁ ବୀମା ମିଳିଲା ନାହିଁ। ଚାଷୀ ପ୍ରକୃତରେ ପାଉଛନ୍ତି କି ନାହିଁ ସେ ବିଷୟରେ ମନ୍ତ୍ରୀ କିଛି ବୁଝନ୍ତି ନାହିଁ। ଅଫିସର ଯାହା ଲେଖିଦେଲେ ତାକୁ ପଢ଼ିଦେଉଛନ୍ତି। ଚାଷୀ ଅମଳ କରୁଛି ବୋଲି ଆମେ ଏଠି ଭାଷଣ ମାରୁଛୁ। ଆମେ ଚାଷୀ ପରିବାରରୁ ଆସିଛୁ କିନ୍ତୁ ଲଙ୍ଗଳ ଧରୁନାହୁଁ। ଆମେ ଚାଷୀଙ୍କ ପାଇଁ ଛିଡ଼ା ନ ହେଲେ ସେମାନେ ଆମକୁ କାହିଁକି ଭୋଟ ଦେବେ। ବୀମା କମ୍ପାନୀ ଧରାଛୁଆଁ ଦେଉନାହାନ୍ତି। ବୀମା ଅର୍ଥ ଚାଷୀଙ୍କୁ ମିଳୁନାହିଁ। କୋ-ଅପରେଶନ ବିଭାଗ କରପ୍‌ଶନ ବିଭାଗରେ ପରିଣତ ହୋଇଗଲାଣି। ଫସଲ କଟିଂ କିଏ କରୁଛି ସେ ବିଷୟରେ କେହି ଜାଣୁନାହାନ୍ତି। ରିପୋର୍ଟ କେଉଁଠି ରହିଛି ତାହା ମଧ କାହାରିକୁ ଜଣାନାହିଁ। ରାଜ୍ୟରେ ଏଭଳି ଅନ୍ଧାରି ଶାସନ ଚାଲିଛି। ଏଭଳି ଅଭିଯୋଗ ଆଣି ମୁଲତବୀ ଆଲୋଚନା ବେଳେ ବିରୋଧୀ ଓ ଶାସକ ସଦସ୍ୟମାନେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ହଲାପଟା କରିଥିଲେ। ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଇ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲେ। ବୀମା ପ୍ରଦାନ ଉପରେ ମନ୍ତ୍ରୀ ଦେଉଥିବା ଉତ୍ତରକୁ ବିରୋଧ କରି କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲିଯାଇଥିଲେ।

କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କୃଷି ବୀମା ରାଶି ପାଇବାରୁ ବଞ୍ଚିତ ଓଡ଼ିଶା କୃଷକ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏହାକୁ ସମର୍ଥନ କରି କଂଗ୍ରେସ ସଦସ୍ୟ ନବ କିଶୋର ଦାସ ଚାଷୀ ବୀମା ନ ପାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ଦାୟୀ ବୋଲି କହିଥିଲେ। ରାଜ୍ୟ ସରକାର କିନ୍ତୁ କେନ୍ଦ୍ରକୁ ଘଣ୍ଟ ଘୋଡ଼ାଉଛନ୍ତି। ଯଦି ଚାଷୀଙ୍କୁ ବୀମା ଦେଇପାରୁନାହଁ, ତେବେ ଗୃହରେ ଏ ନେଇ ଏକ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି ଦାବି କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଚାଷୀଙ୍କୁ ବୀମା ଅର୍ଥ ମିଳୁ ନ ଥିବା ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମନ୍ତ୍ରୀ ଯେଉଁ ଲିଖିତ ଉତ୍ତର ଦେଉଛନ୍ତି ତାହା ଅତ୍ୟନ୍ତ ନୈରାଶ୍ୟଜନକ ଓ ଅନଭିଜ୍ଞ। ମନ୍ତ୍ରୀ ବିଭାଗ କଥା ଜାଣିନାହାନ୍ତି। ପଦରେ ରହିବା ମନ୍ତ୍ରୀଙ୍କର ନୈତିକ ଅଧିକାର ନାହିଁ। ଶସ୍ୟକଟା ରିପୋର୍ଟ ଅନେକ ଜିଲାରେ ହଜିଯାଇଛି। ବଲାଙ୍ଗୀର ଜିଲାର ନ'ଗାଁ ପଞ୍ଚାୟତରେ ୯୦ ପ୍ରତିଶତ ଶସ୍ୟ କ୍ଷତି ହୋଇଥିବା ବେଳେ ସେହି ପଞ୍ଚାୟତର ୩ଟି ଗାଁକୁ କିପରି ବାଦ୍ ଦିଆଗଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଅଫିସର ଯାହା ଲେଖିଦେଲେ ମନ୍ତ୍ରୀ ସେଥିରେ ଦସ୍ତଖତ କରିଦେଲେ। ସରକାର କେତେଦିନ ଭିତରେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବେ, ସେ ବିଷୟରେ ଜଣାଇବାକୁ ନରସିଂହ ଦାବି କରିଥିଲେ। ଯୋଗେନ୍ଦ୍ର ବେହେରା କହିଲେ, ଚାଷୀଙ୍କ ପାଇଁ ସବୁ ନାଟ। ଆମେ ଚାଷୀ ପରିବାରରୁ ଆସିଛୁ କିନ୍ତୁ ଲଙ୍ଗଳ ଧରୁନାହୁଁ। ୨୦୧୬ ମସିହାରୁ ଲୋଇସିଙ୍ଗା ବ୍ଲକର ୪ଟି ଗ୍ରାମ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ଏତେ ଯୋଜନା କରୁଛନ୍ତି, ମାତ୍ର କେତେଜଣ ଚାଷୀଙ୍କୁ ବୀମା ରାଶି ଦେଇପାରିବେ ନାହିଁ। ତୁରନ୍ତ ବୀମା ଅର୍ଥ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

କଂଗ୍ରେସ ସଭ୍ୟ ପ୍ରଫୁଲ୍ଲ ମାଝି, ତାରା ପ୍ରସାଦ ବାହିନୀପତି, ଭାଜପା ସଦସ୍ୟ ରବି ନାଏକ, ପ୍ରଦୀପ ପୁରୋହିତ, ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ, ଜୀବନ ପ୍ରଦୀପ ଦାଶ, ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖ ଚାଷୀମାନେ ବୀମା ପାଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବୀମା ରାଶି ତୁରନ୍ତ ଦେବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ୩ ଦିନ ତଳେ ବଲାଙ୍ଗୀର ଯାଇ ୨୨ଟି ଜାଗା ବୁଲିଲି। ସେଠାରେ ବୀମା ପାଇ ନ ଥିବା ନେଇ ବହୁ ଅଭିଯୋଗ ଆସିଛି। ଚଳିତ ମାସ ୮ ତାରିଖରେ କେନ୍ଦ୍ର ସରକାରଙ୍କର ଦୁଇଜଣ ଅଧିକାରୀ ଆସିବେ। ସେମାନେ ରାଜ୍ୟ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସମସ୍ୟାର ସମାଧାନ କରାଯିବ। କେନ୍ଦ୍ର ସରକାର ୨୨ଟି ବୀମା କମ୍ପାନୀଙ୍କ ନାମ ଦେଇଛନ୍ତି। ସେମାନଙ୍କୁ ଟେଣ୍ଡର ମାଧମରେ ୩/୪ଟି ଜିଲାର ଦାୟିତ୍ୱ ଦିଆଯାଉଛି। ରାଜ୍ୟର ୩ ହଜାର ଜାଗାରେ କ୍ରପ୍ କଟିଂ ହେଉଛି। ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ହେଉଛି। ଧାନ ପାଇଁ ପଞ୍ଚାୟତକୁ ୟୁନିଟ୍ ଭାବେ ଧରାଯାଉଥିବା ବେଳେ ଅନ୍ୟ ଫସଲ ପାଇଁ ବ୍ଲକକୁ ୟୁନିଟ୍ ରୂପେ ନିଆଯାଉଛି। ୨୦୧୭ ଖରିଫ ପାଇଁ ୪ଟି ବୀମା କମ୍ପାନୀ ୧୬୩୭.୪୫ କୋଟି ଆକଳନ କରିଥିବା ବେଳେ ୨୦୧୮ ସେପ୍ଟେମ୍ବର ୪ ସୁଦ୍ଧା ବୀମା ରାଶି ବାବଦରେ ୧୫୯୪.୦୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଉଥିବା ବେଳେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମନ୍ତ୍ରୀଙ୍କୁ ଲକ୍ଷ୍ୟକରି କହିଲେ, ଆମକୁ ଆଉ ଇତିହାସ ଭୂଗୋଳ ପଢ଼ାନ୍ତୁ ନାହିଁ। ବୀମା ଅର୍ଥ କେବେ ସୁଦ୍ଧା ଚାଷୀଙ୍କୁ ଦେବେ ସେ କଥା କୁହନ୍ତୁ । ମନ୍ତ୍ରୀଙ୍କ ଉତ୍ତର ଠିକ୍ ନାହିଁ କହି ଗୃହର ମଧଭାଗକୁ ଆସି ପାଟିତୁଣ୍ଡ କରିବା ସହ ବିଧାନସଭା କକ୍ଷ ଛାଡି ଚାଲିଯାଇଥିଲେ। ସେହିପରି ଭାଜପା ସଦସ୍ୟମାନେ ମଧ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବାହାରକୁ ଯାଇଥିଲେ।

**ମୁଲତବୀ ଆଲୋଚନା**

- ଆମେ ଚାଷୀ ପରିବାରରୁ ଆସିଛୁ, ଲଙ୍ଗଳ ଧରୁନା: ଶାସକ
- ଆମକୁ ଆଉ ଇତିହାସ ଭୂଗୋଳ ପଢ଼ାନ୍ତୁ ନାହିଁ: ବିରୋଧୀ
- ୧୫୯୪ କୋଟି ଦେଇଛନ୍ତି ବୀମା କମ୍ପାନୀ: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷ ତ୍ୟାଗ






କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ଭବ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆତ୍ମ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଖାସ ଦିଏ- ସେତିକି ବେଳେ। -ଶ୍ରୀଅରବିନ୍ଦ



# ଟାଳଟୁଳ ନୀତି ଛାଡ଼

ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଡଲାର ତୁଳନାରେ ନାଇନ୍‌ପିନ୍ସ ଖେଳର ବୋଲିଂ ବଲ୍ ଗଡ଼ିବା ପରି ପ୍ରତିଦିନ ଖସି ଖସି ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଲାଣି। ବିଶ୍ୱ ଅର୍ଥନୈତିକ ପ୍ରତିକୂଳ ହାୱାରେ ଗୁରୁବାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୨ ସ୍ତର ପର୍ଯ୍ୟନ୍ତ ପ୍ରଥମଥର ପାଇଁ ଖସି ଆସିଛି। ଏକ ଡଲାରର ମୂଲ୍ୟ ପାଖାପାଖି ଟ୭୧.୯୯ ହୋଇଛି। ଏହା ପୂର୍ବରୁ ଟଙ୍କାର ଏପରି ଶୋଚନୀୟ ଅବମୂଲ୍ୟାୟନ କେବେ ଘଟି ନ ଥିଲା। ଗୋଟିଏ ମାସ ଭିତରେ ଟଙ୍କାର ମୂଲ୍ୟ ପ୍ରାୟ ଟ୩.୫୦ ଖସିଛି, ଯେଉଁଥିରୁ ପ୍ରାୟ ଟ୨.୦୦ ସାତଟି ବାଣିଜ୍ୟିକ ଦିବସରେ ଖସିଛି। ତୁର୍କୀ ଓ ଆର୍ଜେଣ୍ଟିନାର ଆର୍ଥିକ ବଜାରରେ ମାନ୍ଦାବସ୍ଥାକୁ ନେଇ ସର୍ବତ୍ର ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ଗତ କିଛି ସପ୍ତାହ ତଳୁ ଟଙ୍କାର ଯେପରି ଅବମୂଲ୍ୟାୟନ ଘଟିଛି, ଅନ୍ୟ ବିକାଶଶୀଳ ଦେଶର ମୁଦ୍ରା କ୍ଷେତ୍ରରେ ମଧ୍ୟ ସେପରି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି, ଯାହା ଟଙ୍କାର ମୂଲ୍ୟ ଉପରେ ଆହୁରି ପ୍ରତିକୂଳ ପ୍ରଭାବ ପକାଉଛି। ଇରାନ ଉପରେ ଆମେରିକୀୟ କଟକଣା ଅଶୋଧିତ ତୈଳର ଅଭାବଜନିତ ପରିସ୍ଥିତିକୁ ଆହୁରି ଖରାପ କରିବା ଆଶଙ୍କାରେ ୧୫ ଦିନ ଭିତରେ ଏହାର ମୂଲ୍ୟ ବ୍ୟାରେଲ ପିଛା ୭ ଡଲାର ବୃଦ୍ଧି ପାଇଛି। ଯେଉଁ ହାରରେ ଟଙ୍କାର ଅବମୂଲ୍ୟାୟନ ଘଟିଚାଲିଛି, ତାହା ବିଦେଶୀ ବ୍ୟାଙ୍କରୁ ଋଣ ଆଣିଥିବା କର୍ପୋରେଟ୍‌ଗୁଡ଼ିକୁ ଦେବାଳିଆ କରିଦେଇପାରେ ଏବଂ ସେମାନଙ୍କର ରେଟିଂ ବିଯୁକ୍ତାତ୍ମକ ହୋଇପାରେ। କାରଣ ସେମାନେ ତାଙ୍କର ଅଧିକାଂଶ ବୈଦେଶିକ ମୁଦ୍ରା (ଡଲାର)କୁ ସୁରକ୍ଷିତ ରଖିବାର ବିକଳ୍ପ ବ୍ୟବସ୍ଥା କରିନାହାନ୍ତି। ଯଦି ଏପରି ଅନିଶ୍ଚିତତା ଜାରି ରହେ, ତେବେ ଭାରତରୁ ବହୁ ପରିମାଣରେ ପୁଞ୍ଜି ପ୍ରତ୍ୟାହାର ହେବାର ଆଶଙ୍କା ରହିଛି। ଆମେରିକା ତଥା ଅନ୍ୟ ବିକଶିତ ଦେଶରେ ସୁଧହାର ବୃଦ୍ଧି ପାଉଥିବାରୁ ନିବେଶକମାନେ ସେସବୁ ଦେଶମୁହାଁ ହେବେ। କିନ୍ତୁ ସରକାର ଏପରି ସଂକଟ ସମୟରେ ଆଦୌ ଚିନ୍ତିତ ଥିବା ପରି ଜଣାପଡୁନାହାନ୍ତି। ପ୍ରତିଦିନ ଟଙ୍କାର ଅବମୂଲ୍ୟାୟନ ଘଟୁଥିବା ବେଳେ ସରକାର ନିଦାବିଷ୍ଟୁ ପାଲଟିଛନ୍ତି। ତାଙ୍କର ଯୁକ୍ତି ହେଉଛି, ବିନା ବିଶେଷ ଚେଷ୍ଟାରେ ଟଙ୍କା ଆପଣାଛାଏଁ ଉଠି ଠିଆହେବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ବୁଧବାର କହିଲେ ଯେ, ଟଙ୍କାର ଅବମୂଲ୍ୟାୟନକୁ ରୋକିବା ପାଇଁ ସରକାର କିଛି କରିପାରିବେ ନାହିଁ।

## ଆଜିର ଅର୍ଥନୀତି

ଟଙ୍କାର ଅବମୂଲ୍ୟାୟନ ଅପେକ୍ଷା ମାତ୍ରାଧିକ ତୈଳଦର ବୃଦ୍ଧି ସାଧାରଣ ଲୋକଙ୍କୁ ଖୁବ୍ ବାଧୁଛି। ତୈଳଦର ବୃଦ୍ଧି ଯୋଗୁ ଅନ୍ୟାନ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଉଛି। ଏହି ଦରଦାମ୍ ବୃଦ୍ଧି ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବ। ମୁଦ୍ରାସ୍ଫୀତି ବଢ଼ିବା ଦେଖି ରିଜର୍ଭ ବ୍ୟାଙ୍କ ସୁଧହାର ବୃଦ୍ଧି କରିବାକୁ ବାଧ୍ୟହେବ, ଯାହା ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଭିଶାପ। ଏ ସରକାରର ପ୍ରଥମ ତିନିବର୍ଷରେ, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର କମୁଥିଲା, ସେତେବେଳେ ତା'ର ଲାଭ ଲୋକଙ୍କୁ ନ ଦେଇ ସରକାର ନିଜର ପାଣ୍ଠି ବୃଦ୍ଧି କରିଥିଲେ। ଏବେ ଦରଦାମ୍ ବୃଦ୍ଧି ସହ ଅଗଷ୍ଟ ମାସ ଓ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମାତ୍ରାଧିକ ବର୍ଷା ହେବା ଫଳରେ ବିଭିନ୍ନ ରାଜ୍ୟରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଏଭଳି ସମୟରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବୁଧବାର ପେଟ୍ରୋଲ ଓ ଡିଜେଲ ଦର କମାଇବା ପାଇଁ ଉତ୍ପାଦନ ଶୁଳ୍କ ହ୍ରାସ କରିବାକୁ ରୋକ୍‌ଠୋକ୍ ମନା କରିଦେବା ଦୁର୍ଭାଗ୍ୟଜନକ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲର ଖୁଚୁରା ଦରର ପ୍ରାୟ ଅଧା ହେଉଛି କେନ୍ଦ୍ର ଓ ରାଜ୍ୟ ଟିକସ। ଟଙ୍କାର ଅବମୂଲ୍ୟାୟନ ସହ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଅଗଷ୍ଟ ମଧ୍ୟଭାଗରୁ ଖୁଚୁରା ତୈଳ ଦର ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଯଦି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଏହିପରି କମିବାରେ ଲାଗେ ତେବେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବୃଦ୍ଧି ପାଇବ। ତେଣୁ ସରକାର ଏବେ ଟାଳଟୁଳ ନୀତି ଛାଡ଼ି ତୁରନ୍ତ ପଦକ୍ଷେପ ନେବା ଉଚିତ। ସରକାର ଟଙ୍କାର ଅବମୂଲ୍ୟାୟନ ରୋକିବା ଲାଗି ବିହିତ ପଦକ୍ଷେପ ନେବା ସହ ଖୁଚୁରା ବଜାରରେ ତୈଳଦର ହ୍ରାସ କରିବା ଲାଗି ଉତ୍ପାଦନ ଶୁଳ୍କ କମାଇବା ଦରକାର। ସାଧାରଣ ନିର୍ବାଚନ ଆଉ ବର୍ଷକରୁ କମ୍ ଥିବା ବେଳେ ସରକାର ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିବା ଆଶ୍ଚର୍ଯ୍ୟଜନକ।

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ !
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ। (କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | D | | 7 | | | 6 | | A | 5 | 2 | | |
| 9 | | | | B | | | | 4 | 6 | | E | | | |
| | 8 | | | | 4 | | 1 | | | | C | | | 3 |
| | 2 | 5 | | E | | B | | | | | | | | 6 |
| | | | | | | D | | | | 8 | 0 | | | 4 |
| C | | | 7 | | | 2 | E | | | | 1 | | | 0 |
| | 9 | | 6 | | 2 | | | | | | | 8 | 7 | |
| | D | | | 8 | | | | | E | 4 | 7 | | | |
| | | | 3 | | 9 | | | 7 | 8 | | | | 5 | B |
| | | | 5 | 0 | | | | | | 3 | | | D | |
| | | | | 9 | | | | | 7 | | 8 | 3 | | |
| | | 0 | B | 3 | | | 2 | | 4 | 5 | | 9 | | |
| | B | | 2 | | | | 0 | | | D | | 4 | | |
| 1 | | | E | | | | B | | | 9 | | | | C |
| 6 | | 4 | | | 8 | | 9 | D | | | | A | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 1 | 9 | A | 2 | 0 | D | 8 | C | B | 3 | 5 | 7 | 6 |
| 5 | 3 | D | B | 7 | C | 6 | 1 | 9 | A | 4 | 0 | 2 | 8 | E |
| 8 | C | 2 | 3 | 6 | 4 | B | A | 5 | 1 | 7 | E | 0 | D | 9 |
| 9 | A | 6 | D | E | 0 | 7 | 3 | C | 5 | 2 | 8 | 1 | B | 4 |
| 0 | 7 | B | 8 | 5 | 1 | E | 2 | 4 | 6 | D | 9 | C | 3 | A |
| B | 1 | 4 | A | C | E | 9 | 8 | D | 2 | 3 | 6 | 7 | 0 | 5 |
| 6 | 0 | 9 | 4 | 3 | 7 | A | C | 1 | E | 5 | B | D | 2 | 8 |
| E | 2 | A | 5 | 8 | D | 3 | 6 | 7 | 0 | C | 1 | 4 | 9 | B |
| 7 | 5 | C | 2 | 0 | 6 | 4 | B | E | 9 | 8 | D | 3 | A | 1 |
| 3 | D | 8 | 1 | 9 | B | 5 | 0 | 2 | 4 | A | 7 | E | 6 | C |
| A | 6 | E | 0 | 4 | 3 | 8 | 5 | B | 7 | 1 | 2 | 9 | C | D |
| C | 9 | 0 | 6 | 1 | 8 | D | 7 | A | 3 | E | 4 | B | 5 | 2 |
| 1 | 4 | 5 | 7 | B | A | 2 | 9 | 6 | D | 0 | C | 8 | E | 3 |
| D | 8 | 7 | E | 2 | 9 | C | 4 | 3 | B | 6 | 5 | A | 1 | 0 |
| 2 | B | 3 | C | D | 5 | 1 | E | 0 | 8 | 9 | A | 6 | 4 | 7 |

ଗତକାଲିର ଉତ୍ତର

# ଏମ୍‌ଏସ୍‌ପି ଓ ଚାଷୀ ଆତ୍ମହତ୍ୟା



ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଆଜି ଦେଶରେ ପ୍ରତି ଘଣ୍ଟାରେ ୨ ଜଣ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ବର୍ଷକୁ ୧୨ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି। ଚାଷୀ ଆତ୍ମହତ୍ୟାର ବହୁ କାରଣ ଥାଇପାରେ, କିନ୍ତୁ ମୁଁ ଚାଷୀମାନଙ୍କ ସହିତ ମିଶି ଯାହା ଅନୁଭବ କରୁଛି, ତାହା ହେଉଛି ଚାଷୀଙ୍କ ଭୁଶୁଡ଼ି ପଡ଼ିଥିବା ଆର୍ଥିକ ଅବସ୍ଥା। ଚାଷୀଭାଇ ଗୋଟିଏ ଫସଲର ଅମଳ ସମୟରେ ଯାହା ରୋଜଗାର କରେ, ତାହାକୁ ପୁଣି ପରବର୍ତ୍ତୀ ଚାଷରେ ଖର୍ଚ୍ଚ କରିଦେଇଥାଏ। ଚାଷ ପାଇଁ ଋଣ, ଘର ଚଳାଇବା ପାଇଁ ଋଣ ଚାଷୀର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଦେଇଥାଏ। ପୁଣି ପିଲାଙ୍କ ପାଠପଢ଼ା, ଚିକିତ୍ସା ପାଇଁ ଅର୍ଥ ନ ଥିବାବେଳେ ସେମାନଙ୍କ ବିବାହବ୍ରତ ପାଇଁ ଚାଷୀଭାଇ ଋଣଗ୍ରସ୍ତ ହେଉଛି। ଚାଷରୁ ଉତ୍ପନ୍ନ କୃଷିଜାତ ଦ୍ରବ୍ୟର ବିକ୍ରି ମୂଲ୍ୟ ଉତ୍ପାଦନ ଖର୍ଚ୍ଚଠାରୁ କମ୍ ହୋଇଥିବାରୁ ଚାଷୀ ଋଣ ଶୁଝିପାରୁ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ତା'ର ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିଦେଉଛି। ଖରାପ ଆର୍ଥିକ ଅବସ୍ଥା ଚାଷୀ ଆତ୍ମହତ୍ୟାର ପ୍ରମୁଖ କାରଣ। ଆମ ରାଜ୍ୟରେ ଚାଷୀର ଅର୍ଥନୀତି ଧାନଚାଷ ଉପରେ ନିର୍ଭର କରିଥାଏ। ୨୦୧୭-୨୦୧୮ ବର୍ଷରେ ଚାଷୀ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୩୪୪ଟଙ୍କା ଖର୍ଚ୍ଚ କରିଥିବାବେଳେ ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ହିସାବରେ ମାତ୍ର ୧୫୫୦ଟଙ୍କା ମିଳିଥିଲା।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶ୍ରମିକ ମଜୁରିକୁ ୨୦୦ଟଙ୍କା ହିସାବରେ ନେଇ ୨୦୧୫ ମସିହାରେ ଏମ୍‌ଏସ୍‌ପି ହିସାବ କରିଥିଲା। ଏବେ ଓଡ଼ିଶାରେ ଅଣକୁଶଳୀ କୃଷି ଶ୍ରମିକର ଦୈନିକ ମଜୁରି ସରକାରୀ ଭାବେ ଟ୨୨୪.୩୦ ହୋଇଥିଲେ ହେଁ ପ୍ରକୃତରେ ଚାଷୀକୁ ଶ୍ରମିକ ମଜୁରି ବାବଦରେ ୨୫୦ରୁ ୩୦୦ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥାଏ। ସୁତରାଂ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀକୁ ପ୍ରାୟ ୨୭୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏପରି ସ୍ଥଳେ ୨୦୧୮-୧୯ ଖରିଫ ଏବଂ ରବି ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ୧୭୫୦ଟଙ୍କା ଧାର୍ଯ୍ୟ କରିବା କେତେଦୂର ଗ୍ରହଣୀୟ ? ଧାନ ଉତ୍ପାଦନ ଖର୍ଚ୍ଚ ଏବଂ ଏମ୍‌ଏସ୍‌ପିକୁ ଦେଖିଲେ ଏଥିରୁ ସ୍ପଷ୍ଟ ଯେ ଚାଷୀଭାଇ ୧ କୁଇଣ୍ଟାଲ ଧାନ ଉତ୍ପାଦନ କରି ପ୍ରାୟ ୧୦୦୦ଟଙ୍କା କ୍ଷତି ସହୁଛି, ଯେଉଁଥିପାଇଁ ଚାଷୀର ଆର୍ଥିକ ଅବସ୍ଥା ଦିନକୁ ଦିନ ଦୁର୍ବଳ ହୋଇଯାଉଛି।

ଚାଷୀମାନଙ୍କଠାରୁ ସଂଗୃହୀତ ତଥ୍ୟ ଅନୁସାରେ, ୧ ଏକର ଧାନଚାଷ କରିବା ପାଇଁ ପ୍ରାୟ ୮୪ଟି ମଜୁରି ଆବଶ୍ୟକ ପଡ଼ିଥାଏ। ଶ୍ରମିକ ମଜୁରି ଯଦି ଦୈନିକ ୨୫୦ଟଙ୍କା ଲେଖାଏଁ ହିସାବ କରାଯାଏ ତେବେ ଏକ ଏକର ଧାନଚାଷ ପାଇଁ ଚାଷୀଭାଇକୁ ୨୧,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ସରକାରଙ୍କ ହିସାବ ଅନୁସାରେ ୧ ଏକର ଜମିରୁ ହାରାହାରି ୧୪ କୁଇଣ୍ଟାଲ ଧାନ ଅମଳ ହୁଏ। ତେବେ ଚାଷୀକୁ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦରେ ୧୫୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଆପଣ ଭାବୁଥିବେ ଏବେ ଚାଷୀଭାଇମାନେ ଯାନ୍ତ୍ରିକ ପଦ୍ଧତିରେ ଚାଷ କଲେଣି। ଚାଷୀଭାଇମାନେ ଟ୍ରାକ୍ଟର, ପାୱାରଟିଲର୍, କମ୍ବାଇନ୍ ହାର୍ଭେଷ୍ଟର, ଟ୍ରାନ୍ସପ୍ଲାଣ୍ଟର ବ୍ୟବହାର କରୁଛନ୍ତି, ହେଲେ ଶ୍ରମିକ ମଜୁରି ବାବଦରେ ଏତେ ଖର୍ଚ୍ଚ ହେଉଛି କିପରି ?

ଆଜ୍ଞା ! ଆମ ଦେଶରେ ଯାନ୍ତ୍ରିକ କୃଷି ମାତ୍ର ୪୦ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟରେ ଏହା ୨୦ ପ୍ରତିଶତରୁ କମ୍। ଆଉ ସବୁଠାରୁ ବଡ଼ କଥା ହେଉଛି ଯାନ୍ତ୍ରିକ କୃଷିରେ ଦେଶର ସବୁଠାରୁ ଆଗୁଆ ପଞ୍ଜାବରେ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୪୯୦ଟଙ୍କା ଖର୍ଚ୍ଚ ହେଉଛି ବୋଲି ପଞ୍ଜାବ ସରକାର ସିଏସିପିକୁ ଜଣାଇଥିଲେ। ଏହାଛଡ଼ା ବିହନ, ସାର, କୀଟନାଶକ, ଜୈବିକ ଖତ, ଜଳକର, ଖଜଣା, କୃଷିଋଣ ପାଇଁ ସୁଧ ବାବଦ ଖର୍ଚ୍ଚ ହିସାବକୁ ନେଲେ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ପ୍ରାୟ ୨୭୦୦ଟଙ୍କା ଖର୍ଚ୍ଚ ହେଉଛି। ଏ ପରିସ୍ଥିତିରେ ଭାଗଚାଷୀଙ୍କ କଥା ନ କହିଲେ ଭଲ। ଭାଗଚାଷୀକୁ ଉତ୍ପାଦିତ ଧାନର ଏକ ତୃତୀୟାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ।

ଗତବର୍ଷ ଆମ ବିଧାନସଭାରେ ସର୍ବସମ୍ମତିକ୍ରମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ଟଙ୍କା (ଉତ୍ପାଦନ ଖର୍ଚ୍ଚ ୨୩୪୪ଟଙ୍କା+ଉତ୍ପାଦନ ଖର୍ଚ୍ଚର ୨୫%) କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଧାନର ଏମ୍‌ଏସ୍‌ପି ୨୯୩୦ଟଙ୍କା କରିବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା, ହେଲେ ଏହାକୁ ଅଣଦେଖା କରାଯାଇ ଧାନର ଏମ୍‌ଏସ୍‌ପି ଚଳିତ ବର୍ଷ ଅପେକ୍ଷା କୁଇଣ୍ଟାଲ ପ୍ରତି ୨୦୦ଟଙ୍କା ବୃଦ୍ଧିକରି ଚାଷୀଭାଇଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯାଇଛି।

ଭାଜପା ଚାଷୀଭାଇଙ୍କୁ ଭରସା ଦେଇଥିଲା ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ଏମ୍.ଏସ୍. ସ୍ୱାମୀନାଥନ୍ ସୁପାରିସକୁ କାର୍ଯ୍ୟକାରୀ କରି ଧାନର ଏମ୍‌ଏସ୍‌ପିକୁ ଉତ୍ପାଦନ ଖର୍ଚ୍ଚଠାରୁ ୫୦ପ୍ରତିଶତ ଅଧିକ କରିବେ। ଜାତୀୟ କୃଷକ କମିଶନ ଅଧ୍ୟକ୍ଷ ସ୍ୱାମୀନାଥନ୍ ୨୦୦୬ ମସିହାରେ ସୁପାରିସ କରିଥିଲେ ଖାଦ୍ୟଶସ୍ୟର ଏମ୍‌ଏସ୍‌ପି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା କରିବା ପାଇଁ। ତତ୍କାଳୀନ ଉପା ସରକାର ଏହି ସୁପାରିସକୁ କାର୍ଯ୍ୟକାରୀ କରି ନ ଥିଲେ। ଭାଜପା କ୍ଷମତାକୁ ଆସିବା ପରେ ଚାଷୀଭାଇଙ୍କୁ ଦେଇଥିବା ପ୍ରତିଶ୍ରୁତି ୪ବର୍ଷ କାଳ ଭୁଲିଯାଇଥିଲେ। ୨୦୧୯ ନିର୍ବାଚନ ପାଖେଇ ଆସିବାରୁ ଭୋଟ୍‌କୁ ଆଖି ଆଗରେ ରଖି ଧାନ ଉତ୍ପାଦନ ଖର୍ଚ୍ଚର ଭୁଲ୍ ହିସାବ ଦେଇ ସରକାର କହୁଛନ୍ତି ଯେ, ଧାନର ଏମ୍‌ଏସ୍‌ପି ସ୍ୱାମୀନାଥନ୍ କମିଟିର ସୁପାରିସ ଅନୁସାରେ ବୃଦ୍ଧି କରାଯାଇଛି। ଅର୍ଥାତ୍ ଧାନର ଏମ୍‌ଏସ୍‌ପି ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ହୋଇଛି, ଯାହା ସମ୍ପୂର୍ଣ୍ଣ ଭୁଲ୍ । ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦ ଚାଷୀଭାଇଙ୍କୁ ପ୍ରାୟ ୧୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ କେନ୍ଦ୍ର ସରକାର କିପରି କହୁଛନ୍ତି କୃଷି ବ୍ୟୟ ଓ ମୂଲ୍ୟ ଆୟୋଗ (ସିଏସିପି)ର ଧାନର C2 ଫର୍ମୁଲା ଅନୁସାରେ ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପ୍ରତି ୧୧୬୬ ଟଙ୍କା ହେଉଛି।

C2 ଫର୍ମୁଲା ହେଲା ସିଏସିପି କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ହିସାବ ପାଇଁ ଯେଉଁ ୩ଟି ଫର୍ମୁଲା ବ୍ୟବହାର କରନ୍ତି ସେଥିମଧ୍ୟରୁ ଗୋଟିଏ। ଅନ୍ୟ ଦୁଇଟି ଫର୍ମୁଲା ହେଉଛି A2 ଏବଂ A2+FL। A2 ହେଉଛି ସେହି ଉତ୍ପାଦନ ଖର୍ଚ୍ଚ ଯାହାକୁ ଚାଷୀ ନିଜେ ଅନ୍ୟକୁ ପ୍ରଦାନ କରିଥାଏ, ଯଥା- ଜମି ବେଉଷଣ ପାଇଁ ଖର୍ଚ୍ଚ, ଜଳକର, ସାର, ବିହନ, କୀଟନାଶକ, ଧାନବୁଣାଠାରୁ ଆରମ୍ଭକରି ଧାନ ଅମଳ ପର୍ଯ୍ୟନ୍ତ ମଜୁରି ଖର୍ଚ୍ଚ ଇତ୍ୟାଦି। A2+FL ହେଉଛି A2 ଖର୍ଚ୍ଚ ସହିତ ପରିବାର ଲୋକଙ୍କ ଶ୍ରମ। C2 ହେଉଛି A2+FL ସହିତ ଚାଷଜମିର ଭଡ଼ା ଏବଂ ଚାଷ ପାଇଁ ବ୍ୟବହୃତ ଅର୍ଥର ସୁଧ। ପ୍ରକୃତରେ C2 ଫର୍ମୁଲା ହେଉଛି ଉତ୍ପାଦନ ଖର୍ଚ୍ଚ ନିର୍ଦ୍ଧାରଣର ପ୍ରକୃଷ୍ଟ ଉପାୟ, ଯାହାକୁ ସ୍ୱାମୀନାଥନ୍ ସୁପାରିସ କରିଥିଲେ। ହେଲେ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି C2 ଫର୍ମୁଲା ଅନୁସାରେ ନିର୍ଦ୍ଧାରଣ ହୋଇଛି ବୋଲି ଯାହା କହୁଛନ୍ତି ତାହା ଭୁଲ୍ । ଯଦି ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦରେ ୧୫୦୦ଟଙ୍କା ଖର୍ଚ୍ଚ ହେଉଛି ତେବେ C2 ଫର୍ମୁଲା ଅନୁସାରେ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କିପରି ୧୧୬୬ଟଙ୍କା ଖର୍ଚ୍ଚ ହେଉଛି ତାହା ବୁଝାପଡୁନାହିଁ। ଧାନର ଏମ୍‌ଏସ୍‌ପି A2 ଫର୍ମୁଲା ଅନୁସାରେ ମଧ୍ୟ ନିର୍ଦ୍ଧାରଣ ହୋଇନାହିଁ। ଧାନ ଉତ୍ପାଦନ ଖର୍ଚ୍ଚର ନ୍ୟୂନ ମୂଲ୍ୟ ସ୍ଥିର ହୋଇଛି।

ଦେଶର ୬୦ଭାଗ ଜନସାଧାରଣ ସମ୍ପୂର୍ଣ୍ଣ ଚାଷ ଉପରେ ନିର୍ଭର କରୁଥିବାବେଳେ ୫୦ଭାଗ ଲୋକ କୃଷି କ୍ଷେତ୍ରରେ ନିୟୋଜିତ। ଚାଷୀମାନେ ଭାବିଥିଲେ ଭାଜପା କ୍ଷମତାକୁ ଆସିଲେ ତାଙ୍କ ଦୁଃଖ ଦୂର ହେବ। ହେଲେ ଫଳ ଓଲଟା ହେଲା। ଆର୍ଥିକ ଅନଟନରେ ଚାଷୀ ବୁଡ଼ି ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଗତ ୪ବର୍ଷ ମଧ୍ୟରେ ଦେଶର ପ୍ରାୟ ୪୮ହଜାର ଚାଷୀ ଆତ୍ମହତ୍ୟା କଲେଣି। ଗତବର୍ଷ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ଦେଶରେ ଚାଷୀଙ୍କ ସ୍ଥିତି ଏବଂ ଏମ୍‌ଏସ୍‌ପି ବାବଦରେ ପଚାରିବାରୁ କେନ୍ଦ୍ର ସରକାର କୋର୍ଟକୁ ଜଣାଇଥିଲେ ଯେ, ଦେଶରେ ପ୍ରତିବର୍ଷ ପ୍ରାୟ ୧୨ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି, ୨୦୨୨ ସୁଦ୍ଧା ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରାଯିବ। ଅର୍ଥାତ୍ ଆଗାମୀ ୪ବର୍ଷରେ ଆର୍ଥିକ ଦୁର୍ଦ୍ଦିନ ପାଇଁ ଆଉ ୪୮ ହଜାର ଚାଷୀ ଆତ୍ମହତ୍ୟା କରିବେ। ଯେତିକି ଲୋକ ଆମ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇ ନ ଥିଲେ କିମ୍ବା କୌଣସି ଯୁଦ୍ଧରେ ମରି ନ ଥିଲେ ତା'ଠାରୁ ଅଧିକ ଚାଷୀ ଆମ ଦେଶରେ ଆତ୍ମହତ୍ୟା କଲେଣି। ଏଣୁ କେନ୍ଦ୍ର ସରକାର ବିଳମ୍ବ ନ କରି ଚାଷୀମାନଙ୍କୁ ଧାନର ଉପଯୁକ୍ତ ଏମ୍‌ଏସ୍‌ପି ପ୍ରଦାନ କରନ୍ତୁ ଏବଂ ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ସୁରକ୍ଷା ପାଇଁ ଧ୍ୟାନ ଦିଅନ୍ତୁ । ନଚେତ୍ ଆଗାମୀ ନିର୍ବାଚନରେ ଚାଷୀ ସରକାରଙ୍କୁ ଠିକଣା ଜବାବ ଦେବେ, ଯାହାର ଫଳ କଂଗ୍ରେସ ଭୋଗୁଛି।

ବିଧାୟକ, ଆଠଗଡ଼,
rpswain124@yahoo.com

# ଶିକ୍ଷା ଓ ସାକ୍ଷରତା



ଡ. ଉଦ୍ଧବ ଚରଣ ନାୟକ

## ୮।୯ ବିଶ୍ୱ ସାକ୍ଷରତା ଦିବସ ଉପଲକ୍ଷେ

ନିରକ୍ଷରତା ଏକ ଜଟିଳ ସାମାଜିକ ବ୍ୟାଧି। କୌଣସି ରାଷ୍ଟ୍ରର ଆର୍ଥିକ, ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ପ୍ରଗତି ଶିକ୍ଷା ଓ ସାକ୍ଷରତା ବିନା ସମ୍ଭବ ନୁହେଁ। ଜଣେ ବ୍ୟକ୍ତି ଶିକ୍ଷା ଲାଭ କଲେ ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ ହେବା ସହ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇପାରିବ। ତେଣୁ ସାକ୍ଷରତା ହାର ବୃଦ୍ଧି ନିମନ୍ତେ ଅହରହ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଛି।

୧୮୮୭ ମସିହାରେ ବଡମ୍ବା ଗଡଜାତ ରାଜ୍ୟର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଥିଲେ ନୀଳମଣି ମିଶ୍ର। ପରେ ସେ 'ନୀଳମଣି ବିଦ୍ୟାରତ୍ନ' ନାମରେ ହେଲେ ପରିଚିତ। ସେ ହୃଦୟଙ୍ଗମ କଲେ ସାରାଦେଶଟା ଶିକ୍ଷିତ ନ ହେଲେ ଦେଶ ଆଗେଇବ ନାହିଁ। କେବଳ ସ୍କୁଲ ଖୋଲିଦେଇ ଛୋଟ ଛୋଟ ପିଲାଙ୍କୁ ଶିକ୍ଷାଦାନ କଲେ ଚଳିବ ନାହିଁ। ଗାଁଗଣ୍ଡାର ଗରିବ, ଚାଷୀମୂଲିଆ, ମିସ୍ତ୍ରି, କମାର, କୁମ୍ଭାର, ବୁଣାକାର, ବଢେଇ ଆଦି ଗ୍ରାମୀଣ କାରିଗରମାନେ ଶିକ୍ଷାଲାଭ କରିବା ଉଚିତ। ଫଳରେ ସେମାନେ ନିଜ ନିଜ ଧନ୍ଦାରେ କୁଶଳୀ ହେବା ସହ ଅଧିକ ଉପାର୍ଜନ କରିପାରିବେ।

ନୀଳମଣି ବାବୁଙ୍କ ଉଦ୍ୟମରେ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହେଲା ନୈଶ ବିଦ୍ୟାଳୟ। ଗାଁର କାରିଗର, କୃଷକ, ମୂଲିଆ ଦିନରେ କାର୍ଯ୍ୟ ସମ୍ପାଦନ କରି ସନ୍ଧ୍ୟାବେଳେ ଏକାଠି ହେଲେ ଶିକ୍ଷାଲାଭ କରିବା ପାଇଁ। ଗାଁର ବୟସ୍କ ନିରକ୍ଷର ଲୋକେ ଶିକ୍ଷାଲାଭର ସୁବିଧା ପାଇଲେ। ଗୋପୀନାଥପୁର ଥିଲା ଓଡିଶାର ପ୍ରଥମ ନୈଶ ବିଦ୍ୟାଳୟ ଓ ନୀଳମଣି ମିଶ୍ର ହେଲେ ଓଡିଶାରେ ପ୍ରୌଢଶିକ୍ଷାର ଜନକ। କେବଳ ସେତିକି ନୁହେଁ, ସଂସ୍କାରକ ବୈରାଗୀ ମିଶ୍ର (୧୮୮୫-୧୯୬୬) ଓଡିଶାରେ ନାନାବିଧ ସଂସ୍କାରପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରି ମହିଳାମାନଙ୍କ ମଧ୍ୟରୁ ନିରକ୍ଷରତା ଦୂରୀକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କଲେ। ସେ ପ୍ରତ୍ୟେକ ଗ୍ରାମରେ ପ୍ରୌଢଶିକ୍ଷା କେନ୍ଦ୍ର ଖୋଲି ବୟସ୍କା ନାରୀମାନଙ୍କୁ ଶିକ୍ଷାଦେବା ପାଇଁ ଯୋଜନା କରିଥିଲେ।

ଉତ୍କଳଗୌରବ ମଧୁସୂଦନ ୧୮୭୨ ମସିହାରେ କଲିକତା ମିଶନାରୀ ହାଇସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ଓଡିଆ ନିରକ୍ଷରମାନଙ୍କ ନିମନ୍ତେ ଖିଦିରିପୁରଠାରେ ଏକ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହି ବିଦ୍ୟାଳୟରେ ବଢେଇ, କମାର, ପାଣିକଳ ମିସ୍ତ୍ରି ଆଦି ବୟସ୍କ ବ୍ୟକ୍ତିମାନେ ଶିକ୍ଷାଲାଭ କରିବା ସହ ସେମାନଙ୍କ ପିଲାମାନେ ମଧ୍ୟ ପାଠ ପଢିବାର ସୁବିଧା ପାଇଲେ। ମଧୁବାବୁଙ୍କ ପରେ କଟକ ମନମୋହନ ପ୍ରେସ ଓ ପୁସ୍ତକାଳୟ ପ୍ରତିଷ୍ଠାତା ମୋହନ ଚରଣ ଦାସ ବ୍ୟବସାୟ ସୂତ୍ରରେ ଓଡିଆ ବହି ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରବାସୀ ଓଡିଆ ନିରକ୍ଷରମାନଙ୍କୁ ସାକ୍ଷର କରିବାରେ ସହାୟକ ହୋଇଥିଲେ। ଆଣ୍ଠୁ ଲୁଚୁ ନ ଥିବା ଖଦି ପିନ୍ଧି ମୁଣ୍ଡରେ ଓଡିଆ ଗାମୁଛା ବାନ୍ଧି କାନ୍ଧରେ ବହି ବୁଜୁଳା ଧରି ବୁଲିଲେ କଲିକତାର ଗଳିକନ୍ଦି, ଯେଉଁ ସ୍ଥାନରେ କି ବାସ କରୁଥିଲେ ପ୍ରବାସୀ ଓଡିଆମାନେ। ବହି ପଢିବା ପାଇଁ ସେ ସମସ୍ତଙ୍କୁ ବୁଝାଇଲେ, ରାମାୟଣ, ମହାଭାରତ ପାଠକଲେ କି ସୁଫଳ ମିଳେ ଶୁଣାଇଲେ। ସାଙ୍ଗରେ ଧରିଥିବା ପୁରାଣ, ସୁଆଙ୍ଗ, ଗୀତା, ଭାଗବତ, ଅକ୍ଷର ପରିଚୟ, ବର୍ଣ୍ଣବୋଧ ଓ ଚାଟଶାଳୀ ପାଠ ଆଦି ସବୁ ବିକ୍ରି କଲେ। ନିରକ୍ଷରମାନେ ପାଠ ପଢ଼ିବାର ସୁଯୋଗ ପାଇ ସାକ୍ଷର ହେଲେ ଆଉ ସାକ୍ଷରମାନେ ଅନ୍ୟାନ୍ୟ ପୁସ୍ତକ ପାଠ କରିବାରେ ଲାଗିଲେ। ଏହା ମୋହନ ଚରଣ ଦାସ ସ୍ୱରଚିତ ବାଲ୍ମୀକି ରାମାୟଣ ଗ୍ରନ୍ଥର ଭଣିତାରେ ଉଲ୍ଲେଖ କରିଯାଇଛନ୍ତି- ମୁହିଁ ଯେ ଓଡିଆ ମୋର ଜନ୍ମ ଓଡିଶାରେ। କଟକ ଚାନ୍ଦିନୀଚୌକ ଡଗରପଡାରେ। ପ୍ରବାସୀ ଓଡିଆଙ୍କ ସେବାରେ ମୋ ମନ, ଶିକ୍ଷାର ବିସ୍ତାର ସଙ୍ଗେ ଧନ ଉପାର୍ଜନ।

ଏହିପରି ଭାବରେ ଓଡିଶାର ବିଶିଷ୍ଟ ବ୍ୟକ୍ତିମାନେ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ମନପ୍ରାଣ ଢାଳି ଦେଇଥିଲେ। ନୀଳମଣି ମିଶ୍ରଙ୍କ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭର ଅଶୀ ବର୍ଷ ପରେ ଏହା ୧୯୬୫ ମସିହାରେ ବିଶ୍ୱଚିନ୍ତାର କାରଣ ଭାବରେ ପ୍ରତିଫଳିତ ହେଲା। ନିରକ୍ଷରତାର ମୂଳୋତ୍ପାଟନ ନିମନ୍ତେ ୧୯୬୦ ମସିହାରେ ମଣ୍ଡିଲଠାରେ ଏକ ବିଶ୍ୱସ୍ତରୀୟ ଅଧିବେଶନରେ ସାକ୍ଷରତା କାର୍ଯ୍ୟକ୍ରମକୁ ବିଶ୍ୱାଭିମୁଖୀ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ଶିକ୍ଷାମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ। ନିରକ୍ଷରତା-ବ୍ୟାଧିକୁ ସମୂଳେ ବିଶ୍ୱରୁ ହଟାଇବା ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଜାତିସଂଘ ଏହି ପ୍ରସ୍ତାବକୁ ଗ୍ରହଣ କରିନେଇ ସେପ୍ଟେମ୍ବର ୮ ତାରିଖକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବରେ ପାଳନ କରିବାକୁ ଘୋଷଣା କଲେ। ସେହିବର୍ଷଠାରୁ ତାହା ପାଳିତ ହୋଇ ଆସୁଛି। ସାକ୍ଷରତା କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷାର୍ଥୀ, ସମାଜସେବୀ, ସର୍ବୋପରି ସମସ୍ତ ଶିକ୍ଷିତ ବ୍ୟକ୍ତି ଜଡିତ ହେଲେ ଅବିଳମ୍ବେ ଭାରତ ପୂର୍ଣ୍ଣ ସାକ୍ଷର ଦେଶ ଭାବରେ ବିବେଚିତ ହେବ। ଦେଶର ବିକାଶରେ ପ୍ରତ୍ୟେକ ନାଗରିକ ସାମିଲ ହୋଇପାରିବେ।

ଭୁବନେଶ୍ୱର, ମୋ-୯୪୩୮୨୯୯୧୭୪

## ଏଇ ଭାରତରେ

ଛୋଟ ପିଲା। ଯେ କୌଣସି ସମୟ ଓ ସ୍ଥାନରେ ପରିସ୍ରା କରିଦେବା ସ୍ୱାଭାବିକ। କିନ୍ତୁ ଅଙ୍ଗନୱାଡ଼ି କେନ୍ଦ୍ରର ଜଣେ ୩ ବର୍ଷର ବାଳକକୁ ଏଥିପାଇଁ ଚିଆଁ ଦେବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏପରି ଏକ ଘଟଣା ମହୀଶୂରରେ ଘଟିଛି। ଶ୍ରୀରାମପୁର ଷ୍ଟେଜ୍-୨ରେ ଥିବା ଦେବାୟନହୁଣ୍ଡି ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ୩ ବର୍ଷର ବାଳକ ପରିସ୍ରା କରିଦେବାରୁ ଜଣେ ସହାୟିକା ଏକ ଛୁରି ତତାଇ ତା' ଗୋଡରେ ମାଡିଦେଇଥିଲେ। ଉକ୍ତ ପରିବାର ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଧାରଣା ଦେବା ସହିତ ସମ୍ପୃକ୍ତ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଉପନିର୍ଦ୍ଦେଶିକା ଏବଂ ଜିଲା ପଞ୍ଚାୟତ ସ୍ଥାୟୀ କମିଟିର ଅଧ୍ୟକ୍ଷ କେନ୍ଦ୍ରକୁ ଯାଇ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ତାଙ୍କୁ ନିଲମ୍ବିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ସହାୟିକାଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରିବାକୁ ପିଲାର ମାତାପିତା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ପିଲାଙ୍କୁ ସମ୍ପୃକ୍ତ ସହାୟିକା ଭାରି ରୁକ୍ଷ ବ୍ୟବହାର କରନ୍ତି ବୋଲି ଅନ୍ୟ ମାତାପିତା ଅଭିଯୋଗ କରିଛନ୍ତି। ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଅନ୍ୟ ପିଲାଙ୍କ ମାତାପିତାଙ୍କୁ ସାକ୍ଷାତ କରି ନିଜ ଫୋନ ନମ୍ବର ଦେଇଛନ୍ତି। ପିଲାଙ୍କର କୌଣସି ସମସ୍ୟା ହେଲେ ତାଙ୍କ ସହିତ ଯୋଗାଯୋଗ କରିବାକୁ କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୩

- କାବୁଲରେ ମୁଜାହିଦ୍ଦିନଙ୍କ ଆକ୍ରମଣରେ ୧୭ ଜଣଙ୍କ ମୃତ୍ୟୁ।
- ପାରାଦୀପ ବନ୍ଦରରେ କୋଲ୍ ହ୍ୟାଣ୍ଡଲିଙ୍ଗ ପ୍ରୋଜେକ୍ଟ ପାଇଁ ୫୮୭.୮୧ କୋଟି ଟଙ୍କା ମଞ୍ଜୁର କରାଗଲା।



## ଜିଲା ଡାଏରୀ
## କଟକ

### କାହାଣୀ ଲାଗୁଛି ପୁରୁଣା

ଜିଲା ପାଇଛି ନୂଆ ମୁଖିଆ। ନୂଆ ମୁଖିଆ ଯୋଗଦେବା ପରେ ସବୁକିଛି ନୂଆ ନୂଆ ଲାଗିବା କଥା। କିନ୍ତୁ କଟକରେ କଥା ଉଠିଛି କାହାଣୀ ଲାଗୁଛି ପୁରୁଣା ପୁରୁଣା। ଜଳବନ୍ଦୀ ସମସ୍ୟାରୁ ସହର ମୁକ୍ତ ହେବ। ସହରବାସୀଙ୍କ ଘରେ ଡ୍ରେନ ପାଣି ପଶିବନି। ଜାଇକା କାମ ତ୍ୱରାନ୍ୱିତ କରାଯିବ। ସହରକୁ ଜବରଦଖଲମୁକ୍ତ କରାଯିବ। ଟ୍ରାଫିକ ସମସ୍ୟା ଖୋଜିଲେ ବି ସହରରେ ମିଳିବନି ଇତ୍ୟାଦିକୁ ନେଇ ମୁଖିଆଙ୍କ ଜୋରଦାର ପ୍ରସ୍ତୁତି। ଏଭଳି ପ୍ରସ୍ତୁତିକୁ ଦେଖି ସହରବାସୀ କାହାଣୀକୁ ପୁରୁଣା ଭାବେ ଅଭିବ୍ୟକ୍ତ କରୁଛନ୍ତି। କାରଣ ଏ ସବୁ କାହାଣୀ ସବୁଥର ନୂଆ ମୁଖିଆମାନେ ଯୋଗଦେବା ପରେ ଶୁଣିବାକୁ ମିଳିଥାଏ, ଯାହା ବାସ୍ତବରେ ପରିଣତ ହୋଇ ନ ଥାଏ। ତେଣୁ ନୂଆ ମୁଖିଆ ପୁଣି ଥରେ ସେହି ପୁରୁଣା କାହାଣୀକୁ ନେଇ ଯେଉଁ ବଳିଷ୍ଠ ଉପସ୍ଥାପନା ସହରବାସୀଙ୍କ ଆଗରେ ରଖିଛନ୍ତି ତାହାକୁ କଟିକିଆ ସହଜରେ ଗ୍ରହଣ କରୁନାହାନ୍ତି। ମୁଖିଆ କୁଆଡେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଯେଉଁମାନେ ଆଦେଶ ଅନୁପାଳନରେ ହେଳା କରିବେ ସେମାନଙ୍କୁ କଳାପାଣି ସଜା ଭଳି ଦଣ୍ଡ ଭୋଗିବାକୁ ପଡ଼ିବ। ତେବେ କଥା ଆଉ କାମ ଭିତରେ କେତେ ଫରକ ରହୁଛି ତାହା ଦେଖିବାକୁ ସହରବାସୀ ନୀରବରେ ଅପେକ୍ଷା କରିଛନ୍ତି।

– ନିର୍ମଳ ପଣ୍ଡା

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡ଼ି କର୍ମୀଙ୍କୁ ଅବସରକାଳୀନ ଅର୍ଥ ମିଳୁ

ମହାଶୟ,

ରାଜ୍ୟରେ ୭୨ ହଜାର ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ଓ ସହାୟିକାମାନେ କାର୍ଯ୍ୟରତ। ୬୨ ବର୍ଷ ବୟସରେ ସେମାନେ ଅବସର ନେବେ। ଦୀର୍ଘ ୩୫/୪୦ ବର୍ଷ ସରକାରଙ୍କର ବିଭିନ୍ନ ଯୋଜନାକୁ ସଫଳ ରୂପାୟନ ଦେଉଥିବା କର୍ମୀ ଓ ସହାୟିକାମାନଙ୍କୁ ଅବସର ସମୟରେ ଯଥାକ୍ରମେ ଏକ ଲକ୍ଷ ଟଙ୍କା ଓ ପଚାଶ ହଜାର ଟଙ୍କା ପ୍ରଦାନ କଲେ ସେମାନେ ଅବଶିଷ୍ଟ ସମୟ ଦୁଃଖେକଷ୍ଟେ କାଟିପାରନ୍ତେ। ସେମାନଙ୍କ ମଧ୍ୟରୁ ୮୦ ଭାଗ ଆର୍ଥିକ ଅନଗ୍ରସର ତଥା ଅସହାୟ ମହିଳା। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅନୁରୋଧ।

ପ୍ରିୟଙ୍କା ସାମଲ, ଦଶରଥପୁର, ଯାଜପୁର


### ନୀତି ସ୍ପଷ୍ଟ ହେଉ

୨୦୧୪ ମସିହାଠାରୁ ମାଟ୍ରିକ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ୫୦ ନମ୍ବର MCQ (ବହୁ ବୈକଳ୍ପିକ ପ୍ରଶ୍ନ) ରହୁଥିଲା, ଫଳରେ ପିଲାମାନେ ସହଜରେ ପାସ୍ କରିଯାଉଥିଲେ। ଏବେ ସରକାର ସ୍ଥିର କରିଛନ୍ତି ଏଣିକି MCQ ପରିବର୍ତ୍ତେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ଓ ସ୍ତମ୍ଭ ମିଳନ ରହିବ। ଏହି ପଦ୍ଧତି କେବେଠାରୁ କାର୍ଯ୍ୟକାରୀ ହେବ ଜାଣିହେଲା ନାହିଁ। ଯଦି ଚଳିତବର୍ଷ ଏହା ଲାଗୁ କରାଯାଏ ସେଥିପାଇଁ ଗଣଶିକ୍ଷା ବିଭାଗ ପ୍ରତି ବିଷୟ ପାଇଁ ନମୁନା ପୁସ୍ତିକା (sample paper) ସହିତ ନୀତି ସ୍ପଷ୍ଟ କରିବା ଉଚିତ, ଯଦ୍ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ ଓ ପିଲାମାନେ ନିଜକୁ ପ୍ରସ୍ତୁତ କରିପାରିବେ।

ମହେନ୍ଦ୍ରନାଥ ରାଉତ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶନିର ଉତ୍ତର ମେରୁରେ ବିସ୍ମୟକର କ୍ଷେତ୍ର



**ଲଣ୍ଡନ:** ବୈଜ୍ଞାନିକମାନେ ଶନିର ଉତ୍ତରମେରୁରେ ଏକ ଷଡ଼ଭୁଜାକାର କ୍ଷେତ୍ର ଦେଖିବାକୁ ପାଇଛନ୍ତି। ଏହା ଅତ୍ୟନ୍ତ ବିସ୍ମୟଜନକ। ଏହାର ଉଚ୍ଚତା ଶହ ଶହ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏଥିରେ ଥିବା ଫ୍ଲୁଇଡ୍ (ଗ୍ୟାସ କିମ୍ବା ତରଳ ପଦାର୍ଥ) ଘୂର୍ଣ୍ଣନ ଅବସ୍ଥାରେ ଦୃଶ୍ୟମାନ ହେଉଛି। ଗତବର୍ଷ ଶନିର ବାୟୁମଣ୍ଡଳରେ ଧ୍ୱଂସପ୍ରାପ୍ତ ହେବା ପୂର୍ବରୁ କାସିନି ମିଶନ୍ ଏହି ଫଟୋ ପଠାଇଥିଲା। ବଳୟ ଗ୍ରହ ଶନିର ଉତ୍ତରମେରୁରେ ଏଭଳି ଦୃଶ୍ୟ ଦେଖାଯାଉଛି ଯାହା ଅତ୍ୟନ୍ତ ବିରଳ। କାସିନି ଗ୍ରୀଷ୍ମଋତୁରେ ଶନିର ନିକଟବର୍ତ୍ତୀ ହେବାବେଳକୁ ଏଭଳି ଦୃଶ୍ୟର ଫଟୋଚିତ୍ର ଉତ୍ତୋଳନ କରିଥିଲା। ଶନିର ଏହି ବିରଳ ଦୃଶ୍ୟ ୧୯୮୦ରେ ନାସାର ଭଏଜର ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଆବିଷ୍କାର ହୋଇଥିଲା। କିନ୍ତୁ କାସିନି ୨୦୧୭ରେ ଏହାର ସ୍ପଷ୍ଟ ଫଟୋଚିତ୍ର ପଠାଇ ପାରିଥିଲା। ଶନିର ଆବର୍ତ୍ତନ ସହିତ ଏହି ଷଡଭୁଜାକାର ବାୟୁମଣ୍ଡଳ ଘୂର୍ଣ୍ଣାୟମାନ ହେଉଛି। ଏପରି ସ୍ୱାଭାବିକ ଅବସ୍ଥା ପୃଥିବୀରେ ମଧ୍ୟ ଦେଖିବାକୁ ମିଳେ। ଏହାକୁ ପୋଲାର ଜେଟ୍‌ଷ୍ଟ୍ରିମ୍ କୁହାଯାଏ।

ଏହି ଷଡଭୁଜାକାର କ୍ଷେତ୍ର ମେଘଖଣ୍ଡ ଉପରେ ଶହ ଶହ କିଲୋମିଟର ଊର୍ଦ୍ଧ୍ୱକୁ ଲମ୍ବି ରହିଛି। ଏହା ଷ୍ଟ୍ରାଟୋସ୍ଫିୟର ସ୍ତରରେ ରହିଛି ଏବଂ ଏହାର ଦୃଶ୍ୟ ଅତ୍ୟନ୍ତ ବିସ୍ମୟକର ବୋଲି ବ୍ରିଟେନ୍‌ସ୍ଥିତ ଲିସେଷ୍ଟର ୟୁନିଭର୍ସିଟିର ଲେଫ୍ ଫ୍ଲେଚର ପ୍ରକାଶ କରିଛନ୍ତି।

ଏହାର ପ୍ରାକୃତିକ ଧର୍ମ ବିସ୍ତୃତ ଭାବରେ କାସିନି ଉପଗ୍ରହ ଦ୍ୱାରା ପ୍ରକଟିତ ହୋଇଛି। କମ୍ପୋଜିଟ୍ ଇନ୍‌ଫ୍ରାରେଡ ସ୍ପେକ୍ଟ୍ରୋମିଟର (ସିଆଇଆରଏସ୍) ଯନ୍ତ୍ରାଂଶ ବ୍ୟବହାର କରି ବିଭିନ୍ନ ୱେଭ୍‌ଲେଙ୍ଗ୍‌ଥରେ କାସିନି ଏହା ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିଥିଲା।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୭ର ପ୍ରମୁଖ ଘଟଣା

ବ୍ରିଟେନ ଉପରେ ଜର୍ମାନର ବୋମାମାଡ଼ ୧୯୪୦ ସେପ୍ଟେମ୍ବର ୭ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସେନା ବ୍ରିଟେନ୍ ସହ ଲଢିବାର ରଣନୀତିରେ ପରିବର୍ତ୍ତନ କରିଥିଲା। ଲଣ୍ଡନ ସହିତ ବ୍ରିଟେନର ବିଭିନ୍ନ ସହର ଉପରେ ୫୭ ଦିନ ପର୍ଯ୍ୟନ୍ତ ବୋମା ମାଡ଼ ହୋଇଥିଲା। ବିଶେଷ କରି ଏହି ଆକ୍ରମଣରେ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷାଧିକ ଘର ଧ୍ୱଂସ ହୋଇଯାଇଥିଲା।

୧୯୨୩ ସେପ୍ଟେମ୍ବର ୭ରେ ଅନ୍ତର୍ଜାତୀୟ ଅପରାଧ ପୋଲିସ ସଂସ୍ଥା(ଇଣ୍ଟରପୋଲ)ର ଗଠନ ହୋଇଥିଲା। ଏହା ବିଭିନ୍ନ ଦେଶର ପୋଲିସ ସହିତ ସହଯୋଗ ରକ୍ଷା କରି ଅନ୍ତର୍ଜାତୀୟ ସ୍ତରର ଅପରାଧୀଙ୍କୁ ଧରିଥାଏ। ଏହାର ପ୍ରଥମ ମୁଖ୍ୟାଳୟ ଭିଏନା (ଅଷ୍ଟ୍ରିଆ)ରେ ରହିଥିଲା। ୧୯୨ ଟି ଦେଶ ଏହାର ସଦସ୍ୟ ରହିଛନ୍ତି। ତେବେ ୧୯୮୯ ରେ ଲିୟୋନ (ଫ୍ରାନ୍ସ)କୁ ସ୍ଥାନାନ୍ତରଣ କରିଦିଆଯାଇଥିଲା। ଏହାର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ର ମଧ୍ୟରେ ଅଷ୍ଟ୍ରିଆ, ଜର୍ମାନୀ, ବେଲଜିୟମ, ପୋଲାଣ୍ଡ, ଚାଇନା, ଇଜିପ୍ଟ, ଫ୍ରାନ୍ସ, ଗ୍ରୀସ୍, ହଙ୍ଗେରି, ନେଦରଲାଣ୍ଡ ଏବଂ ରୋମାନିଆ ଭଳି ପ୍ରମୁଖ ରାଷ୍ଟ୍ର ରହିଛି।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ

**ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା**

୭ ସେପ୍ଟେମ୍ବର, ୨୦୧୮ ଶୁକ୍ରବାର, ସନ୍ଧ୍ୟା ୬.୩୦ ଘଟିକା

କଳିଙ୍ଗ କନଭେନସନ୍ ହଲ୍, ପାନ୍ଥନିବାସ, ଭୁବନେଶ୍ୱର

ସ୍ମାରକୀ ବକ୍ତୃତା ପ୍ରଦାନ କରିବେ:

**ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ**

ବିଷୟ: ପଣ୍ଡିତ ନୀଳକଣ୍ଠ ଦାସ: ଭାଷା, ସାହିତ୍ୟ ଓ ସଂସ୍କୃତି

ମୁଖ୍ୟଅତିଥି : **ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସମ୍ମାନନୀୟ ବକ୍ତା : **ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ**

ସଭାମୁଖ୍ୟ : **ଶ୍ରୀ ହରିହର ମିଶ୍ର**
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।

ଜୟନ୍ତୀ ରଥ, ସଚିବ

## ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ



**ୱାଶିଂଟନ୍:** ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ତାଙ୍କର ସର୍ବୋତ୍ତମ ଦକ୍ଷତା ଲାଗି ଉଦ୍‌ଘାଟନୀ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ। ଓମେନ୍ ଇନ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍ (ଡବ୍ଲ୍ୟୁଆଇଏଫ୍‌ଟି) ଇଣ୍ଡିଆ ଆୱାର୍ଡସ ପାଇବାରେ ସେ ହେଉଛନ୍ତି ପ୍ରଥମ ଅଭିନେତ୍ରୀ। ୧୯୯୪ ବିଶ୍ୱସୁନ୍ଦରୀ ମାନ୍ୟତାପ୍ରାପ୍ତ ଐଶ୍ୱର୍ଯ୍ୟା ଶନିବାର ହଲିଉଡ୍‌ର ହୟାତ୍ ରିଜେନ୍ସିରେ ଏହି ପୁରସ୍କାର ପାଇବେ। ୱିଫ୍ଟ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫିଲ୍ମ ଶିଳ୍ପରେ ଅଭିନୟ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କଳା ପ୍ରଦର୍ଶନ ପାଇଁ ଐଶ୍ୱର୍ଯ୍ୟାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ଜୋୟା ଅଖତର ନିର୍ଦ୍ଦେଶନା ଦକ୍ଷତା ପାଇଁ ୱାଇଲର ଆୱାର୍ଡ ଏବଂ 'ଧଡକ୍'ରେ ଅଭିନୟ ପାଇଁ ଜାହ୍ନବୀ କପୁର ୱିଫ୍ଟ ଇମରଲାଡ ଆୱାର୍ଡ ପାଇବେ। ବଲିଉଡ୍ ଏବଂ ହଲିଉଡ୍‌ରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କଳାକାରଙ୍କୁ ସମ୍ମାନିତ କରିବା ପାଇଁ ୱିଫ୍ଟ ପ୍ରତିଷ୍ଠା କରାଯାଇଛି।

# ବର୍ଜ୍ୟ ପ୍ଲାଷ୍ଟିକରୁ ଇନ୍ଧନ

**ଲଣ୍ଡନ:** ବୈଜ୍ଞାନିକମାନେ ବର୍ଜିତ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଇନ୍ଧନ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ଏହା ଦ୍ୱାରା କାର ଚାଲିପାରିବ। ବୈଜ୍ଞାନିକ ପଦ୍ଧତିରେ ନଷ୍ଟ ପ୍ଲାଷ୍ଟିକ୍ ସହିତ ଆଲୋକ ଅବଶୋଷଣକାରୀ ପଦାର୍ଥ ମିଶାଇ ଏହାକୁ ଆଲ୍‌କାଲାଇନ୍ ଦ୍ରବଣରେ ବୁଡାଇଲେ ଏଥିରୁ ଉଦ୍‌ଯାନ ସୃଷ୍ଟି ହୋଇପାରିବ ବୋଲି ବ୍ରିଟେନ୍‌ର ସ୍ୱାନ୍‌ସି ୟୁନିଭର୍ସିଟିର ବୈଜ୍ଞାନିକମାନେ ମତ ଦେଇଛନ୍ତି। ସେମାନଙ୍କ କହିବାନୁଯାୟୀ, ପ୍ଲାଷ୍ଟିକ୍ ରିସାଇକ୍ଲିଂ ଅପେକ୍ଷା ଏହି ପ୍ରକ୍ରିୟା ଅପେକ୍ଷାକୃତ ଶସ୍ତା। ପ୍ରତିବର୍ଷ କୋଟି କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଆକାରରେ ପରିବେଶରେ ପଡିରହୁଛି। ଏଥିରୁ ଅଳ୍ପ କିଛି ରିସାଇକ୍ଲିଂ କରାଯାଉଛି। କିନ୍ତୁ ରିସାଇକ୍ଲିଂ ହୋଇପାରୁ ନ ଥିବା ପ୍ଲାଷ୍ଟିକ୍‌ର ସଦୁପଯୋଗ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ସ୍ୱାନ୍‌ସି ୟୁନିଭର୍ସିଟି ଗବେଷକ ମୋରିଜ୍ କୁଏନେଲ୍ ପ୍ରକାଶ କରିଛନ୍ତି।

ଅଧିକାଂଶ ପ୍ଲାଷ୍ଟିକ୍ ବୋତଲ ପିଇଟି (ପଲିଥିଲିନ୍ ଟେରିଫ୍‌ଥାଲେଟ୍)ରୁ ତିଆରି ହୋଇଥିବାରୁ ସେଗୁଡିକୁ ରିସାଇକ୍ଲିଂ କରାଯାଇପାରିବ। କିନ୍ତୁ ସେଗୁଡିକୁ ପୋଡିଦିଆଯିବା କିମ୍ବା ଫିଙ୍ଗିଦିଆଯିବାରୁ ପରିବେଶ ପ୍ରଦୂଷଣର କାରଣ ହେଉଛି। ବୈଜ୍ଞାନିକଙ୍କ ନୂତନ ପଦ୍ଧତି ଦ୍ୱାରା ସବୁ ପ୍ରକାର ନଷ୍ଟ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଗ୍ୟାସ୍ ସୃଷ୍ଟି କରାଯାଇ ପାରିବ। ଏହାଦ୍ୱାରା କାର୍ ଇଞ୍ଜିନ୍‌କୁ ଶକ୍ତିକ୍ଷମ କରାଯାଇ ପାରିବ। ଏହି ଇନ୍ଧନକୁ ଶିଳ୍ପସଂସ୍ଥାରେ ବ୍ୟବହାର କରିବା ପାଇଁ ଆଉ କିଛିବର୍ଷ ଲାଗିପାରେ ବୋଲି କୁଏନେଲ୍ ପ୍ରକାଶ କରିଛନ୍ତି।

## ଓଡ଼ିଶା ସରକାର
## ଜଙ୍ଗଲ ଓ ପରିବେଶ ବିଭାଗ
## ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)ଙ୍କ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର

### କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ନିମନ୍ତେ ସହାୟତା

ଓଡ଼ିଶା ସରକାର, ଜଙ୍ଗଲ ଓ ପରିବେଶ ଅଧୀନରେ ଥିବା କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ତଥା ସାମୟିକ କର୍ମଚାରୀଙ୍କ ପାଇଁ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି କଲ୍ୟାଣ ଟ୍ରଷ୍ଟ / ସାମୟିକ କର୍ମଚାରୀ କଲ୍ୟାଣ ଟ୍ରଷ୍ଟ ମାଧ୍ୟମରେ ସରକାର ନିମ୍ନଲିଖିତ ସୁବିଧାସୁଯୋଗ ପ୍ରଦାନ କରିଛନ୍ତି।

| କର୍ମଚାରୀ | କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି | ସାମୟିକ |
|---|---|---|
| ୧. **ଅନୁକମ୍ପାମୂଳକ ସହାୟତା** (ମୃତ୍ୟୁ ତଥା ସମ୍ପୂର୍ଣ୍ଣ ଅକର୍ମଣ୍ୟ ନିମନ୍ତେ) (୦୧।୧୨।୨୦୧୬ରୁ କାର୍ଯ୍ୟକାରୀ) | ୧,୦୦,୦୦୦/- | ୧,୦୦,୦୦୦/- |
| ୨. **କନ୍ୟା ବିବାହ ସହାୟତା** (କେବଳ ୨ଟି କନ୍ୟା ନିମନ୍ତେ) | ୨୫,୦୦୦/- | - |
| ୩. **ଚିକିତ୍ସା ସହାୟତା** (ହୃଦ୍‌ରୋଗ ଚିକିତ୍ସା ତଥା ଅସ୍ତ୍ରୋପଚାର / କର୍କଟ ରୋଗ ଚିକିତ୍ସା/ ବୃକକ୍ ଅକାମୀ / ପିତ୍ତକୋଷ ଚିକିତ୍ସା ନିମନ୍ତେ | ୨,୦୦,୦୦୦/- ପର୍ଯ୍ୟନ୍ତ | ୨,୦୦,୦୦୦/- ପର୍ଯ୍ୟନ୍ତ |

୪. ଶିକ୍ଷାବୃତ୍ତି (ପ୍ରତ୍ୟେକ ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ଦୁଇଟି ସନ୍ତାନ ପାଇଁ ୨୦୧୮ ଶିକ୍ଷାବର୍ଷଠାରୁ ଉଦ୍ଦିଷ୍ଟ)

| କ୍ରମିକ ସଂଖ୍ୟା | ଶ୍ରେଣୀ (ପାଠ୍ୟକ୍ରମ) | ଶିକ୍ଷାବୃତ୍ତି (ଟଙ୍କା/ବାର୍ଷିକ) | |
|---|---|---|---|
| | | ଛାତ୍ର | ଛାତ୍ରୀ |
| ୧ | +୨ (କଳା/ବିଜ୍ଞାନ/ବାଣିଜ୍ୟ/ITI Course) | ୭୦୦୦/- | ୧୦,୫୦୦/- |
| ୨ | +୩ (କଳା/ବିଜ୍ଞାନ/ବାଣିଜ୍ୟ/C.T./Diploma in Engineering) | ୧୫,୦୦୦/- | ୨୨,୫୦୦/- |
| ୩ | Post Graduate / B.Ed. | ୨୦,୦୦୦/- | ୩୦,୦୦୦/- |
| ୪ | B.Tech / MBBS | ୨୫,୦୦୦/- | ୩୫,୦୦୦/- |
| ୫ | Nursing Course | ୦ | ୨୫,୦୦୦/- |

୨୦୧୭ ବର୍ଷରେ ନିୟୋଜିତ ତୋଳାଳି, ବନ୍ଧାଳିମାନଙ୍କ ନିମନ୍ତେ ସହାୟତା ଆବେଦନ କରିବାର ଶେଷ ତାରିଖ : ଅକ୍ଟୋବର ୩୧ ତାରିଖ ଅଟେ।

ଏହି ସୁବିଧା ସୁଯୋଗ ପାଇବା ପାଇଁ କେନ୍ଦୁପତ୍ର ଶ୍ରମିକ କଲ୍ୟାଣ ପାଣ୍ଠିର ସଦସ୍ୟ ହେବା ନିହାତି ଜରୁରୀ। ଏଥିପାଇଁ ସମ୍ପୃକ୍ତ ବନପାଳଙ୍କୁ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବେଦନ ପତ୍ର ସହିତ ସଦସ୍ୟ ପାଉଣା ପଇଠକରି ରସିଦ ସଂଗ୍ରହ କରିବା ପାଇଁ ଅନୁରୋଧ।

ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ତଥା ସାମୟିକ କର୍ମଚାରୀ ଏହାର ସୁବିଧା ନେଇପାରିବେ।

ସ୍ୱା./- ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
(କେନ୍ଦୁପତ୍ର) ଓଡ଼ିଶା


# CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)


| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable









# ସିବିଏସ୍‌ଇ ବହିରେ ଉଲ୍ଲେଖ କରାଗଲାନି ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ

ଭୁବନେଶ୍ୱର,୬।୯(ବ୍ୟୁରୋ)

ସିବିଏସ୍‌ଇ ପାଠ୍ୟପୁସ୍ତକରେ ସ୍ଥାନ ପାଇବ ପାଇକ ବିଦ୍ରୋହ। ଏହା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପିଲାମାନେ ପାଠବହିରେ ପଢ଼ିବେ। ୧୮୧୭ରେ ଖୋର୍ଦ୍ଧାଗଡ଼ରେ ଜନ୍ମ ନେଇଥିବା ପାଇକ ବିଦ୍ରୋହ ବିଷୟରେ ସମଗ୍ର ଦେଶ ଜାଣିବ। ଓଡ଼ିଆ ବୀରଙ୍କ ବୀରତ୍ୱ ବିଶ୍ୱବିଦିତ ହେବ। ଗତ ଅକ୍ଟୋବରରେ ଓଡ଼ିଶା ଆସିଥିବା ଅବସରରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ରାଜ୍ୟବାସୀଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ସିବିଏସ୍‌ଇର ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇ ନୂଆ ପୁସ୍ତକ ପ୍ରକାଶ ପାଇଛି। ହେଲେ ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା ବୋଲି କେଉଁଠାରେ ବି ଉଲ୍ଲେଖ ହୋଇନି। ସିବିଏସ୍‌ଇ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ 'ଆୱାର୍ ପାଷ୍ଟ'ରେ ପାଇକ ବିଦ୍ରୋହ ଉପରେ ଏକ ଛୋଟ ବିଷୟ ରହିଥିଲେ ମଧ୍ୟ କେଉଁଠି ଏହାକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି ଉଲ୍ଲେଖ କରାଯାଇନି। ବରଂ ଓଲଟା ବେଶ୍ ଚତୁରତାର ସହ ଓଡ଼ିଶାବାସୀଙ୍କୁ ଠକିବାକୁ ଉଦ୍ୟମ ହୋଇଛି। ଦେଶ ପରିବର୍ତ୍ତେ ଏହା ଓଡ଼ିଶାର ପ୍ରଥମ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମ ବୋଲି ଲେଖାଯାଇ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ପ୍ରୟାସ କରାଯାଇଛି।

## ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଇଲା କେନ୍ଦ୍ର

ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ଅବସରରେ ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ଦାବି କରିଥିଲେ। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଏହାକୁ ସିବିଏସ୍‌ଇ ପାଠ୍ୟପୁସ୍ତକରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଉଲ୍ଲେଖ କରାଯିବ ବୋଲି କହିଥିଲେ। ୨୦୧୭ ଅକ୍ଟୋବର ୨୨ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବରେ ଯୋଗଦେଇ ଜାଭଡେକର କହିଥିଲେ, ଇତିହାସ ଲେଖାରେ ଥିବା ତ୍ରୁଟିକୁ ସୁଧାରିବା ଦିଗରେ ଏହା ପ୍ରଥମ ପଦକ୍ଷେପ ହେବ। ୨୦୧୮-୧୯ ଶିକ୍ଷାବର୍ଷରେ ସିବିଏସ୍‌ଇ ଇତିହାସ ପୁସ୍ତକରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଉଲ୍ଲେଖ କରାଯିବ। ସେ ଆହୁରି କହିଥିଲେ, ବ୍ରିଟିଶମାନଙ୍କ ନଜରରେ ଏହା ବିଦ୍ରୋହ ଥିଲା। କିନ୍ତୁ ବାସ୍ତବରେ ଭାରତକୁ ସ୍ୱାଧୀନତା ଦେବାରେ ଏହା ଥିଲା ପ୍ରଥମ ଲଢ଼େଇ। ଇତିହାସକୁ ସବୁବେଳେ ବ୍ରିଟିଶ ନଜରରେ ଦେଖାଯାଇଛି, ଯେଉଁଥିପାଇଁ ୧୮୧୭ରେ ସଙ୍ଗଠିତ ହୋଇଥିବା ଏହି ସଂଗ୍ରାମକୁ ଇତିହାସରେ ରେବେଲିୟନ୍ ବୋଲି ଲେଖାଯାଇଛି। ଏହି ତ୍ରୁଟିକୁ ସୁଧାରି ଦେଶକୁ ଠିକ୍ ଇତିହାସ ପଢ଼ାଇବାର ସମୟ ଆସିଛି। ଏହି ଗୌରବଶାଳୀ ଇତିହାସ ବିଷୟରେ ସମସ୍ତଙ୍କୁ ଅବଗତ କରାଇବାକୁ ସିବିଏସ୍‌ଇ ପାଠ୍ୟପୁସ୍ତକରେ ଏହାକୁ କେବଳ ସାମିଲ କରାଯିବନି, ବରଂ ବିସ୍ତୃତ ଭାବେ ବର୍ଣ୍ଣନା କରାଯିବ। ପ୍ରଜାତନ୍ତ୍ର ବିରୋଧରେ ବ୍ରିଟିଶମାନଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ର ସମ୍ମୁଖରେ ପାଇକମାନେ କିଭଳି ଦୀର୍ଘବର୍ଷ ଧରି ଲଢ଼େଇ କରିଥିଲେ, ତାହାକୁ ସମସ୍ତଙ୍କ ସାମ୍ନାକୁ ଅଣାଯିବ ବୋଲି କହି କେନ୍ଦ୍ରମନ୍ତ୍ରୀ ଜାଭଡେକର ରାଜ୍ୟବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ। ମାତ୍ର ପ୍ରତିଶ୍ରୁତି ଦେଇ ଶେଷରେ ଭୁଆଁ ବୁଲାଇଛି କେନ୍ଦ୍ର। ବହିରେ ପାଇକ ବିଦ୍ରୋହ ସମ୍ପର୍କରେ ମାତ୍ର ଦେଢ଼ପୃଷ୍ଠାର ବିବରଣୀ ସ୍ଥାନ ପାଇଛି, ଯେଉଁଥିରେ ଦେଶର ନୁହେଁ, ଏହା ରାଜ୍ୟର ପ୍ରଥମ ସଶସ୍ତ୍ର ସଂଗ୍ରାମ ବୋଲି ତାଚ୍ଛଲ୍ୟ କରାଯାଇ ଲେଖାଯାଇଛି। ସେହିଭଳି ଚଞ୍ଚକତାର ସହ ଏହା ୧୮୫୭ ମସିହାରେ ସଙ୍ଗଠିତ ସିପାହୀ ବିଦ୍ରୋହ ପୂର୍ବର ଘଟଣା ବୋଲି ଲେଖାଯାଇଛି। ଏହାକୁ ନେଇ ଏବେ ପୁଣିଥରେ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ରିଲିଜ୍ ହେଲା ନୀଳମାଧବ ପଣ୍ଡାଙ୍କ 'ହାଲ୍କା'



ଭୁବନେଶ୍ୱର,୬।୯(ବ୍ୟୁରୋ): ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଓ ପ୍ରଶଂସା ସାଉଣ୍ଟିଥିବା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଲ୍କା' ଗୁରୁବାର ରିଲିଜ୍ ହୋଇଛି। ଭୁବନେଶ୍ୱରର ମହାରାଜା ହଲ୍‌ରେ ଫିଲ୍ମର ପ୍ରିମିୟର ତଥା ସ୍ପେଶାଲ ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଫିଲ୍ମ ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ ସହ କଳାକାର, ଟେକ୍ନିସିଆନ, ପ୍ରଯୋଜକ ଅକ୍ଷୟ ପରିଜା, ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି, ଭୁବନେଶ୍ୱର ସ୍ମାର୍ଟ ସିଟି ସିଇଓ ଆର୍. ଭିନିଲ୍ କ୍ରିଷ୍ଣା, ଓପେପାର ସ୍ପେଶାଲ ଡାଇରେକ୍ଟର ଶାଳିନି ପଣ୍ଡିତ ପ୍ରମୁଖ ଯୋଗଦେଇଥିଲେ। ଏକ ଭିନ୍ନସ୍ୱାଦର କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରହିଛି ଜଣେ ୮ବର୍ଷ ବାଳକର କଥା ଓ ଜୀବନଚିତ୍ର। ଦିଲ୍ଲୀର ଏକ ପୁରୁଣା ବସ୍ତିରେ ବଢ଼ିଥିବା ଏହି ବାଳକ ହଠାତ୍ ନିଜକୁ ବଡ଼ ହୋଇଯାଇଥିବା ଅନୁଭବ କରେ। ଜୀବନ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବେ। ବସ୍ତିର ଅନ୍ୟପିଲାଙ୍କଠାରୁ ଭିନ୍ନ ହୋଇଥିବାରୁ କାହା ସହ ନ ମିଶି ଏକା ଏକା ରହିବାକୁ ଚେଷ୍ଟା କରେ। ଜୀବନକୁ ବଦଳାଇବାକୁ କୌଣସି ବିସ୍ମୟର ଆଶା ନ କରି ନିଜ ପ୍ରଚେଷ୍ଟାରେ କିଛି କରିବାକୁ ଚେଷ୍ଟା କରେ, ଯାହାକି କେବଳ ତା' ଜୀବନ ନୁହେଁ, ପୂରା ବସ୍ତିବାସିନ୍ଦାଙ୍କ ଜୀବନକୁ ବଦଳାଇଦିଏ। ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ପ୍ରମୁଖ ଚରିତ୍ରରେ ପାଓଲି ଦମ୍ ଓ ରଣବୀର ଶୋରେ ଅଭିନୟ କରିଛନ୍ତି। ସେହିଭଳି ମୁଖ୍ୟଚରିତ୍ର ପିଚ୍କୁ ତଥା ଶିଶୁ କଳାକାର ଭୂମିକାରେ ଅଭିନୟ କରିଛନ୍ତି ତଥାସ୍ତୁ। ବଲିଉଡ୍‌ର ଖ୍ୟାତନାମା ସଙ୍ଗୀତଜ୍ଞ ଶଙ୍କର-ଏହଶାନ-ଲୟ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସିନେମାଟୋଗ୍ରାଫିରେ ପ୍ରତାପ ରାଉତ, ସାଉଣ୍ଡରେ ନୀହାର ରଞ୍ଜନ ସାମଲ ଏବଂ ସମ୍ପାଦନାରେ ଅର୍ଜିତ ଡି. ରସ୍ତୋଗୀ କାମ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଜାଙ୍ଗ ଭାଙ୍ଗିଲି ଦାନ୍ତକାଠି କଲି**
**ସବୁ ଦାନ୍ତକାଠି ମୋହର**
**ଏଇବାଟେ ଯାଉ କଥା ତୁ ନ କହୁ**
**ଛାତି ଫାଟିଯାଏ ମୋହର ।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରିବସେ, ସେତେବେଳେ ତାକୁ ସହିବା ଯେ କେତେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୁଆ, ନାରୀ, ଚୋରି,**
**ନାଶେ ମଣିଷର ଶିରୀ ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁ ନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରି ନ ଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

### ଅଟୋମୋବାଇଲ ନିର୍ମାତାଙ୍କର ୫୮ତମ ସର୍ବଭାରତୀୟ ସମ୍ମିଳନୀ

# ଓଡ଼ିଶାରେ ଅଟୋମୋବାଇଲ ଶିଳ୍ପ ପାଇଁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଅଟୋମୋବାଇଲ ନିର୍ମାତାଙ୍କ ୫୮ତମ ସର୍ବଭାରତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପୂର୍ବଭାରତର ଓଡିଶା ଓ ଝାଡଖଣ୍ଡ ଭଳି ରାଜ୍ୟରେ ବିଶେଷଭାବେ ଅଟୋମୋବାଇଲ ବିନିର୍ମାଣ ଶିଳ୍ପ ତଥା ଏହି କ୍ଷେତ୍ରରେ ଅନୁସନ୍ଧାନ ଓ ବିକାଶ ପାଇଁ ପ୍ରକଳ୍ପ କରିବା ଆବଶ୍ୟକ। ଦେଶରେ ଶିଳ୍ପ ନିଯୁକ୍ତି ଓ ଆର୍ଥିକ ବିକାଶ ପାଇଁ ଅଟୋମୋବାଇଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ଶିଳ୍ପ ସହ ଜଡିତ ଥିବା ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କୁ ସେ ପ୍ରଶଂସା କରିଛନ୍ତି। ଅଟୋମୋବାଇଲ ଶିଳ୍ପ ଭାରତର ଜିଡିପି ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଅନ୍ତର୍ଜାତୀୟସ୍ତରରେ ଭାରତକୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ପୂର୍ବଭାରତ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇ ଆସିଛନ୍ତି। ସେଥିଲାଗି ପୂର୍ବଭାରତର ରାଜ୍ୟ ସମୂହର ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଗତ ୪ବର୍ଷରେ ପୂର୍ବଭାରତ ରାଜ୍ୟଗୁଡିକର ଭିତ୍ତିଭୂମି, ଲଜିଷ୍ଟିକ୍ ଓ ଦକ୍ଷତାସମ୍ପନ୍ନ ମାନବସମ୍ବଳରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ଅଟୋମୋବାଇଲ ଶିଳ୍ପରେ ସ୍କିଲ ଇକୋ ସିଷ୍ଟମକୁ ମଜଭୁତ କରିବା ପାଇଁ ମେକାନିକ ଓ ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ସହ ଉତ୍ପାଦନରେ ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗର ସମ୍ପ୍ରସାରଣ କରିବାକୁ ଅଟୋମୋବାଇଲ ଶିଳ୍ପୋଦ୍ୟୋଗୀମାନଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

# ଜଟଣୀ ଆଇଆଇସିଙ୍କୁ ରିମାଣ୍ଡରେ ଆଣିପାରେ ଏସ୍‌ଟିଏଫ୍

ଭୁବନେଶ୍ୱର, ୬।୯(ବ୍ୟୁରୋ)

୫୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଲା। ଗୁରୁବାର ଢେଙ୍କାନାଳ ଜିଲାରେ ଥିବା ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ବହୁ ସମ୍ପତ୍ତିର କାଗଜପତ୍ର ସହିତ ସୁନା ଗହଣା ଜବତ କରିଛନ୍ତି। ଏସବୁର ମାଲିକାନା ଥାନା ଅଧିକାରୀ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଗ୍ୟାଙ୍ଗଷ୍ଟର ସୟଦ ଉସ୍ମାନ ଅଲୀ ଓରଫ ଟିଟୋଙ୍କ ସହ ଆଇଆଇସି ସଞ୍ଜୀବଙ୍କ ଲିଙ୍କ୍ ଥିବା ଟିଟୋଙ୍କ ଭାଇ ସପୋ ପୂର୍ବରୁ କହିଥିଲେ। ସଞ୍ଜୀବ କେନ୍ଦ୍ରାପଡାରେ ଥିବାବେଳେ କିଭଳି ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରୁଥିଲେ

## ଟିଟୋ ଲିଙ୍କ୍

ସେନେଇ ସପୋ ବୟାନ ଦେଇଥିଲେ। କିନ୍ତୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ଏବେ ସଞ୍ଜୀବ ଗିରଫ ହେବା ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି। ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି, ତଦନ୍ତକାରୀ ଅଧିକାରୀମାନେ ତଦନ୍ତ କରୁଛନ୍ତି। ଆବଶ୍ୟକ ପଡିଲେ ସଞ୍ଜୀବଙ୍କୁ ରିମାଣ୍ଡରେ ଅଣାଯାଇପାରେ। ସୂଚନାଯୋଗ୍ୟ, ଟିଟୋ ଏବଂ ଥାନା ଅଧିକାରୀ ଗୋଆ ଯାଇ ହୋଟେଲରେ ରହି ମଉଜମସ୍ତି କରୁଥିବା ଟିଟୋଙ୍କ ଭାଇ ସାପୋ କହିଥିଲେ। ଏହାସତ୍ତ୍ୱେ ସଞ୍ଜୀବଙ୍କ ବିରୋଧରେ କୌଣସି ତଦନ୍ତ ହୋଇ ନ ଥିଲା। ଜଟଣୀ ଥାନାରେ ରହିବା ପରେ ଥାନା ବାବୁ ଟିଟୋଙ୍କୁ ସହଯୋଗ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଜଟଣୀ ଥାନା ଦେଇ ଯାଉଥିବା ଏକାଧିକ ଗୋରୁ ବୋଝେଇ ଗାଡିକୁ ଥାନା ବାବୁ ନିଜେ ଦାୟିତ୍ୱ ନେଇ ପଠାଉଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜଟଣୀ ଅଞ୍ଚଳବାସୀ କହିଛନ୍ତି ଯେ, ଜଟଣୀ ଥାନାରେ କେବଳ ଥାନା ଅଧିକାରୀ ଲାଞ୍ଚୁଆ ନ ଥିଲେ ଅନ୍ୟ କେତେଜଣ କର୍ମଚାରୀ ମଧ୍ୟ ଲାଞ୍ଚଖୋର ମନୋବୃତ୍ତିର ଅଛନ୍ତି। ତେଣୁ ଥାନାର ସମସ୍ତ କର୍ମଚାରୀଙ୍କୁ ବଦଳି କରାଯାଉ ବୋଲି ସ୍ଥାନୀୟଲୋକେ କହିଛନ୍ତି। ଏ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସମସ୍ତ କର୍ମଚାରୀଙ୍କୁ ବଦଳାଇବା ନେଇ ଭୁବନେଶ୍ୱର ଡିସିପିଙ୍କ ସହ ଆଲୋଚନା କରୁଛି। ଶୁକ୍ରବାର ପୋଲିସ ଏଷ୍ଟାବ୍ଲିଶ ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed** M.Ed, B.P.Ed — Under Achrya Nagarjuna and Andhra Universities — SUCCESS POINT — 114/7, Naveen Niwas Square, Bhubaneswar — BHUBANESWAR 7682826300, 7682826301 — BRAHAMPUR 7682826307, 7377730723

SPOT ADMISSION — **B.Ed** CT(D.EL.Ed) & M.Ed — Admission Closing Soon — Acharya Nagarjuna University — UGC & NCTE Approved — Equivalent to Utkal University — Weekend Class & Study Material — SINCE 2001 NIDT — B.J.B. Nagar, Lewis Road, Bhubaneswar — 9338229373, 9438286091, 9776587145

Get Instant Cash Against Gold — Gold Cash — Sell Your Gold at 100% Market Value — ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ। WWW.GOLDCASH.CO — 9090902555, 9090903555 — Toll Free- 1800-120-3430 — Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD — Sell your GOLD more than market value. — ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ। ଯୋଗାଯୋଗ : Bhubaneswar - 7978065794, Dhenkanal - 8895446310, Angul - 9437901750

FLY ASH BRICKS MACHINE — DEALERS REQUIRED ALL OVER ODISHA — M/s Rashmi Enterprises Rourkela Bisra — CONTACT 7749095348, 8249919890

JAI LAXMI FINANCE — ଆପଣଙ୍କ ବିଶ୍ୱାସ ଆମର ପରିଚୟ — ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ। (ଏଜେଣ୍ଟ ଆମନ୍ତ୍ରିତ) 7455967551, 9068296909

FINANCE — P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ। 7787922501, 7787907927 — pmjansamridhi@gmail.com

BUSINESS — ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି। CONTACT 86979-80580, 95578-79781

!! ଋଣ ଋଣ ଋଣ !! ମହାରାଷ୍ଟ୍ର ଫାଇନାନ୍ସ — ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ — ୦% ସୁଧ ୫୫% ରିହାତି — ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ — Toll Free 18001214188, 8556894339

SMS JOBS DHAMAKA (PART/FULL TIME) — GOLD MEDALIST COMPANY — ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ — FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର — ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ — Ph- 7739216167, 9973805993

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ। GNM, ANM, OT. Tech, DMLT, ICU, X-RAY — ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ — HOSTEL HOSPITAL PRATICAL PLACEMENT FACILITY AVAILABLE — KIMS, KHANDAGIRI, BBSR — 7894487511

ଏବିଏସ୍ ଫାଇନାନ୍ସ — ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ। ଭୁବନେଶ୍ୱର: 7290027868, କଟକ: 7590022879, ପୁରୀ: 7290027864, ଅନୁଗୁଳ: 7290022884, ଯାଜପୁର: 9870548741, ବାଲେଶ୍ୱର: 9870548676, ଗଞ୍ଜାମ: 9870548744

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ। ADARSH FINANCE — Ram Nagar, Narnel, Haryana — 7310635473, 7310568831

BARSHA FINANCE — ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି। M: 8337960856, 8337960833

BUSINESS OPPORTUNITY — ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ। ଯୋଗାଯୋଗ 9874247647 — Plot No: 86, Sarkar Street, Kolkata

Shree Ganesh Finance Ltd. — ଋଣ ଧମାକା — ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି। Durga Nagar, Ward 36, Ferozpur — 09085463427

GRAMIN FINANCE — 1962 ଠାରୁ ଆପଣଙ୍କ ସେବାରେ — ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ। (ନୋ ଫାଇଲ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ) ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି — AT: TARAN, PO: TAARAN, PUNJAB - 143401 — Website: www.graminfinance.com — Miss Call Alerts: 18001007280

LOAN — ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି। 8658167603, 7064382081

ସାରା ଭାରତରେ ... 9911436726, 9540938429



କେମିତି ମଦ ଛାଡ଼ିବେ — ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା — **ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର** — ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Odisha Finance — ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି। Helpline Number: 7302107165 — odishafinance55@gmail.com

BUSINESS — LIC Housing Finance HOME LOAN available at very low Investment rate. ANYONE CAN APPLY FOR HOME LOAN — Call For More Information At 7606075949, 8117848500

ଧନଲକ୍ଷ୍ମୀ ଫାଇନାନ୍ସ (Govt. Regd.) — Vill: Asthawan, Dist.- Nalanda, Bihar-803107 — ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ। ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା। Call Now: 07078315986

DEEPAWALI DHAMAKA — KHARCHA LOAN MANJUR HONE PAR CAPITAL SMALL FINANCE LIMITED. REG. NO. KA76108CH8928 MARKSHEET, PERSONAL, PROPERTY, BUSINESS SABHI LOAN 24 SE 48 GANTO MEA GAR BETHE 2% BAYAJ, 40% CHOOT — Kiran Bhai Vaghela, D-244, Tejendra Nagar, Zundal, Zundal- 382421, Tal.-Gandhinagar, Dist - Gandhinagar — Mob : +91 8126993527, +91 8126673652 — Dokhebajo Se Sawdhan


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଦୃଷ୍ଟିହୀନ ସ୍ତ୍ରୀ ହତ୍ୟା ମାମଲା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ବାଲିଗୁଡା,୬।୯(ଡି.ଏନ୍.ଏ.): ଦୃଷ୍ଟିହୀନ ସ୍ତ୍ରୀଙ୍କୁ ହତ୍ୟା ମାମଲାର ବିଚାର କରି ବୁଧବାର ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଅଭିଯୁକ୍ତ ସ୍ୱାମୀ ପ୍ରକାଶ ଚନ୍ଦ୍ର ଦଳବେହେରାଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ପକାଯାଇଛି। ଏହା ଅନାଦାୟ ଅଧିକ ୨ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୬ ଡିସେମ୍ବର ୨୩ ତାରିଖରେ ଅଭିଯୁକ୍ତ ପ୍ରକାଶ ବାଲିଗୁଡା ବନବାସୀ ସେବା ସମିତି ଜରାନିବାସରେ ରହୁଥିବା ତାଙ୍କ ସ୍ତ୍ରୀ ଝୁନାଇଙ୍କୁ ଛୁରି ଭୁସି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ଭାବେ ସୁଧାଂଶୁ ମୋହନ ପତି ମାମଲା ପରିଚାଳନା କରିଥିଲେ।

### ମାଙ୍କଡ଼କୁ କାବୁକଲେ ଗ୍ରାମବାସୀ

ହିଞ୍ଜିଳିକାଟୁ,୬।୯(ଡି.ଏନ୍.ଏ.): ହିଞ୍ଜିଳିକାଟୁ ବ୍ଲକ ସରଧାପୁର ଓ କଞ୍ଚୁରୁ ଗ୍ରାମରେ ଆତଙ୍କ ସୃଷ୍ଟି କରୁଥିବା ଏକ ମାଙ୍କଡ଼କୁ ଗ୍ରାମବାସୀ ଗୁରୁବାର କାବୁ କରିଛନ୍ତି। ପ୍ରାୟ ୧ ମାସ ମଧ୍ୟରେ ଉକ୍ତ ମାଙ୍କଡ ଆକ୍ରମଣରେ ଉଭୟ ଗ୍ରାମର ବହୁ ଲୋକ ଖଣ୍ଡିଆଖାବରା ହେଇଥିଲେ। ତାକୁ କାବୁ କରିବା ପାଇଁ ଗ୍ରାମର ବାସିନ୍ଦାଙ୍କ ସହ ବନ ବିଭାଗ କର୍ମଚାରୀ ଉଦ୍ୟମ ଚଳାଇଥିଲେ। ଅପରାହ୍ନରେ ଉକ୍ତ ମାଙ୍କଡ଼କୁ ସରଧାପୁର ଗ୍ରାମବାସୀ କାବୁ କରି ହିଞ୍ଜିଳିକାଟୁ ବନ ବିଭାଗକୁ ହସ୍ତାନ୍ତର କରିଥିବା ବିଡ଼ିଓ ପ୍ରସନ୍ନ କୁମାର ପାତ୍ର କହିଛନ୍ତି। ମାଙ୍କଡ ଭୟରେ ଲୋକେ ବଦାକୁ ବାହାରୁ ନ ଥିବାବେଳେ କାବୁ ପରେ ଏବେ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି।

### ଆକ୍ରମଣ ମାମଲା: ଅଭିଯୁକ୍ତ ପୋଷ୍ଟମାଷ୍ଟର ଫେରାର

ଦିଗପହଣ୍ଡି,୬।୯(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଗୌଡ଼ଗାଁରେ ଘରଡିହ ସୀମା ଚିହ୍ନଟକୁ ନେଇ ମଙ୍ଗଳବାର ଗ୍ରାମ ପୋଷ୍ଟମାଷ୍ଟରଙ୍କ ମାଡ଼ରେ ସଚ୍ଚିଦାନନ୍ଦ ଶତପଥୀଙ୍କ ୩ ଦାନ୍ତ ଭାଙ୍ଗି ଯାଇଥିବା କେ.ନୂଆଗାଁ ଥାନାରେ ଏତଲା ହୋଇଛି। ଥାନା ଆଇଆଇସି ସୁଜିତ କୁମାର ନାୟକ ଏତଲାକୁ ଭିତ୍ତିକରି ନଂ.୧୦୬/୧୮ରେ ଏକ ମାମଲା ରୁଜୁ କରିଛନ୍ତି। ଗିରଫ ଭୟରେ ପୋଷ୍ଟ ମାଷ୍ଟର ଗାଁରୁ ଫେରାର ହୋଇଯାଇଥିବା ଆଇଆଇସି କହିଛନ୍ତି। ଏହି ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି । ଥାନାରେ କରାଯାଇଥିବା ଅଭିଯୋଗ ଅମୂଳକ, ହଇରାଣ କରିବା ପାଇଁ ଯୋଜନାବଦ୍ଧ ଭାବେ ଏତଲା ଦିଆଯାଇଛି ବୋଲି ପୋଷ୍ଟମାଷ୍ଟରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ତଦନ୍ତକାରୀ ପୋଲିସ ଅଧିକାରୀ କେ. ଦଣ୍ଡପାଣି ଦୋରା କହିଛନ୍ତି ଯେ, ପୂର୍ବରୁ ଉଭୟଙ୍କ ନାଁରେ ପୋଲିସ ପକ୍ଷରୁ ସିଆରପିସିର ୧୦୭ ଧାରାରେ ମାମଲା ରୁଜୁ କରାଯାଇଛି।

### ତଲାରିମାହାରେ ଚାରାରୋପଣ



ଜି.ଉଦୟଗିରି,୬।୯(ଡି.ଏନ୍.ଏ.): ଜି.ଉଦୟଗିରି ବ୍ଲକ ଯୁବ ବାହିନୀ ତରଫରୁ ତଲାରିମାହା ପଞ୍ଚାୟତ ତଲାରିମାହା ହାଇସ୍କୁଲ ଓ ବାଲୁମାହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଚାରାରୋପଣ କରାଯାଇଛି । ଜି.ଉଦୟଗିରି ବ୍ଲକ ସଂଯୋଜକ ଜାକେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୦୦ ଚାରାରୋପଣ କରାଯାଇଥିଲା। ସରପଞ୍ଚ ସବିତା କହଁର, ନାଏବ ସରପଞ୍ଚ ପ୍ରବିର ମଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ଓ ତଲାରିମାହା ହାଇସ୍କୁଲ ସଭାପତି ଫିରଜ ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ୫୦ ଯୁବ ବାହିନୀ ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ବିଜୁ ଯୁବ ବାହିନୀର ତଲାରିମାହା ପଞ୍ଚାୟତ ସଭାପତି ଅକ୍ଷୟ କୁମାର ବିଶ୍ୱାଳ, ସମ୍ପାଦକ ଗୌତମ କହଁର ଓ କୋଷାଧ୍ୟକ୍ଷ ସୁଶୀଳ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଭିଜିଲାନ୍ସ ଜାଲରେ ୨ ଅଧିକାରୀ

# ଜି.ଉଦୟଗିରି ତହସିଲ କିରାଣି



ତହସିଲ ଅଫିସରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।

ଜି.ଉଦୟଗିରି (ଡି.ଏନ୍.ଏ.)/ ଫୁଲବାଣୀ ଅଫିସ, ୬।୯

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜି.ଉଦୟଗିରି ତହସିଲରେ କାର୍ଯ୍ୟରତ ବରିଷ୍ଠ କିରାଣି ସୁଶୀଲ କୁମାର ସେନାପତି ଫସିଛନ୍ତି। ଗୁରୁବାର ଭିଜିଲାନ୍ସ ବିଭାଗର ୪ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଜି. ଉଦୟଗିରି ଅଫିସ, ସରକାରୀ କ୍ୱାର୍ଟର, ଫୁଲବାଣୀ ସହରରେ ଥିବା ୨ଟି କୋଠାଘରେ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ନଗଦ ୧ଲକ୍ଷ ୨୬ ହଜାର ଟଙ୍କା, ୬୫ ଗ୍ରାମ ସୁନା ଗହଣା ଜବତ ହୋଇଛି। ମୋଟ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୨୦ ଲକ୍ଷ ୫୦ ହଜାର ୫୦୦ଟଙ୍କା ହେବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଖରେ ଥିବା ୩ମହଲା କୋଠାର ମୂଲ୍ୟ ୬୨ ଲକ୍ଷ ୨୪ ହଜାର, ୪ଟି ପ୍ଲଟର ମୂଲ୍ୟ ୪ ଲକ୍ଷ ୬୧ ହଜାର, ଅନ୍ୟ ଏକ ୩ ମହଲା କୋଠାର ମୂଲ୍ୟ ୪୫ ଲକ୍ଷ ୩୪ ହଜାର ୨୫୦ ଟଙ୍କା, ଘରର ଆସବାବପତ୍ରର ମୂଲ୍ୟ ୨ ଲକ୍ଷ ୯୯ ହଜାର ୫୦୦ ଟଙ୍କା ଆକଳନ ହୋଇଥିବା ବେଳେ ୬୩ ହଜାର ଟଙ୍କାର ସୁନା ଗହଣା ଜବତ କରାଯାଇଛି। ୩୭୦ ଗ୍ରାମ ସୁନା ବ୍ୟାଙ୍କରେ ବନ୍ଧକ ରହିଛି। ସେହିପରି ବ୍ୟାଙ୍କରେ ୩ ଲକ୍ଷ ଟଙ୍କା ଜମା ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଡିଏସ୍‌ପି ରବିକାନ୍ତ ସୁନାଙ୍କ ତତ୍ତ୍ୱାବଧାନରେ ୪ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ସୁଶୀଲ କୁମାର ସେନାପତି ୧୯୮୯ ମସିହାରେ କନିଷ୍ଠ କିରାଣୀ ଭାବେ ଚାକିରୀରେ ଯୋଗ ଦେଇଥିଲେ।

# ସୋରଡ଼ା ବ୍ଲକ ଜିପିଟିଏ

ସୋରଡା,୬।୯(ଡି.ଏନ୍.ଏ.)

ସୋରଡା ବ୍ଲକ ଏକଲପୁର ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ (ଜିପିଟିଏ) ଅନିଲ ବେହେରା ଗୁରୁବାର ଗୁହାଳ ନିର୍ମାଣ ବିଲ୍ ପାସ୍ ପାଇଁ ୨୫ଶହ ଟଙ୍କା ଲାଞ୍ଚ ନେବାବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ହାବୁଡରେ ପଡିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ପରେ ବ୍ଲକ ଅଫିସରୁ କିଛି କାଗଜପତ୍ର ଜବତ କରି ବ୍ରହ୍ମପୁର ଚାଲିଯାଇଛନ୍ତି।

ପ୍ରକାଶ ଯେ, ଏକଲପୁର ଗ୍ରାମର ଜଣେକ ବ୍ୟକ୍ତି ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। କାମ ସରିବା ପରେ ଏହାର ବିଲ୍ ପାଇଁ ବୈଷୟିକ ସହାୟକ ବେହେରା ୨୫ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ପ୍ରକାରେ ଗୁରୁବାର ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଏକ ଟିମ୍ ସୋରଡାରେ ପହଞ୍ଚିଥିଲେ। କେତେଜଣ ଭିଜିଲାନ୍ସ କର୍ମଚାରୀ ବେହେରାଙ୍କ ବଡଦାଣ୍ଡସ୍ଥିତ ଭଡାଘର ନିକଟରେ ଛକି ରହିଥିବା ବେଳେ କେତେଜଣ ବ୍ଲକ ସମ୍ମୁଖରେ ରହିଥିଲେ। ଗୁହାଳ ନିର୍ମାଣକାରୀ ତାଙ୍କ ଭଡାଘରକୁ ଯାଇ ଲାଞ୍ଚ ଅର୍ଥ ଦେବାବେଳେ ବିଭାଗୀୟ କର୍ମଚାରୀ ଅନିଲଙ୍କୁ କାବୁ କରିନେଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କୁ ଧରି ଭିଜିଲାନ୍ସ କର୍ମଚାରୀ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବରିଷ୍ଠ କିରାଣିଙ୍କ ଟେବୁଲରେ ଥିବା ଗୁହାଳ ସମ୍ପର୍କିତ ରେକର୍ଡପତ୍ର ନେଇ ଯାଇଥିବା କିରାଣି ଚଞ୍ଚଳ ମାଝି କହିଛନ୍ତି।



ଅନିଲ ବେହେରା।

# ସୁନାଇଟା ଦେବାକୁ କହି ୭ ଲକ୍ଷ ଟଙ୍କା ଠକେଇ

## ୩ ଗିରଫ, ଟଙ୍କା, ମୋବାଇଲ, ନକଲି ସୁନାଇଟା ଜବତ



ଗିରଫ ୩ ଅଭିଯୁକ୍ତ।

ଆର.ଉଦୟଗିରି,୬।୯(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଅଞ୍ଚଳରେ ସୁନାଇଟା ଦେବାକୁ କହି ୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିକାମାଳ ଗ୍ରାମର ପ୍ରବୋଧ ପ୍ରଧାନ, ତାବରଡ଼ା ଗ୍ରାମର ଲୁହେର ସିଂ ଏବଂ ଲୁବୁରୁସିଂ ଗ୍ରାମର ରବି ରଇତ। ସେମାନଙ୍କ ଠାରୁ ପୋଲିସ ୨ ଲକ୍ଷ ଟଙ୍କା, ଗୋଟିଏ ମୋବାଇଲ ଫୋନ ଓ ସୁନା ଇଟା ଜବତ କରିଥିଲା। ମାତ୍ର ଯାଞ୍ଚ ପରେ ଏହା ପିତ୍ତଳ ଇଟା ଓ ଉପରେ ସୁନାର ଝାଳ ଦିଆଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ଆର.ଉଦୟଗିରି ଥାନା ଟିକାମାଳ ଗ୍ରାମର ପ୍ରବୋଧ ଓ ତାଙ୍କ ୨ସାଙ୍ଗ ଲୁହେର ଓ ରବି ମିଶି ଗଞ୍ଜାମ ଜିଲା ପୁଡ଼ାମାରି ଗ୍ରାମର ପ୍ରଫୁଲ୍ଲ ବଇଠାରୁଙ୍କୁ ୫ କିଲୋ ୨୦୦ ଗ୍ରାମ ଓଜନର ଏକ ନକଲି ସୁନାଇଟା ଦେଖାଇ ପ୍ରଲୋଭିତ କରି ୭ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରେ ଧରାଛୁଆଁ ଦେଇ ନ ଥିଲେ। ଏନେଇ ପ୍ରଫୁଲ୍ଲ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ. ନଂ.୫୧/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରବୋଧ, ଲୁହେର ଓ ରବିଙ୍କୁ ଗିରଫ କରିଥିଲା। ଗଜପତି ଏସ୍‌ପି ଅମୂଲ୍ୟ କୁମାର ଦାସ ଏହି ଥାନା ଗସ୍ତରେ ଆସି ଏହା ପୋଲିସକୁ ଏକ ବଡ ସଫଳତା ବୋଲି କହିଛନ୍ତି।

# ଶିକ୍ଷକ ବଦଳି ବାତିଲ ଦାବିରେ ଧାରଣା



ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ର।

ସୋରଡା,୬।୯(ଡି.ଏନ୍.ଏ.)

ସୋରଡା ଆଦର୍ଶ ବିଦ୍ୟାଳୟର ଇଂଲିଶ ଶିକ୍ଷକ ବିଦ୍ୟାଧର ମହାରଣାଙ୍କ ବଦଳି ଆଦେଶ ବାତିଲ ଦାବିରେ ଅଭିଭାବକମାନେ ଗତ ୪ ତାରିଖରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଅଭିଭାବକମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ଫେରି ଯାଇଛନ୍ତି। ଖବର ପାଇ ତହସିଲଦାର ଅମର କୁମାର ବସନ୍ତରାୟ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରି ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବ ବୋଲି କହିଥିଲେ। ଅଭିଭାବକ ଶିବପ୍ରସାଦ ବାହିନୀ ପତି, ବୁଲୁ ମହାପାତ୍ର, ମନୋଜ ଦାଶ, ସୀତା ବାହିନୀ ପତି, ନୃସିଂହ ଗୌଡଙ୍କ କହିବା ଅନୁଯାୟୀ ଇଂଲିଶ ଶିକ୍ଷକ ମହାରଣାଙ୍କ ଯୋଗୁ ଏଠାରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ସହ ବିଭିନ୍ନ କ୍ରୀଡାରେ ଛାତ୍ରୀଛାତ୍ର ଭାଗନେଇ କୃତିତ୍ୱ ହାସଲ କରିଛନ୍ତି। ତେଣୁ ତାଙ୍କୁ ଏଠାରୁ ବଦଳି କରା ନ ଯାଉ।

## ଛେଳି ଜଗୁଆଳି ହତ୍ୟା ମାମଲା, ୨ ଗିରଫ

ସୋରଡ଼ା,୬।୯(ଡି.ଏନ୍.ଏ.)

ସୋରଡ଼ା ସନ୍ଧି ଗୁଣ୍ଡିରିବାଡ଼ି ଗ୍ରାମ ନିକଟ ଛେଳି ଗୋଠ ଜଗୁଆଳି ବାଞ୍ଛାନିଧି ଗୌଡ଼ ହତ୍ୟା ମାମଲାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଙ୍ଗାଧର ସେଠୀ, ସହଯୋଗୀ ପ୍ରଶାନ୍ତ ମଲିକ। ବଡ଼ଗଡ଼ ପୋଲିସ ଜୀବନାନନ୍ଦ ଜେନା, ସୋରଡ଼ା ପୋଲିସ ପ୍ରଭାତ ସାହୁ ଅଭିଯୁକ୍ତଙ୍କୁ ଧରିବାକୁ ୩ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ। ଗୁରୁବାର ମେରୀକୋଟ ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କାତି ଜବତ କରିଛନ୍ତି। ମୃତ ବାଞ୍ଛାନିଧିଙ୍କ ପୁଅ ମଗୁଲୁ ଗୌଡ଼ଙ୍କ ଏତଲା କ୍ରମେ ନଂ. ୧୪/୧୮ ମାମଲା ରୁଜୁ କରାଯାଇଛି ବୋଲି ଆସିକା ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରକାଶ ଯେ, ସନ୍ଧି ଗୁଣ୍ଡିରିବାଡି ଗ୍ରାମ ନିକଟ ଛେଳି ଗୋଠରେ ଜଗୁଆଳି ଥିବା ବାଞ୍ଛାନିଧି ଶନିବାର ରାତିରେ ଶୋଇଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା।

## ବିଜୁ ଯୁବ ବାହିନୀର ସହରାଞ୍ଚଳସ୍ତରୀୟ ବୈଠକ

ସୋରଡ଼ା,୬।୯(ଡି.ଏନ୍.ଏ.)

ସହରାଞ୍ଚଳ ବିଜୁ ଯୁବ ବାହିନୀର ବୈଠକ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସଂଯୋଜକ ସଞ୍ଜୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟନିର୍ବାହିଅଧିକାରୀ ବିପିନ କୁମାର ପ୍ରଧାନ, ଗଣ୍ଡିଳ ଅଧିକାରୀ ସତ୍ୟନାରାୟଣ ସୁବୁଦ୍ଧି ଯୋଗଦେଇ ବାହିନୀର ସମାଜିକ ଦାୟିତ୍ୱ ଉପରେ କହିଥିଲେ। ଆଗାମୀ ଦିନରେ ରକ୍ତଦାନ ଶିବିର, ଚାରାରୋପଣ, ସ୍ୱଚ୍ଛତା ଅଭିଯାନ ପାଇଁ ଜନ ସାଧାରଣଙ୍କୁ ସଚେତନା କରିବାକୁ ନିଷ୍ପତ୍ତି ହୋଇଥିଲା।

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି



ତହସିଲଦାରଙ୍କୁ ଅଭିଯୋଗ କରୁଛନ୍ତି ଲୋକେ।

ତୁମୁଡିବନ୍ଧ,୬।୯(ଡି.ଏନ୍.ଏ.)

ସରକାରୀ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଗୁରୁବାର ତୁମୁଡିବନ୍ଧ ମିଳିତ ନାଗରିକ କ୍ରିୟାନୁଷ୍ଠାନ କମିଟି, ଜଗନ୍ନାଥ ବଣିକ ସଂଘ, ଆମ୍ବେଡକର ସେବାସମିତି, ବରିଷ୍ଠ ନାଗରିକ, ତୁମୁଡିବନ୍ଧ ସାମ୍ବାଦିକ ସଂଘ ତହସିଲଦାର ଚନ୍ଦ୍ରହାସ ନାୟକଙ୍କୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଦୀର୍ଘଦିନ ହେଲା ତୁମୁଡିବନ୍ଧ ଅଞ୍ଚଳର ଜଣେ ଡାବା ମାଲିକ ନୂଆମୁଣ୍ଡାଠାରେ ଥିବା ଏକ ଗୋଚର ଜମିକୁ ବାଡବୁଜି ଅକ୍ତିଆର କରି ରଖିଛନ୍ତି। ଉକ୍ତ ଗୋଚର ଜମିରେ ଲାବଣ୍ୟନଗର, ନୂଆମୁଣ୍ଡା, ଜଲେସପଟ୍ଟା ଆଦି ଅଞ୍ଚଳର ଗୃହପାଳିତ ପଶୁ ଚରନ୍ତି। ଜବରଦଖଲ ଯୋଗୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଉଚ୍ଛେଦ ପାଇଁ ଆସୁଥିବା କର୍ମଚାରୀଙ୍କୁ ବିଭିନ୍ନ ଆଳ ଦେଖାଇ ଉଚ୍ଛେଦ କରାଇ ଦେଉ ନାହାନ୍ତି। ଏପରିକି ବିରୋଧ କରୁଥିବା ନିରୀହ ଲୋକଙ୍କୁ ମଧ୍ୟ ଧମକ ଦେଉଥିବା ଅଭିଯୋଗ ହେଉଛି। ଏନେଇ ତହସିଲଦାର ଚନ୍ଦ୍ରହାସ ନାୟକ ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ଉପଜିଲାପାଳ ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରି ନାଲି ପତାକା ଲଗାଇଥିବାବେଳେ ତାଙ୍କ ବଦଳି ପରେ ସମ୍ପୃକ୍ତ ବ୍ୟକ୍ତି ପୁଣି ଜବରଦଖଲ କରିଥିବା ଜଣାପଡିଛି। ପ୍ରମୋଦ ମାନସେଠ୍, ରାମକୃଷ୍ଣ ପାଢୀ, ପ୍ରଭାକର ପ୍ରଧାନ, ଅମିୟ ପରାସେଠ୍, ସୁଧାଂଶୁ ପରାସେଠ, ସିପ୍ରିୟାନ ମଣ୍ଡଳ, ଜିଶାୟ ମଣ୍ଡଳ, କୁମର ପରାସେଠ ପ୍ରମୁଖ ଅଭିଯୋଗ ବେଳେ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ଦିଗପହଣ୍ଡି,୬।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତର ମା' ରତ୍ନେଶ୍ୱରୀ ମନ୍ଦିର ପରିସରରେ ଶୁକ୍ରବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆୟୋଜିତ ଶିବିରରେ ଦିଗପହଣ୍ଡି ଜେଏମ୍‌ଏଫ୍‌ସି ରଞ୍ଜନ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଓକିଲ ସଂଘ ଉପସଭାପତି ହର ପ୍ରସାଦ ରଥ ଶିବିର ପରିଚାଳନା କରିଥିଲେ। ଏପିପି ନକୁଳ ପ୍ରଧାନ, ବିପ୍ଳବ କୁମାର ମୁଦୁଲି, ଆଇନଜୀବୀ ନୀଳମାଧବ ରଥ, ସୀମାଞ୍ଚଳ ପ୍ରଧାନ, ନୂଆଗାଁ ଥାନା ଆଇଆଇସି ସୁଜିତ କୁମାର ନାୟକ, ଜକର ସରପଞ୍ଚ ଚୈତନ୍ୟ ପ୍ରଧାନ ଏବଂ ନୂଆଗାଁ ସରପଞ୍ଚ ସୁଷମା ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲୋକଙ୍କ ସାମ୍ବିଧାନିକ ଅଧିକାର, ମୁକ୍ତ ଆଇନ ସହାୟତା ବ୍ୟବସ୍ଥା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ବହୁ ଉପାଦେୟ ଆଇନଗୁଡ଼ିକ ଉପରେ ସଚେତନ କରାଯାଇଥିଲା। ପଞ୍ଚାୟତ ଜନ ପ୍ରତିନିଧି ଭଗବାନ ବାଡ଼ତ୍ୟା, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ମହିଳା, ପୁରୁଷ ଶିବିରରେ ଅଂଶଗ୍ରହଣ ସହ କୋର୍ଟ କର୍ମଚାରୀ କିଶୋର ଚନ୍ଦ୍ର ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ପାତ୍ର, ସନ୍ତୋଷ ସେଠୀ, ଏସ୍‌ଆଇ ଧନେଶ୍ୱର ନାହାକ, ଏଏସ୍‌ଆଇ ଦଣ୍ଡପାଣି ଦୋରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗଣେଶ ପୂଜା ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର,୬।୯(ଡି.ଏନ.ଏ) – ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ପଞ୍ଚାୟତ କେସିନଗରଡିହ ରାଜନଗର ସାହିରେ ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଅରୁଣ କୁମାର ରଥ ଏହାର ନେତୃତ୍ୱ ନେଉଛନ୍ତି। ପୁରୋହିତ ଟୁଲୁ ଶତପଥୀ ଓ ଚନ୍ଦ୍ରଶେଖର ଶତପଥୀ ମନ୍ତ୍ର ପାଠ କରି ଏହି କାର୍ଯ୍ୟ ସମାପନ କରିଥିଲେ।

# ଅବସରପ୍ରାପ୍ତ ଗୁରୁଙ୍କୁ ସମ୍ବର୍ଦ୍ଧନା

ଦାରିଙ୍ଗବାଡି,୬।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଛି। ଶିକ୍ଷକ କଲ୍ୟାଣ ମହାସଂଘର ସଭାପତି ଯାମିନୀକାନ୍ତ ପତ୍ରା ଏଥିରେ ସଭାପତିତ୍ୱ କରିଥିବାବେଳେ ମହାସଂଘର ସାଧାରଣ ସମ୍ପାଦକ ବିଦେଶୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ବିଦ୍ୟୁଭୂଷଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ତ୍ରିଲୋଚନ ପାତ୍ର, ମୁଖ୍ୟବକ୍ତା ଭାବେ ତହସିଲଦାର ସୁନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଇଓ ପୁରେନ୍ଦ୍ର ବେହେରା, ଏବିଇଓ ତଥା ବିଆର୍‌ସିସି ସୁବାସିନୀ ଦିଗାଳ, ସରପଞ୍ଚ ରାଧାକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଅବସରପ୍ରାପ୍ତ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଅଙ୍ଗବସ୍ତ୍ର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଅଚ୍ୟୁତ ଜେନା, ଶିକ୍ଷାକର୍ମଚାରୀ ପୀତବାସ ଚୌଧୁରୀ ଏବଂ ମରଣୋତ୍ତର ସମ୍ବର୍ଦ୍ଧନା ଭଗବାନ ଗୌଡ଼ଙ୍କ ସ୍ତ୍ରୀ ନିରୁପମା ଗ୍ରହଣ କରିଥିବାବେଳେ ସୁବାସ ଚନ୍ଦ୍ର ନାୟକଙ୍କ ସ୍ତ୍ରୀ ଶାନ୍ତିଲତା ଗ୍ରହଣ କରିଥିଲେ।



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସମସ୍ୟା ଘେରରେ ୭ନଂ.ୱାର୍ଡ ବାଲିସାହି

## ଗଞ୍ଜାମ ଏନ୍‌ଏସି

ଗଞ୍ଜାମ,୬।୯(ଡି.ଏନ.ଏ.)

ଗଞ୍ଜାମ ଏନଏସିର ୭ ନଂ. ୱାର୍ଡ ବାଲିସାହି ବାସିନ୍ଦା ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଅଭିଯୋଗ କରିଛନ୍ତି। ଏହି ସାହିରେ ୨୦ରୁ ଊର୍ଦ୍ଧ୍ୱ ଦଳିତ ପରିବାର ବାସ କରୁଛନ୍ତି। ସମସ୍ତେ ଦିନ ମଜୁରିଆ। ସାହି ରାସ୍ତା ପ୍ରାୟ ୧୫ ବର୍ଷ ତଳେ ନିର୍ମାଣ ହୋଇଥିଲା। ଏବେ ସେଥିରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସାହିରେ ବିଦ୍ୟୁତ ଖୁଣ୍ଟ ଅଛି, ହେଲେ ଲାଇଟ ଜଳୁନି। ପିଇବା ପାଣି ସମସ୍ୟା ନ କହିଲେ ଭଲ। ନଳକୂପରେ ଠିକ ଭାବେ ପାଣି ଆସୁନି। ସାହିର ପ୍ରାୟ ସମସ୍ତଙ୍କର କଚ୍ଚାଘର। ରାଜ୍ୟ ସରକାର ବସ୍ତି ବାସିନ୍ଦା ଏବଂ ଗରିବ ଜନସାଧାରଣଙ୍କୁ ବିଜୁ ପକ୍କାଘର ଯୋଗାଇ ଦେଉଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ଅଧିକାଂଶ ପରିବାର ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାର ମୋ ଭୂମି ମୋ ପଟ୍ଟା ଯୋଜନାରେ ସମସ୍ତଙ୍କୁ ଘରପଟ୍ଟା ପ୍ରଦାନ କରୁଥିବା ବେଳେ ଉକ୍ତ ସାହିରେ ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇ ନ ଥିବା ଗ୍ରାମର ପ୍ରଶାନ୍ତ ନାୟକ ଅଭିଯୋଗ କରିଛନ୍ତି। ଏନଏସି ପ୍ରଶାସନ ଏହି ସାହି ପ୍ରତି ବୈମାତୃକ ମନୋଭାବ ନ ରଖି ସମସ୍ତ ସୁବିଧା କରୁ ବୋଲି ସାହିବାସୀ ଦାବି କରିଛନ୍ତି।

ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର ଉକ୍ତ ସାହିରେ ବିଭିନ୍ନ ସମସ୍ୟା ଥିବା ସ୍ୱୀକାର କରିଛନ୍ତି। ସାହି ରାସ୍ତା ନିର୍ମାଣ ପାଇଁ କାଉନସିଲ ବୈଠକରେ ରେଜୁଲେଶନ ହୋଇଛି, ଖୁବଶୀଘ୍ର ଟେଣ୍ଡର କରାଯାଇ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି। ଘରପଟ୍ଟା ପ୍ରଦାନ ପାଇଁ ସର୍ଭେ ଚାଲିଛି। ପଟ୍ଟା ପ୍ରଦାନ ବେଳେ ଯୋଗ୍ୟ ପରିବାରକୁ ଆବାସ କାର୍ଯ୍ୟାଦେଶ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ବାଲିସାହି ରାସ୍ତାରେ ରହିଥିବା ଖାଲ

## ସଂକ୍ଷେପରେ

### ବିଏମ୍‌ସିରେ ନୂତନ ବସ୍ତି ଉନ୍ନୟନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ବ୍ରହ୍ମପୁର ଅଫିସ,୬।୯:** ବ୍ରହ୍ମପୁର ମହାନଗର ନିଗମର ନୂତନ ବସ୍ତି ଉନ୍ନୟନ ଅଧିକାରୀ ଭାବେ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ପୁରୁଷୋତ୍ତମପୁର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ ।

### ଲାଞ୍ଜିପଲ୍ଲୀ ବାଇପାସ୍‌ରେ ରାହାଜାନି, ଥାନାରେ ଏତଲା

**ବ୍ରହ୍ମପୁର ଅଫିସ, ୬।୯:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅଧୀନ ଲାଞ୍ଜିପଲ୍ଲୀ ବାଇପାସ୍ ରାସ୍ତାରେ ବୁଧବାର ସନ୍ଧ୍ୟାରେ ରାହାଜାନି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ହାଉସିଂ ବୋର୍ଡ ଅଞ୍ଚଳର ରୋହିତ କୁମାର ସାହୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ହଠାତ୍ ୪ ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ରୋହିତଙ୍କୁ ଅଟକାଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ତାଙ୍କ ପାଖରେ ଥିବା ୧୦ ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ପୋଲିସ ନଂ ୧୦୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି କୁଳମଣି ସେଠୀ ସୂଚନା ଦେଇଛନ୍ତି ।

### ଆନ୍ଦୋଳନ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୬।୯:** ଗଞ୍ଜାମ ଜିଲା ବିଜେଡି, ଯୁବ, ଛାତ୍ର ଓ ମହିଳା ସଂଗଠନର ମିଳିତ ବୈଠକ ଗୁରୁବାର ବ୍ରହ୍ମପୁରସ୍ଥ ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ ଓ ଡିଜେଲର ଲଗାମଛଡ଼ା ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର ବ୍ରହ୍ମପୁର ଓ ଗୋପାଳପୁର ସମେତ ଜିଲାର ବିଭିନ୍ନ ସ୍ଥାନରେ ପେଟ୍ରୋଲ ପମ୍ପ ଆଗରେ ପୂର୍ବାହ୍ନ ୧୦ ରୁ ୧୨ଟା ଆନ୍ଦୋଳନ କରାଯିବାର ନିଷ୍ପତ୍ତି ନିଆଯାଇଛି। ମୂଲ୍ୟ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବ ଏବଂ ବ୍ରହ୍ମପୁର ମହାନଗରରେ ଥିବା ୮ ପେଟ୍ରୋଲ ପମ୍ପ ଆଗରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ ହେବ । ବୈଠକରେ ଯୁବ ବିଜେଡି ଜିଲା ସଭାପତି ଏନ.ଧନଞ୍ଜୟ ରାଓ, ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ ଏବଂ ଉକ୍ତ ସଂଗଠନଗୁଡ଼ିକର ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ । ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ, ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ ଓ ଅନିଲ କୁମାର ସାହୁ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ମୁକୁନ୍ଦ ଗୌଡ଼, ଜଗଦୀଶ ସାବତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ମହିଳା ମମତା ବିଶୋୟୀ, ପି. ଆଶାରାଣୀ, ଆର. ମୁରଲୀ ମୋହନଙ୍କ ସମେତ ବିଏମ୍‌ସିର ଅନେକ କର୍ପୋରେଟର ଏଥିରେ ଯୋଗ ଦେଇଥିଲେ। ବିଭିନ୍ନ ପେଟ୍ରୋଲ ପମ୍ପ ଆଗରେ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ଯୁବ ଓ ଛାତ୍ର ବିଜେଡି ସଭାପତି ଆନ୍ଦୋଳନର ନେତୃତ୍ୱ ନେବାର ନିଷ୍ପତ୍ତି ନିଆଯାଇଥିଲା ।

■ସଂରକ୍ଷଣ, ବଂଶ ବୃଦ୍ଧି ପାଇଁ ପଦକ୍ଷେପ

# ଘର ପାଇବେ ଘରଚଟିଆ

■୧୧ ବ୍ଲକ, ୨ ୱାର୍ଡ଼କୁ ବସା, ଖାଦ୍ୟସ୍ଥଳୀ ପ୍ରଦାନ

■ପ୍ରତ୍ୟେକ ଗାଁରେ ଆରମ୍ଭ ହେବ ଅଭିଯାନ

**ବ୍ରହ୍ମପୁର ଅଫିସ,୬।୯**

ପରିବେଶର ପରିବର୍ତ୍ତନ ଯୋଗୁ ବାସସ୍ଥାନ ହରାଇଥିବା ଘର ଚଟିଆଙ୍କ ସଂରକ୍ଷଣ ଏବଂ ବଂଶ ବୃଦ୍ଧି ପାଇଁ ଗତ କିଛି ବର୍ଷ ହେଲା ଉଦ୍ୟମ ଆରମ୍ଭ ହୋଇଛି । ବ୍ରହ୍ମପୁର ଉପକଣ୍ଠ ଗୁଣ୍ଡବନ୍ଧ ଗ୍ରାମରେ କେତେକ ଉତ୍ସାହୀ ଯୁବକଙ୍କୁ ନେଇ ଗଠିତ ଆଞ୍ଚଳିକ ବିକାଶ ପରିଷଦ ଏ ଦିଗରେ କାର୍ଯ୍ୟ କରୁଛି। ଫଳରେ ଆଖପାଖ ୬ ଗ୍ରାମରେ ଘର ଚଟିଆଙ୍କ ବଂଶବୃଦ୍ଧି ହୋଇପାରିଛି। ଆଞ୍ଚଳିକ ବିକାଶ ପରିଷଦ ଏହି ମହତ କାର୍ଯ୍ୟ ଆଡ଼କୁ ସହଯୋଗର ହାତ ବଢ଼ାଇଛି ବନ ବିଭାଗ । ଏଣିକି ଗାଁ ଗାଁରେ ଘର ଚଟିଆଙ୍କୁ ଘର ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯିବ । ଗୁରୁବାର ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଞ୍ଚଳିକ ବନ ସଂରକ୍ଷଣଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସେ କହିଥିଲେ ଯେ, ଛୋଟ ଛୁଆଟି ଯେମିତି ଚଳଚଞ୍ଚଳ, ଘରଚଟିଆମାନେ ମଧ୍ୟ ସେମିତି ଚଳଚଞ୍ଚଳ । ଘର ଚଟିଆଙ୍କ ଜୀବନ ଶୈଳୀ ଅନ୍ୟମାନଙ୍କ ପାଇଁ ଆନନ୍ଦର ସ୍ରୋତ । ବିଶ୍ୱରେ ପ୍ରାୟ ୨୬ପ୍ରକାରର ଘର ଚଟିଆ ଦେଖାଯାଆନ୍ତି। କିନ୍ତୁ ଗତ କିଛି ବର୍ଷ ହେଲା ଏମାନଙ୍କ ସଂଖ୍ୟା ଦ୍ରୁତ ଭାବେ ହ୍ରାସ ପାଉଛି । ମୋବାଇଲ୍ ଟାୱାର୍, ବାସସ୍ଥାନ ଓ ଖାଦ୍ୟାଭାବ ଯୋଗୁ ଏମାନଙ୍କ ବଂଶ ଲୋପ ପାଉଛି । ଏଣୁ ଏମାନଙ୍କ ସଂରକ୍ଷଣ ଦିଗରେ ପଦକ୍ଷେପ ନିଆଯାଉଛି । ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ୧୧ ବ୍ଲକ ଏବଂ ବ୍ରହ୍ମପୁର ମହାନଗର ନିଗମର ୧ ଏବଂ ୨୬ନମ୍ବର ୱାର୍ଡ଼ର ସ୍ୱେଚ୍ଛାସେବୀଙ୍କୁ ଘର ଚଟିଆଙ୍କ ପାଇଁ କୃତ୍ରିମ ବସା ଏବଂ ଖାଦ୍ୟ ସ୍ଥଳୀ ବଣ୍ଟନ କରାଯାଇଛି । ଆଗାମୀ ଦିନରେ ଏହା ଜାରି ରହିବ। ଦ୍ୱିତୀୟ ପର୍ଯ୍ୟାୟରେ ପଞ୍ଚାୟତ ଏବଂ ତୃତୀୟ ପର୍ଯ୍ୟାୟରେ ଗ୍ରାମାଞ୍ଚଳସ୍ତରରେ କୃତ୍ରିମ ବସା ଏବଂ ଖାଦ୍ୟ ସ୍ଥଳୀ ବଣ୍ଟନ କରାଯିବ । କେବଳ ବଣ୍ଟନ ନୁହେଁ, ସମୀକ୍ଷା ମଧ୍ୟ ହେବ। ବ୍ଲକସ୍ତରରେ ମାସିକ, ଗ୍ରାମସ୍ତରରେ ଅର୍ଦ୍ଧମାସିକ ବୈଠକ ଡକାଯିବ। ଯେଉଁମାନେ ଏହି ଅଭିଯାନରେ ସାମିଲ୍ ହୋଇଛନ୍ତି, ସେମାନଙ୍କ ଠାରୁ ନିୟମିତ ମତାମତ ସଂଗ୍ରହ କରାଯିବ। ପ୍ରତ୍ୟକ ଗାଁସ୍ତରରେ ଘର ଚଟିଆଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ପାଇଁ ଅଭିଯାନ ଚାଲିବ ବୋଲି ବନଖଣ୍ଡ ଅଧିକାରୀ ବେହେରା ପ୍ରକାଶ କରଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି ଯୋଗଦେଇ ବର୍ତ୍ତମାନ ବିପର୍ଯ୍ୟୟ ପରିବେଶର ସୁରକ୍ଷା ପାଇଁ ସମସ୍ତେ ଯେଉଁ ପେସାରେ ଥିଲେ ମଧ୍ୟ ଆଗଭର ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ବର୍ଣ୍ଣ ଓଡ଼ିଶାର ସମ୍ପାଦକ କବିରାଜ ଗୌଡ଼, ମାରୱାଡ଼ି ମହିଳା ସମିତି ସଭାନେତ୍ରୀ ମମତା ଚୌଧୁରୀ ଏବଂ ଓଡ଼ିଶା ପର୍ଯ୍ୟାବରଣ ସୁରକ୍ଷା ସମିତି ସଭ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ପ୍ରାରମ୍ଭରେ ଇକୋ କ୍ଲବ ଜିଲା ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନେଚର ଲଭର୍ ଓଡ଼ିଶା ନାମକ ଏକ ସଂଗଠନ ଗଠନ କରିବା ପାଇଁ ଘୋଷଣା କରାଯାଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରକୃତିପ୍ରେମୀ ଏବଂ ଅନୁଷ୍ଠାନଗୁଡ଼ିକ ସଭ୍ୟ ରହିବେ। କାର୍ଯ୍ୟକ୍ରମରେ ବିଜେନ୍ଦ୍ର ମାଝି, ସିଲୁ ମହାନ୍ତି, ସଞ୍ଜୟ ପାତ୍ର, ଏମ୍.ଦିଲ୍ଲୀପ କୁମାର, ସିଲୁ ଚୌଧୁରୀ, ନୀଳମାଧବ ସାହୁଙ୍କ ସମେତ ବନ ବିଭାଗର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।



ଘର ଚଟିଆ ବସା ଏବଂ ଖାଦ୍ୟସ୍ଥଳୀ ବଣ୍ଟନ କରାଯାଉଛି ।

# ଗୌରୀ ଲଙ୍କେଶଙ୍କ ହତ୍ୟାକୁ ନିନ୍ଦା




ପ୍ରତିବାଦ ସଭାରେ ଉପସ୍ଥିତ ବକ୍ତାମାନେ ।

**ବ୍ରହ୍ମପୁର ଅଫିସ,୬।୯**

ମାନବବାଦୀ, ହେତୁବାଦୀ ସଂଗଠନ ଆନୁକୁଲ୍ୟରେ ହେତୁବାଦୀ ତଥା ସାମ୍ବାଦିକା ଗୌରୀଲଙ୍କେଶଙ୍କ ହତ୍ୟା ବିରୋଧରେ ଏକ ପ୍ରତିବାଦ ସଭା ଇଂ. ରାଜା ସୁରେଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ବୁଦ୍ଧିଜୀବୀ ଯୋଗଦେଇ ଲଙ୍କେଶଙ୍କ ହତ୍ୟାକୁ ନିନ୍ଦା କରିଥିଲେ। ପ୍ରଥମେ ସଂଗଠନ ସମ୍ପାଦକ କେ. ନନ୍ଦେଶୁ ସେନାପତି କହିଥିଲେ, ଲଙ୍କେଶଙ୍କ ହତ୍ୟାକୁ ଏକ ବର୍ଷ ପୂରିଲା । ତାଙ୍କୁ ହିନ୍ଦୁ ମୌଳବାଦୀମାନେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲେ । ତଦନ୍ତରେ ବିଳମ୍ବ ହେଉଥିବା ଯୋଗୁ ସେ ସମାଲୋଚନା କରିଥିଲେ । ଲଙ୍କେଶଙ୍କ ଆଦର୍ଶଗତ ଲଢ଼େଇକୁ ଏକ ଆନ୍ଦୋଳନର ରୂପ ଦେବାକୁ ବୁଦ୍ଧିଜୀବୀମାନେ ଏହି ଅବସରରେ ମତ ରଖିଥିଲେ । ବର୍ତ୍ତମାନ ଦେଶରେ ଏକ ସୁଚିନ୍ତିତ ଢ଼ଙ୍ଗରେ ଭିନ୍ନମତ ପୋଷଣ କରୁଥିବା ବ୍ୟକ୍ତିମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେଇ, ଲୋକମତକୁ ଦବାଇବାକୁ ଉଦ୍ୟମ କରାଯାଉଛି। ଏପରିକି ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଯୋଜନା ନାମରେ ଦେଶର ବିଭିନ୍ନ ପ୍ରାନ୍ତରୁ ମାନବାଧିକାର ସୁରକ୍ଷା କର୍ମୀ, ଖବରଦାତା, ମୁକ୍ତ ବିଚାର ରଖୁଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି । ଏହା ନିନ୍ଦନୀୟ । ଲଙ୍କେଶ, ଡ. ନରେନ୍ଦ୍ର ଡାଭୋଲକର, ଏମ୍‌ଏମ୍. କୁଲବର୍ଗି, ଗୋବିନ୍ଦ ପାନସାରେଙ୍କ ହତ୍ୟାରେ ଜଡ଼ିତ ଥିବା ସନାତନ ସଂସ୍ଥା ଓ ହିନ୍ଦୁ ଜାଗୃତି ସମିତିକୁ ବେଆଇନ୍ ଘୋଷଣା କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ସଭାରେ ଦାବି ହୋଇଥିଲା । ସଭାରେ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଅବନୀ ଗୟା, ସୁଧୀର ପଟ୍ଟନାୟକ, ବି.ବାଲାକ୍ରିଷ୍ଣା, କାମେଶ୍ୱର ରାଓ, ସୁନେଜ୍ କୁମାର ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ନାୟକ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ରମେଶ ଚନ୍ଦ୍ର ବେହେରା, ରାଜ କିଶୋର ଏବଂ କାଶୀନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୬।୯**

ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । 'ଆନ୍ତର୍ଜାତୀୟ ସମ୍ପର୍କରେ ଆଦର୍ଶବାଦ ଓ ବାସ୍ତବତା' ଶୀର୍ଷକ ଏହି ଆଲୋଚନା ଚକ୍ରରେ ବିଭାଗର ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ବିଭାଗୀୟ ମୁଖ୍ୟ ପ୍ରଫେସର କିଶୋର କୁମାର ବେହେରା ଏଥିରେ ଅଧକ୍ଷତା କରିଥିଲେ । ଶଶି ଭୂଷଣ ରଥ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡ. ସଂଘମିତ୍ରା ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆନ୍ତର୍ଜାତୀୟ ସମ୍ପର୍କରେ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଅମୃତ ସେଠୀ ଏବଂ ଅଧ୍ୟାପକ ବିନୋଦ କୁମାର କର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସ୍ନାତକୋତ୍ତର ଛାତ୍ର ରାଜଲକ୍ଷ୍ମୀ ପଣ୍ଡା, ଡି. ସୁନୀତା, ଲିପ୍‌ସା ସ୍ୱାଇଁ, ଉଷାରାଣୀ ସାହୁ, ପ୍ରତୀକ୍ଷା ସାହୁ, ବିଶ୍ୱଜିତ ପାଢୀ, ଅନିଲ ପ୍ରଧାନ ଓ ଲକ୍ଷହୀରା ବେହେରା ପ୍ରମୁଖ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ତାଙ୍କ ଆଭିମୁଖ୍ୟ ଏବଂ ମତ ରଖିଥିଲେ । ଅଧ୍ୟାପିକା ଡ. ସୁସ୍ମିତା ପଟ୍ଟନାୟକ, ଅଧ୍ୟାପକ ଗୋପାଳକୃଷ୍ଣ ଦାସ ଓ ଛାତ୍ର ସୂର୍ଯ୍ୟନାରାୟଣ ପଣ୍ଡା, ଛାତ୍ରୀ ସ୍ନେହାଞ୍ଜଳି ପାଇକରାୟ, ଆଞ୍ଚଳ ମହାନ୍ତି, ଦେବେନ୍ଦ୍ର ନାଥ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପକ ଗୋପାଳକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ ।

# ରାସ୍ତାକଡ଼ରୁ ଶିଶୁ କନ୍ୟା ମୃତଦେହ ଉଦ୍ଧାର


**ବ୍ରହ୍ମପୁର ଅଫିସ, ୬।୯**

ବ୍ରହ୍ମପୁର ଟାଉନ ଥାନା ଅଧୀନ ଅମ୍ବିକା ନଗର ପ୍ରଥମ ଲେନ୍‌ରୁ ଗୁରୁବାର ସକାଳେ ଏକ ଶିଶୁ କନ୍ୟା ମୃତଦେହ ଉଦ୍ଧାର କରାଯାଇଛି। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ନେଇ ନଂ. ୧୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ବସନ୍ତ



@ ଶଙ୍କର



@ ସୁନୀଲ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଗଞ୍ଜେଇ ଚୋରାଚାଲାଣ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର ଅଫିସ, ୬।୯**

ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗଞ୍ଜାମ ଜିଲା ଦୌରା ଜଜ୍ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ପାଟପୁର ଥାନା ପୁଡାମାରି ଗ୍ରାମର ରଞ୍ଜନ କୁମାର ପଣ୍ଡା। ଗୁରୁବାର ୩ ଜଣ ସାକ୍ଷୀଙ୍କ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ରଞ୍ଜନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

ପ୍ରକାଶଯେ, ୨୦୧୬ ମେ ୨୨ରେ କନିଷି ଅଞ୍ଚଳରୁ ଭୁବନେଶ୍ୱରକୁ ଏକ ବଲେରୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଧରପଗଡ କରାଯାଇଥିଲା । ବୋଲେରୋରୁ ୮ଗୋଟି ବ୍ୟାଗ୍‌ରେ ସମୁଦାୟ ୨୬୦ କେ.ଜି. ଗଞ୍ଜେଇ ଜବତ କରାଯାଇଥିଲା । ଏନେଇ ଅବକାରୀ ବିଭାଗ ପକ୍ଷରୁ ନଂ ୧୩/୧୬ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

# ୧୦ରୁ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଧର୍ମଘଟ

**ବ୍ରହ୍ମପୁର ଅଫିସ,୬।୯**

ବିଭିନ୍ନ ଦାବି ନେଇ ଆସନ୍ତା ୧୦ତାରିଖରୁ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ୍ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି । ଏଥିରେ ଗଞ୍ଜାମ ଜିଲା ଶାଖା ମଧ୍ୟ ସାମିଲ୍ ହୋଇଛି। ଗଞ୍ଜାମର ପ୍ରାୟ ୧୩୦ କର୍ମଚାରୀ ଏହି ଧର୍ମଘଟରେ ଭାଗନେବେ। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଆଇଇସି ହଲ୍‌ରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଧର୍ମଘଟର ସଫଳତା ନେଇ ଆଲୋଚନା କରାଯାଇଥିଲା। ନନ୍ ମେଡ଼ିକୋ ପବ୍ଲିକ ହେଲ୍‌ଥ ମ୍ୟାନେଜେରିଆଲ୍ କ୍ୟାଡର୍ ସୃଷ୍ଟି କରି ଚାକିରି ନିୟମିତ କରିବା, ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ସର୍ବନିମ୍ନ ଦରମା ୧୮ହଜାରରୁ ଅଧିକ ସହିତ ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଓ ଅନ୍ୟାନ୍ୟ ସୁବିଧା, ଦରମା ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ବ୍ୟବସ୍ଥା ପ୍ରଦାନ, ପରଫରମାନ୍ସ ଇନ୍‌ସେନ୍‌ଟିଭ୍ ଉଚ୍ଛେଦ କରିବା, ଇଏସ୍‌ଆଇ ଏବଂ କ୍ୟାଶଲେସ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପଲିସି ପ୍ରୟୋଗ ଏବଂ ଘର ଭଡ଼ା ସହିତ ବୋନସ୍ ପ୍ରଦାନ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। କର୍ମଚାରୀଙ୍କ କହିବାନୁଯାୟୀ, ଦୀର୍ଘ ୧୨ବର୍ଷ ହେଲା କାର୍ଯ୍ୟରତ ହଜାର ହଜାର କର୍ମଚାରୀ ନାନାଦି ପ୍ରଶାସନିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଭବିଷ୍ୟତ ଅନ୍ଧକାର ହୋଇପଡ଼ିଛି। ଉଚ୍ଚ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କ ନିକଟରେ ବହୁଥର ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ । ଏଣୁ ଏହି ଧର୍ମଘଟ ଡାକରା ଦିଆଯାଇଛି। ରାଜ୍ୟର ପ୍ରାୟ ୬ହଜାର କର୍ମଚାରୀ ଏହି ଧର୍ମଘଟରେ ଭାଗ ନେଉଥିବା ବେଳେ ଗଞ୍ଜାମ ଜିଲାର ୧୩୦ କର୍ମଚାରୀ ରହିଛନ୍ତି । ସରକାର ଦାବି ପୂରଣ ନ କରିବା ଯାଏ ଆନ୍ଦୋଳନ ଚାଲିବ ବୋଲି ସଂଘ ଗଞ୍ଜାମ ଶାଖା ସଭାପତି ଗଣେଶ ନାହାକ, ଉପସଭାପତି ରିଣ୍ଟୁ କୁମାର ନନ୍ଦ, ସାଧାରଣ ସମ୍ପାଦକ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ରାମ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଶ୍ରୀରାମ ପଣ୍ଡା, ସହକୋଷାଧ୍ୟକ୍ଷ ଲୋକନାଥ ପଣ୍ଡା, ସଂଯୋଜକ ଗାର୍ଗୀ ପଟ୍ଟନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଜିଲାଠାରୁ ବ୍ଲକସ୍ତର କର୍ମଚାରୀମାନେ ଧର୍ମଘଟ ଡାକରା ଦେଉଥିବା ଯୋଗୁ ସ୍ୱାସ୍ଥ୍ୟ ପ୍ରଶାସନର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି।



ଧର୍ମଘଟରେ ସାମିଲ୍ ହେବାକୁ ଥିବା କର୍ମଚାରୀମାନେ ।

# ରାଫେଲ ଯୁଦ୍ଧବିମାନ କିଣାରେ ମହାଦୁର୍ନୀତି

## ଗଞ୍ଜାମ ଜିଲା କଂଗ୍ରେସର ଅଭିଯୋଗ

**ବ୍ରହ୍ମପୁର ଅଫିସ,୬।୯**

ସଂସଦ (ପାର୍ଲାମେଣ୍ଟ)ଯୁଗ୍ମ କମିଟି ଦ୍ୱାରା ରାଫେଲ ଯୁଦ୍ଧ ବିମାନ କିଣା ମହାଦୁର୍ନୀତିର ତଦନ୍ତ ପାଇଁ ଗଞ୍ଜାମ ଜିଲା କଂଗ୍ରେସ ଦାବି କରିଛି । ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶ ସୁରକ୍ଷା ଅପେକ୍ଷା ଫ୍ରାନ୍ସ ରାଫେଲ କମ୍ପାନୀ ଓ ଭାରତର ଏକ ଶିଳ୍ପପତିଙ୍କ ସ୍ୱାର୍ଥ ପ୍ରତି ଅହେତୁକ ଅନୁକମ୍ପା ଯୋଗାଇଥିବା ନେଇ ସମାଲୋଚନା କରାଯାଇଛି । ତୈଳଦର ବୃଦ୍ଧି ପ୍ରତିବାଦରେ ହୋ-ହଲ୍ଲା ଓ ଆନ୍ଦୋଳନକୁ ଓହ୍ଲାଇଥିବା ରାଜ୍ୟ ବିଜେଡି ସରକାର ରାଫେଲ ଦୁର୍ନୀତି ନେଇ ଚୁପ୍ ରହିଥିବାରୁ ଜିଲା କଂଗ୍ରେସ ନିନ୍ଦା କରିଛି ।

ବ୍ରହ୍ମପୁରସ୍ଥ ବାପୁଜୀ ଆଶ୍ରମରେ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ତଥା ପୂର୍ବତନ ବିଧାୟକ ଡ଼ା. ତ୍ରିନାଥ ବେହେରା କହିଥିଲେ କେନ୍ଦ୍ରର ଦ୍ୱିତୀୟ ଉପା ସରକାର ଦେଶର ସୁରକ୍ଷା ନିମନ୍ତେ ୧୨୬ ରାଫେଲ ଯୁଦ୍ଧ ବିମାନ କିଣିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗୋଟିଏ ବିମାନ ପ୍ରତି ୫୨୬.୧୦ କୋଟି ଟଙ୍କାରେ କିଣାଯିବାର ନିଷ୍ପତ୍ତି ନିଆଯାଇଥିଲା । ତନ୍ମଧ୍ୟରୁ ୧୮ ଉଡ଼ନ୍ତା ବିମାନ ଓ ଆଉ ୧୮ ବିମାନର ଯନ୍ତ୍ରାଂଶ ଓଡ଼ିଶାର ସୁନାବେଡାସ୍ଥ 'ହାଲ'ରେ ଯୋଡ଼ାଯାଇ ନିର୍ମାଣ କରାଯିବାର ଚୂଡ଼ାନ୍ତ ହୋଇଥିଲା । ତେବେ ମୋଦି ସରକାର ଉପା ସରକାରଙ୍କ ନିଷ୍ପତ୍ତିକୁ ବଦଳାଇ ପ୍ରତି ବିମାନର ମୂଲ୍ୟ ୧୬୭୦.୭୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ଏବଂ ଯନ୍ତ୍ରାଂଶ ନ ଆଣି ଦେଶର ବୈଷୟିକ ଜ୍ଞାନ କୌଶଳ ହସ୍ତାନ୍ତର ସର୍ତ୍ତକୁ ବାଦ ଦେଇଛନ୍ତି । ଫଳରେ ରାଫେଲ ବିମାନ କିଣାରେ ହୋଇଥିବା ମହାଦୁର୍ନୀତି ପଦାରେ ପଡ଼ିଥିବା ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ।

ସୁନାବେଡାସ୍ଥ ହାଲକୁ ବିମାନର ମରାମତି ଓ ରକ୍ଷଣାବେକ୍ଷଣ ଠିକା ବା ଦାୟିତ୍ୱରୁ ବଞ୍ଚିତ କରାଯିବା ଦ୍ୱାରା ୩୫ ହଜାର ବେକାର ଯୁବତୀ ଓ ଯୁବକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଛନ୍ତି ଏବଂ ଦେଶ ୪୧,୨୦୬ କୋଟି ଟଙ୍କା କ୍ଷତି ସହିଛି । ଆଗାମୀ ନିର୍ବାଚନୀ ପ୍ରଚାରରେ ଏହାକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବାକୁ ଡ଼ା. ବେହେରା ସୂଚାଇଥିଲେ । ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଓ ଦୀପକ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ବ୍ରହ୍ମପୁର ଅଫିସ୍,୬।୯:** ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ଗଣେଶ ହଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଭାଗୀୟ ମୁଖ୍ୟ ଅନ୍ନପୂର୍ଣ୍ଣା ସାହୁ ଯୋଗଦେଇଥିବା ବେଳେ ଆସୋସିଏଟ୍ ପ୍ରଫେସର ପ୍ରଭାତ ସାହୁ, ଯଜ୍ଞଦତ୍ତ ନାୟକ ଏବଂ ଅନିତା କୁମାର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ବର୍ଷର ଗଣେଶ ପାଣିଗ୍ରାହୀ, ଶୁଭମ୍ ରାଉଳ, ଜଗଦୀଶ ପାଣିଗ୍ରାହୀ, ପ୍ରିୟଙ୍କା ପାତ୍ର, କୋମଲ ପଟ୍ଟନାୟକ, ଦୀକ୍ଷାଲତା ସାହୁ ଓ କବିତା ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ ।

### ପ୍ଲାଷ୍ଟିକ ବର୍ଜନ ସଚେତନତା ରାଲି

**ବେଗୁନିଆପଡ଼ା,୬।୯(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ଏସ୍.ଛଚିନା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଗୁରୁବାର ସ୍ୱଚ୍ଛ ଭାରତ ଓ ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନତା ରାଲି କରିଛନ୍ତି। ଅପରାହ୍ନରେ ପ୍ରଧାନ ଶିକ୍ଷୟିତ୍ରୀ ମିନା ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ସମସ୍ତେ ଶୌଚାଳୟ ନିର୍ମାଣ ଓ ବ୍ୟବହାର କରି ବାହ୍ୟ ମଳମୁକ୍ତ ଗ୍ରାମ କରିବା ସହ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବା ପାଇଁ କହିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଭସାଣି ପାଇଁ ନୂଆ ପରମ୍ପରା

**ପୁରୁଷୋତ୍ତମପୁର,୬।୯(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ପକ୍ଷରୁ ଗଣେଶ ପୂଜା ଉତ୍ସବକୁ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସନ୍ଧ୍ୟାରେ ଥାନା ପରିସରରେ ଆଇଆଇସି ଅଜୟ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସିର ୧୪ଟି ୱାର୍ଡରୁ ୨୨ଟି ପୂଜାମଣ୍ଡପର କର୍ମକର୍ତ୍ତା, ସଭ୍ୟଙ୍କ ସହ ବହୁ ଭଦ୍ର ବ୍ୟକ୍ତି ଯୋଗ ଦେଇଥିଲେ। ଏଥର ସବୁ ପୂଜାମଣ୍ଡପ ଗୋଟିଏ ଦିନରେ ଭଷାଣି କରିବା ସହ ସମସ୍ତ ମେଢ଼ମାନ ନରସିଂହ ଦାସ ହାଇସ୍କୁଲ ପଡ଼ିଆରେ ହେବ ଏବଂ ଆସନ୍ତା ୧୯ ଅପରାହ୍ନ ୪ଟାରେ ଭଷାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୯ଟାରେ ଶେଷ ହେବ। ଭଷାଣିରେ ବାଣ ଫୁଟାଇବା, ଶବ୍ଦ ପ୍ରଦ୍ୟୁଷଣ ନକରିବା, ସମସ୍ତ ମଦ ଦୋକାନ ବନ୍ଦ ପାଇଁ ଆଇଆଇସି କହିଛନ୍ତି। ଥାନା ଏସ୍ଆଇ ବିୟୁଟି ମହାନ୍ତି ବୈଠକ ପରିଚାଳନା କରିଥିଲେ।

# କଂଗ୍ରେସ ପ୍ରାର୍ଥୀ ହେବାକୁ ଚିନ୍ତାମଣି ଆଶାୟୀ

**ବ୍ରହ୍ମପୁର ଅଫିସ,୬।୯**

ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହେବାକୁ ଆଶାୟୀ ହୋଇଛନ୍ତି ଦଳର ବରିଷ୍ଠ ନେତା ତଥା ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା। ଧାର୍ଯ୍ୟ ସମୟ ପୂର୍ବରୁ ସାଧାରଣ ନିର୍ବାଚନ ହେବା ନେଇ ଜୋର ଧରିଛି ରାଜନୈତିକ ଚର୍ଚ୍ଚା। ଅନ୍ୟପକ୍ଷରେ ଆଗୁଆ ପ୍ରାର୍ଥୀ ଘୋଷଣା କରିବାର ରାଜ୍ୟ କଂଗ୍ରେସ ବହୁବାର ସଙ୍କେତ ଦେଇଛି। ତେଣୁ ଦ୍ୟାନସାମନ୍ତରା ଟିକେଟ ପାଇଁ ପିସିସି ମୁଖିଆଙ୍କୁ ଆବେଦନ କରିଛନ୍ତି ଓ ଏହାର ନକଲ ଜିଲା କଂଗ୍ରେସ କମିଟିକୁ ପଠାଇଛନ୍ତି ।

ସୂଚନାଯୋଗ୍ୟ, ବ୍ରହ୍ମପୁର ଲୋକସଭା ଆସନ କଂଗ୍ରେସର ଦୁର୍ଗ ହୋଇଥିଲା ।

**ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ**

ବହୁବାର କଂଗ୍ରେସ ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିବା ନଜିର ଅଛି ।

ସ୍ୱାଧୀନତା ପରବର୍ତ୍ତୀ ହୋଇଥିବା ପ୍ରଥମ ନିର୍ବାଚନରେ ଏହି ସଂସଦୀୟ କ୍ଷେତ୍ରରୁ କମ୍ୟୁନିଷ୍ଟ ପ୍ରାର୍ଥୀ ସ୍ୱର୍ଗତ ବିଜୟ ଚନ୍ଦ୍ର ଦାସ ନିର୍ବାଚିତ ହୋଇଥିଲେ। ଦ୍ୱିତୀୟ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ସ୍ୱର୍ଗତ ଉମା ଚରଣ ପଟ୍ଟନାୟକ ଓ ତୃତୀୟ ନିର୍ବାଚନରେ ସ୍ୱର୍ଗତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା କଂଗ୍ରେସରୁ ବିଜୟୀ ହୋଇଥିଲେ। ୧୯୬୭ରୁ ୧୯୮୪ ପର୍ଯ୍ୟନ୍ତ ହୋଇଥିବା ୫ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ଆର. ଜଗନ୍ନାଥ ରାଓ ଲଗାତର ଭାବେ ଜିତି ରେକର୍ଡ ସୃଷ୍ଟି କରିଥିଲେ। ସେ କେନ୍ଦ୍ରରେ ୩ ଥର ମନ୍ତ୍ରୀ ହୋଇଥିଲେ । ୧୯୮୯ ଓ ୧୯୯୧ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ପାରଳା ରାଜା ଗୋପୀନାଥ ଗଜପତି ନିର୍ବାଚିତ ହୋଇଥିବା ବେଳେ ୧୯୯୬ ନିର୍ବାଚନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ବିଜୟୀ ହୋଇଥିଲେ। ୧୯୯୮ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଜୟନ୍ତୀ ପଟ୍ଟନାୟକ କଂଗ୍ରେସରୁ ଜିତିଥିଲେ । ୧୯୯୯ ନିର୍ବାଚନରେ ବିଜେଡି ସହ ମେଣ୍ଟ ଥିବାରୁ ଭାଜପାରୁ ଅନାଦି ସାହୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ୨୦୦୪ ନିର୍ବାଚନରେ କଂଗ୍ରେସରୁ ଚନ୍ଦ୍ର ଶେଖର ସାହୁ ନିର୍ବାଚିତ ହୋଇ ପ୍ରଥମ ଉପା ସରକାରରେ ମନ୍ତ୍ରୀ ହୋଇଥିଲେ । ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡିରୁ ସିଦ୍ଧାନ୍ତ ମହାପାତ୍ର ଜିତିଛନ୍ତି ।

କଂଗ୍ରେସରୁ ଇସ୍ତଫା ଦେଇ ଚନ୍ଦ୍ରଶେଖର ବିଜେଡିରେ ଯୋଗ ଦେଇଛନ୍ତି । ତେଣୁ ବ୍ରହ୍ମପୁର ସଂସଦୀୟ ଆସନରୁ ଉପଯୁକ୍ତ ପ୍ରାର୍ଥୀ କଂଗ୍ରେସ ଖୋଜୁଥିବା ବେଳେ ଦ୍ୟାନ ସାମନ୍ତରା ଆଶାୟୀ ହୋଇଛନ୍ତି । ଚିନ୍ତାମଣି ୧୯୮୦, ୧୯୮୫ ଓ ୧୯୯୫ରେ ୩ ଥର ଚିକିଟି ଆସନରୁ ବିଧାୟକ ହୋଇ ପ୍ରଥମେ ଉପବାଚସ୍ପତି ଓ ପରେ ବାଚସ୍ପତି ହୋଇଥିଲେ । ୭ ଥର ନିର୍ବାଚନ ଲଢ଼ି ୩ ଥର ଜିତିବା ପରେ ୨୦୧୪ ନିର୍ବାଚନରେ ସେହି ଆସନରେ ତାଙ୍କ ପୁତ୍ର କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ । ଆଗାମୀ ନିର୍ବାଚନ ଲଢ଼ିବାକୁ ଚିନ୍ତାମଣି ଆଶାୟୀ ହୋଇଛନ୍ତି ।



ଲଘୁଚାପ ପ୍ରଭାବରେ ଗୁରୁବାର ବ୍ରହ୍ମପୁରରେ ପ୍ରବଳ ବର୍ଷା ହୋଇଥିଲା । ଏକ ପରିବାର ବର୍ଷାରେ ଭିଜିଭିଜି ଯାଉଛନ୍ତି । (ଫଟୋ-ସମୀର)

## ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର

**ଭଞ୍ଜନଗର,୬।୯(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଏକ ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରି ପାଠଚକ୍ର ଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନର ବିକାଶ ଘଟୁଛି ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ସୁନିତାରାଣୀ ଖଣ୍ଡୁଆଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଛାତ୍ର ରାଜେଶ କୁମାର ସାହୁ ସନ୍ଦର୍ଭ ପାଠ କରିଥିବା ବେଳେ ବିଭାଗୀୟ ଅଧାପକ ପ୍ରତ୍ୟୁଷ କାର୍ଜି ତାଙ୍କୁ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ରବୀନ୍ଦ୍ର ନାଥ ପାଳ, ଡ. ଆର. କେ. ମିଶ୍ର, ରଜତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ର ରାମେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ମନିଷା ବିଷୋୟୀ, ମନିଷା ଦାସ, ଶୁଭଶ୍ରୀ ପଣ୍ଡା, ଛାତ୍ର ଶିବ ଶଙ୍କର ପରିଚ୍ଛା, ରାଜାରାମ ପାତ୍ର, ମାନସ ଦାସ, ତ୍ରିନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଅତିଥିମାନେ ସନ୍ଦର୍ଭକୁ ଉନ୍ମୋଚନ କରୁଛନ୍ତି ।

## ବିଜୁ କନ୍ୟାରତ୍ନ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ ।

**ବ୍ରହ୍ମପୁର ଅଫିସ୍,୬।୯**

କୁକୁଡ଼ାଖଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ବିଜୁ କନ୍ୟାରତ୍ନ ଯୋଜନା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ଅଙ୍ଗନୱାଡ଼ି ଏବଂ ଆଶା କର୍ମୀ ଭାଗ ନେଇଥିଲେ। ଲିଗାଲ୍ ଅଫିସର ସୁଦାନ ପାଣିଗ୍ରାହୀ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ନିମନ୍ତେ ଉଦ୍ଦିଷ୍ଟ ଆଇନ୍ ବିଷୟରେ କହିଥିଲେ । ଜିଲା ସାଧନ କର୍ମୀ ସୁକଣ୍ଠ ପଣ୍ଡା ଯୋଗଦେଇ ଏହି ଯୋଜନାର ବିଭିନ୍ନ ଦିଗ ତଥା ଭ୍ରୁଣ ହତ୍ୟା ବନ୍ଦ କରିବା, ଲିଙ୍ଗଗତ ବୈଷମ୍ୟତା କମାଇବା, କନ୍ୟା ଶିଶୁଙ୍କ ଶିକ୍ଷାଦାନ ସୁନିଶ୍ଚିତ କରିବା ଓ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ପ୍ରଦାନକୁ ଗୁରୁତ୍ୱ ଦିଆଯାଇଥିଲା ।

### ନୂତନ ବିଡିଓଙ୍କ ଯୋଗଦାନ

**ସୋରଡ଼ା,୬।୯(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀରେ ବୁଧବାର ସୀମାଞ୍ଚଳ ମଣ୍ଡଳ ଯୋଗଦାନ କରିଛନ୍ତି। ଗଜପତି ଜିଲା ମୋହନା ତହସିଲଦାର ଭାବେ ମଣ୍ଡଳ କାର୍ଯ୍ୟ କରୁଥିଲେ। ଦୀର୍ଘଦିନ ହେଲା ବିଡିଓଙ୍କ ପଦବୀ ଖାଲିଥିବାରୁ ଏବିଡିଓ ସୁଶୀଲ କୁମାର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ନୂତନ ବିଡିଓ ମଣ୍ଡଳଙ୍କ ଯୋଗଦାନ ପରେ ସମସ୍ତ କାର୍ଯ୍ୟ ଉପରେ ଦୃଷ୍ଟି ଦେବେ ବୋଲି ଆଶା।

### ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

**ଶଙ୍କରାଖୋଲ,୬।୯(ଡି.ଏନ୍.ଏ.)**

ଟିକାବାଲିରେ ଥିବା ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ବିଜ୍ଞାନ ଓ ଯୁକ୍ତ ୩ କଳା, ବିଜ୍ଞାନର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ଶ୍ରୀଧର ଦାସଙ୍କ ସଭାପତିତ୍ୱରେ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ପ୍ରସନ୍ନ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ବ୍ୟାଙ୍କର କ୍ଷେତ୍ରାଧିକାରୀ ଲକ୍ଷ୍ମୀକାନ୍ତ ମେହେର ଯୋଗ ଦେଇଥିଲେ। ଅଧାପକ ଦୀନବନ୍ଧୁ ମହାନ୍ତି ଅତିଥି ପରିଚୟ ଦେଇଥିବା ବେଳେ ଅଧାପକ ବନମାଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ନ ବିପଦକୁ ଡାକରା ଦେଉଛି କାଓ କ୍ୟାଚର୍

**ବ୍ରହ୍ମପୁର ଅଫିସ, ୬।୯**

ବ୍ରହ୍ମପୁର ବଡଡାକ୍ତରଖାନାରେ ରହିଥିବା କାଓ କ୍ୟାଚର୍ ସବୁ ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଯାନବାହନ ପାର୍କିଂ ସମୟରେ ସେଥିରେ ଫସିଯାଉଥିବା ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ସମୟରେ ସାମାନ୍ୟ ଅସାବଧାନତା ହେଲେ ରୋଗୀ ଓ ସମ୍ପର୍କୀୟମାନେ ଏଥିରେ ଖସିଯାଇ ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହୋଇଛି। ବଡଡାକ୍ତରଖାନାର ବହିଃ ବିଭାଗ ପାର୍ଶ୍ୱରେ ଆଶୁ ଚିକିତ୍ସା ବିଭାଗ ପଟକୁ ଥିବା ରାସ୍ତାରେ କାଓ କ୍ୟାଚର୍ ସ୍ଥାପନ କରାଯାଇଛି। ବଡଡାକ୍ତରଖାନା ମଧ୍ୟକୁ ଯେପରି ବୁଲା ଗୋରୁ ଓ ମଇଁଷି ଆଦି ନ ପଶନ୍ତି ସେଥିପାଇଁ ଏହି କାଓ କ୍ୟାଚର୍‌ଗୁଡିକ କରାଯାଇଛି। ହେଲେ ଏହି କାଓ କ୍ୟାଚର୍ ଏବଂ ମରଣ ଯନ୍ତା ପାଲଟିଛି। କାଓ କ୍ୟାଚର୍ ରାସ୍ତାରେ ଯାନବାହନ ପାର୍କିଂ କରାଯାଉଥିବା ବେଳେ ସେହି ରାସ୍ତା ଦେଇ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟମାନେ ଯାତାୟାତ କରୁଛନ୍ତି। ତେବେ ତରବରିଆରେ ଯାତାୟାତ କରୁଥିବା ବେଳେ କାଓ କ୍ୟାଚର୍‌ରେ ଖସିଯାଇ ଖଣ୍ଡିଆ ଖାବରା ହେଉଛନ୍ତି। ମଙ୍ଗଳବାର ସେହି ରାସ୍ତା ଦେଇ ଯାଉଥିବା ବେଳେ ବ୍ରହ୍ମପୁରର ଆସ୍କା ରୋଡ୍ ଅଞ୍ଚଳର ଆକାଶ ଦାସ ପଡିଯାଇଥିଲେ। ସୌଭାଗ୍ୟବଶତଃ ସେ ସାମାନ୍ୟ ଆହତ ହୋଇଥିଲେ। ସେହିପରି ଗତ ଏକ ସପ୍ତାହ ପୂର୍ବେ ଏହି କାଓ କ୍ୟାଚର୍‌ରେ ଏକ କାର୍ ଫସିଯାଇଥିଲା। ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍ ଟିକୁ ବାହାରକୁ ଅଣାଯାଇଥିଲା। କାଓ କ୍ୟାଚର ଗୁଡିକ ବହୁ ପୁରୁଣା ହୋଇଥିବାରୁ ସେସବୁ ଏବେ ଭାଙ୍ଗିରୁଜିଗଲାଣି। ଏନେଇ ବଡଡାକ୍ତରଖାନା ପରିଚାଳକ ବିରଞ୍ଚି ନାରାୟଣ ସାହୁଙ୍କୁ ପଚରାଯିବାରୁ, ଏହା ବଡମେଡିକାଲ ଉନ୍ନୟନ ବିଭାଗର କାର୍ଯ୍ୟ। ସେ ଏଥି ପ୍ରତି ଅବଗତି କରାଇବେ ବୋଲି କହିଛନ୍ତି। ସେହିପରି ଅଭିଯୋଗ ଆସିଛି ଏବଂ ପଦକ୍ଷେପ ଗ୍ରହଣ ନେଇ ଆଲୋଚନା କରାଯିବ ବୋଲି ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡା କହିଛନ୍ତି।



ଏମକେସିଜି ବଡଡାକ୍ତରଖାନାରେ ରହିଥିବା କାଓ କ୍ୟାଚରରେ ଏକ କାର୍ ଫଶିଯାଇଛି।

## ମହିଳା ସହାୟତା କେନ୍ଦ୍ର ପୁନଃ ଉଦ୍‌ଘାଟନ

**ଫୁଲବାଣୀ ଅଫିସ, ୬।୯**

ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହିଳା ସହାୟତା କେନ୍ଦ୍ରକୁ ଗୁରୁବାର ଏସ୍‌ପି ପ୍ରତୀକ ସିଂ ପୁନଃ ଉଦ୍‌ଘାଟନ କରିଛନ୍ତି। ୬ ମାସ ଧରି ବନ୍ଦ ପଡିଥିବା ଏହି କେନ୍ଦ୍ରକୁ ଏକ ଏନ୍‌ଜିଓ ସଂସ୍ଥା ଚଳାଇବା ପାଇଁ ରାଜି ହେବାରୁ ଏହା ପୁଣି କାର୍ଯ୍ୟକ୍ଷମ ହୋଇଛି। ମହିଳା ଘରୋଇ ହିଂସା, ବୈବାହିକ ଅଶାନ୍ତି ଆଦି କ୍ଷେତ୍ରରେ ମହିଳା ଅବା ଯୁବତୀଙ୍କୁ ଏହି କେନ୍ଦ୍ର ପକ୍ଷରୁ ସହାୟତା ପ୍ରଦାନ କରାଯାଇଥାଏ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ଅଧିକାରୀ, ଏନ୍‌ଜିଓ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ମାସରୁ ଏହି ମହିଳା ସହାୟତା କେନ୍ଦ୍ରଟି ବନ୍ଦ ହୋଇଯାଇଥିଲା। କାରଣ ପୂର୍ବରୁ ଏଥିରେ କାମ କରୁଥିବା କର୍ମଚାରୀଙ୍କୁ ଅର୍ଥ ଦେଉଥିବା ସଂସ୍ଥା କୌଣସି କାରଣରୁ ଅର୍ଥ ବନ୍ଦ କରି ଦେଇଥିଲା।

## ଚାଷୀ ଆତ୍ମ ନିର୍ଭରଶୀଳ ହେବାକୁ କାଜୁ ଚାରାରୋପଣ

**ପୁରୁଷୋତ୍ତମପୁର,୬।୯(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡ଼ା ପଞ୍ଚାୟତର ସାଗୁଣାପଲ୍ଲୀ ଗ୍ରାମରେ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲାଗି ମାହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାଜୁ ଚାଷ ପାଇଁ ଚାରାରୋପଣ କରାଯାଇଛି। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବ୍ରହ୍ମପୁର ରେଞ୍ଜ ଅଫିସର ହରପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଏହା ହୋଇଛି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଚଳିତ ବର୍ଷ ସରକାର ପାଇଲଟ୍ ଯୋଜନାରେ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଥିଲେ। ୧୫ ଚାଷୀଙ୍କ ୪ ହଜାର ହେକ୍ଟର ଜମିରେ ୮ଶହ କାଜୁ ଚାରାରୋପଣ କରାଯାଇଛି। ଏଥି ନିମନ୍ତେ ୩ ବର୍ଷ ପାଇଁ ଗଛ ବଡ଼ ହେବା ସକାଶେ ୭ଲକ୍ଷ ୬୭ ହଜାର ଟଙ୍କା ବ୍ୟୟଅଟକଳ ରହିଛି। ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ବାଉରୀ ପଣ୍ଡା, ଜିଲା ବିଜେଡି ଉପସଭାପତି ଗୌରୀଶଙ୍କର ରାଉଳ, ଭାଟକୁମରଡ଼ା ସରପଞ୍ଚ ବିମ୍ବାଧର ବେହେରା, ପୂର୍ଣ୍ଣ ଚନ୍ଦ୍ର ଦାଶ, ଭୀମ ନାହାକ ଯୋଗ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ୍ର ପରିଚାଳକ ବିପିନ କୁମାର ପାଣି ପରିଚାଳନା କରିଥିଲେ।

## ଏକ୍ସ ସର୍ଭିସମ୍ୟାନ ସପ୍ତାହ ପାଳିତ

**ବ୍ରହ୍ମପୁର ଅଫିସ,୬।୯**

ଗଞ୍ଜାମ ଜିଲା ଏକ୍ସ ସର୍ଭିସ ମ୍ୟାନ ସଂଘ (ଆଇଇଏସଏଲ) ପକ୍ଷରୁ ଗୁରୁବାର ଏକ୍ସ ସର୍ଭିସମ୍ୟାନସପ୍ତାହପାଳିତହୋଇଯାଇଛି। ଧର୍ମନଗର ରୋଟାରି କ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ଅବସରପ୍ରାପ୍ତ କର୍ନେଲ ଏଲ. କେ. ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଗଗନ ବିହାରୀ ଦାଶ, ଉପସଭାପତି ବି. ପଦ୍ମନାଭମ ମଞ୍ଚାସୀନ ଥିଲେ। ଯୁଗ୍ମ ସମ୍ପାଦକ ଶ୍ୟାମ ସୁନ୍ଦର ଚୌଧୁରୀ ଓ ଏ. ନାଗେଶ୍ୱର ପାତ୍ର, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ୍ସ ସର୍ଭିସ ମ୍ୟାନଙ୍କ ପେନସନଗତ ସମସ୍ୟା ଏବଂ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ୍ସ ସର୍ଭିସମ୍ୟାନଙ୍କ ମଧ୍ୟରେ ଥିବା ଗରିବ ପରିବାରଙ୍କୁ ସହାୟତା ପ୍ରଦାନ ପାଇଁ ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ବ୍ରହ୍ମପୁରର ସେନାବାହିନୀ, ଜଳବାହିନୀ, ଅକାଶବାହିନୀର ଅବସରପ୍ରାପ୍ତ କର୍ମଚାରୀ ଓ ବୀରନାରୀମାନେ ଉପସ୍ଥିତ ଥିଲେ।




ମଞ୍ଚାସୀନ ଅତିଥି ବୃନ୍ଦ ।

## ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ଗ୍ରାଣ୍ଡ ପ୍ୟାରେଣ୍ଟ ଦିବସ

**ବ୍ରହ୍ମପୁର ଅଫିସ,୬।୯**

ଅନେକ ସମୟରେ ଶିଶୁଙ୍କ ଗ୍ରାଣ୍ଡ ପ୍ୟାରେଣ୍ଟମାନେ ଅବହେଳାର ଶିକାର ହେଉଛନ୍ତି। ନିଜ ପରିବାର ମଧ୍ୟରେ ରହିଥିଲେ ମଧ୍ୟ ଏକ ଆବଦ୍ଧ କୋଠରି ମଧ୍ୟରେ ରହିଯାଉଛନ୍ତି। ଏଭଳି ଗ୍ରାଣ୍ଡ ପ୍ୟାରେଣ୍ଟଙ୍କୁ ସମ୍ମାନିତ କରିବା ତଥା ନିଜ ପରିବାର ପାଇଁ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟ ନେଇ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ଲାଞ୍ଜିପଲ୍ଲୀ ଗୁଡସସେଡ୍ ରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ବୁଧବାର ଗ୍ରାଣ୍ଡ ପ୍ୟାରେଣ୍ଟ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍କୁଲର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ଅନୀତା କୁମାରୀ ପାଢୀ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳିକା ମଧୁସ୍ମିତା ପରିଡା, ରାସେଶ୍ୱରୀ ପାଣିଗ୍ରାହୀ ଓ ରୀନା ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ ଗ୍ରାଣ୍ଡ ପ୍ୟାରେଣ୍ଟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍କୁଲ ପକ୍ଷରୁ ଗ୍ରାଣ୍ଡପ୍ୟାରେଣ୍ଟମାନେ ମ୍ୟୁଜିକ ଚେୟାର, କୁଇଜ, ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ନିଯୁକ୍ତି ପାଇଁ ସିଆରପିଏଫ୍‌ର ସଚେତନତା

ଭଞ୍ଜନଗର,୬।୯(ଡି.ଏନ୍.ଏ.)-କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଅର୍ଦ୍ଧସାମରିକ ବାହିନୀରେ ଖାଲିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଛି । ଉକ୍ତ ପଦବୀ ପାଇଁ ଯୁବକ ଯୁବକମାନେ ୧୮ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିବେ। ଯେଉଁମାନେ ସିଆରପିଏଫ୍ କ୍ୟାମ୍ପ ଅଫିସକୁ ଆସି ଆବେଦନ କରିବାକୁ ଚାହିଁବେ ସେମାନଙ୍କୁ ମଧ୍ୟ ଅନ୍‌ଲାଇନ ଆବେଦନ ସୁବିଧା ମିଳିବ । ଯୁବକ ଯୁବକମାନେ ନିର୍ଭୁଲ ଆବେଦନ କରିବା ପାଇଁ ସ୍ଥାନୀୟ ସିଆରପିଏଫ୍ ୧୨୨ ବାଟାଲିୟନ ପକ୍ଷରୁ ସୋମବାର ଏକ ସଚେତନତା ଶିବିର ହୋଇଥିଲା । ଉକ୍ତ ଶିବିରକୁ କମାଣ୍ଡିଙ୍ଗ ଅଫିସର ଜି.କୁମାର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନାଳାଞ୍ଚଳ ମୁନି, ଅଧାପକ ଡ. ଆର.କେ.ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ ।

### ପୂର୍ବତନ ସୈନିକ ସଂଘର ପତାକା ଦିବସ



ସୋରଡ଼ା,୬।୯(ଡି.ଏନ୍.ଏ.)- ପୂର୍ବତନ ସୈନିକ ସଂଘ ପକ୍ଷରୁ ସଭାପତି କୃଷ୍ଣ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ସଶସ୍ତ୍ର ବାହିନୀ ପତାକା ଦିବସ ଗୁରୁବାରରେ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ତହସିଲଦାର ଅଶୋକ କୁମାର ବସନ୍ତ ରାୟ, ସମ୍ମାନିତ ଅତିଥି ଭାବେ ବିଡିଓ ସୁଶୀଲ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପାଦକ ସୁରେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା ସହ ଦିବସର ମହତ୍ତ୍ୱ, ପୂର୍ବତନ ସୈନିକଙ୍କ ପରିବାରର ଆବଶ୍ୟକତା ଓ ପାଣ୍ଠି ସଂଗ୍ରହ ଉପରେ କହିଥିଲେ। ଆଗାମୀ ଡିସେମ୍ବର ୭ରେ ବିଦ୍ୟାଳୟ ସର୍ବସାଧାରଣୀୟ ସ୍ତରରେ ପାଳନ ହେବାକୁ ପତାକା ଦିବସ କାର୍ଯ୍ୟକ୍ରମକୁ ଏଠାରେ ସଂଗୃହୀତ ଅର୍ଥ ପ୍ରଦାନ କରାଯିବ ବୋଲି କହିଥିଲେ। ସଂଘର ବିଦ୍ୟାଧର ସାହୁ, ଗୁରୁ ସ୍ୱାଇଁ, ଡାକ୍ତର ଗୌଡ଼, ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା,୬।୯(ଡି.ଏନ୍.ଏ.)-ବୁଗୁଡ଼ା ବ୍ଲକ ମାଣିତରା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅଧକ୍ଷ ଅନୁପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧାପକ ଦିଲ୍ଲୀପ କୁମାର ଆଚାର୍ଯ୍ୟ, ପ୍ରଜ୍ଞା ପାରମିତା ସାହୁ, ସୁଚିତ୍ରା ପଣ୍ଡା, ସନ୍ତୋଷ କୁମାର ସ୍ୱାଇଁ, ଡ. ପ୍ରିୟବ୍ରତ ପ୍ରଧାନ, ସନ୍ତୋଷ କୁମାର ଗୌଡ଼ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଭାବେ ଅଧ୍ୟୟନ କରି କଲେଜର ସୁନାମ ରକ୍ଷାକରିବା ପରାମର୍ଶ ଦେଇଥିଲେ। ମନୋରଞ୍ଜନ ମୁଦୁଲି ଓ ନିହାର ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

### ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ପୋଲସରା,୬।୯(ଡି.ଏନ୍.ଏ.)- ପୋଲସରା ବ୍ଲକ ମଥୁରା ଗ୍ରାମପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ଆସିଥିବା ୨୫ ଲକ୍ଷ ଟଙ୍କାରେ ୬ଟି ପ୍ରକଳ୍ପର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହିତ ପୋଲସରା ବ୍ଲକ ବିରିକିପଡ଼ା ଶାସନ ପଞ୍ଚାୟତସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବିରିକିପଡ଼ା ଶାସନ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ବିଜେଡିର ସାଙ୍ଗଠନିକ ଉପରେ ଆଲୋଚନା ହୋଇଥିଲା। ବିଜେଡିର ସାଙ୍ଗଠନିକ ସ୍ଥିତିକୁ କିଭଳି ମଜଭୁତ କରିବା ଏବଂ ଲୋକଙ୍କ ମୌଳିକ ସମସ୍ୟା ଉପରେ ପ୍ରାଧାନ୍ୟ ଦେଇ ଜନସାଧାରଣଙ୍କ ନିକଟରେ ହେବା ସେଥିଲାଗି ବିଧାୟକ ସାହୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଜେଡିର ବହୁ କର୍ମୀ ଅଂଶଗ୍ରହଣ କରିଥିଲେ।

### ଆସିକାରେ ଲଗାଣ ବର୍ଷା

ଆସିକା,୬।୯(ଡି.ଏନ୍.ଏ.): ଆସିକା ସହର ତଥା ଗ୍ରାମାଞ୍ଚଳରେ ବୁଧବାର ରାତିରୁ ବର୍ଷା ଲାଗି ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଗୁରୁବାର ଦିନତମାମ ବର୍ଷା ଲାଗି ରହିବା ଫଳରେ ବସଷ୍ଟାଣ୍ଡ ଓ ବଜାର ଜନଶୂନ୍ୟ ହୋଇ ପଡ଼ିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ସହର ଉପକଣ୍ଠ ଉଦୟପୁରରେ ୩୨ ମି.ମି. ଓ ଉପମଣ୍ଡ ଜାନିଲି ଠାରେ ୨୫ ମି.ମି. ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି।

# ଅକ୍ଟୋବର ୨ ସୁଦ୍ଧା ଗଞ୍ଜାମ ଜିଲା ହେବ ବାହ୍ୟ ମଳମୁକ୍ତ

ଛତ୍ରପୁର,୬।୯(ଡି.ଏନ.ଏ)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ)ର ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ । ସ୍ୱଚ୍ଛ ଓଡ଼ିଶା ଓ ମୋ ସ୍ୱାଭିମାନ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଅକ୍ଟୋବର ୨ତାରିଖ ସୁଦ୍ଧା ଜିଲାକୁ ବାହ୍ୟ ମଳମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ସପ୍ତାହରେ ଧାର୍ଯ୍ୟ ଲୋକଙ୍କୁ ସଚେତନ କରିବା ପାଇଁ କୁହାଯାଇଛି । ଗ୍ରାମୀଣ ଆବାସ ଯୋଜନା ନିର୍ମାଣରେ ଗଞ୍ଜାମ ଜିଲା ଓଡ଼ିଶାରେ ଷଷ୍ଠ ସ୍ଥାନରେ ରହିଛି । ଗତ ୩ ବର୍ଷ ମଧ୍ୟରେ ୮୮ ପ୍ରତିଶତ ଗୃହ ନିର୍ମାଣ ସରିଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଚାରା ରୋପଣ ଲକ୍ଷ୍ୟ ପୂରଣ କରିବା, ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ବୈଠକ କରି ୨୦ଟି ଲେଖାଏଁ ଗାଈ ଗୁହାଳ ପ୍ରସ୍ତାବ ଆଣିବା, ହିତାଧିକାରୀଙ୍କ ନିଜସ୍ୱ ଜମିରେ ଗଭୀର କୂପ ଖନନ କରିବା, ମୋ ସ୍କୁଲ ଅଭିଯାନର ସମୀକ୍ଷା କରିବାକୁ କୁହାଯାଇଛି । ଏହାସହ ବିଦ୍ୟାଳୟରେ ତଳେ ବସିବାକୁ ନା'କାର୍ଯ୍ୟକ୍ରମ, ଆମ ଗାଁ ଆମ ବିକାଶ ଯୋଜନାର କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମୀଣ ଗୋପବନ୍ଧୁ ଯୋଜନା, ଅଙ୍ଗନୱାଡ଼ି ଗୃହ ଓ ଖେଳ ନିର୍ମାଣର ମଧ୍ୟ ସମୀକ୍ଷା କରାଯାଇଥିଲା । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନପତ୍ର ଗ୍ରହଣ କରି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ କୁହାଯାଇଛି । ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ନିଷ୍ଠାର ସହ କାମ କଲେ ଗଞ୍ଜାମ ଜିଲା ରାଜ୍ୟରେ ଏକ ନମ୍ବର ହୋଇପାରିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଡିଆରଡିଏ ଭାରପ୍ରାପ୍ତ ପିଡି ବିଶ୍ୱନାଥ ଶଙ୍କର ସ୍ୱାଇଁ, ଏପିଡି ପ୍ରିୟ ରଞ୍ଜନ ପୃଷ୍ଟି, ପ୍ରୋବେଶନ ଆଇଏଏସ ଅନ୍ବେଷା ରେଡ୍ଡୀଙ୍କ ସମେତ ବିଡିଓ, ସହକାରୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ ।

**ଡିଆରଡିଏ ସମୀକ୍ଷା ବୈଠକ**

■ରାଶନ କାର୍ଡ ପାଇଁ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନପତ୍ର ଗ୍ରହଣ

■ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ

# ■ବିଇଓ ପଦବୀ ଖାଲି
# ବଢ଼ୁଛି ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା

ଜି.ଉଦୟଗିରି,୬।୯(ଡି.ଏନ.ଏ)

ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ଅନେକ ଦିନ ହେବ ଖାଲି ରହିଥିବା ଯୋଗୁ ଶିକ୍ଷକମାନଙ୍କ ସମସ୍ୟା ବଢ଼ି ଚାଲିଛି। ଶିକ୍ଷକମାନଙ୍କୁ ଦରମା ଠିକ୍ ସମୟରେ ମିଳୁନାହିଁ। ଅନେକ ଶିକ୍ଷକ ଅବସର ନେଇଥିଲେ ମଧ୍ୟ ସେମାନଙ୍କ ପେନସନ ହୋଇପାରୁନାହିଁ ବୋଲି ଶିକ୍ଷକ ନେତାମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ଭାରପ୍ରାପ୍ତ ବିଇଓ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ପଚାରିବାରେ ଶିକ୍ଷକମାନେ ନିୟମିତ ଦରମା ପାଉଛନ୍ତି ଏବଂ ନିକଟରେ ଅବସର ନେଇଥିବା ଶିକ୍ଷକମାନଙ୍କ ପେନସନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ରାଇକିଆ ବିଇଓ ଅନ୍ତର୍ଯ୍ୟାମୀ ପ୍ରଧାନ ଜି.ଉଦୟଗିରି ବିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ତେଣୁ ଜି.ଉଦୟଗିରି ବ୍ଲକର ବିଇଓ ପଦବୀ ଅତିଶୀଘ୍ର ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷକ ଓ ଅଭିଭାବକମାନଙ୍କ ତରଫରୁ ଦାବି ହୋଇ ଆସୁଛି। ରାଜ୍ୟ ସରକାର ତୁରନ୍ତ ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ସହିତ ଖାଲି ପଡ଼ିଥିବା ହାଇସ୍କୁଲ ପ୍ରଧାନ ଶିକ୍ଷକ ପଦବୀ ଓ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ଗୁଡ଼ିକ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି।

# କଂଗ୍ରେସ ଲିଗାଲ ସେଲ୍‌ର ବୈଠକ

ଭଞ୍ଜନଗର,୬।୯(ଡି.ଏନ.ଏ)

କଂଗ୍ରେସ ଲିଗାଲ ସେଲ ଭଞ୍ଜନଗର ଶାଖାର ଏକ ବୈଠକ ଦୀର୍ଘ ବର୍ଷ ପରେ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦିନରେ ଦଳକୁ ଭଞ୍ଜନଗର, ସୋରଡ଼ା ନିର୍ବାଚନମଣ୍ଡଳୀ ସମେତ ଗଞ୍ଜାମ ଜିଲାରେ କିଭଳି ଅଧିକ ଶକ୍ତିଶାଳୀ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଭଞ୍ଜନଗରରେ ଜିଲା ଲିଗାଲ ସେଲ୍‌ର ଏକ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିସହ ଦୁର୍ନୀତି ବିରୁଦ୍ଧରେ ଲଢ଼େଇ ଏବଂ ଗରିବଙ୍କୁ ଆଇନ ସହାୟତା ଯୋଗାଇ ଦେବା ଉପରେ ବୈଠକରେ ଆଲୋଚନା ହୋଇଥିବା ବରିଷ୍ଠ ଓକିଲ ରବୀନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି। ପିସିସି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନୃସିଂହ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅମରେଶ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଓକିଲ ଧନେଶ୍ୱର ମାଝୀ, ମଣି ଦିକ୍ଷିତ, ରବୀନ୍ଦ୍ର ନାଥ ଦାସ, ପ୍ରମୋଦ ପ୍ରଧାନ, ଖରାଂଶୁ ଶେଖର ଦାସ, ଆଶିଷ ପ୍ରଧାନ, ଦିଲିପ କୁମାର ଗୌଡ଼, ଅଶୋକ ଜେନା, ଶିଶିରକାନ୍ତ ବିଶୋୟୀ, ସୁଧୀର କୁମାର ଦାସ, ଗିରିଜା ଭୂୟାଁ, ହରେକୃଷ୍ଣ ମହାପାତ୍ର, ବିଦ୍ୟୁତ୍ ଭୂଷଣ ପ୍ରଧାନ, ଯତିନ ପ୍ରଧାନ, ସୁଧାଂଶୁ ଶେଖର ପୋଲେଇ, ଆର୍ତ୍ତବନ୍ଧୁ ଖାଡ଼େଙ୍ଗା ପ୍ରମୁଖ ଯୋଗ ଦେଇଥିଲେ।



ଉପସ୍ଥିତ ଆଇନଜୀବୀ।

## ପ୍ରାଣୀ ଚିକିତ୍ସା ଶିବିର

ଆସିକା,୬।୯(ଡି.ଏନ୍.ଏ.): ଆସିକା ବନ ବିଭାଗ ପକ୍ଷରୁ ମଙ୍ଗଳବାର ଭେଟନଇ ଗ୍ରାମରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ଘୁମୁସର ବନଖଣ୍ଡ ଏସିଏଫଓ ବିଭୂତି ଭୂଷଣ ବେହେରା, ବନାଞ୍ଚଳ ଅଧିକାରୀ ହରିହର ମଲିକ, ଆସିକା ପ୍ରାଣୀ ଚିକିତ୍ସାଧିକାରୀ ପ୍ରଭାତ କୁମାର ପରିଡ଼ା, ଭେଟନଇ ସରପଞ୍ଚ ତଥା କୃଷ୍ଣସାର ସୁରକ୍ଷା ସମିତି ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ ଶିବିରରେ ଯୋଗଦେଇଥିଲେ । ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଗୁହାଳ ବୁଲି ଗୋରୁଙ୍କୁ ଔଷଧ ଓ ରୋଗ ପ୍ରତିଷେଧକ ଟୀକା ଦିଆଯାଇଥିଲା। ପ୍ରାୟ ୩ ଶହ ଗୋରୁଙ୍କୁ ଟୀକାକରଣ କରାଯାଇଥିବା ପ୍ରାଣୀ ଚିକିତ୍ସକ ପରିଡ଼ା ପ୍ରକାଶ କରିଛନ୍ତି। ଭେଟନଇ ଓ ସିଙ୍ଗନୟାଁ ଅଞ୍ଚଳରେ ଗୋରୁଙ୍କ ଫାଙ୍ଗୁଆ ହୋଇଛି। କୃଷ୍ଣସାରଙ୍କୁ ଏହି ରୋଗ ସଂକ୍ରମଣ ହେବା ଆଶଙ୍କା ପ୍ରକାଶ କରି ବନ ବିଭାଗ ପକ୍ଷରୁ ଏପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବନପାଳ କଳ୍ପନା କୁମାରୀ ପ୍ରଧାନ ଓ ବନରକ୍ଷୀ ସନ୍ତୋଷ କୁମାର ବେହେରା, ଶରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜୁ କନ୍ୟାରତ୍ନ ସଚେତନତା ସଭା


ଉପସ୍ଥିତ କଲେଜ ଛାତ୍ରୀ ।

ଦିଗପହଣ୍ଡି,୬।୯(ଡି.ଏନ୍.ଏ.)

ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମଙ୍ଗଳବାର ବିଜୁ କନ୍ୟାରତ୍ନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଦିଗପହଣ୍ଡିସ୍ଥିତ ପଞ୍ଚନାୟକ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା ସଭାରେ କଲେଜ ଅଧକ୍ଷ ସସ୍ମିତା ପାଠୀ ଅଧକ୍ଷତା କରିଥିଲେ । ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆଇନ ପରାମର୍ଶ ଅଧିକାରୀ ସୁଜାମ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧନ କର୍ମୀ ସୁକେଶ ପଣ୍ଡା କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି, ନିରାପତ୍ତାକୁ ସୁନିଶ୍ଚିତ କରିବା, ସେମାନଙ୍କ ବିକାଶ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଓ ସେମାନଙ୍କ ସମ୍ମାନ ବଜାୟ ରକ୍ଷା, ଲିଙ୍ଗଗତ ତାରତମ୍ୟଜନିତ ଲିଙ୍ଗ ନିରୂପଣ ରୋକିବା ନେଇ ଉପସ୍ଥିତ ଛାତ୍ରୀଙ୍କୁ ସଚେତନ କରାଇଥିଲେ । ଅଧ୍ୟାପକ ପ୍ରଶାନ୍ତ ପାଣିଗ୍ରାହୀ, ସୁଧୀର ପଣ୍ଡା, ପାତବାସ ପାତ୍ରୀ, ଅଧ୍ୟାପିକା ଗୀତା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଗଞ୍ଜାମ ଜିଲାରେ ଶିଶୁକନ୍ୟାଙ୍କ ଲିଙ୍ଗହାର ୯୦୮ ଥିବାରୁ ଏହାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସମ୍ପର୍କରେ ସଚେତନ କରାଯାଇଛି ।

# ଭିନ୍ନକ୍ଷମ ସଚେତନତା ଶିବିର

ବୁଗୁଡ଼ା,୬।୯(ଡି.ଏନ.ଏ)

ବୁଗୁଡ଼ା ବ୍ଲକ ବିରଞ୍ଚପୁର ନିକଟସ୍ଥ କନ୍ୟା ମଠରେ ରବିବାର ପୋଲସରା ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରଥମ ଭିନ୍ନକ୍ଷମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋଚନା କରି ସେମାନଙ୍କର ସୁବିଧା କିପରି କରାଯାଇପାରିବ ସେ ନେଇ ବିବରଣୀ ପ୍ରଦାନ କରିଥିଲେ । ଏଥିପାଇଁ ଭିନ୍ନକ୍ଷମମାନଙ୍କୁ ନେଇ ଏକ ବ୍ଲକସ୍ତରୀୟ କମିଟି ଗଠନ ହୋଇଥିଲା । ଉକ୍ତ ଶିବିରରେ ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ, ଇ. ମଦନ ଗୋପାଳ ଦୋରା, ନଗର ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ, କିଶୋର ଚନ୍ଦ୍ର ବେହେରା, ନିର୍ବାଚନମଣ୍ଡଳୀ ସ୍ତରୀୟ ଭିନ୍ନକ୍ଷମ କମିଟିର ସଭାପତି କବିରାଜ ଗୌଡ଼, ଉପସଭାପତି ହରିହର ବିଶୋୟୀ, କୋଷାଧକ୍ଷ ଜୟରାମ ପ୍ରଧାନ, ଖଡ଼ାକ ଖଟାଇ, ଜିଲା ଯୁବ ବିଜେଡିର ସମ୍ପାଦକ ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଓ ଶତାଧିକ ଭିନ୍ନକ୍ଷମ ଯୋଗଦେଇଥିଲେ ।

## ୧୩ ଗ୍ରୁପକୁ କୃଷିଋଣ ବଣ୍ଟନ

ବୁଗୁଡ଼ା,୬।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଗୋଲାବନ୍ଧ ସେବା ସମବାୟ ସମିତିର ୧୩ ମିଳିତ ଦେୟ ଗୋଷ୍ଠୀ (ଜେଏଲଜି)କୁ ବୁଧବାର କୃଷିଋଣ ବଣ୍ଟନ କରାଯାଇଛି। ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବୁଗୁଡ଼ା ଶାଖା କାର୍ଯ୍ୟାଳୟରେ ବୁଧବାର ଏହି ଗୋଷ୍ଠୀଗୁଡ଼ିକୁ ଋଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସିକା ସମବାୟ ବ୍ୟାଙ୍କ ଏସଏଓର ଲକ୍ଷ୍ମୀନୃସିଂହ ବେହେରା, ବ୍ୟାଙ୍କ ଡାଇରେକ୍ଟର ରବୀନ୍ଦ୍ର କୁମାର ପରିଡ଼ା, ଶାଖା ପରିଚାଳକ ମହେଶ୍ୱର ବେହେରା, ଆଞ୍ଚଳିକ ସୁପରଭାଇଜର ସାରଙ୍ଗଧର ଦାଶ ପ୍ରମୁଖ ଉପସ୍ଥିତ ରହି ଗୋଲାବନ୍ଧ ସେବା ସମବାୟ ସମିତି ୧୩ ଗୋଷ୍ଠୀର ୬୫ ମହିଳାଙ୍କୁ ୬ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲାବନ୍ଧ ସେବା ସମବାୟ ସମିତି ସଭାପତି ବିଜୟାଦିତ୍ୟ ଆଚାର୍ଯ୍ୟ, ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ପାଙ୍ଗିଡ଼ି ସେବା ସମବାୟ ସମିତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶୋୟୀ, ଅନ୍ତରପଡ଼ା ସମବାୟ ସମିତିର ସମ୍ପାଦକ ଦେବେନ୍ଦ୍ର ପାତ୍ର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୁର୍ନୁଲ ମୃତକଙ୍କ ପରିବାରକୁ ଜିଲା ପ୍ରଶାସନର ସହାୟତା

ଛତ୍ରପୁର,୬।୯(ଡି.ଏନ.ଏ

ଆନ୍ଧ୍ରପ୍ରଦେଶର କୁର୍ନୁଲରେ ଗ୍ରାନାଇଟ୍ ଖଣି ବିସ୍ଫୋରଣରେ ଗତ ମାସରେ ପ୍ରାଣ ହରାଇଥିବା ଗଞ୍ଜାମ ବ୍ଲକର ୬ ଶ୍ରମିକଙ୍କ ପରିବାରକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସହାୟତା ରାଶି ମଞ୍ଜୁର କରିଛନ୍ତି। ପ୍ରତ୍ୟେକ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ଏହି ଘୋଷଣା ମୁତାବକ ଜିଲା ପ୍ରଶାସନ ମୃତକଙ୍କ ପରିବାରର ବ୍ୟାଙ୍କ ଆକାଉଣ୍ଟକୁ ଉକ୍ତ ସହାୟତା ଅନ୍‌ଲାଇନ୍‌ରେ ପ୍ରଦାନ କରଛନ୍ତି। କୁର୍ନୁଲରେ ଅଗଷ୍ଟ ୩ ତାରିଖରେ ହୋଇଥିବା ଖଣି ବିସ୍ଫୋରଣରେ ଗଞ୍ଜାମ ବ୍ଲକ ବଢ଼ଚକ ନୂଆଗାଁର ମନୋରଞ୍ଜନ ନାହାକ, ଭୀମସେନ ନାହାକ, ଦୁର୍ଯ୍ୟୋଧନ ନାହାକ, ପାଣ୍ଡବ ଲେଙ୍କା, ରାମଚନ୍ଦ୍ର ନାହାକ ଏବଂ ଡିଆଁଡେଇଁ ଗାଁର ରାଜେନ୍ଦ୍ର ନାହାକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ବ୍ୟବସ୍ଥା କରିଛି। କୁର୍ନୁଲ ଜିଲାପାଳଙ୍କ ସହିତ ଏ ସମ୍ବନ୍ଧରେ ପତ୍ରାଳାପ କରି ଗଞ୍ଜାମ ଜିଲାପ୍ରଶାସନ ଉକ୍ତ ସମସ୍ତ ୬ ଟି ପରିବାରର ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇଛି। ଏହି ପରିବାର ଗୁଡ଼ିକ ସେମାନଙ୍କର ସମସ୍ୟା ବିନା ମଧ୍ୟସ୍ଥିରେ ସିଧା ଜିଲାପ୍ରଶାସନ ନିକଟରେ ଉପସ୍ଥାପିତ କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ଏହି ପରିବାରମାନଙ୍କୁ ଜିଲା ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା ।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୬।୯(ଡି.ଏନ୍.ଏ.):

ଗଣେଶ ପୂଜା ଓ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ନିମନ୍ତେ ପୋଲିସ ଓ ପ୍ରଶାସନ ତରଫରୁ ହିଞ୍ଜିଳି ଥାନାର ଅଭ୍ୟାଗମ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଗୋପିନାଥ କୁଅଁର, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୨୧ ପୂଜା କମିଟି କର୍ମକର୍ତ୍ତା ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସର୍ବସାଧାରଣ ରାସ୍ତା ଅବରୋଧ କରି ମେଢ଼ ସ୍ଥାପନ ନ କରିବା, ସକାଳ ୯ରୁ ରାତି ୧୦ଟା ପର୍ଯ୍ୟନ୍ତ କମ୍ ଶବ୍ଦରେ ମାଇକ ଲଗାଇବା, ରାତି ୧୦ଟା ପରେ ମଣ୍ଡପ ବନ୍ଦ କରିବା ଓ ୧୯ ତାରିଖରେ ସାମୂହିକ ମେଢ଼ ଭସାଣି କରିବାକୁ ନିଷ୍ପତ୍ତି ହୋଇଥିଲା।

# ଭାଜପା ପକ୍ଷରୁ ସାଙ୍ଗଠନିକ ସଭା


ସାଙ୍ଗଠନିକ ସଭାରେ ଉପସ୍ଥିତ ନେତୃବୃନ୍ଦ।

ଦିଗପହଣ୍ଡି,୬।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବିଜୟଲକ୍ଷ୍ମୀ ନାରାୟଣପୁର ଗ୍ରାମର ଶୈବପୀଠରେ ଭାଜପା ପକ୍ଷରୁ ବମକେଇ ମଣ୍ଡଳ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ସାଙ୍ଗଠନିକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀ, ଭାଜପା ମହିଳା ମୋର୍ଚ୍ଚା ଗଞ୍ଜାମ ଜିଲା ସଭାନେତ୍ରୀ ବନଜା ପଣ୍ଡା, ସନ୍ତୋଷ କୁମାର ସାହୁ, ରଘୁନାଥ ସାମନ୍ତରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ସବିଶେଷ ଆଲୋଚନା କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ପ୍ରଚାର ପ୍ରସାର ପାଇଁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା । ହୃଷୀକେଶ ସାହୁ, ସୁଦର୍ଶନ ସେଠୀ, ବସନ୍ତ କୁମାର ସାହୁ, ବିପିନ ଦାସ, ତ୍ରିଲୋଚନ ସାହୁ, ମନୋଜ କୁମାର ବାଡ଼ତ୍ୟା, ଭବାନୀ ଶଙ୍କର ଦାସ, ତାରାକିଶୋର ସାହୁ, ରୋହିତ ସାହୁ, ଗଣେଶ ଦାସ, ଖଲି ସାହୁ ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କର୍ମୀ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ଖାରୀଗାଁ ପଞ୍ଚାୟତ ଗଡ଼ସାମନ୍ତରାପୁର ଗ୍ରାମରେ ଭାଜପା ପକ୍ଷରୁ ରାସ୍ତାଘାଟ ସଫେଇ ସହ ବିଭିନ୍ନ ପ୍ରକାର ଚାରାରୋପଣ କରାଯିବା ସହ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା ।

## ଜାତୀୟ ପୁଷ୍ଟିକର ଖାଦ୍ୟ ସପ୍ତାହ

ବୁଗୁଡ଼ା,୬।୯(ଡି.ଏନ୍.ଏ.)

ସମନ୍ୱିତ ଶିଶୁ ବିକାଶ ବିଭାଗର ବୁଗୁଡ଼ା ଏନଏସି ସେକ୍ଟର ତରଫରୁ ମଙ୍ଗଳବାର ତନଓଡ଼ିଆ ସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ଜାତୀୟ ପୁଷ୍ଟିକର ଖାଦ୍ୟ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ସିଡିପିଓ ରଶ୍ମିତା ତ୍ରିପାଠୀ, ଆଞ୍ଚଳିକ ପରିଦର୍ଶିକା ମମତା ପଣ୍ଡା, ସରସ୍ୱତୀ ତ୍ରିପାଠୀ ଓ ଜି. ରଶ୍ମିରେଖା ପ୍ରମୁଖ ଯୋଗଦେଇ ପୁଷ୍ଟିକର ଖାଦ୍ୟ ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଅନିତା ମିଶ୍ର ସ୍ୱାଗତ ଭାଷଣ, ସଂଯୁକ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ। ସୁଲୋଚନା ଡ୍ରାକୁଆ, ନଳିନୀ ମହାରଣା, ସରସ୍ୱାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଏନଏସିର ସମସ୍ତ ୧୮ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ, ସହାୟିକା ଓ ମହିଳା ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସାହି ପରିକ୍ରମା କରାଯାଇ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।

# ଧାନ ଗଛରେ କେଣ୍ଡା ପୋକ, ଚିନ୍ତାରେ ଚାଷୀ

ଚିକିଟି,୬।୯(ଡି.ଏନ.ଏ.)

ଚିକିଟି ବ୍ଲକ ନୂଆପଡ଼ା ଗ୍ରାମର ବି. ନୂଆପଡ଼ା ଇଲାକାରେ ଥିବା ଧାନ ଫସଲରେ କିଛି ଦିନ ହେଲା କେଣ୍ଡା ପୋକ ଉପଦ୍ରବ ଆରମ୍ଭ ହୋଇଛି । ଧାନ ଗଛ ବୃଦ୍ଧି ପାଇବା ବଦଳରେ ଗଛରେ ପୋକ ଲାଗି ନଷ୍ଟ କରିଦେଉଛନ୍ତି। ଘଟଣା ଚାଷୀଙ୍କ ମୁଣ୍ଡରେ ଚଡକ ସଦୃଶ ହୋଇଛି । ଏହାର ନିରାକରଣ ଲାଗି ଚାଷୀମାନେ ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳୁଛି । ଚଳିତବର୍ଷ ବର୍ଷା ବିଳମ୍ବ ହେବାରୁ ଦୀର୍ଘ ୧୫ ଦିନ ହେଲା ରୁଆକାର୍ଯ୍ୟ ସରିଥିଲା । ବର୍ତ୍ତମାନ ଧାନ ଫସଲରେ କେଣ୍ଡା ପୋକ ଲାଗିବା ଫଳରେ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ଗତ ୨ବର୍ଷ ହେଲା ଧାନରେ ବିଭିନ୍ନ ପ୍ରକାର ପୋକର ଉପଦ୍ରବ ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ସେହିଭଳି ଚାନ୍ଦପୁର, ଲାଲମେଣ୍ଟା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମର ଧାନ ଫସଲଗୁଡ଼ିକରେ କେଣ୍ଡା ପୋକ ଉପଦ୍ରବ ହୋଇ ଧାନ ଫସଲ ନଷ୍ଟ ହେବାକୁ ବସିଲାଣି । ଏ ସମ୍ପର୍କରେ କୃଷି ଅଧିକାରୀ ଗୋଲୁକ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଆଜିଯାଏ କୌଣସି ଅଭିଯୋଗ ଆସି ନ ଥିବା କହିଥିଲେ । ଦେଉଳିଆପଡ଼ା ଗ୍ରାମର ଚାଷୀ ପ୍ରକାଶ ଚନ୍ଦ୍ର ପରମଗୁରୁଙ୍କ ସହ ଯୋଗାଯୋଗ କରିବା ବେଳେ ଦୀର୍ଘ ଏକ ମାସ ଧରି ଲଘୁଚାପଜନିତ ପ୍ରଭାବରେ ବର୍ଷା ଲାଗିରହିଛି । ଫଳରେ ଜମିଗୁଡ଼ିକରେ ପାଣି ରହି ବିଭିନ୍ନ ପୋକର ପ୍ରାଦୁର୍ଭାବ ସୃଷ୍ଟି ହୁଏ । ଏଣୁ କୃଷି ବିଭାଗ ପକ୍ଷରୁ ତତ୍ପରତା ପାଇଁ ଦାବି କରିବାବେଳେ ବହୁମାତ୍ରାରେ ଧାନଫସଲ ନଷ୍ଟ ହେବାର ଆଶଙ୍କା ରହିଛି ।



ଜଣେ ଚାଷୀ କେଣ୍ଡା ପୋକ ଦେଖାଉଛନ୍ତି ।

## ସଂକ୍ଷେପରେ

### ଅନ୍‌ସ୍ଲୋ, ବାଳିକା ହାଇସ୍କୁଲ
# ୨ ମାସ ହେଲା ମିଳୁନି ଦରମା

**ଛତ୍ରପୁର,୬।୯(ଡି.ଏନ.ଏ.):** ଛତ୍ରପୁର ସହରରେ ଥିବା ଅନସ୍ଲୋ ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ , ଶିକ୍ଷକ ଏବଂ ଅନ୍ୟ ଷ୍ଟାଫଙ୍କୁ ୨ ମାସ ହେଲା ଦରମା ମିଳୁ ନାହିଁ। ଏହି ୨ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ବଦଳି ହୋଇଥିବା, ନୂଆ ପ୍ରଧାନଶିକ୍ଷକ ନିଯୁକ୍ତ ହୋଇ ନ ଥିବା ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅର୍ଥ କ୍ଷମତା ଦିଆଯାଇ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି । ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଅନସ୍ଲୋ ହାଇସ୍କୁଲର ପ୍ରଧାନଶିକ୍ଷକ ଚନ୍ଦନ କୁମାର ରଥଙ୍କୁ ବାଲିବଗଡ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବଦଳି ହୋଇଥିଲା । ଏମାନଙ୍କର ରିଲିଭ ପରେ ୨ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ଯ୍ୟ କରୁଛନ୍ତି। ଅନସ୍ଲୋ ହାଇସ୍କଲରେ ୩୫ ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ୍ ରହିଛନ୍ତି। ଦରମା ନ ମିଳିବାରୁ ଏମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଜାତୀୟ ପୁଷ୍ଟି ସପ୍ତାହ ପାଳିତ



**ଆସିକା,୬।୯(ଡି.ଏନ୍.ଏ.):** ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଗୁରୁବାର ବାବନପୁରସ୍ଥିତ ରାଜୀବ ଗାନ୍ଧୀ କେନ୍ଦ୍ରରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ପ୍ରକଳ୍ପ ଅଧିକାରୀ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏନଏସି ଅଧକ୍ଷା ମଧୁସ୍ମିତା ପୋଲାଇ ମୁଖ୍ୟ ଅତିଥି, ବିଜୟ କୁମାର ପାତ୍ର ମୁଖ୍ୟବକ୍ତା ଏବଂ ବାବନପୁର ସରପଞ୍ଚ ସୌଦାମିନୀ ନାୟକ, ସମିତିସଭ୍ୟା ନର୍ମଦା ମୁନି, ପୂର୍ବତନ ଜିଲାପରିଷଦ ସଦସ୍ୟ ଅନିଲ କୁମାର ନାୟକ, ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନଙ୍କ ନିମନ୍ତେ ଆବଶ୍ୟକ ପଡୁଥିବା ପୃଷ୍ଟିକର ଖାଦ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଥମେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିବା ବେଳେ ଏକ ଖାଦ୍ୟ ପ୍ରଦର୍ଶନୀ ମଧ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ସହାୟିକା ଓ ମହିଳାମାନେ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟ ସାଥ୍ ଟିମ୍‌ର ବିଦ୍ୟାଳୟ ପରିଦର୍ଶନ



**ଗୋପାଳପୁର,୬।୯:** ରଙ୍ଗେଇଲୁଣ୍ଡା ବ୍ଲକର ୨ଟି ବିଦ୍ୟାଳୟକୁ ରାଜ୍ୟ ସାଥ୍ ଟିମ୍ ଗୁରୁବାର ପରିଦର୍ଶନ କରିଛନ୍ତି। ମଧାହ୍ନରେ ରାଜ୍ୟ ସାଥ୍ ସଭ୍ୟ କିର୍ତ୍ତି ଅଗ୍ରୱାଲ ଓ ସୈଫ୍ ଅଲି ଆରଫିନ୍ ଏବଂ ଜିଲା ଶିକ୍ଷା ସଂଯୋଜକ ଡ. ସନ୍ତୋଷ କୁମାର ପଣ୍ଡା, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର କନିଷି ହାଟସ୍ଥିତ ବ୍ଲକ ପାର୍ଶ୍ୱରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୬ ଜୁନ୍‌ରୁ ଅଗଷ୍ଟ ୩୧ ଯାଏ ପ୍ରଥମରୁ ପଞ୍ଚମ ଶ୍ରେଣୀ ଉଜ୍ଜ୍ୱଳ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରିବା ସହ ୬ଷ୍ଠ ରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍‌ଥାନ କାର୍ଯକ୍ରମ କିଭଳି ଚାଲିଥିଲା, ଶିକ୍ଷକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମର ଅନୁଧାନ ଓ ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ପରିଦର୍ଶନ କରିଥିଲେ। ସେହିପରି ବ୍ରହ୍ମପୁର ମହାନଗର ଅନ୍ତର୍ଗତ ହିଲପାଟଣାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସମସ୍ୟା, ପାଠ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ପାଢ଼ୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟସମ୍ବର୍ଦ୍ଧନା

ଦିଗପହଣ୍ଡି,୬।୯(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ବୋରିପଦର ନୋଡାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମସେନ ଗୌଡ଼ ଅଧକ୍ଷତା କରିଥିଲେ। ସରପଞ୍ଚ ପଙ୍କଜ ଗୌଡ଼, ପୂର୍ବତନ ସରପଞ୍ଚ ହନୁ ଗୌଡ଼, ସତ୍ୟ ନାରାୟଣ ରଥ, ପ୍ରକାଶ ଗୌଡ଼, ଶଶୀଭୂଷଣ ମହାରଣା, ନବଘନ ସାହୁ, ଦଣ୍ଡପାଣି ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଚନ୍ଦ୍ରଗିରି ମେଡିକାଲରେ ଜଳ ସଙ୍କଟ

- ଶୌଚାଳୟକୁ ଆସୁନି ପାଣି, ଢାଳଧରି ବାହାରକୁ ଯାଉଛନ୍ତି ରୋଗୀ
- ରୋଗୀ ଶଯ୍ୟାରେ ପଡୁନି ବେଡ୍‌ଶିଟ୍

**ଚନ୍ଦ୍ରଗିରି,୬।୯ (ଡି.ଏନ୍.ଏ.)**

ସରକାର ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି। ଏପରିକି ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁ ନ ଥିବା ଜନସାଧାରଣଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଠାରୁ ଆୟୁଷ୍ମାନ ପର୍ଯ୍ୟନ୍ତ ବହୁ ଯୋଜନା ମଧ ପ୍ରଣୟନ ହୋଇଛି। ମାତ୍ର ବିଭିନ୍ନ ମେଡିକାଲରେ ଛୋଟ ଛୋଟ ସମସ୍ୟା ପ୍ରତି ଦୃଷ୍ଟି ଦିଆ ଯାଉ ନ ଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ । ମେଡିକାଲରେ ବହୁ ଅବ୍ୟବସ୍ଥା ଲାଗି ରହିଛି। ଡାକ୍ତର ପାଳି କରି ଆସୁଥିବାବେଳେ ମେଡିକାଲ ଇନ୍‌ଚାର୍ଜଙ୍କ ଦେଖା ମିଳିବା କଷ୍ଟ ହୋଇଥାଏ । ଏକ୍ସରେ କରିବାକୁ ଗଲାବେଳେ କେତେବେଳେ କର୍ମଚାରୀ ନ ଥାନ୍ତି ତ ଆଉ କେତେବେଳେ ବିଦ୍ୟୁତ୍ ନ ଥାଏ। ରୋଗୀ ଓ ତାଙ୍କ ସମ୍ପର୍କୀୟ ଏପରି ଅବ୍ୟବସ୍ଥା ମଧ୍ୟରେ ଘାଣ୍ଟି ହୋଇଥାନ୍ତି। ମେଡିକାଲ ଠିକ୍ ସମୟରେ ଖୋଲିଲେ ମଧ କର୍ମଚାରୀ ଠିକ୍ ସମୟରେ ଆସି ନ ଥାନ୍ତି। ଏଠାରେ ଜଳ ସଙ୍କଟ ମୁଖ୍ୟ ସମସ୍ୟା ହୋଇଛି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟକୁ ପାଣି ଆସୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଏହା ଜାମ୍ ମଧ ହୋଇ ଗଲାଣି । ସରକାର ସ୍ୱଚ୍ଛ ଭାରତ ଯୋଜନାରେ ବହୁ ପଦକ୍ଷେପ ନେଉଥିବାବେଳେ ମେଡିକାଲରେ ଶୌଚାଳୟ ସମସ୍ୟା ଯୋଗୁ ରୋଗୀଟିଏ ବହୁ କଷ୍ଟରେ ଶୌଚ ପାଇଁ ବାହାରକୁ ଯାଉଛି।

ଏନେଇ ଜିଲା ଚିକିତ୍ସା ଅଧିକାରୀ ବିପିନ ବିହାରୀ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ, ଡାକ୍ତର ରହୁ ନ ଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ। ମେଡିକାଲ ଇନଚାର୍ଜ ମେଡିକାଲର ପାଣି ସମସ୍ୟା ନେଇ କହନ୍ତି, ମୁଁ ସରପଞ୍ଚ, ବିଡିଓଙ୍କ ଠାରୁ ସିଡିଏମ୍‌ଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଛି, ହେଲେ କିଛି ଫଳ ମିଳୁନାହିଁ।

ସ୍ଥାନୀୟ ସରପଞ୍ଚ ନର୍ମଦା ଦଳେଇ ଓ ବିଡିଓ ବଂଶୀଧର ଖୋସ୍‌ଲା କହନ୍ତି, ଆମ୍ଭକୁ ମେଡିକାଲର ପାଣି ସମସ୍ୟା ନେଇ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ତଥାପି ବିଡିଓ ଖୋସ୍‌ଲା କହିଛନ୍ତି, ସ୍ଥାନୀୟ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇ ସେଠାରେ ଜଳ ସମସ୍ୟାକୁ ଦୂର କରାଯିବ।



ଶୌଚପାଇଁ ରୋଗୀଙ୍କୁ ବାହାରକୁ ନିଆଯାଉଛି।

# ଫିରିଙ୍ଗିଆ ବଜାର ଜଳମଗ୍ନ, ଭାଙ୍ଗିଲା ପୋଲ



ଧସି ଯାଇଥିବା ପୋଖରୀ ହୁଡା।

**ଫିରିଙ୍ଗିଆ,୬।୯**

ପ୍ରବଳ ବର୍ଷା ଯୋଗୁ ଫିରିଙ୍ଗିଆ ବଜାର ଜଳମଗ୍ନ ହୋଇଛି। ଲୋକେ ଘରୁ ବାହାରି ନ ପାରି ହଇରାଣ ହେଉଛନ୍ତି। ବଜାରର ଇନ୍ଦିରା ଗାନ୍ଧୀ ଛକରୁ ବାଣିଜ୍ୟ ଭଣ୍ଡାର ଛକ ପର୍ଯ୍ୟନ୍ତ ୧ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ପାଣି ରାସ୍ତା ଉପରେ ଜମି ରହିଛି । ବଜାରରେ ଥିବା ଦୋକାନ, ହୋଟେଲରେ ପାଣି ପଶି ଯାଇଛି। ସେହିପରି ସହରରେ ରହୁଥିବା ଲୋକଙ୍କ ଘରେ ପାଣି ପଶି ଯିବାରୁ ଘରର ଆସବାବପତ୍ର ନଷ୍ଟ ହୋଇଯାଇଛି। କୁଢ଼ୁକି ଘାଟି ରାସ୍ତାରେ ୨ଟି ବଡ ଗଛ ପଡି ଯିବାରୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ଫିରିଙ୍ଗିଆ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା । ଅଟୋଷ୍ଟାଣ୍ଡ ପାଖରେ ଥିବା ପୋଖରୀ ହୁଡା ଧସି ଯିବାରୁ ରାସ୍ତା ଜଳମଗ୍ନ ହୋଇଛି । ଏହି ରାସ୍ତାରେ ଯାତାୟାତ ବନ୍ଦ ରହିଛି । ସେହିପରି ବର୍ଷା ପ୍ରଭାବରେ ରତଙ୍ଗ ପଞ୍ଚାୟତର ଡାଙ୍ଗେଡିକିଆ ପୋଲ ପାର୍ଶ୍ୱ ଭାଙ୍ଗି ଯାଇଛି । ପୋଲ ଉପରେ ୪ ଫୁଟରୁ ଉଚ୍ଚରେ ପାଣି ଚାଲୁଛି । ଫଳରେ ରତଙ୍ଗରୁ ଡାଙ୍ଗଡିକିଆ, ଜଇଲାମ୍ଧା, କୁଟିବାରୀ ଓ ବରସାହିକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ ହୋଇଯାଇଛି ।

# ମୁଁ ହିରୋ, ମୁଁ ଓଡ଼ିଶା ରଥକୁ ସମ୍ବର୍ଦ୍ଧନା

**ପାଟପୁର,୬।୯(ଡି.ଏନ.ଏ.)**

ମୁଁ ହିରୋ, ମୁଁ ଓଡ଼ିଶା ସଚେତନତା ରଥକୁ ସାନଖେମୁଣ୍ଡି ବ୍ଲକ ପାଟପୁର ଗାନ୍ଧୀ ଛକଠାରେ ଗୁରୁବାର ସ୍ୱାଗତ କରାଯାଇଛି। ପରେ ପାଟପୁରସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ସାନଖେମୁଣ୍ଡି ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧନା ଦିଆଯିବା ସହ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସଙ୍ଗୀତା ବେହେରା ଉଦଘାଟନ କରିଥିବା ବେଳେ ଓସକାର୍ଡ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ କଲେଜ ଅଧକ୍ଷ ଡ଼. ପ୍ରଦୀପ କୁମାର ବ୍ରହ୍ମା, ସଭାପତି ସନ୍ତୋଷ ବିଶୋୟୀ, ସରପଞ୍ଚ ବାବୁ ସୁବୁଦ୍ଧି, ବିଧାୟକ ପ୍ରତିନିଧି ସହଦେବ ପ୍ରଧାନ, ବ୍ଲକ ପ୍ରଗତି ସହାୟକ ରମେଶ କୁମାର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରକଳ୍ପ ସଂଯୋଜକ ଅଜିତ କୁମାର ପଣ୍ଡିତ, ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ, ହିମାଂଶୁ ଶେଖର ପାଢ଼ୀ, ବ୍ଲକ ସଂଯୋଜକ ଜାନକୀ ସେଠୀ ପ୍ରମୁଖ ସଂଯୋଜନା କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଗୋପାଳ ସମାଜର ଐତିହ୍ୟ ସମ୍ପର୍କିତ ଆଲୋଚନାଚକ୍ର

**ଆସିକା,୬।୯ (ଡି.ଏନ୍.ଏ.)**

ଧରାକୋଟ ତାଲୁକା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ସୋମବାର ଆସିକା ବ୍ଲକ ମାମୁଁଡିହ ଗ୍ରାମରେ ନନ୍ଦ ମହୋତ୍ସବ ପାଳିତ ହୋଇଯାଇଛି। ଗୋପାଳ ସମାଜ ଜିଲା ଉପଦେଷ୍ଟା ଭଗବାନ ମହାକୁଡ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ତାଲୁକା ସଭାପତି ଅଗାଡି ଗୌଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଜିଲା ସଭାପତି ନନ୍ଦ କିଶୋର ମହାକୁଡ ମୁଖ୍ୟ ଅତିଥି, ଶତୃଘନ ଗୌଡ ମୁଖ୍ୟବକ୍ତା ଏବଂ ଦେବଭୂମି ସରପଞ୍ଚ ବିଜୟ କୁମାର ଦଳାଇ, ସମିତିସଭ୍ୟ ସନ୍ତୋଷ କୁମାର ନାୟକ ଓ ଜିଲାପରିଷଦ ସଭ୍ୟ ଗୌରହରି ବେହେରା, ନରସିଂହ ଗୌଡ, ଇନ୍ଦ୍ରମଣି ଗୌଡ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଗୋପାଳ ସମାଜର ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ମହୋତ୍ସବରେ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ସମାଜର ସଦସ୍ୟ ଯୋଗ ଦେଇଥିଲେ । ସେହିପରି ବାବନପୁରସ୍ଥିତ ଲୋକନାଥ ମନ୍ଦିର ପରିସରରେ ଘୁମୁସର ତାଲୁକା ବାବନପୁର ମୁଠା ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ ପାଳିତ ହୋଇଛି। ମୁଠା ସଭାପତି ମଙ୍ଗୁଲୁ ଗୌଡଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ.ପି. ଲଡୁ କିଶୋର ସ୍ୱାଇଁ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଦିଲୀପ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ଗୋପାଳ ସମାଜର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ନିମନ୍ତେ ଆହ୍ୱାନ କରାଯାଇଥିଲା।

# ୩୦ ବର୍ଷ ହେବ ରୋଗଶଯ୍ୟାରେ ଦେବ ଲିମା

**ଚନ୍ଦ୍ରଗିରି,୬।୯(ଡି.ଏନ୍.ଏ.)**

ଚାନ୍ଦିପୁଟ ପଞ୍ଚାୟତର ବାଲିପଙ୍କ ଗ୍ରାମ ନିକଟ ଖାରିସାହିରେ ରୁହନ୍ତି ଦେବ ଲିମା। ଦୀର୍ଘ ୩୦ ବର୍ଷ ହେବ ଅଜଣା ରୋଗରେ ଆକ୍ରାନ୍ତ ହୋଇ ସେ ଶଯ୍ୟାଶାୟୀ। ତାଙ୍କ ଗୋଡହାତ କାମ କରୁନାହିଁ। ସ୍ତ୍ରୀ ନୀଳାବତି ହିଁ ଏକମାତ୍ର ଭରସା। ନୀଳାବତି ମୂଲ ଲାଗି ଯାହା ଦି ପଇସା ଆଣନ୍ତି ସେଥିରେ ଘର ଚଳେ। ଅନେକ ସମୟରେ ମାଗିଯାଚି ମଧ ଦି ପଇସା ମିଳିଯାଏ। ଅଧିକାଂଶ ଦିନ ଓଳିଏ ଖାଇଲେ ଓଳିଏ ଉପାସ। ସମସ୍ତ ସରକାରୀ ଯୋଜନାରୁ ଏହି ଦମ୍ପତ୍ତି ବଞ୍ଚିତ ରହିଛନ୍ତି। ଆମର ଏଠାରେ କୌଣସି ଜମିବାଡି ନାହିଁ, ଆମେ ୩୫ ବର୍ଷ ହେବ ଏକ ସରକାରୀ ଯାଗାରେ ରହୁଛୁ। ଦେବଲିମାଙ୍କୁ କିଛିବର୍ଷ ତଳେ ଜଣେ ଚର୍ଚ୍ଚର ଫାଦର ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ ହେଲେ ଡାକ୍ତର କି ରୋଗ ହୋଇଛି ଜାଣି ନପାରି ଘରକୁ ପଳେଇ ଯିବାକୁ କହିଥିଲେ। ସେବେଠାରୁ ଘରେ ପଡି ରହିଛି। ଦେବ ଲିମାଙ୍କ ଏଭଳି ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳବାସୀ ତଥା ପୂର୍ବତନ ମୋହନା ବ୍ଲକ ଅଧକ୍ଷ ରାମ ଦଳବେହେରା କହିଛନ୍ତି, ମୁଁ ଏନେଇ ପୂର୍ବତନ ମୋହନା ବିଡିଓ ପଦ୍ମନାଭ ବେହେରାଙ୍କୁ ଅବଗତ କରାଇବା ସହ ଚଳିତ ଅଗଷ୍ଟ ୧୪ରେ ବର୍ତ୍ତମାନର ବିଡିଓଙ୍କୁ ମଧ ଅବଗତ କରିଛି, କିନ୍ତୁ କିଛି ସୁଫଳ ମିଳିନାହିଁ। ତୁରନ୍ତ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ବାରଣ୍ଡାରେ ଶୋଇ ରହିଥିବା ଦେବ ଲିମା।

# ମର୍ଦ୍ଦରାଜ ହାଇସ୍କୁଲରେ ଆଲୁମ୍‌ନି ମିଟ୍

**କବିସୂର୍ଯ୍ୟନଗର,୬।୯**

ମର୍ଦ୍ଦରାଜ ହାଇସ୍କୁଲରେ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଲୁମ୍‌ନି ମିଟ୍-୨୦୧୦ ସଭା ପାଳିତ ହୋଇଯାଇଛି। ୨୦୧୦ ବ୍ୟାଚର ଛାତ୍ରଙ୍କ ଆୟୋଜିତ ଉତ୍ସବରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ବେଦପାଠ ଓ ଅତିଥି ପରିଚୟ ଗୋବିନ୍ଦ ପ୍ରସାଦ ରଥ ଦେଇଥିବା ବେଳେ ମୁଖ୍ୟଅତିଥି ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଆଇଆଇସି ବୀଭସ୍ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ସନ୍ତୋଷ ପାଢ଼ୀ, ବ୍ଲକ ଉପାଧକ୍ଷା ସଙ୍ଗୀତା ସ୍ୱାଇଁ, ଏନ୍‌ଏସି ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, କ୍ଷମା ସାଗର ମହାପାତ୍ର, ଦିବ୍ୟରେଖା ମହାନ୍ତି, ରୀତାରାଣୀ ବେହେରା, ରୀନା ଶତପଥୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ରଶ୍ମୀ ସାଗର ମହାପାତ୍ର, ସ୍ୱାଗତ ପାତ୍ର, ଶ୍ରୀନିବାସ ରାଓ, ନାରାୟଣ ପରିଡ଼ା, ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ପୁରାତନ ଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।


# ଲଗାଣ ବର୍ଷା, ୨୭ ମି.ମି. ରେକର୍ଡ଼

**ଦାରିଙ୍ଗବାଡି,୬।୯(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରୁ ବର୍ଷା ସହ କୋହଲା ପାଗ ଲାଗି ରହିଛି। ବୁଧବାର ସନ୍ଧ୍ୟାରେ ଝିପିଝିପି ବର୍ଷା ସହ କୁହୁଡ଼ି ଏବଂ କୋହଲା ପାଗ ଯୋଗୁ ତାପମାତ୍ରା ହ୍ରାସ ପାଇଛି। ବିଳମ୍ବିତ ରାତ୍ରିଠାରୁ ଖବର ଲେଖିବା ସୁଦ୍ଧା ବର୍ଷା ଲାଗି ରହିଛି । ପୂର୍ବାହ୍ନ ୧୦ଟା ସୁଦ୍ଧା ୨୭ ମି.ମି. ବର୍ଷା ହୋଇଥିବା ରେକର୍ଡ଼ ସଂଗ୍ରହ କରାଯାଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୭ ଡିଗ୍ରୀ ରହିଥିବା ଜଣାପଡ଼ିଛି । ଫଳରେ ଅଞ୍ଚଳରେ ଶୀତ ବୃଦ୍ଧି ପାଇଛି। ବର୍ଷା ଦିନରେ ଏହା ସବୁଠାରୁ ଅଧିକା ଶୀତ ବୋଲି ସାମାଜିକ କର୍ମୀ ସୁରେଶ ବଳିଆର ସିଂ କହିଛନ୍ତି। ଖଡ଼ଗ ନଦୀ ସହ ଟିକାପାଟା ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ଜଣାପଡ଼ିଛି।

# ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ସଭା

ଭଞ୍ଜନଗର,୬।୯(ଡି.ଏନ.ଏ.)- ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି। ଏନେଇ ଆୟୋଜିତ ସଭାରେ ଅଧକ୍ଷ ଡ଼.ନୀଳାଚଂଳ ମୁନି ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଡ଼.ପିତବାସ ପାଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ସହ ପ୍ରଶାସନିକ ଅଧିକାରୀ ଡ଼.ଆର.ଏନ.ପାଳ, ଅଧାପିକା ବିସ୍ମିତା ଲକ୍ଷ୍ମିଛତର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନ ବିତାଇବା ପାଇଁ ଆହ୍ୱାନ କରିଥିଲେ। ଅଧାପିକା ପୂଜା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ଅଧିକାଂଶ ପ୍ରାନ୍ତରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୯ | ୨୩.୨ |
| ଚାନ୍ଦବାଲି | ୨୫.୮ | ୨୩.୬ |
| କଟକ | ୨୬.୪ | ୨୨.୫ |
| ପାରାଦ୍ୱୀପ | ୨୬.୫ | ୨୨.୫ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୨୭.୯ | ୨୫.୦ |
| ପୁରୀ | ୨୭.୫ | ୨୪.୩ |
| ଅନୁଗୋଳ | ୨୯.୧ | ୨୬.୧ |
| ବାରିପଦା | ୨୭.୦ | ୨୫.୦ |
| ଝାରସୁଗୁଡ଼ା | ୩୦.୨ | ୨୪.୮ |
| କେନ୍ଦୁଝର | ୨୫.୬ | ୨୨.୬ |
| ସମ୍ବଲପୁର | ୩୦.୪ | ୨୧.୫ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୦.୧ | ୨୦.୨ |
| ତାଳଚେର | ୩୦.୧ | ୨୪.୬ |
| ଭବାନୀପାଟଣା | ୨୫.୫ | ୨୩.୦ |
| ବଲାଙ୍ଗୀର | ୨୬.୬ | ୨୩.୫ |
| କୋରାପୁଟ | ୨୨.୦ | ୧୮.୬ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୨୭.୦ | ୨୦.୫ |
| ମାଲକାନଗିରି | ୨୯.୦ | ୨୪.୮ |
| ସୋନପୁର | ୨୬.୪ | ୨୨.୨ |
| ଦାରିଙ୍ଗିବାଡ଼ି | ୨୧.୦ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଲାଲସିଂ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ
## ଦଳୀୟ ସଙ୍ଗଠନ ବୃଦ୍ଧି, ପଞ୍ଚାୟତ ବିକାଶ ପାଇଁ ଯୋଜନା ପ୍ରସ୍ତୁତ

**ଭଞ୍ଜନଗର,୬।୯(ଡି.ଏନ.ଏ)**

ଆଉ କିଛି ମାସ ପରେ ସାଧାରଣ ନିର୍ବାଚନ। ଏହାପୂର୍ବରୁ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦଳୀୟ ସଙ୍ଗଠନ ବୃଦ୍ଧି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଗୁରୁବାର ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତ ବିଜେଡ଼ି କର୍ମୀ ସମ୍ମିଳନୀ ଜଳଭଣ୍ଡାର ନିକଟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳୀୟ ସଙ୍ଗଠନ ବୃଦ୍ଧି ସହ ପଞ୍ଚାୟତର ବିକାଶ ଉପରେ ଆଲୋଚନା ହୋଇଥିଲା। ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିବା ପ୍ରକଳ୍ପ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଲଣ୍ଡେଇସାହି ସୂଚନା କେନ୍ଦ୍ର ଓ ପାଠାଗାର ନିର୍ମାଣ ପାଇଁ ୪ଲକ୍ଷ, ଲାଲସିଂ ନୂଆସାହି ପୋଖରୀ ନିକଟରେ ଚେଞ୍ଜିଂ ରୁମ୍ ପାଇଁ ୧ ଲକ୍ଷ ୫୦ ହଜାର, ଛେଦାଭୁମି ଶିବମନ୍ଦିର ଗୋଷ୍ଠୀ କେନ୍ଦ୍ର ପାଇଁ ୨ଲକ୍ଷ, ଲାଲସିଂ ରାଧାକୃଷ୍ଣ ମନ୍ଦିର ଗୋଷ୍ଠୀକେନ୍ଦ୍ର ୨ଲକ୍ଷ, ଶ୍ରୀରାମନଗର ଗୋଷ୍ଠୀକେନ୍ଦ୍ର ୪ଲକ୍ଷ, ବିଇଡ଼ି କଲେଜ ପାଖ ବିଜୁ ଯୁବ ଗୋଷ୍ଠୀ କେନ୍ଦ୍ର ୫ଲକ୍ଷ, ରାଜକୁଣ୍ଡ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ଅନୁମୋଦନ ହୋଇଛି। ଉକ୍ତ କାମ କମ୍ ଦିନ ମଧ୍ୟରେ ଆରମ୍ଭ କିଭଳି ହେବ ସେ ଉପରେ ଆଲୋଚନା ହୋଇଥିଲା । ଏଥିସହ ରାମକୃଷ୍ଣ ନଗର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୨ଲକ୍ଷ, ଛେଦାଭୁମି ରୋଡ଼ ତୃତୀୟ ଲାଇନ ରାସ୍ତା ପାଇଁ ୨ଲକ୍ଷ, ମାଇକ୍ରୋ ଫାଇନାନ୍ସ ଗଳି ରାସ୍ତା ପାଇଁ ୨ଲକ୍ଷ, ଲଣ୍ଡେଇସାହି ୟୁନିଟ୍ ୬ ରାସ୍ତା ପାଇଁ ୨ଲକ୍ଷ, ଛେଦାଭୁମି ସେତୁ ରାସ୍ତା ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨ଲକ୍ଷ ୧୫ ହଜାର ଟଙ୍କା ଅନୁମୋଦନ ହୋଇଛି। ଆଗାମୀ ଦିନରେ ଆଉ କିଛି ପ୍ରକଳ୍ପ ପାଇଁ ମଧ୍ୟ ଅନୁଦାନ ଆସିବ। ତେଣୁ ଉନ୍ନୟନ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ ସେ ଉପରେ ବୈଠକରେ ଆଲୋଚନା ହୋଇଥିଲା। କର୍ମୀ ସମ୍ମିଳନୀରେ ପୂର୍ବତନ ସରପଞ୍ଚ ପ୍ରତାପ ସିଂ ରାଉତ ଅଧକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ କହ୍ନେଇ ଗୌଡ଼, ସୁଶାନ୍ତ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଗୌରଚନ୍ଦ୍ର ରାଉତ, ଯୁବ ବିଜେଡ଼ି ସଙ୍ଗଠକ ମନୋଜ ପ୍ରଧାନ, ରଞ୍ଜିତ ଭୂୟାଁ, ସୂର୍ଯ୍ୟ ବିଷୋୟୀ, ଶିବ ସାହୁ, ଏମ୍.ଡ଼ି. ହାସନ ପ୍ରମୁଖ ଯୋଗଦେଇ ଏକାଠି ହୋଇ ଦଳୀୟ ସଙ୍ଗଠନ କିଭଳି ପଞ୍ଚାୟତରେ ବୃଦ୍ଧି ହେବ ସେ ଉପରେ ମତ ପ୍ରକାଶ କରିବା ସହ ଲୋକଙ୍କ ସମସ୍ୟା ପ୍ରତି ଅବଗତ ହୋଇ ତାହାର ସମାଧାନ କିଭଳି ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା।



ବୈଠକରେ ଉପସ୍ଥିତ କର୍ମୀ।



ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ

# ଦଫା ୩୭୭: ବିବାଦ, ବିତର୍କର ଅବସାନ

**ସମଲିଙ୍ଗୀ ସମ୍ପର୍କ ନେଇ ଆଇପିସି ଦଫା ୩୭୭ରେ ଥିବା ଅପରାଧ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ଗୁରୁବାର ପରିବର୍ତ୍ତନ ଆଣିଛନ୍ତି। ସ୍ୱଇଚ୍ଛାରେ ଦୁଇ ପ୍ରାପ୍ତବୟସ୍କ ଯଦି ସମଲିଙ୍ଗୀ ଯୌନ ସମ୍ପର୍କ ରକ୍ଷା କରନ୍ତି ତେବେ ତାହା ଅପରାଧଭୁକ୍ତ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ପୀଠ ରାୟ ଦେଇଛନ୍ତି। ଫଳରେ ସମଲିଙ୍ଗୀ ଜୀବନଯାପନ କରୁଥିବା ବ୍ୟକ୍ତି ସେମାନଙ୍କ ଜୀବନକୁ ନିଜ ଇଚ୍ଛା ଅନୁସାରେ ଉପଭୋଗ କରିବାର ସ୍ୱାଧୀନତା ମିଳିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରକ୍ଷଣଶୀଳ ମନୋଭାବ ରଖୁଥିବା କେତେକେ ଏହି ରାୟକୁ ପ୍ରକୃତି ବିରୋଧୀ ଚିନ୍ତାଧାରା କହି ନାପସନ୍ଦ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଦ୍ୟ ରାୟକୁ ନେଇ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ନିଆଯାଇଥିବା ମତକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ଉପସ୍ଥାପନା...**





ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ରାୟ ଦେବା ସହ ଭାରତୀୟ ଦଣ୍ଡ ସଂହିତାର ୩୭୭ ଧାରାକୁ ଉଚ୍ଛେଦ କରିଛନ୍ତି। ତେବେ ସାଧାରଣ ମଣିଷର ପ୍ରକୃତି ବିରୋଧରେ କିଛି ବି କଲେ ତାହାକୁ ଅପରାଧ ବୋଲି ବିବେଚନା କରାଯାଏ। ଯଦି ସହମତି ଭିତିରେ ସମଲିଙ୍ଗୀ ସମ୍ପର୍କ ରହୁଛି ତେବେ ତାହା ଅପରାଧ ନୁହେଁ। ସୁପ୍ରିମକୋର୍ଟ ମଧ ଏହି ବିଚାର ଆଧାରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ରାୟକୁ ସମାଜର ସବୁ ସ୍ତରର ବ୍ୟକ୍ତି ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ ବୋଲି ମୋର ଆଶା।

- ଏ.ଏସ୍. ନାଇଡୁ
ଅବସରପ୍ରାପ୍ତ ବିଚାରପତି, ଓଡ଼ିଶା ହାଇକୋର୍ଟ



ବିଳମ୍ବ ହେଉ ପଛେ ସମଲିଙ୍ଗୀଙ୍କୁ ସେମାନଙ୍କ ଅଧିକାର ମିଳିଲା। ସେମାନଙ୍କ ସମ୍ପର୍କକୁ ବିରୋଧ କରୁଥିବା ଲୋକେ ଜାଣିବା ଦରକାର ଭାରତୀୟ କାମସୂତ୍ରରେ ମଧ ସମଲିଙ୍ଗୀ ସମ୍ପର୍କ ଉଲ୍ଲେଖ ରହିଛି। ସମଲିଙ୍ଗୀଙ୍କୁ ଦେଖି କେହି ସମଲିଙ୍ଗୀ ହୋଇଯିବେ ନାହିଁ କିମ୍ବା ଏମାନଙ୍କ ସମ୍ପର୍କ ଉପରେ କଟକଣା ଲଗାଇଲେ ସେମାନେ ଯେ ଅନ୍ୟ ଲିଙ୍ଗ ପ୍ରତି ଆକର୍ଷିତ ହେବେ ତାହା ସମ୍ଭବ ନୁହେଁ। କାହିଁକି ନା ଏହା ତାଙ୍କର ଜନ୍ମଗତ ପ୍ରକୃତି।

- ମନସ୍ତତ୍ତ୍ୱବିତ୍ ପ୍ରଫେସର ସଙ୍ଗୀତା ରଥ
ରେଭେନ୍ସା ବିଶ୍ୱବିଦ୍ୟାଳୟ



ଅନ୍ୟମାନଙ୍କ ଭଳି ସମଲିଙ୍ଗୀମାନଙ୍କୁ ବଞ୍ଚିବା ପାଇଁ ଏକ ଆଧାର ମିଳିଗଲା। ଆମେ ସବୁବେଳେ 'ଫ୍ରିଡମ୍ ଅଫ୍ ସ୍ପିଚ୍' ଉପରେ ଗୁରୁତ୍ୱ ଦେଉଥିଲେ। ଏବେ 'ଫ୍ରିଡମ୍ ଅଫ୍ ଲିଭିଙ୍ଗ୍' ପାଇଁ ଏହା ଏକ ବଡ଼ ପଦକ୍ଷେପ। ଯେଉଁମାନେ ସମାଜ ଓ ପରିବାରର ତିରସ୍କାରରେ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ, ସେମାନଙ୍କୁ ଏବେ ବଞ୍ଚିବାର ଅଧିକାର ମିଳିଗଲା। ଭଗବାନ ପ୍ରତ୍ୟେକ ମଣିଷକୁ ତିଆରି କରିଛନ୍ତି। ତେଣୁ ସମଲିଙ୍ଗୀମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ସମାଜ ଏବଂ ପରିବାରର ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବ।

- ସଗୁନ୍ ସବ୍ୟସାଚୀ ସତପଥୀ
ଫ୍ୟାଶନ ଡିଜାଇନର୍ ତଥା ବିଗ୍‌ବସ୍ ଫେମ୍



୩୭୭କୁ ଉଚ୍ଛେଦ କରାହେଲା ବୋଲି ଯାହା କୁହାଯାଉଛି, ତାହା ବାସ୍ତବରେ ହୋଇନାହିଁ। କେବଳ ସେକ୍ସନ ୩୭୭ର ଏକ ଅଂଶକୁ ଉଚ୍ଛେଦ କରାଗଲା। ୨୦୧୪ରେ ନାଲ୍‌ସା ଜଜ୍‌ମେଣ୍ଟକୁ ୩୭୭ କିଛି ମାତ୍ରାରେ ବାଧା ସୃଷ୍ଟି କରୁଥିଲା। ହେଲେ ଏହି ରାୟ ପରେ ଜଣେ ନିଜକୁ ଖୋଲାଖୋଲି ଭାବେ ସମାଜ ଆଗରେ ପରିଚୟ ଦେଇପାରିବ।

- ଚନ୍ଦନ କୁମାର ନାୟକ
ପ୍ରୋଜେକ୍ଟ ମ୍ୟାନେଜର, ସାଥୀ



ସୁପ୍ରିମକୋର୍ଟଙ୍କ ଏହି ରାୟ ସ୍ୱାଗତଯୋଗ୍ୟ। ଆଇପିସି ଦଫା ୩୭୭ରେ ପରିବର୍ତ୍ତନ ଦ୍ୱାରା ସମଲିଙ୍ଗୀମାନେ ସ୍ୱାଧୀନ ଭାବେ ବଞ୍ଚିପାରିବେ। ଦୁଇ ଜଣ ସ୍ୱଇଚ୍ଛାରେ ସ୍ୱାଧୀନ ଭାବେ ଯୌନସମ୍ପର୍କ ରଖିଲେ ତାହା ଗ୍ରହଣୀୟ। ହେଲେ ଯେଉଁଠାରେ ଇଚ୍ଛା ବିରୋଧରେ ଏହା ହେଉଛି ତାହା ଅଗ୍ରହଣୀୟ ଓ ଆଇନତଃ ଦଣ୍ଡନୀୟ।

- ଅମିୟ ପଟ୍ଟନାୟକ
ଜିଲା ବାର୍ ଆସୋସିଏଶନ ସଭାପତି, ନୟାଗଡ଼



ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ୩୭୭ ଧାରା ରଦ୍ଦ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବାଦାନୁବାଦର ଅବସାନ ଘଟିଛି। ୧୮୩୦ ମସିହାରେ ଗଢ଼ା ଯାଇଥିବା ଏହି ଆଇନ ସମଲିଙ୍ଗୀ ବ୍ୟକ୍ତିଙ୍କ ମୌଳିକ ଅଧିକାର କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ସହମତି ଭିତ୍ତିରେ ସମଲିଙ୍ଗୀ ସମ୍ପର୍କକୁ ସାମାଜିକ ବ୍ୟାଧି କି ଅପରାଧ କୁହାଯାଇପାରିବ ନାହିଁ। ଏହା ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

- ଲମ୍ବୋଦର ନାୟକ
ଆଇନଜୀବୀ, ବାଲେଶ୍ୱର



ସୁପ୍ରିମକୋର୍ଟଙ୍କର ରାୟ ସ୍ୱାଗତଯୋଗ୍ୟ। ଦୀର୍ଘଦିନ ଧରି ଲୁଚାଛପାରେ ଯାହା ଚାଲିଥିଲା ତାହାକୁ ଏବେ ମିଳିଛି ଆଇନଗତ ସ୍ୱୀକୃତି। କାହାରି ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁର୍ଣ୍ଣ ନ ହେଉ ଏବଂ ବାସ୍ତବତାକୁ ସମାଜ ଗ୍ରହଣ କରୁ ସୁପ୍ରିମକୋର୍ଟଙ୍କ ରାୟ ଏହାକୁ ସୂଚିତ କରୁଛି। ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କକୁ ପାଶ୍ଚାତ୍ୟ ଦେଶର ସଭ୍ୟତାର ଅନୁକରଣ ବୋଲି ଯାହା କୁହାଯାଉଥିଲା ତାହାର ଅନ୍ତ ଘଟିଛି।

- ସୁବ୍ରତ କର
ପୂର୍ବତନ ଲୋକପାଳ, ବାଲେଶ୍ୱର



ନିଜ ଆବଶ୍ୟକତାକୁ ନେଇ ସମାଜରେ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି। ସମଲିଙ୍ଗୀ ସମ୍ପର୍କ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଐତିହାସିକ ରାୟ ଏହା ପ୍ରତିପାଦିତ କରିଛି। ମୁଁ ଏହାକୁ ସ୍ୱାଗତ କରୁଛି। ସହମତି ଭିତ୍ତିରେ ଦୁଇ ସାବାଳକ ବା ସାବାଳିକାଙ୍କ ଭିତରେ ଯୌନ ସମ୍ପର୍କ ଅପରାଧ ନୁହେଁ। ଏ ସମ୍ପର୍କରେ ପୂର୍ବ ପ୍ରଚଳିତ ଆଇନରେ ପରିବର୍ତ୍ତନ ଆବଶ୍ୟକ ଥିଲା।

- ଶୋଭାରାଣୀ ମହାନ୍ତ
ଇଟାମୁଣ୍ଡିଆ , ବାରିପଦା



ସମଲିଙ୍ଗୀ ଯୌନ ସମ୍ପର୍କକୁ ଆମ ସମାଜ ପୂର୍ବରୁ କେବେ ସ୍ୱୀକୃତି ଦେଇନାହିଁ। ଆଧୁନିକ ସମାଜ ବ୍ୟବସ୍ଥାରେ ଏ ସଂକ୍ରାନ୍ତରେ ପୁରୁଣା ଆଇନକୁ ଉଚ୍ଛେଦ କରାଯିବା ସପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟର ଅଧିକ ତର୍ଜମା ହେବା ଦରକାର। ପୂର୍ବରୁ ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ହେଲେ ୩୭୭ ଧାରାରେ ଆଜୀବନ କାରାଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା। ପରିବର୍ତ୍ତିତ ସ୍ଥିତିରେ ସମାଜ ଜୀବନ ଉପରେ ଏହାର ପ୍ରଭାବକୁ ଅନୁଧ୍ୟାନ କରାଯିବା ଜରୁରୀ ମନେ ହୁଏ।

- ଚିତ୍ତରଞ୍ଜନ ମହାନ୍ତ
ମହୁଲିଆ, ବାରିପଦା



ସମଲିଙ୍ଗୀ ଯୌନ ସମ୍ପର୍କକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସମଲିଙ୍ଗୀମାନେ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିଲେ। କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ଆମେ ଗୁରୁବାର ବେଶ୍ ଖୁସି ମନାଇଲୁ। ଏଥିରୁ କୋର୍ଟ ଆମ ପ୍ରତି ଗୁରୁତ୍ୱ ଦେଉଥିବା ପ୍ରମାଣିତ ହୋଇଛି।

- ସୋନାଲି ଦାସ
ଅର୍ଦ୍ଧ ନାରୀଶ୍ୱର କିନ୍ନର ମହାସଂଘ ସଭାପତି, ଭଦ୍ରକ



ସମଲିଙ୍ଗୀ ବ୍ୟକ୍ତିମାନେ ପରସ୍ପର ମିଳାମିଶା କରି ଚଳିବା ପାଇଁ ଦୀର୍ଘଦିନରୁ ଦାବି କରିଆସୁଥିଲେ। ପୂର୍ବରୁ ପ୍ରଚଳିତ ଥିବା ଆଇନ ଏଥିରେ ବାଧା ସୃଷ୍ଟି କରୁଥିଲା। ବ୍ରିଟିଶ ସମୟରୁ ପ୍ରଚଳିତ ଦଫା ୩୭୭କୁ ସର୍ବୋଚ୍ଚ ନ୍ୟାୟଳୟ ଅସାମ୍ବିଧାନିକ ବୋଲି ଘୋଷଣା କରି ସାମାଜିକ ବାସନ୍ଦର ଶିକାର ହେଉଥିବା ସମଲିଙ୍ଗୀ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି।

- ଗଦାଧର ବଳ
ଭଦ୍ରକ ଜିଲା ଓକିଲ ସଂଘ ସମ୍ପାଦକ, ଭଦ୍ରକ



ଶୃଙ୍ଖଳିତ ସମାଜ ପାଇଁ ଠିକ ହେଲା ନାହିଁ। ଭାରତୀୟ ସଂସ୍କୃତିରେ ସ୍ତ୍ରୀପୁରୁଷ ମଧ୍ୟରେ ସମ୍ପର୍କର ସ୍ଥାନରେ ବହୁ ଉଚ୍ଚରେ। ନାରୀ ନାରୀ ମଧ୍ୟରେ ଓ ପୁରୁଷ ପୁରୁଷ ମଧ୍ୟରେ ବିବାହ କଳ୍ପନାର ବାହାରେ। ସମାଜକୁ ଭାଙ୍ଗି ଦେବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ଯାହା ଦ୍ୱାରା ଆଗାମୀ ଦିନରେ ସମାଜର ବହୁତ କ୍ଷତି ହେବ ଆଶଙ୍କା ରହୁଛି।

- ନିମାଇଁ ଚରଣ ଦାସ
ବରିଷ୍ଠ ଆଇନଜୀବୀ, କେନ୍ଦୁଝର



ସମସ୍ତଙ୍କ ବଞ୍ଚିବାର ଶୈଳୀରେ ସ୍ୱାଧୀନତା ଦିଆଯାଇପାରେ। କିନ୍ତୁ ସାମାଜିକ ପରମ୍ପରାରେ ମଧ ବିଭ୍ରାଟ ନ ଆସେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ସ୍ୱାଧୀନତା ପାଇଁ ପରମ୍ପରା ଓ ସମାଜକୁ କ୍ଷତି କରା ନ ଯାଉ।

- ଡ. ବିମ୍ବାଧର ବେହେରା
ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସାହିତ୍ୟିକ, କେନ୍ଦୁଝର



ଏହି ଆଇନ ଆମ ସଂସ୍କୃତି ଉପରେ ପରିବେଷ୍ଟିତ ଥିଲା। ସୁପ୍ରିମକୋର୍ଟ ବହୁ ତର୍ଜମା କରି ଏହା ଉପରେ ମତ ଦେଇଛନ୍ତି। ତାହାକୁ ଆମେ ନିଶ୍ଚିତ ସ୍ୱାଗତ କରିବା। ସମାଜକୁ ନେଇ ଆଇନ ତିଆରି ହୁଏ। ସାମାଜିକ ଚଳଣି ଏବଂ ସାମାଜିକ ଆବଶ୍ୟକତାକୁ ନେଇ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ସମଲିଙ୍ଗୀଙ୍କ ପ୍ରତି ସମାଜରେ ଯେଉଁ ପ୍ରକାର ମନୋଭାବ ଥିଲା, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ।

- ଶିବ ପ୍ରସାଦ ତ୍ରିପାଠୀ
ଆଇନଜୀବୀ, ଫୁଲବାଣୀ



୩୭୭ ଧାରାର କୌଣସି ଆବଶ୍ୟକତା ନାହିଁ। ଏହା ବହୁ ପୂର୍ବରୁ ଉଠିଯିବାର ଥିଲା। ୩୭୭ ଧାରା ବଳରେ ଅନାବଶ୍ୟକ ତଥା ମିଥ୍ୟା ମକଦ୍ଦମାମାନ ରୁଜୁ ହେଉଥିଲା। ଏହି ରାୟ ସରକାରଙ୍କର ସମାଜ ମଙ୍ଗଳ ବିଭାଗ ଏବଂ ଏନଜିଓ ଦ୍ୱାରା ଲୋକଲୋଚନକୁ ଅଣାଗଲେ ଲୋକେ ସଚେତନ ହୋଇପାରିବେ।

- ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ
ବରିଷ୍ଠ ଆଇନଜୀବୀ, ବ୍ରହ୍ମପୁର



ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବିଭିନ୍ନ କ୍ଷେତ୍ରରେ ଏପରି କି, ପରିବାରରେ ମଧ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନଙ୍କ ପଛରେ ଯେଉଁ ଅପରାଧିକ ଟ୍ୟାଗ୍ ଲାଗିଥିଲା, ଏହି ରାୟ ପରେ ତାହା ଆଉ ରହିବ ନାହିଁ।

- ବିଶ୍ୱଭୂଷଣ ପଟ୍ଟନାୟକ
ଆସିଷ୍ଟାଣ୍ଟ ଡାଇରେକ୍ଟର, ସାଥୀ



ମାନ୍ୟବର ସର୍ବୋଚ୍ଚ ଅଦାଲତ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ବହୁ ପୂର୍ବରୁ ନେବାର ଆବଶ୍ୟକତା ଥିଲା। ବିବାହ, ଜାତି, ବର୍ଣ୍ଣ ଓ ଲିଙ୍ଗ ବାବଦରେ ସମାଜର କେତେକ ରୂଢ଼ିବାଦୀ ଲୋକ ଏହାକୁ ବିରୋଧ କରୁଥିଲେ। ବାସ୍ତବରେ ଦେଖିବାକୁ ଗଲେ ବିବାହ ଯେ କେବଳ ବଂଶ ବିସ୍ତାର କରିବା ତାହା ନୁହେଁ ବରଂ ପରସ୍ପର ସୁଖଦୁଃଖର ସାଥୀ ହେବା, ଦୁହେଁ ଦୁହିଁଙ୍କ ପାଇଁ ବଞ୍ଚିବା ବୁଝାଇଥାଏ। ମନର ପରିଭାଷା ବୁଝିପାରୁଥିବା ଲୋକ ମିଶି ରହିଲେ ସମାଜର କ୍ଷତି ହେବନି ବରଂ ମଙ୍ଗଳ ହେବ।

- ଅଞ୍ଜଳୀ ତ୍ରିପାଠୀ
ମନସ୍ତତ୍ତ୍ୱବିତ୍ ବିଭାଗ ମୁଖ୍ୟ, ଅନୁଗୋଳ ମହିଳା ମହାବିଦ୍ୟାଳୟ



ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଜଣେ ସାବାଳକ ଯଦି ଇଚ୍ଛା ଅନୁଯାୟୀ ସମଲିଙ୍ଗୀ ସହ ବସବାସ କରେ ତାହା ଅପରାଧ ନୁହେଁ। ଉଭୟଙ୍କ ସହମତି ଫଳରେ ସେମାନେ ସ୍ୱାଧୀନ ଭାବେ ବଞ୍ଚିବା ସହ ମାନସିକ ଅଶାନ୍ତିରୁ ମୁକ୍ତ ହୋଇପାରିବେ। ଭାରତୀୟ ଦଣ୍ଡ ସଂହିତା ଧାରା ୩୭୭ ଉଚ୍ଛେଦ ହେବା ପରେ ସମାଜରେ ଏମାନଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବରେ ନିଶ୍ଚିତ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଏ।

- ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ
ବରିଷ୍ଠ ଆଇନଜୀବୀ, ଅନୁଗୋଳ



ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ନିଶ୍ଚିତ ଭାବେ ଐତିହାସିକ। ଏହାକୁ ସମସ୍ତେ ମାନିବାକୁ ବାଧ। ଭାରତୀୟ ସମ୍ବିଧାନରେ ନାଗରିକଙ୍କୁ ପ୍ରଦତ୍ତ ସ୍ୱାଧୀନତା ଅଧିକାର ସହିତ ଏହାକୁ ସମତୁଲ କରିଛନ୍ତି ଶୀର୍ଷ ନ୍ୟାୟାଳୟ। କିନ୍ତୁ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହା କେତେଦୂର ଗ୍ରହଣଯୋଗ୍ୟ ତାହା ସମୟ କହିବ। ସର୍ବସାଧାରଣ ଲୋକେ ସେମାନଙ୍କ ମନ ପରିବର୍ତ୍ତନ କରି ଏହାକୁ କେମିତି ଆଦରିନେବେ ତାହା ଦେଖିବାକୁ ବାକି ରହିଲା।

- ଭିକାରି ଚରଣ ରାଉତ
ଅବସରପ୍ରାପ୍ତ ବିଚାରପତି, ଢେଙ୍କାନାଳ



ସମଲିଙ୍ଗୀ ସମ୍ପର୍କକୁ ବିଧିସମ୍ମତ କରାଯିବା ସମ୍ପୂର୍ଣ୍ଣ ମାନବଧର୍ମ ବିରୋଧୀ। ଭାରତୀୟ ଶିକ୍ଷା, ସଂସ୍କୃତି ଓ ପରମ୍ପରାର ଏହା ବିରୋଧୀ। ଭାରତୀୟ ଆଇନ ବ୍ୟବସ୍ଥାର ମୂଳ ଆଧାର ହେଉଛି ସଂସ୍କୃତି ଓ ଆଧ୍ୟାତ୍ମିକତା। ସମଲିଙ୍ଗୀ ସମ୍ପର୍କ ସମାଜରେ ଅପସଂସ୍କୃତି, ଅସାମାଜିକ ବାତାବରଣ ସୃଷ୍ଟି କରିବ। ବର୍ତ୍ତମାନ ଯେଉଁ ସାମାଜିକସ୍ଥିତିରେ ଆମେ ପହଞ୍ଚିଛେ, ଯଦି ଏହାକୁ ବିରୋଧ ନ କରିବା ଆମର ଭବିଷ୍ୟତ ପିଢ଼ି ଓ ବଂଶଧର ନିମ୍ନଗାମୀ ହେବେ।

- ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ
ଆଇନଜୀବୀ, ଢେଙ୍କାନାଳ



ସୁପ୍ରିମକୋର୍ଟଙ୍କର ଏହା ଐତିହାସିକ ରାୟ। ଏଲ୍‌ଜିବିଟି କମ୍ୟୁନିଟିକୁ ସମାଜରେ ସମ୍ମାନର ସହ ବଞ୍ଚିବାରେ ଏହା ସହାୟକ ହେବ। ସମଲିଙ୍ଗୀମାନେ ଏବେ ବିନା ବାଧାରେ ଆଗକୁ ବଢ଼ିପାରିବେ। ସବୁ ଦିଗରୁ ଏହାକୁ ସ୍ୱାଗତ କରାଯିବା ଆବଶ୍ୟକ।

- କେଦାରନାଥ
ପ୍ରୋଗ୍ରାମ୍ ମ୍ୟାନେଜର, ସାଥୀ



ସମଲିଙ୍ଗୀ ଯୌନ ସମ୍ପର୍କ ଅପ୍ରାକୃତିକ। ହିନ୍ଦୁ ସଂସ୍କୃତିରେ ଏହାକୁ ବିରୋଧ କରାଯାଇଛି। ଯଦି ସୁପ୍ରିମକୋର୍ଟ ଏହି ସମ୍ପର୍କକୁ ଅନୁମତି ପ୍ରଦାନ କରିଛନ୍ତି ତେବେ ନିଶ୍ଚିତ ଭାବରେ ଏହା ପଛରେ ମହତ୍ ଉଦ୍ଦେଶ୍ୟ ନିହିତ ଥିବ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ସମସ୍ତେ ମାନିବାକୁ ବାଧ। କିନ୍ତୁ ଆଗାମୀ ଦିନରେ ଏହା ସମାଜରେ ବିଭ୍ରାନ୍ତି ସୃଷ୍ଟି କରିପାରେ।

- ନାରାୟଣପ୍ରସାଦ ପତି
ସଭାପତି, ବ୍ୟାସନଗର ବାର ଆସୋସିଏଶନ



ସୁପ୍ରିମକୋର୍ଟଙ୍କ ସମଲିଙ୍ଗୀ ଯୌନ ସମ୍ପର୍କକୁ ଆଇନଗତ ଅନୁମତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେଣୁ ଆମ୍ଭେ ସୁପ୍ରିମକୋର୍ଟକୁ ଧନ୍ୟବାଦ ଦେଉଛୁ। ଆମ୍ଭକୁ ତୃତୀୟ ଲିଙ୍ଗର ମାନ୍ୟତା ଦେବା ପରେ ବି ଆଇପିସିର ଦଫା ୩୭୭ ଲାଗୁ କରି ଶିକୁଳିରେ ବାନ୍ଧି ଦିଆଯାଇଥିଲା ଭଳି ମନେ ହେଉଥିଲା । କିନ୍ତୁ ଏହି ରାୟ ଆମ୍ଭମାନଙ୍କୁ ସ୍ୱାଧୀନତା ଦେଇଛି । ଅନ୍ୟମାନଙ୍କ ଭଳି ଆମେ ପରସ୍ପରକୁ ବିବାହ ବନ୍ଧନରେ ବାନ୍ଧି ହୋଇ ସାମାଜିକ ଜୀବନ ବିତାଇବାକୁ ଆଇନଗତ ଭାବେ ଅନୁମତି ମିଳିଛି ।

- ଲଭ୍‌ଲି କିନ୍ନର
ସମ୍ପାଦକ, ଯାଜପୁର ଜିଲା କିନ୍ନର ସଂଘ



ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି। ନିଜ ଇଚ୍ଛାରେ କେହି ସମଲିଙ୍ଗୀ ସମ୍ପର୍କ ରଖିଲେ ଅସୁବିଧା ନାହିଁ। ପରିବାରରେ ସ୍ତ୍ରୀସ୍ୱାମୀ ସମ୍ପର୍କ ମଧ ଭାଙ୍ଗି ଯାଉଛି। ତେଣୁ ସମଲିଙ୍ଗି ସମ୍ପର୍କରେ ମଧ ଫାଟ ସୃଷ୍ଟି ହୋଇପାରେ। ତେଣୁ ଆଇନତଃ ଠିକ ନିଷ୍ପତ୍ତି ହୋଇଛି।

- ରାଜକିଶୋର ବେହେରା
ସଭାପତି, ଜିଲା ଓକିଲ ସଂଘ, ଜଗତ୍‌ସିଂହପୁର



ସମଲିଙ୍ଗୀ ସମ୍ପର୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଦୁର୍ଭାଗ୍ୟଜନକ। ଏହା ଆମ ସାମାଜିକ ବ୍ୟବସ୍ଥାରେ ବ୍ୟତିକ୍ରମ ଆଣିବ। ଏହି ରାୟ ବିଶେଷକରି ସନାତନ ଧର୍ମାବଲମ୍ବୀଙ୍କୁ ଆଘାତ ପହଞ୍ଚାଇବ। ଛୋଟ ପିଲା କ'ଣ ଶିଖିବେ? ଆମେ ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଉଛୁ, ଯାହାକି ଯନ୍ତ୍ରଣାଦାୟକ। ଲୋକଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ ଏଯାଏ ଦୂର ହୋଇପାରୁନି। ସାଧାରଣରେ ଗ୍ରହଣୀୟ ହେଉ ନ ଥିବା ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ କରିବା କେତେଦୂର ଫଳପ୍ରଦ ହେବ ତାହା ସମୟ କହିବ।

- ପ୍ରଦୀପ୍ତ ମିତ୍ର
ସାମାଜିକ କର୍ମୀ, ଜଗତ୍‌ସିଂହପୁର



ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ସମସ୍ତଙ୍କର ନିଜ ମତକୁ ନେଇ ବଞ୍ଚିବାର ଅଧିକାର ଅଛି। ଯଦି କେହି ସମଲିଙ୍ଗୀ ଭାବେ ଜୀବନ ଅତିବାହିତ କରିବାକୁ ଚାହୁଁଛନ୍ତି, ଏଥିରେ ସମାଜ ଅଥବା ଗଣତନ୍ତ୍ରର କୌଣସି କ୍ଷତି ଘଟୁନାହିଁ। ସ୍ୱାଧୀନ ଭାରତରେ ସମସ୍ତଙ୍କର ନୈତିକ ଅଧିକାର ରହିଛି। ନିଜ ଇଚ୍ଛାନୁସାରେ ଜୀବନ ଅତିବାହିତ କରିପାରିବେ। ଏଣୁ ମୁଁ ଏହାକୁ ସ୍ୱାଗତ କରୁଛି।

- ସୁମିତ୍ରା ଦଳାଇ
ଛାତ୍ରୀନେତ୍ରୀ, ପୁରୀ



ଏହା ଏକ ସକାରାତ୍ମକ ବିଚାର। ଆମେ ଯେତେବେଳେ ବିଶ୍ୱାୟନରେ ଏକ ହୋଇଛେ ସେଭଳି ସ୍ଥଳେ ରକ୍ଷଣଶୀଳ ମନୋଭାବ ନେଇ ରହିବା ଭଲକଥା ନୁହେଁ। ଆମେ କିନ୍ନର ଓ ବିଭିନ୍ନ ବର୍ଗର ଲୋକଙ୍କୁ ସମାଜରେ ରହିବାକୁ ଦେବା। ଏହି ରାୟ ସ୍ୱାଗତଯୋଗ୍ୟ। ସମାଜର ପ୍ରତି ବ୍ୟକ୍ତି ଏହାକୁ ଭଲ ଦୃଷ୍ଟିରେ ଗ୍ରହଣ କରିବା ଆବଶ୍ୟକ।

- ପ୍ରୀତିକାନ୍ତ ପଣ୍ଡା
ଜିଲା ଶିଶୁ ସୁରକ୍ଷା ଅଧିକାରୀ, ନୟାଗଡ଼



ଯୁଗୋପଯୋଗୀ ଚିନ୍ତାଧାରା ମଣିଷ ଜୀବନଧାରାକୁ ସହଜ କରେ। ବ୍ରିଟିଶ ଶାସନ ସମୟରେ ଲାଗୁ ହୋଇଥିବା ବହୁ ଆଇନର ଇତିମଧ୍ୟରେ ସଂଶୋଧନ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଆଇପିସି ଦଫା ୩୭୭ରେ ସଂଶୋଧନ ଆଣିବା ଦ୍ୱାରା ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖୁଥିବା ସମଲିଙ୍ଗୀ ପୁରୁଷ, ମହିଳା ଓ ତୃତୀୟ ଲିଙ୍ଗୀ ଉପକୃତ ହେବେ। ଏହି ରାୟ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

- ଦେବଦାସ ମହାନ୍ତି
କେନ୍ଦ୍ରାପଡ଼ା ଜିଲା ଓକିଲ ସଂଘ ସଭାପତି



ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମ୍ପୂର୍ଣ୍ଣ ଭିନ୍ନ। ସାମ୍ପ୍ରତିକ ସମୟରେ ଭାରତୀୟ ସଂସ୍କୃତିକୁ ଭୁଲି ଯୁବବର୍ଗ ପାଶ୍ଚାତ୍ୟ ସଂସ୍କୃତି ଆପଣାଉଛନ୍ତି। ଯୌନ ସମ୍ପର୍କ ରକ୍ଷାକୁ ନେଇ ଭାରତୀୟ ସଂସ୍କୃତିରେ ବିଭିନ୍ନ କଟକଣା ଓ ଦୃଷ୍ଟିଭଙ୍ଗୀ ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦଫା ୩୭୭ରେ ସଂଶୋଧନ ଆଣିବା ଯୁବବର୍ଗଙ୍କୁ ଆହୁରି ଉଚ୍ଛୃଙ୍ଖଳିତ କରିବ।

- ଡା. ହୀରାମଣି ବେଉରା
ତୁଳସୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା, କେନ୍ଦ୍ରାପଡ଼ା



ସମଲିଙ୍ଗୀ ଯୌନ ସମ୍ପର୍କ ପ୍ରସଙ୍ଗକୁ ନେଇଦୀର୍ଘ ଦିନ ଧରି ବିତର୍କ ଚାଲିଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଏହା ସମଲିଙ୍ଗୀ ସମ୍ପର୍କକୁ ସମର୍ଥନ କରୁଥିବା ବ୍ୟକ୍ତିଙ୍କ ନୈତିକ ବିଜୟ ବୋଲି କୁହାଯିବ। ଏହା କୌଣସି ଏକ ଅପରାଧ ନୁହେଁ। ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ।

- ବିଭୂତି ଭୂଷଣ ତ୍ରିପାଠୀ
ସମ୍ପାଦକ, ପୁରୀ ବାର ଆସୋସିଏଶନ



ଭାରତ ଏକ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର। ଆମ ପୁରାଣ, ଶାସ୍ତ୍ରରେ ଆମ ସାଂସ୍କୃତିକ ବିଧି ବ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଶାସ୍ତ୍ର ବିରୋଧୀ କାର୍ଯ୍ୟ ସମାଜ ଲାଗି କ୍ଷତିକାରକ। ସମଲିଙ୍ଗୀ ସମ୍ପର୍କରେ କୌଣସି ଶାସ୍ତ୍ରରେ ବର୍ଣ୍ଣନା ନାହିଁ। ଏହା ଦ୍ୱାରା ସମାଜରେ କଳୁଷିତ ବାତାବରଣ ସୃଷ୍ଟି ହେବ। ଏକ ସଭ୍ୟ ସମାଜ ଲାଗି ଏହା ଶୁଭଙ୍କର ନୁହେଁ।

- ପ୍ରଫେସର ଜଗବନ୍ଧୁ ମିଶ୍ର
ପୁରୀ

## ODISHA POWER TRANSMISSION CORPORATION LTD.

Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6

OPTCL Lifeline of Odisha

**TENDER CALL NOTICE NO.04/18-19**

For and on behalf of OPTCL, sealed tenders are invited from reputed Manufacturers/Suppliers having valid IT PAN, GST Certificate towards **"Supply of 17 nos 220 KV CVT, 132 KV CVT, 132 KV CT and 33 KV Console boxes for different Grid Sub-Stations** under EHT (O&M) Division, Bhanjanagar. **Commencement of Sale of Tender Paper :** From Dated 07.09.2018, 11AM to Dated 22.09.2018, 12:00Noon. **Last Date of Submission of Tender Paper :** Dated 22.09.2018 up to 2:00 PM. **Date of Opening of Tender Paper :** Dated 22.09.2018 at 3:00 PM. **Cost of Tender paper :** Rs.600/- + GST @12% = Rs.672/-. For details please visit our website www.optcl.co.in. **N.B-** All subsequent addendums/Corrigendum to the tender (if any) will be hosted in the OPTCL's website **http://www.optcl.co.in** only.

DGM (Elect.), EHT (O&M) Divn. Bhanjanagar

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED

**(A Government of Odisha undertaking)**

**OFFICE OF THE DY. GENERAL MANAGER (ELECT.), E.H.T. (C) DIVISION, BOLANGIR**

**At- 220/132/33 K.V. Grid Sub- Station, Sadeipali, P.O.- Sadeipali, Via.- Chandanbhati, Dist.- Bolangir- 767065, Tel.- 06652-250871**

**CIN- U40102OR2004SGC007553**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁଙ୍ଗୁରିପାଲିଠାରେ ଥିବା RTSS (ରେଳବାଇ) ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ୧୩୨ କେ.ଭି. RTSS ଡୁଙ୍ଗୁରିପାଲିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଲାଇନର ଏହି ଅଂଶ ବରପାଲି, ଅଏଁଲାପାଲି, ଟିଙ୍ଗିପାଲି, ବରଲାବାହାଲ, ମହଦା, ଭାଟିଗାଁ, ସୁଜିଆ, ମୁନୁପାଲି, ଖଏରପାଲି, ପଥରଖଣ୍ଡି, ସାନନୂଆଁପାଲି ଓ ଖୁଣ୍ଟପାଲି ଗ୍ରାମ ଦେଇ ଯାଇଅଛି।

ଏହି ଲାଇନଟି ଆସନ୍ତା ୦୭।୦୯।୨୦୧୮ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରଚଳିତ ବିଦ୍ୟୁତ୍ ନିୟାମକ ୧୯୫୬ ଧାରା ୭୯, ୮୦, ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ ଟାୱାରରେ ଚଢିବା, ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହାଛଡ, ଲୁହାପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ।

ଏହାଦ୍ୱାରା ଧନଜୀବନ ହାନିର ଯଥେଷ୍ଟ ଆଶଙ୍କା ଅଛି। ଉପର ଲିଖିତ ନିୟମମାନ ଉଲଘଂନ କରିବା ଆଇନଗତ ଅପରାଧ ଅଟେ।

ସ୍ୱା./– ଉପ ମହାପ୍ରବନ୍ଧକ (ବିଦ୍ୟୁତ୍), ଅତ୍ୟୁଚ୍ଚ ବିଦ୍ୟୁତ ନିର୍ମାଣ ବିଭାଜନ, ବଲାଙ୍ଗୀର

## ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR-751 003, ODISHA, INDIA

Visit us at : www.ouat.nic.in Tele Fax : 0674-2562360 Email : cpcouat2018@gmail.com, No. 1432 / CAET, Date : 5.9.2018

**TENDER NOTICE**

Sealed tenders are invited from reputed manufacturers/authorized dealers having valid GST/PAN and Service Centers in India, preferably in Odisha for supply, installation and commissioning of different equipment/ other items as specified in the tender document at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT).

Interested firms have to download the tender documents from our official website **www.ouat.nic.in** and submit the same along with the required tender fee of Rs. 3000/- for each group.

The last date for receipt of tender bids by speed post (India post) is **27.09.2018 up to 5.00 PM.** For details of opening of bids, important information, terms and conditions, requirements, etc. please refer to the tender document available at **www.ouat.nic.in.**

Sd/-

**Chairman, Central Purchase Committee-cum–Dean, C A E T, O.U.A.T, Bhubaneswar-751003**

## The Odisha Small Industries Corporation Ltd.

**( A Government of Odisha Undertaking) )**

***(An ISO:9001:2008 certified Govt.Company)***

**Industrial Estate, Madhupatna, CUTTACK –753 010. Odisha**

**Tel No. : 0671-2343084 Fax : 0671-2341875/ 2342561**

e-mail: osicltd@gmail.com , osicltd@rediffmail.com website: osicltd.in

**TENDER CALL NOTICE**

Tender No. 4248/ OSIC Dt: 05.09.2018

Sealed Tenders are invited under 2 bid systems from the registered & reputed Agencies/ Firms/ Service Providers to provide personnel for security & conservancy services for the session 2018-19 at Odisha Small Industries Corporation as per the requirements. Interested Agencies/ Firms/ Service Providers are requested to download the tender documents from the Corporation website i.e. www.osicltd.in. The last date of submission sealed bid/ tender is 22.09.2018 by 5.00P.M by Registered Post/ Speed Post/ Hand delivery. The tenders will be opened on 24.09.2018 at 11.30A.M. The authority reserves the right to accept/ reject any or all the tenders without assigning any reason thereof. For details please visit OSIC website: www.osicltd.in

**MANAGING DIRECTOR**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)

E.H.T. (O&M) Division, Jayanagar-764005. **CIN: U40102OR2004SGC007553**

Lifeline of Odisha

**NOTICE INVITING TENDER**

Sealed Tenders are invited by the undersigned from registered order Suppliers / Manufacturers / their Authorized Dealers having valid Licence (Electrical and Labour), I.T PAN No and GST Registration Certificate for **Tender call No. : 15** Re-wiring of Control Room, Office, PLCC Cum Battery Charger Room, ACDB Room and Battery Room at 132 / 33KV Tentulikhunti and Supply of different materials for Grid S/s Sunabeda and Tentulikhunti under EHT(O&M) Division, Jayanagar. **Cost of tender papers :** Rs.2,240.00 (non-refundable) in shape of Cash for Tender call No. 15. **EMD : @** 1% of quoted value. **Sale of tender documents :** from Dt.03.09.2018 to upto 10:30 AM of Dt.10.09.2018. **Last date of submission of tender :** on or before Dt.10.09.2018 upto 11:00AM. **Tenders will be opened :** on Dt.10.09.2018 at 12:30 PM. **Corrigendum, if any, will be published in the website only.**

Sd/- **DGM (Ele.)**

Please connect us: optcl.odisha optcl_odisha energyodisha

## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**

**Panthanivas (Old Block), Lewis Road, Bhubaneswar – 751014**

**SHORT TENDER CALL NOTICE FOR ORGANISATION OF FOOD FESTIVAL**

**No. BP-I-12/2018-19 / OTDC** **Dt. 05.09.2018**

No.CAD-812: Odisha Tourism is organizing a Food Festival from **27.09.18** to **03.10.18** for 7 days at Exhibition Ground, Unit-III, Bhubaneswar. For erection of stalls & other logistic arrangement, offers are invited from Event Management Agency / Tent House operator in sealed cover. The details can be downloaded from our website **www.panthanivas.com**. The last date for receipt of tender is **15.09.2018** up to **12.00 Noon**.

The Authority reserves the right to reject any or all offers without assigning any reason thereof.

**Sd./- Executive Engineer**

37002/11/0039/1819 **B. P. Division-I**

## STEEL AUTHORITY OF INDIA LIMITED

**Rourkela Steel Plant**

Rourkela - 769 011, Odisha, India

Tender Notice for "CAST GRID HEATING ELEMENTS FOR TA AND DECARB LINE ELECTRIC FURNACES".

Tender No. 003/364/1802000021/01/00/500005824 Dtd. 03.09.2018.

Last date & time of Tender Submission: 04.00 PM of Dtd. 26.09.2018.

Tender Notice for "AIR PRE-HEATER HEATING ELEMENTS FOR H.P BOILER# 3/ 4".

Tender No. 003/287/1802001209/01/00/500005747 Dtd. 02.08.2018.

Last date & time of Tender Submission: 04.00 PM of Dtd. 19.09.2018.

Tender Notice for "Annual maintenance of Sewage Pump Houses & Oxidation Ponds of Sec-16 & 22"

Tender No: RSP/CC(TE)/031/530/1882100048/500005834

Last date & time of tender submission : 4:00 PM on Dtd. 17.09.2018

Tender Notice for "DESIGN, ENGINEERING, MANUFACTURE, INSPECTION, TESTING, SUPPLY AND INSTALLATION OF BELT WEIGH SCALES IN OB&BP, ROURKELA STEEL PLANT"

Tender No. 042/315/1790000105/01/78 Dtd. 31.08.2018

Last date & time of tender Submission: 02.30 P.M. on Dtd. 28.09.2018

Tender Notice for "Door to door garbage collection in SteelTownship (2018-19)"

Tender No: RSP/CC(TE)/031/504/1882100055/01/00/500005832

Last date & time of tender submission : 4:00 PM on Dtd. 17.09.2018

Corrigendum to Tender Notice for "SUPPLY OF TYRE MOUNTED EXCAVATOR LOADER FOR BF#1"

Tender No. 042/675/1892000030/60 Dtd. 04.08.2018

Extended Last Date & Time of Tender Submission:02:30 PM on Dtd. 11.09.2018

Corrigendum to Tender Notice for "SUPPLY OF 3T DIESEL FORKLIFT FOR T&RM"

Tender No. 042/675/1892000050/59 Dtd. 03.08.2018

Extended Last Date & Time of Tender Submission:02:30 PM on Dtd. 10.09.2018

Corrigendum to Tender Notice for" Re-routing of Electrical cable to facilitate Rail/Road connectivity to New HSM with existing Plant –RPN ( Pkg. No.- II-E)".

Tender No. Proj/MM/011/Pkg.-II(E)R/61 Dtd. 08.08.2018

Extended Last Date & Time of Tender Submission:02:30 PM on Dtd. 10.09.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

See Career Appointment on every Wednesday & Saturday

## Government of Odisha
## Forest & Environment Department

No.10F (Con) 161/2017 16227/F&E, Bhubaneswar, dated the 26/07/2018

# ORDER

Sub: **Diversion of 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha.**

WHEREAS, M/s Tata Steel Ltd, 2B, Fortune Tower, Chandrasekharpur, Bhubaneswar-23 had applied for diversion of 9.037ha. of forest land for construction of Railway line from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha by them.

And whereas, the Ministry of Environment, Forests and Climate change (hereinafter referred to as MoEF&CC), Government of India, Eastern Regional Office had accorded 'in-principle' approval for diversion of 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district, Odisha vide its letter No.5-ORC202/2014-BHU dt.11.08.2014 **(ANNEXURE-1)**.

And whereas, the MoEF&CC, Government of India, Eastern Regional Office in consideration of the compliance of the conditions of the 'in-principle' approval, has accorded final approval for diversion of said 9.037ha. of forest land for construction of Railwayline from Jakhpura Railway Station to Steel Plant site of M/s. Tata Steel Ltd. at Kalinga Nagar in Jajpur district, Odisha vide its letter No.5-ORC202/2014-BHU dt.12.07.2018 (Annexure-2) under Section 2 of the Forest (Conservation) Act, 1980. Detailed land schedule of 9.037ha. of diverted forest land duly authenticated by Tahasildar, Danagadi is appended herewith as Annexure-3.

Now therefore, the Government of Odisha, do hereby allow diversion of above mentioned 9.037ha. forest land in Cuttack Forest Division of Danagadi Tahasil of Jajpur district in favour of M/s Tata Steel Ltd. as per approved land use pattern subject to fulfilment of the conditions of final forest clearance order as stipulated by the MoEF&CC, Government of India, Eastern Regional Office.

The Collector of Jajpur is hereby authorized to handover the forest land coming within his Jurisdiction, as has been finally diverted following due procedure of law. Before handing over the diverted forest land to the user agency, if shall be ensured that Net Present value for forest land for this project as well as for any other projects, belonging to same user agency, is deposited, in full, at applicable rates.

The Divisional Forest Officer of Cuttack Forest Division is also directed to monitor compliance to the conditions stipulated for such diversion in the respective forest/Wildlife clearance order and to report violations, if any, to the Nodal Officer, O/O Pr. CCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Act/Rules for this infrastructure project, deposit of requisite funds and compliance of Court's order, if any.

By order of Governor

**Sd/-**
**(Debidutta Biswal)**
**Special Secretary to Government.**

## Government of India
## Ministry of Environment, Forests & Climate Change

Eastern Regional Office
A/3, Chandrasekharpur, Bhubaneswar-751023
Telephone: 0674-2301213, 2301248, 2302452, 2302453, Fax- 0674-2302432

सत्यमेव जयते

जहाँ है हरियाली ।
वहाँ है खुशहाली ॥

No.5-ORC202/2014-BHU 11th August, 2014

To

The Principal Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub: **Diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha.**

Sir,

I am directed to refer to State Govt. letter No.10F(Cons)99/2014-7614/F&E dated 26.04.2014, No.8049/F&E dated 01.05.2014 and No.9404/F&E, dated 22.05.2014 on the above mentioned subject seeking prior approval of the Ministry of Environment, Forests & Climate Change under section 2 of Forest(Conservation)Act,1980.

After due consideration of the proposal of the State Government and on the basis of recommendation of State Advisory Group, the Ministry of Environment, Forests & Climate Change hereby conveys "in-principle" approval for diversion of 9.037ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha, subject to the fulfilment of the following conditions.

1. Legal status of forest land proposed for diversion shall remain unchanged.
2. The State Govt. shall charge the Net Present Value (NPV) of forest area proposed to be diverted under this proposal from the user agency at the rates as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2007-FC dated 05.02.2009 in this regard.
3. Additional amount of NPV of the diverted forest land, if any, becoming due after finalization of the same by Hon'ble Supreme Court of India, shall be charged by the State Govt. from the user agency. An undertaking from the user agency shall be obtained in this regard.
4. a) Compensatory Afforestation shall be raised over 9.037 ha of non-forest land identified by the State Govt. in Plot No.6(P), Khata No.876AAA, Kisam Pahad of village Chandital under Darpan Tehsil of Jajpur at the cost of the user agency by Sate Forest Department. The user agency shall transfer the cost of compensatory afforestation and its maintenance for 10 years (revised as on the date to incorporate the existing wage structure) to the Forest Department.

   b) The non-forest land identified for raising compensatory afforestation shall be transferred and mutated in favour of the State Forest Department before issue of Stage-II approval.
5. The State Government shall deposit Net Present Value and all other funds with the Ad-hoc Body of Compensatory Afforestation Fund Management and Planning Authority (CAMPA), in SB Account No. SB01025222 of Corporation Bank, CGO Complex, Phase-I, Lodhi Road, New Delhi - 110 003 (RTGS/IFSC No.CORP0000371) or in SB Account No-344902010105428 of Union Bank of India, Sunder Nagar, New Delhi-110003 (RTGS/IFSC No-UBIN0534498) by RTGS/NEFT modes, as per the instruction communicated vide letter No.12/02/2010-CAMPA dated 13.05.2011 and 24.06.2011.
6. State Govt. shall upload the compensatory levies demanded and received from the user agency in the Ministry website before Stage-II approval.
7. The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, forward and back bearing and distance from adjoining pillars etc. The distance between any two pillars shall be kept at about 50 mtr. and each pillar should be clearly visible from pillars on both sides.
8. The State Forest Department/UA shall submit the surveyed sketch 9.037 ha of non-forest land identified by the State Govt. in Plot No.6 (P), Khata No.876AAA, Kisam Pahad of village Chandital under Darpan Tehsil of Jajpur as proposed for CA, giving the forward and backward bearing of each demarcation pillar and distance between them. The State Forest Department/User Agency shall submit the DGPS reading of each demarcated pillar giving the latitude and the longitude.
9. The site specific wildlife conservation plan as proposed by the State Govt. shall be implemented with the approval of CWLW, Odisha at project cost.
10. Felling of trees on the forest land being diverted shall be felled in a phased manner under strict supervision of the State Forest Department.
11. Adequate and effective soil and water conservation measures shall be implemented by the User Agency at project cost to prevent any further land degradation in the forest land. The Forest Department shall be consulted while implementing the above scheme.
12. The rocks/morum excavated from work site should be utilized by the Railways/State government for various construction purposes etc.
13. The quarrying site, if any, shall be fully reclaimed biologically by the User Agency at project cost in consultation with Forest Department.
14. The designing of culverts/bridges, if any, over the natural streams/rivers/canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.
15. No additional or new path will be constructed inside the forest area for any activity related to the project work.
16. No labour camp shall be allowed in the forest area.
17. The user agency shall provide fuelwood, preferably alternate fuel, to labourers working at the site to avoid damage/tree felling.
18. The user agency while executing works, shall not fell any tree or damage forest growth in the surrounding forest area in any manner.
19. The forest land proposed to be diverted shall under no circumstances be transferred to any other user agency, department or person without prior approval of Ministry of Environment, Forest & Climate Change.
20. The layout plan of the proposed forest land shall not be changed without the prior approval of Ministry of Environment, Forests & Climate Change.
21. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
22. The user agency and the State Government shall ensure compliance to provisions of the all Acts, Rules, Regulations and Guidelines, for the time being in force, as applicable to the project.

After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment & Forests.

**Yours faithfully,**

**Sd/-**
**(S. Mohapatra)**
**Conservator of Forests (Central)**

## Government of India
## Ministry of Environment, Forests & Climate Change

Eastern Regional Office
A/3, Chandrasekharpur, Bhubaneswar-751023
Telephone: 0674-2301213, 2301248, 2302452, 2302453, Fax- 0674-2302432

सत्यमेव जयते

No.5-ORC202/2014-BHU 12th July, 2018

To

The Addl. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub: **Diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha.**

Sir,

(1) I am directed to refer to State Govt. letter no. 10F(Cons)99/2014-7614/F&E dated 26.04.2014, No.8049/F&E dated 01.05.2014 and No.9404/F&E dated 22.05.2014, wherein prior approval of the ministry of Environment , Forest & Climate Change for diversion of 9.037 ha of forest land for construction of Railway line from Jakhpura Railway Station to Steel Plant site of M/s Tata Steel Ltd. at Kalinga Nagar in Jajpur district of Odisha, was sought in accordance with Section-2 of the Forest (Conservation) Act, 1980. After due consideration of the proposal by the ministry of Environment, Forest & Climate Change and on the basis of recommendation of State Advisory Group meeting held on 25.05.2014, the in-principle approval for diversion of the said forest land was accorded by Ministry vide this office letter of even number dated 11.08.2014, subject to fulfilment of certain conditions. The State Government has furnished compliance report in respect of the conditions stipulated in the in-principle approval and has requested to grant final approval of the proposal.

(2) In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No. 24809/9F(MG)-375/2012 dated 21.11.2017 and Ad-hoc CAMPA, New Delhi letter No. 1-26/2014-CAMPA dated 20.06.2018, Stage-II/Final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 9.037 ha of forest land for construction of Railway line from Jakhpura Railway Station to Steel Plant Site of M/s Tata Steel Ltd. at Kalinga Nagar in Jajpur district of Odisha, subject to the fulfilment of the following conditions:-

I. Legal Status of the diverted forest land shall remain unchanged.
II. Additional amount of NPV of the diverted forest land, if any, becoming due after finalisation of the same by the Hon'ble Supreme Court of India, shall be charged by State Govt. from the user agency.
III. Compensatory Afforestation shall be raised over 9.037 ha of non-forest land identified by the State Govt. in plot No-06(P), Khata No-876AAA, Kisam Pahad of village Chandital under Darpan Tehsil of Jajpur district against the area of forest land being diverted within a period of three years with effect from the date of issue of Stage-II clearance and maintained thereafter in accordance with the approved Plan in consultation with the State Forest Department at the cost of user agency. The C.A. plots have to be demarcated with GPS readings.
IV. The non-forest land which has been transferred and mutated in favour of the State Forest Department for the purpose of compensatory afforestation shall be declared as Reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section (S) of the local Forest Act. The Nodal Officer must report compliance within a period of 6 months from the date of grant of final approval and send a copy of the original notification declaring the non-forest land under Section-4 or Section-29 of the Indian Forest Act, 1927, or under the relevant section of the local Forest Act as the case may be to this Ministry for information and record.
V. State Govt./Forest Deptt. Will focus on creation of water bodies by impounding nullahs and/or excavations at appropriate sites under the soil & moisture conservation works and shall ensure plantation of local tree & shrub and grass species and shall intimate the Eastern Regional Office, Bhubaneswar for record and monitoring.
VI. The user agency will abide by the applicable recommendations of the State Government.
VII. The boundary of the forest land being diverted shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, forward and back bearing and distance from pillar to pillar.
VIII. The site specific wildlife conservation plan as proposed by the State Govt. shall be implemented with the approval of CWLW, Odisha at project cost.
IX. Adequate and effective soil and water conservation measures shall be implemented by the User Agency at project cost to prevent any further land degradation in the forest land. The Forest Department shall be consulted while implementing the above scheme.
X. The rocks/morum excavated from work site should be utilized by the Railways/State Government for various other construction purposes etc.
XI. The quarrying site, if any, shall be fully reclaimed biologically by the User Agency at project cost in consultation with Forest Department.
XII. The designing of culverts/bridges, if any, over the natural streams/ rivers/ canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.
XIII. No additional or new path will be constructed inside the forest area for any activity related to the project work.
XIV. No labour camp shall be allowed in the forest area.
XV. The user agency shall provide alternate fuel preferably LPG to the labourers and the staff working at the site so as to avoid any damage and pressure on the adjacent forest areas.
XVI. The user agency while executing works, shall not fell any tree or damage forest growth in the surrounding forest area in any manner.
XVII. The forest land proposed to be diverted shall under no circumstances be transferred to any other user agency, department or person without prior approval of Ministry of Environment, Forests & Climate change.
XVIII. The layout plan of the proposed forest land shall not be changed without the prior approval of Ministry of Environment, Forests & Climate Change.
XIX. The user agency shall submit annual self-monitoring report on compliance of stipulated conditions to the Nodal Officer (FCA) of the State and Eastern Regional Office of this Ministry.
XX. Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
XXI. The user agency and the State Government shall ensure compliance to provisions of the all Acts, Rules, Regulations, Guidelines, Hon'ble Court order (s) and National Green Tribunal order (s) pertaining to this projects, if any, for the time being in force, as applicable to the project.
XXII. In case of non-compliance of any of the above conditions, the State Govt. shall report to this office as per procedure laid down in the clause 1.9 of guidelines issued under Forest (Conservation) Act, 1980.

(3) As has been mentioned at Para-2 of the Stage-II approval, this approval for diversion of forest land is subject to the fulfilment of stipulated conditions mentioned in this approval letter. Therefore, in the event of non-compliance of any of the conditions laid out in this approval letter, the Eastern Regional Office of MoEFCC may withdraw the said approval for diversion of the forest land and stop the non-forest activity being carried out in the forest land besides initiating the legal action as per provisions of Forest (Conservation) Act, 1980.

**Yours faithfully,**

**Sd/-**
**(S. Mohapatra)**
**Conservator of Forests (Central)**

**ଦୀର୍ଘ ୩୦ ବର୍ଷ କୋଚିଂ କ୍ୟାରିୟରରେ ମୁଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଆଥଲେଟ୍ ସୃଷ୍ଟି କରିଛି। ଏହା ମଧ୍ୟରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ଅନ୍ୟତମ। ଦୀର୍ଘଦିନ ପରେ ମୋର ପରିଶ୍ରମକୁ ସ୍ୱୀକୃତି ମିଳିଥିବାରୁ ବହୁତ ଖୁସି ଲାଗିଲା। ୨୦ ବର୍ଷ ଧରି ମୁଁ ଭାରତୀୟ ଦଳ ସହିତ ରହିଛି। ଓଡ଼ିଆ କୋଚ୍ ଭାବେ ଜଣେ ଓଡ଼ିଶା ଝିଅକୁ ଜିରୋରୁ ସିନିୟର ଏସିଆନ ମେଡାଲିଷ୍ଟ କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ୍ ପୁରସ୍କାର ଗ୍ରହଣର ସ୍ମୃତି ଅଭୁଲା ବୋଲି ଧରିତ୍ରୀ ସହ ଏକ ବିଶେଷ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି ବିଶିଷ୍ଟ ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାଏକ।**

**ସାକ୍ଷାତ: ତପନ ସ୍ୱାଇଁ**

# ଶ୍ରେଷ୍ଠ ଗୁରୁ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କୋଚ ପୁରସ୍କାର ଗ୍ରହଣ ଅବସରରେ ସଞ୍ଜୟ ଗଡନାଏକ

ଦୀର୍ଘ ୩୦ ବର୍ଷର ସାଧନା, ନିଷ୍ଠା ଓ ପ୍ରଶିକ୍ଷଣର ଫଳ ମିଳିଛି। ଜଣେ ଓଡ଼ିଆ କୋଚ୍ ଭାବେ ନିଜ ରାଜ୍ୟରୁ ମିଳିଛି ଶ୍ରେଷ୍ଠ ପୁରସ୍କାର। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମଙ୍କ ସହିତ ଜାତୀୟ ସ୍ତରରେ ଅନେକ ଆଥଲେଟ୍‌ଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ପ୍ରଶିକ୍ଷକଙ୍କୁ ଏବେ ମିଳିଛି ରାଜ୍ୟର ସର୍ବଶ୍ରେଷ୍ଠ କୋଚ୍ ପୁରସ୍କାର। ଗତ ଅଗଷ୍ଟ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ବିଜୁପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିବା ଏହି ଗୁରୁ ଜଣକ ହେଲେ ସଞ୍ଜୟ ଗଡ଼ନାଏକ।

ଅନୁଗୋଳ ଜିଲା ଆରାହଟ ଅନ୍ତର୍ଗତ କନକିନାଳିଠାରେ ୧୯୫୮ ଜୁଲାଇ ୧୫ରେ ଜନ୍ମଗ୍ରହଣ କରିଥିଲେ ସଞ୍ଜୟ। ତାଙ୍କ ମା'ଙ୍କ ନାମ ବାସନ୍ତି ଏବଂ ପିତାଙ୍କ ନାମ ନୀଳମଣି ଗଡ଼ନାଏକ। ପଟିଆଲାସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ନେତାଜୀ ସୁଭାଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ସ୍ପୋର୍ଟ୍ସ (ଏନଏସଏନଆଇଏସ)ର ଆଥଲେଟିକ୍ କୋଚ୍ ପଦରୁ ନିକଟରେ ଅବ୍ୟାହତି ନେଇଛନ୍ତି ସଞ୍ଜୟ। ତେବେ ସେ ଭାରତୀୟ କୋଚ୍‌ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ସେ ଜର୍ମାନୀର ଲିପ୍‌ଜିକ୍ ବିଶ୍ୱବିଦ୍ୟାଳୟ ଏବଂ କ୍ୟୁବାର ହାଭାନା ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କୋଚିଂ କୋର୍ସ କରିଛନ୍ତି। ଜମ୍ପିଂ ଇଭେଣ୍ଟରେ ସେ ଆଇଏଏଏଫ(ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶନ୍ସ)ର ଜଣେ ଲେଭଲ-୩ କୋଚ୍। ସେ ୨୦୦୩ ଆଫ୍ରୋ-ଏସିଆନ ଗେମ୍ସ, ୨୦୦୪ ଓ ୨୦୦୮ ଅଲିମ୍ପିକ୍ ଗେମ୍ସ, ୨୦୦୬ ଓ ୨୦୧୦ ଏସିଆନ ଗେମ୍ସ, ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୦୩, ୨୦୦୭, ୨୦୧୧, ୨୦୧୩, ୨୦୧୫ ଓ ୨୦୧୭ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ୨୦୧୦ ସାଫ୍ ଗେମ୍ସ, ୨୦୧୬ ଜୁନିୟର ଏସିଆନ ଏବଂ ଜୁନିୟର ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅବସରରେ ଭାରତୀୟ ଦଳରେ ସାମିଲ ହୋଇଥିବା କୋଚ୍‌ଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ସଞ୍ଜୟଙ୍କ ପ୍ରଶିକ୍ଷଣରେ ପୂର୍ଣ୍ଣିମା ୨୦୧୭ ଏସିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ପେଣ୍ଟାଥଲନ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୭ରେ ଅନୁଷ୍ଠିତ ସିନିୟର ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ହେପ୍‌ଟାଥଲନରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ଣ୍ଣିମାଙ୍କ ବ୍ୟତୀତ ୨୦୦୪ ଓ ୨୦୦୮ ଅଲିମ୍ପିକ୍ସରେ ଭାଗ ନେଇଥିବା ଜାତୀୟ ରେକର୍ଡଧାରୀ ହେପ୍‌ଟାଥଲେଟ ଜେ.ଜେ. ଶୋଭା, ଲିକ୍ସି ଜୋସେଫ, ଜାତୀୟ ରେକର୍ଡଧାରୀ ଡେକାଥଲେଟ୍ ଭରିନ୍ଦର ସିଂ, ଏସିଆନ ଇନ୍‌ଡୋରରେ ୨ ଥର ସ୍ୱର୍ଣ୍ଣ ପଦକ ବିଜେତା ବିନୋଦ ଏବଂ ଆହୁରି ଅନେକ ଆଥଲେଟ୍ ସଞ୍ଜୟଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରି ଆଗକୁ ବଢ଼ିଛନ୍ତି।

**ପ୍ରଶ୍ନ: କୋଚ୍ ଜୀବନର ଆରମ୍ଭ କିପରି ଥିଲା ?**

■ମୁଁ ଗଡ଼ସେନ୍ତିରି ହାଇସ୍କୁଲ ଏବଂ ଅନୁଗୋଳ କଲେଜରେ ଆଇଏସସି ପଢ଼ିବା ପରେ ୧୯୭୭ରେ ଏୟାର ଫୋର୍ସରେ ଯୋଗଦେବାରୁ ଗ୍ୱାଲିୟରରେ ବିକମ୍ କଲି। ପ୍ରଥମ ପୋଷ୍ଟିଂ ଥିଲା ତାମିଲନାଡୁର ସୁଲୁରରେ। ୧୫ ବର୍ଷ ଚାକିରି ପରେ ୧୯୯୨ ନଭେମ୍ବର ୩୦ରେ ମୁଁ ରିଟାୟର୍ଡ କଲି। ସେହି ୧୯୯୨ ଡିସେମ୍ବର ୫ରେ ମୁଁ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ(ସାଇ)ରେ ଆଥଲେଟିକ୍ କୋଚଭାବେ ଯୋଗଦେଲି। ପୂର୍ବରୁ ମୁଁ ବାଙ୍ଗାଲୋରରେ ୧ ବର୍ଷିଆ ଆଥଲେଟିକ୍ କୋଚିଂରେ ଡିପ୍ଲୋମା କରିଥିଲି। ତେଣୁ ମାଷ୍ଟର ଡିଗ୍ରୀ କରିବାକୁ ପଟିଆଲା ଗଲି। ପଞ୍ଜାବ ୟୁନିଭର୍ସିଟି ପଟିଆଲାରେ ଏମଏସସି ଇନ୍ ସ୍ପୋର୍ଟ୍ସ କୋଚିଂ କଲି। ପରେ ୨୦୦୦ରେ ପଟିଆଲା ଏକାଡେମୀ ଉଇଂରେ ଯୋଗଦେଲି। ସେଠାରେ ଡିପ୍ଲୋମା ଓ ମାଷ୍ଟର ଡିଗ୍ରୀ ପିଲାଙ୍କୁ ପଢ଼ାଯାଏ। ସେହି ୨୦୦୦ରେ ମୁଁ ଏନଏସଏନଆଇଏସରେ ଯୋଗଦେଲି। ମୁଁ ବିଦେଶରେ ମଧ୍ୟ କୋଚିଂ କୋର୍ସ କରିଛି। ଜର୍ମାନୀର ଲିପଜିକ ଏବଂ କ୍ୟୁବାର ହାଭାନା ୟୁନିଭର୍ସିଟିରେ ଆଡଭାନ୍ସ କୋର୍ସ ଇନ୍ ଆଥଲେଟିକ୍ସ କୋଚିଂ କରିଥିଲି। ପରେ ମୁଁ ଆଇଏଏଏଫର କୋଚ ହେବାପାଇଁ ଉଦ୍ଦିଷ୍ଟ ଲେଭଲ-୧, ୨, ୩ କୋଚିଂ କୋର୍ସ ରିଜିଓନାଲ ଡେଭଲପମେଣ୍ଟ ସେଣ୍ଟର ଜାକର୍ତ୍ତାରେ କଲି। ପ୍ରଥମଟି ଜେନେରାଲ, ଦ୍ୱିତୀୟଟି ଜମ୍ପିଂ ଏବଂ ତୃତୀୟଟି ଆଡଭାନ୍ସ। ଏହା ବ୍ୟତୀତ ମୁଁ ତାମିଲନାଡୁ କୋଏମ୍ବାଟୁରସ୍ଥିତ କର୍ପାଗାମ୍ ବିଶ୍ୱବିଦ୍ୟାଳୟରେ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସରେ ପିଏଚ୍‌ଡି ମଧ୍ୟ କରିଛି। ଚାକିରି ସମୟରେ ମୁଁ ଏୟାରଫୋର୍ସ ସର୍ଭିସେସ ପକ୍ଷରୁ ଜମ୍ପିଂ ଇଭେଣ୍ଟରେ ପ୍ରତିନିଧିତ୍ୱ କରିଛି।

**ପ୍ରଶ୍ନ: ପରିବାର ?**

■ପଟିଆଲାରେ ପରିବାର ରହିଛନ୍ତି। ଦୁଇପୁଅ ନେଭିରେ ଅଫିସର ଅଛନ୍ତି। ବଡ଼ପୁଅ ନେଭିରେ ଲୁଟନାଣ୍ଟ କମାଣ୍ଡର ଏବଂ ସାନପୁଅ ଅଫିସରଭାବେ କାର୍ଯ୍ୟରତ। ସେ ଫେନସିଂରେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛି। ଜୁନିୟର ସ୍ତରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏସିଆନ ଚାମ୍ପିୟନଶିପ୍ ସବୁ ଖେଳି ସାରିଛି। ଆଡଭାନ୍ସ ଟ୍ରେନିଂ ପାଇଁ ସେ ଏବେ ହଙ୍ଗେରୀ ଯିବ। ବଡ଼ ବୋହୁ ପାଇଲଟ ଅଛି।

**ପ୍ର: ସଫଳ ଶିଷ୍ୟ କିଏ ?**

■ମୋ କୋଚିଂ କ୍ୟାରିୟରରେ କର୍ଣ୍ଣାଟକର ଜେଜେ ଶୋଭା ସବୁଠାରୁ ଅଧିକ ସଫଳତା ପାଇଛନ୍ତି। ସେ ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ୨ଟି ଏସିଆନ ଗେମ୍ସ ୨୦୦୨ ଓ ୨୦୦୬ରେ ବ୍ରୋଞ୍ଜ ମେଡାଲ, ୨୦୦୩ ଆଫ୍ରୋ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ, ୨୦୦୨ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ, ୪x୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୨୦୦୫ରେ ହେପ୍‌ଟାଥଲନରେ ୬୨୧୧ ପଏଣ୍ଟ ସହିତ ଏବେ ମଧ୍ୟ ଜାତୀୟ ରେକର୍ଡର ଅଧିକାରିଣୀ ଅଛନ୍ତି।

**ପ୍ର: ଓଡ଼ିଆ ଆଥଲେଟ୍‌ମାନେ ଉଚ୍ଚସ୍ତରରେ ବିଶେଷ ସଫଳତା ନ ପାଇବାର କାରଣ କ'ଣ।**

■ମୁଖ୍ୟ କାରଣ ହେଉଛି ଆମେ ଜୁନିୟର ସ୍ତରକୁ ଭୁଲି ଯାଉଛୁ। ଏବେ ସ୍କୁଲ ସ୍ତରରେ ସ୍ପୋର୍ଟ୍ସ ଶୂନ୍ୟ କହିଲେ ଚଳେ। ସରକାର ତୃଣମୂଳ ସ୍ତରକୁ ଫୋକସ କରିବା ଆବଶ୍ୟକ। ଚାଇନା ପରି ଦେଶ ସ୍କୁଲ ଉପରେ ଫୋକସ କରି ସଫଳତା ପାଉଛନ୍ତି। ସ୍କୁଲରେ ଫିଜିକାଲ ଏଜୁକେଶନ ବାଧ୍ୟତାମୂଳକ କରାଯିବା ଆବଶ୍ୟକ। ପ୍ରାକ୍ଟିକାଲ ମଧ୍ୟ ବାଧ୍ୟତାମୂଳକ ହେବା ଜରୁରୀ। ଭୁବନେଶ୍ୱରକୁ ଛାଡ଼ିଦେଲେ ଅନ୍ୟ ସ୍ଥାନରେ ସିନ୍ଥେଟିକ୍ ଟ୍ରାକ୍ ନାହିଁ। ସବୁ ଜିଲାରୁ ଖେଳାଳି ଆସି ଭୁବନେଶ୍ୱରରେ ଅଭ୍ୟାସ କରିବା ସମ୍ଭବ ନୁହେଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସିନ୍ଥେଟିକ୍ ଟ୍ରାକ୍ ନିହାତି ଆବଶ୍ୟକ। ଏହା ବ୍ୟତୀତ ପିଲାଙ୍କୁ ଆବଶ୍ୟକ ଖେଳ ସରଞ୍ଜାମ ଏବଂ ଫୁଡ୍ ସପ୍ଲିମେଣ୍ଟ ଆଦି ଯୋଗାଇ ଦିଆଯିବା ଜରୁରୀ। ସ୍କୁଲ ନ୍ୟାଶନାଲ, ଜୁନିୟର ସ୍ତରରେ ମେଡାଲ ଆଣୁଥିବା ପିଲାଙ୍କୁ ଆର୍ଥିକ ପୁରସ୍କାରରେ ପ୍ରୋତ୍ସାହିତ କରାଯିବା ଆବଶ୍ୟକ, ଯାହାକି ହରିୟାଣା ସରକାର କରୁଛନ୍ତି। ଫଳରେ ହରିୟାଣା ଏବେ କ୍ରୀଡ଼ା କ୍ଷେତ୍ରରେ ଉପରକୁ ଉଠୁଛି। ଉଚ୍ଚସ୍ତରରେ ଓଡ଼ିଶା ସରକାର ପ୍ରୋତ୍ସାହନ ରାଶିରେ ଅନ୍ୟ ରାଜ୍ୟପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ମାତ୍ର ଜୁନିୟର ସ୍ତରପାଇଁ ମଧ୍ୟ ଏପରି କିଛି ହେଲେ ଅଧିକରୁ ଅଧିକ ଓଡ଼ିଆ ଖେଳାଳି ଉଚ୍ଚସ୍ତରରେ ନାଁ କମାଇପାରିବେ।

**ପ୍ର: ଭୁବନେଶ୍ୱରରେ ଏବେ ବିଶ୍ୱସ୍ତରର ଭିତ୍ତିଭୂମି। ଏଥିରୁ ଆମ ଆଥଲେଟ୍‌ଙ୍କୁ କ'ଣ ଫାଇଦା ମିଳିବ ?**

■ଏଥିରୁ ନିଶ୍ଚିତଭାବେ ରାଜ୍ୟ ଖେଳାଳି ଓ ସେମାନଙ୍କ ଅଭିଭାବକମାନେ ମୋଟିଭେଟ ହେବେ। ଜୁନିୟରରେ ଜାତୀୟ ସ୍ତରର ଆଥଲେଟ୍‌ଙ୍କୁ ଭୁବନେଶ୍ୱର ଆଣି କୋଚିଂ ଦେବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ଫଳରେ ରାଜ୍ୟ ଆଥଲେଟ୍‌ଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆସିବ।

**ପ୍ର: ୨୦୨୦ ଅଲିମ୍ପିକ୍ସରେ ଭାରତର ସମ୍ଭାବନାକୁ କିପରି ଦେଖୁଛନ୍ତି ?**

■ମୁଁ ଦୀର୍ଘ ୩୦ ବର୍ଷ ଧରି କୋଚିଂରେ ଏବଂ ୨୦୦୦ରୁ ଏପର୍ଯ୍ୟନ୍ତ ୨୦ ବର୍ଷ ଧରି କ୍ରମାଗତ ଭାରତୀୟ ଦଳ ସହ ରହିଛି। ୨୦୨୦ ଅଲିମ୍ପିକ୍ସରେ ଆଥଲେଟିକ୍ସ ଇଭେଣ୍ଟରୁ ଆମେ ଅତିକମ୍‌ରେ ୨ଟି ପଦକ ଦେବୁ। ତେବେ ରାଜ୍ୟ ଓ ଭାରତ ସରକାର ବର୍ତ୍ତମାନ ଭଳି ଆଥଲେଟ୍‌ଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଉଚିତ।

**ପ୍ର: ପୂର୍ଣ୍ଣିମାଙ୍କୁ ନେଇ ଆପଣଙ୍କର କ'ଣ ସ୍ୱପ୍ନ ରହିଛି ?**


■ପୂର୍ଣ୍ଣିମାଙ୍କୁ ଅଲିମ୍ପିକ୍ସରେ ଖେଳାଇବା ମୋର ପ୍ରଥମ ଲକ୍ଷ୍ୟ। ଭାଗ୍ୟ ସାଥ୍ ନ ଦେବାରୁ ସେ ଏଥର ଏସିଆନ ଗେମ୍ସରେ ପଦକ ଜିତି ପାରିଲାନି। ମାଂସପେଶୀରେ ସମସ୍ୟା ଯୋଗୁ ପାଖାପାଖି ୨୦୦ ପଏଣ୍ଟ କମିଗଲା। ଗୁଆହାଟୀ ସିଲେକ୍ସନରେ ସେ ପାଖାପାଖି ୫୯୦୦ ପଏଣ୍ଟ ହାସଲ କରିଥିଲେ। ସେତେବେଳେ ୨୦୦ ମିଟର ଅବସରରେ ମାଂସପେଶୀ ହାଲ୍‌କା ଟାଣି ହୋଇ ଯାଇଥିଲା। ପରେ ତାହା ଠିକ୍ ହୋଇ ଯାଇଥିଲା। ଏବେ ୮୦୦ ମିଟର ରେସ୍ ପରେ ହର୍ଡଲ୍ସ ସମୟରେ ପୁଣି ସେହି ସମସ୍ୟା ବାହାରିବାରୁ ସ୍ପିଡ୍ ଇଭେଣ୍ଟ ଗୁଡ଼ିକ ଖରାପ ହୋଇଗଲା। ଏହାକୁ ବ୍ୟାଡ୍‌ଲକ୍ କୁହାଯାଇ ପାରିବ। ପୂର୍ଣ୍ଣିମା ମୋ ପାଖରେ ୭ ବର୍ଷ ହେଲା ଅଛନ୍ତି। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ଏବେ ତାଙ୍କୁ ସ୍ୱତନ୍ତ୍ରଭାବେ କୋଚିଂ ଦେଇ ୨୦୨୦ ଅଲିମ୍ପିକ୍ସ ଓ ୨୦୨୨ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ କରାଯିବ।

## ଓଡ଼ିଶାରେ କୋଚିଂ ଦେବାକୁ ଇଚ୍ଛା

ମୁଁ ୨୦୧୮ ଜୁଲାଇ ୩୧ରେ ସାଇରୁ ଅବସର ନେଇଛି। ଏବେ ମୁଁ ପଟିଆଲାରେ ଭାରତୀୟ କ୍ୟାମ୍ପରେ ରହିଛି। ଭାରତୀୟ ଆଥଲେଟିକ୍ସ ଫେଡେରେଶନ ଜୁନିୟର ଟିମ୍‌ରେ ମୁଖ୍ୟ କୋଚ୍ ଦାୟିତ୍ୱ ମଧ୍ୟ ଦେଇଛନ୍ତି। ଭବିଷ୍ୟତରେ ଓଡ଼ିଶା ଯାଇ କିଛି କରିବି ବୋଲି ଆଶା ରଖିଛି। ଯୋଜନା ଅଛି ଓଡ଼ିଶା ଯିବାକୁ। କିଟ୍ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଫର ରହିଛି। ବିଶେଷ କରି ଭୁବନେଶ୍ୱରରେ ସୁଯୋଗ ମିଳିଲେ ମୁଁ ନିଶ୍ଚିତ ସ୍ୱାଗତ କରିବି। ଅଚ୍ୟୁତ ସାମନ୍ତ କିଟ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି। ଗୁଜରାଟରୁ ମଧ୍ୟ ଅଫର ମିଳିଛି। ଫିଟ୍ ଥିବା ପର୍ଯ୍ୟନ୍ତ କୋଚିଂ ଜାରି ରଖିବାରେ କିଛି ଅସୁବିଧା ନାହିଁ।

## ପଣ

ଆଶେସରେ କଙ୍ଗାରୁଠୁ ଜିତିଗଲେ
ଯେମିତି ଲାଗଇ ମଜା
ନମ୍ବର ୱାନ ଟିମ୍ ଇଣ୍ଡିଆଠୁ ଟେଷ୍ଟ
ୱିନ ସମକକ୍ଷ ଅଜା
ଟ୍ରେଭର ବେଲିସ ବାଜା
ବଜାଇ କହଇ ପଣ କରିଥିଲୁ
(କିଏ) ଓଳିଆରୁ ପଡ଼ି ଗଜା।




ହକିର ପ୍ରଚାର ପ୍ରସାର କରିବ
ନବୀନ କରିଛି ପଣ
ଭୁବନେଶ୍ୱରରେ ଦୁଇମାସ ପରେ
ହକି ବିଶ୍ୱକପ ରଣ
ଟ୍ରଫି ପ୍ରତିକୃତି ରାଣ
ଛଅଟି ଗାଡ଼ିରେ ଗାଁଠୁ ସହର
ବୁଲିବ ଆଗକୁ ଜାଣ।

ସିକ୍ସଟି ନାଇନ୍ ପଦକ ଜିତିଛି
ଜାକର୍ତ୍ତାରେ ମୋର ଦେଶ
ୱେଲ୍‌କମ୍ ଆମ ଆଥଲେଟ୍ ଘେନ
ପଣ, ଶ୍ରମ ଦେଲା ଯଶ
ଏବେ ବଣମଲ୍ଲୀ ବାସ
ଚହଟଇ ସାରା ଅଖ୍ୟାତ ପଲ୍ଲୀରୁ
ଦେଶ ଆଉ ମହାଦେଶ।

-ସୁବାସ ଚନ୍ଦ୍ର ପ୍ରଧାନ

## ସଙ୍କଟରେ ନଟରାଜଙ୍କ କ୍ୟାରିୟର

- ନିଜର ବଳିଷ୍ଠ ନେତୃତ୍ୱ
- ବଳରେ ପୂର୍ବାଞ୍ଚଳକୁ ୨ ଥର
- ଦୁଲୀପ ଟ୍ରଫି ଟାଇଟଲ ସ୍ୱାଦ
- ଚଖାଇଥିବା ଓଡ଼ିଶାର ପୂର୍ବତନ
- ରଣଜୀଟ୍ରଫି ଅଧିନାୟକ
- ନଟରାଜ ବେହେରାଙ୍କ
- କ୍ୟାରିୟର ଏବେ ସଙ୍କଟରେ।
- ଆଗାମୀ ସିଜନ ପାଇଁ
- କଟକରେ ଚାଲିଥିବା ସିନିୟର
- ଦଳର ପ୍ରସ୍ତୁତି ଓ ଚୟନ
- ଶିବିରରେ ନଟରାଜ ନାହାନ୍ତି।
- କଳାହାଣ୍ଡି କପ୍ ନ ଖେଳିବା
- ଯୋଗୁ ତାଙ୍କୁ ଶିବିରରେ
- ରଖାଯାଇ ନାହିଁ
- ବୋଲି ଓସିଏ
- ପକ୍ଷରୁ ପ୍ରକାଶ
- କରାଯାଇଛି।

୧୯୬୧-୬୨ରେ ଆରମ୍ଭ ହୋଇଥିଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଅନ୍ୟତମ ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଦୁଲିପ ଟ୍ରଫି। ପ୍ରତିଯୋଗିତାର ୫୦ ସଂସ୍କରଣ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଦଳ ଥରେହେଲେ ଟାଇଟଲ ବିଜୟୀ ହୋଇ ପାରି ନ ଥିଲା। ମାତ୍ର ୨୦୧୧-୧୨ ଓ ୨୦୧୨-୧୩ରେ ପୂର୍ବାଞ୍ଚଳ ଲଗାତର ଦୁଇଥର ଚାମ୍ପିୟନ ହେଲା। ନିଜର ବଳିଷ୍ଠ ନେତୃତ୍ୱରେ ପୂର୍ବାଞ୍ଚଳକୁ ଟାଇଟଲ ସ୍ୱାଦ ଚଖାଇଥିଲେ ଜଣେ ଓଡ଼ିଆ ଖେଳାଳି। ସେ ହେଲେ ଓଡ଼ିଶାର ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ନଟରାଜ ବେହେରା। ୫୦ବର୍ଷ ପରେ ନିଜ ନେତୃତ୍ୱ ବଳରେ ପୂର୍ବାଞ୍ଚଳକୁ ଦୁଲୀପ ଟ୍ରଫି ପ୍ରଦାନ କରିଥିବା ଏବଂ ହରିୟାଣା ବିପକ୍ଷରେ ୨୫୫ରନ୍‌ର ଇନିଂସ୍ ଖେଳି ପ୍ରଥମ ଶ୍ରେଣୀ କ୍ରିକେଟର ଗୋଟିଏ ଇନିଂସରେ ଓଡ଼ିଶାର ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ହୋଇଥିବା ନଟରାଜ ଏବେ କ୍ରିକେଟଠୁ ଦୂରେଇ ଯାଉଥିବା ଦେଖିବାକୁ ମିଳୁଛି। କଟକରେ ଚାଲିଥିବା ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିରରେ ନଟରାଜ ନାହାନ୍ତି। ଏଣୁ ଆସନ୍ତା ସିଜନରେ ରାଜ୍ୟର ଏହି ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ ଜଣଙ୍କୁ ଦେଖିବାକୁ ମିଳିବା ସମ୍ଭାବନା କମ୍ । ଗତ କଳାହାଣ୍ଡି କପ୍ ନ ଖେଳିବା ଯୋଗୁଁ ତାଙ୍କୁ ଶିବିରରେ ରଖାଯାଇନାହିଁ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି । ତେଣୁ ନଟରାଜଙ୍କ କ୍ରିକେଟ କ୍ୟାରିୟର ଏବେ ସଙ୍କଟ ଦେଇ ଗତି କରୁଥିବା ସ୍ପଷ୍ଟ ଦେଖା ଯାଉଛି।

ରାଉରକେଲାରେ ଜନ୍ମିତ ନଟରାଜଙ୍କ ସମ୍ପୂର୍ଣ୍ଣ ନାଁ ହେଉଛି ନଟରାଜ ଭୁବନ ବେହେରା । ଜୁନିୟର ବୟସ ବର୍ଗର ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାଇଡୁ ଟ୍ରଫିରେ ସେ ରାଜ୍ୟ ଦଳରୁ ଖେଳିଥିଲେ । ୨୩ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଭଲ ପ୍ରଦର୍ଶନ ଦୃଷ୍ଟିରୁ ତାଙ୍କୁ ୨୦୦୭ରେ ସିନିୟର ଦଳରେ ସୁଯୋଗ ମିଳିଥିଲା । ପଞ୍ଜାବ ବିପକ୍ଷ ଟି୨୦ ମ୍ୟାଚ୍‌ରେ ସେ ବ୍ୟାଟିଂ କ୍ରମ ୭ନଂରେ ଆସିଥିବା ବେଳେ ମାତ୍ର ୭ରନ୍ କରିଥିଲେ । ୨୦୦୮ରେ ଗୁଜରାଟ ବିପକ୍ଷରେ ସେ ପ୍ରଥମଶ୍ରେଣୀ କ୍ରିକେଟ ପଦାର୍ପଣ କରିଥିଲେ । ଭୁବନେଶ୍ୱରର ରେଲୱେ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓପନର ପରେଶ ପଟେଲଙ୍କ ସହିତ କ୍ରିଜକୁ ଓହ୍ଲାଇଥିଲେ ନଟରାଜ। ଉକ୍ତ ମ୍ୟାଚ୍‌ରେ ଓଡ଼ିଶା ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା । ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିବା ବେଳେ ନଟରାଜ କିନ୍ତୁ ପ୍ରଥମ ଇନିଂସରେ ୧୪ରନ୍ ଓ ଦ୍ୱିତୀୟ ଇନିଂସରେ ୨୨ରନ୍ କରିଥିଲେ । ୨୦୧୦ରେ ଲକ୍ଷ୍ନୌ ଠାରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ନଟରାଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ୨୦୦୯ରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରୁ ତାଙ୍କର ଲିଷ୍ଟ-ଏ କ୍ୟାରିୟର ଆରମ୍ଭ ହୋଇଥିଲା।

**ଉତ୍‌ଥାନ ପତନ :** ପୁରୁଣା ରେକର୍ଡକୁ ଦେଖିଲେ ରାଜ୍ୟ ଦଳରେ ନଟରାଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି । ହେଲେ ଉତ୍‌ଥାନ ପତନ ମଧ୍ୟରେ ଗତ କିଛିବର୍ଷ ହେବ ତାଙ୍କର କ୍ରିକେଟ କ୍ୟାରିୟର ଗତି କରୁଛି । ୨୦୧୫-୧୬ ସିଜନରେ ନଟରାଜ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୨୫୫ରନ୍ କରିଥିଲେ । ଯାହା ଉକ୍ତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ସ୍ଥାନରେ ରହିଥିଲା । ଏହି ସିଜନରେ ସେ ୩୫.୫୭ ଆଭରେଜରେ ମୋଟ୍ ୪୯୮ରନ୍ କରିଥିଲେ । ମାତ୍ର ଏହାର ପରବର୍ତ୍ତୀ ସିଜନ ଅର୍ଥାତ୍ ୨୦୧୬-୧୭ରେ ତାଙ୍କୁ ଦଳରେ ଦେଖିବାକୁ ମିଳି ନ ଥିଲା । ପରେ ପୁଣି ଥରେ ୨୦୧୭-୧୮ ସିଜନରେ ପୁନର୍ବାର ସେ ରାଜ୍ୟ ଦଳକୁ ଫେରିବା ସହ ୬ଟି ମ୍ୟାଚ୍‌ରୁ ୧୭୬ରନ୍ କରିଥିଲେ । ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ତାଙ୍କର ସର୍ବାଧିକ ସ୍କୋର ୯୧ରନ୍ ରହିଥିଲା । ପରେ ପୁଣି ଥରେ ଆଗାମୀ ସିଜନରେ ସେ ସିନିୟର ଦଳରୁ ବାଦ ପଡ଼ିବା ନିଶ୍ଚିତ ହୋଇଛି ।

**ଆଇପିଏଲ ଖେଳିଥିଲେ:** ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ରେ ନଟରାଜ ବେହେରା ଖେଳିବାର ସୁଯୋଗ ପାଇଥିଲେ। ୨୦୦୯ ଆଇପିଏଲ ସିଜନରେ ସେ କଲିକତା ନାଇଟ ରାଇଡର୍ସ ପକ୍ଷରୁ ଖେଳିବା ନିମନ୍ତେ ଚୁକ୍ତି କରିଥିଲେ। ଏହି ସିଜନରେ ସେ ଦଳ ସହ ରହିଥିଲେ ମଧ୍ୟ କୌଣସି ମ୍ୟାଚ ଖେଳିବାକୁ ସୁଯୋଗ ପାଇ ନ ଥିଲେ।

**ଦୁଲୀପ ଟ୍ରଫିର ହକ୍‌ଦାର:** ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳକୁ ଦୁଲୀପ ଟ୍ରଫି ଚାମ୍ପିୟନ କରାଇବାରେ ନଟରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କେନ୍ଦ୍ରାଞ୍ଚଳକୁ ଇନିଂସ୍ ପରାଜୟ କରାଇଥିବା ପୂର୍ବାଞ୍ଚଳ ଦଳର ଅଧିନାୟକ ଥିଲେ ନଟରାଜ। ପରେ ୨୦୧୨-୧୩ ସିଜନ ଦୁଲୀପ ଟ୍ରଫି ଫାଇନାଲରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦୀ କେନ୍ଦ୍ରାଞ୍ଚଳ ବିପକ୍ଷ ଫାଇନାଲରେ ଇନିଂସ୍ ଅଗ୍ରଣୀ କରିବା ଯୋଗୁଁ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଥିଲା। ଏହି ସିଜନରେ ମଧ୍ୟ ପୂର୍ବାଞ୍ଚଳର ଅଧିନାୟକ ଭାର ନଟରାଜଙ୍କ କାନ୍ଧରେ ଥିଲା । ସୂଚନାଥାଉକି, ୨୦୧୨ରେ ବି ନଟରାଜ ରାଜ୍ୟ ଦଳର ଅଧିନାୟକ ହୋଇଥିଲେ ।

**ନଟରାଜଙ୍କ କ୍ୟାରିୟର**

ନଟରାଜ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ବେଳେ ୯୩ଟି ଇନିଂସ୍‌ରୁ ମୋଟ୍ ୩୦୩୧ରନ୍ କରିଛନ୍ତି । ଏହା ମଧ୍ୟରେ ୮ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ରହିଛି। ଆଭରେଜ ରହିଛି ୩୪.୪୪। ୨୫୫ରନ୍ ହେଉଛି ନଟରାଜଙ୍କ ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ସ୍କୋର। ୩୭ଟି ଲିଷ୍ଟ-ଏ ମ୍ୟାଚ୍‌ରୁ ସେ ମୋଟ୍ ୯୬୭ରନ୍ କରିଥିବା ବେଳେ ସର୍ବାଧିକ ସ୍କୋର ରହିଛି ୮୧। ୭ଟି ଅର୍ଦ୍ଧଶତକ ରହିଛି। ୧୬ଟି ଟି-୨୦ ମ୍ୟାଚ୍ ଖେଳି ସେ ମୋଟ୍ ୨୬୧ରନ୍ କରିଛନ୍ତି । ସର୍ବାଧିକ ସ୍କୋର ୭୩ ରହିଛି।

-ପ୍ରସ୍ତୁତି: କୁମାରଶ୍ରୀ

### କଳାହାଣ୍ଡି କପ୍ ଖେଳିବା ଜରୁରୀ ଥିଲା

ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତିଙ୍କ କହିବା ଅନୁଯାୟୀ, ନଟରାଜଙ୍କୁ କଳାହାଣ୍ଡି କପ୍ ଖେଳିବା ଜରୁରୀ ଥିଲା । ରାଜ୍ୟର ଘରୋଇ ଟୁର୍ନାମେଣ୍ଟ ନ ଖେଳିଲେ ରାଜ୍ୟ ଦଳର ପ୍ରସ୍ତୁତି ଶିବିରରେ ସାମିଲ କରାଯିବା ବେନିୟମ କାର୍ଯ୍ୟ । ନଟରାଜଙ୍କ ଭଳି ସିନିୟର ଖେଳାଳିଙ୍କର ଦଳରେ ଆବଶ୍ୟକ ଥିଲେ ମଧ୍ୟ ସେ କଳାହାଣ୍ଡି କପ୍‌ରେ ଭାଗ ନ ନେବାରୁ ତାଙ୍କୁ ଶିବିରରେ ରଖାଯାଇ ପାରିନାହିଁ । ବ୍ୟକ୍ତିଗତ ଭାବେ କୌଣସି ନିଷ୍ପତ୍ତି ମଧ୍ୟ ନିଆଯିବା ଅନୁଚିତ ଥିଲା ବୋଲି ବିଷ୍ଣୁଦେବ ପ୍ରତିକ୍ରିୟାରେ କହିଥିଲେ ।



ଟ୍ରକ୍, ବସ୍ ଏବଂ ଟାକ୍ସି ଆଦି ବାଣିଜ୍ୟଭିତ୍ତିରେ ଉଦ୍ଦିଷ୍ଟ ଯାନଗୁଡିକ ପାଇଁ କୌଣସି ସ୍ପିଡ୍ ଗଭର୍ନର କଟକଣା ରହିବ ନାହିଁ।
– ନୀତୀନ ଗଡକାରୀ, କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ



ଭାରତରେ ଖୁବ୍ ଶୀଘ୍ର ଏୟାର ଟାକ୍ସି ବ୍ୟବସ୍ଥା ବାସ୍ତବ ରୂପ ନେବାକୁ ଯାଉଛି।
– ଜୟନ୍ତ ସିହ୍ନା, ବେସାମରିକ ବିମାନଚଳାଚଳ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ପିଏନ୍‌ବି ମହାଦୁର୍ନୀତି ମାମଲା ଭନସାଲୀଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ୍

**ନୂଆଦିଲ୍ଲୀ,୬-୯:** ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ କମ୍ପାନୀ ଫାୟାରଷ୍ଟାର ଇଣ୍ଟରନ୍ୟାଶନାଲରେ ସିଇଓ ଥିବା ମିହିର ଆର୍.ଭନସାଲୀଙ୍କ ବିରୋଧରେ ଇଣ୍ଟରପୋଲ୍ ରେଡ୍‌କର୍ନର ନୋଟିସ ଜାରି କରିଛି। ସେ ମହାଦୁର୍ନୀତିର ପର୍ଦ୍ଦାଫାଶ ପରେ ଫେରାର ହୋଇଯାଇଛନ୍ତି। ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଇଣ୍ଟରପୋଲ୍‌ର ସହାୟତା ନିଆଯାଇଥିଲା। ଭନସାଲୀ ଆମେରିକା, ବ୍ରିଟେନ, ହଂକଂ, ଚାଇନା କିମ୍ବା ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଲୁଚିଥାଇ ପାରନ୍ତି ବୋଲି ଇଡି ପକ୍ଷରୁ କୁହାଯାଇଛି। ଏଥିପୂର୍ବରୁ ନୀରବ ମୋଦିଙ୍କ ବିରୋଧରେ ମଧ ଇଣ୍ଟରପୋଲ୍ ରେଡକର୍ନର ନୋଟିସ ଜାରି କରିସାରିଛି।

### ହ୍ୟାକରଙ୍କ ଆକାଉଣ୍ଟରେ ଆମାଜନ ଗ୍ରାହକଙ୍କ ଅର୍ଥ

**ଲକ୍ଷ୍ନୌ,୬-୯:** ଉତ୍ତରପ୍ରଦେଶର ରାଜଧାନୀରେ ୧୫୦୦ ଆମାଜନ ଗ୍ରାହକଙ୍କ ରିଫଣ୍ଡ ଅର୍ଥ ହ୍ୟାକରଙ୍କ ଆକାଉଣ୍ଟକୁ ଚାଲିଯାଇଥିବାର ଜଣାପଡିଛି। ଏସମ୍ପର୍କରେ ଜଣାପଡିବା ପରେ କମ୍ପାନୀ ପକ୍ଷରୁ ବିଭୂତିଖଣ୍ଡ ଥାନାରେ ଏତଲା ଦିଆଯାଇଛି। ବିବରଣୀରୁ ଜଣାପଡିଛି ଯେ, ସାମଗ୍ରୀ ପସନ୍ଦ ନ ଆସିଲେ ଇ-କମ୍ପାନୀଗୁଡିକ ଏବାବଦ ଅର୍ଥକୁ ଗ୍ରାହକଙ୍କୁ ଅନଲାଇନରେ ଫେରସ୍ତ କରିଥାନ୍ତି। ଲକ୍ଷ୍ନୌରେ ଆମାଜନର ୧୫୦୦ ଗ୍ରାହକ ସାମଗ୍ରୀ ଫେରାଇବା ବାବଦରେ ରିଫଣ୍ଡ ପାଇବାକୁ ଅପେକ୍ଷା କରିଥିଲେ ହେଁ ଏହା ମିଳି ନ ଥିଲା। ସେମାନେ ଏସମ୍ପର୍କରେ ଆମାଜନକୁ ଜଣାଇବା ପରେ କମ୍ପାନୀ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଥିଲା। ରିଫଣ୍ଡ ଅର୍ଥ ହ୍ୟାକରଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡିବା ପରେ କମ୍ପାନୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଲକ୍ଷ୍ନୌ ପୋଲିସର ସାଇବର ସେଲ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଭାରତ-ଆମେରିକା ବାଣିଜ୍ୟ ୬୦୦ ବିଲିୟନ ଡଲାର ଛୁଇଁବା ଲକ୍ଷ୍ୟ

**ନୂଆଦିଲ୍ଲୀ,୬-୯:** ଭାରତ ଓ ଆମେରିକା ମଧ୍ୟରେ ଏବେ ୧୨୫ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ହେଉଛି। ଏହାକୁ ବାର୍ଷିକ ୫୦୦ରୁ ୬୦୦ ବିଲିୟନ ଡଲାରରେ ପହଞ୍ଚାଇବା ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଆମେରିକାର ସହାୟତା ଲୋଡାଯାଇଛି ବୋଲି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବହୁ କାରଣରୁ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କ୍ରମାଗତ ହ୍ରାସ ପାଇ ଏବେ ୧୨୫ ବିଲିୟନ ଡଲାରରେ ପହଞ୍ଚିଛି। ଏଥିରେ ଭାରତ ସନ୍ତୁଷ୍ଟ ନୁହେଁ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାଣିଜ୍ୟ ଲକ୍ଷ୍ୟକୁ ୫୦୦ରୁ ୬୦୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ହେବ। ଏଦିଗରେ ଏକ ବିସ୍ତାରିତ ରଣକୌଶଳ ତିଆରି କରିବା ଲକ୍ଷ୍ୟରେ ଆଗେଇ ଚାଲିଛୁ ବୋଲି ପ୍ରଭୁ କହିଛନ୍ତି। ୟୁଏସ-ଇଣ୍ଡିଆ ବିଜନେସ୍ କାଉନସିଲ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଭୁ କହିଛନ୍ତି ଯେ, ବାଣିଜ୍ୟ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗକୁ ଆଲୋଚନା ମାଧମରେ ସମାଧାନ କରିବାକୁ ଭାରତ ଚାହେଁ। ବିଶେଷକରି କୃଷି, ଔଷଧ, ଭିତିଭୂମି, ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

### ଯାତ୍ରାରମ୍ଭ କଲା ପାଲେସ ଅନ୍ ହ୍ୱିଲ୍ସ

**ନୂଆଦିଲ୍ଲୀ,୬-୯:** ରେଲୱେର ସବୁଠାରୁ ବିଳାସପୂର୍ଣ୍ଣ ଟ୍ରେନ୍ କୁହାଯାଉଥିବା ପାଲେସ ଅନ୍ ହ୍ୱିଲ୍‌ସ ପୁନର୍ବାର ଯାତ୍ରାରମ୍ଭ କରିଛି। ଯାତ୍ରୀଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଏହାର ବାହାର ତଥା ଭିତର ସାଜସଜ୍ଜାରେ ବେଶ୍ ପରିବର୍ତ୍ତନ କରାଯାଇଛି। ଚଳିତ ମାସରୁ ଏହା ପ୍ରତି ବୁଧବାର ଯାତ୍ରା କରିବ। ଚଳିତ ମାସ ୫ ତାରିଖରେ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେସନରୁ ଏହା ଯାତ୍ରାରମ୍ଭ କରିଛି। ଏହା ପ୍ରମୁଖ ଐତିହ୍ୟସ୍ଥଳୀ ରାଜସ୍ଥାନର ଜୟପୁର, ରନ୍ଥାମ୍ଭୋର, ଚିତୋରଗଡ, ଉଦୟପୁର, ଜୈସାଲମେର୍, ଯୋଧପୁର ଏବଂ ଭରତପୁର ସମେତ ଉତ୍ତରପ୍ରଦେଶର ଆଗ୍ରାରେ ରହଣି ହେବ। ପାଲେସ ହ୍ୱିଲ୍ସ ବୁକିଂ ୱେବସାଇଟ ଅନୁଯାୟୀ ଗୋଟିଏ ରାତ୍ରୀ ରହଣି ପାଇଁ ଯାତ୍ରୀଙ୍କୁ ପ୍ରତି ଯାତ୍ରାରେ ୬୫୦ ଡଲାର ଅର୍ଥାତ ୪୫,୫୦୦ ଟଙ୍କା ବ୍ୟୟ କରିବାକୁ ହେବ। ସେହିପରି ସୁପର ଡିଲକ୍ସ ପାଇଁ ପ୍ରତି ରାତ୍ରୀ ରହଣି ଲାଗି ୧ ଲକ୍ଷ ୨୬ ହଜାର ଟଙ୍କା ଏବଂ ସମ୍ପୂର୍ଣ୍ଣ ଯାତ୍ରା ପାଇଁ ୮ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହେବ।

# ଅଭିବୃଦ୍ଧି ସତ୍ତ୍ୱେ ନିଯୁକ୍ତି ପ୍ରଭାବିତ

**ଜିଏସ୍‌ଟି ମାଡ**

ପାନିପଥ, ୬-୯



ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରଠାରୁ ବିଭିନ୍ନ ଅସୁବିଧା ନଜରକୁ ଆସିଛି। ଏହାର ସମାଧାନ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିକଟରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ପ୍ରକାଶ ଜିଡିପି ତଥ୍ୟ ଅନୁସାରେ ଦେଶର ତ୍ରୈମାସ ଅଭିବୃଦ୍ଧି ୮.୨% ରହିଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବାରେ ସକ୍ଷମ ହୋଇଛି ସତ, ମାତ୍ର ଜିଏସ୍‌ଟି ଭଳି ଆର୍ଥିକ ସଂସ୍କାରର ଚାପରେ ଦେଶର କ୍ଷୁଦ୍ର ଶିଳ୍ପଗୁଡିକ ପ୍ରଭାବିତ ହେବା ସହ ଅନେକ ଲୋକ ନିଯୁକ୍ତି ହରାଇଥିବା ଜଣାଯାଇଛି। କେନ୍ଦ୍ର ତଥା ରାଜ୍ୟ ସ୍ତରରେ ପ୍ରଚଳିତ ପ୍ରାୟ ୧୨ରୁ ଅଧିକ ଟିକସକୁ ଜିଏସ୍‌ଟି ମଧ୍ୟରେ ବିଲୀନ କରାଇ ସରକାର ୨୦୧୭ ଜୁଲାଇ ପହିଲାରୁ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ଲାଗୁ କରିଥିଲେ।

ଏହା ଦ୍ୱାରା ଅର୍ଥନୈତିକ ପ୍ରଗତି ଧାରା ତ୍ୱରାନ୍ୱିତ ହୋଇଛି। ଅପରପକ୍ଷରେ ଜିଏସ୍‌ଟି ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବ୍ୟବସାୟ ବାଧାପ୍ରାପ୍ତ ହେବାରୁ ସେମାନେ ବାଣିଜ୍ୟ ବନ୍ଦ କରି ଦେଉଥିବା ଘଟଣାମାନ ସାମ୍ନାକୁ ଆସିଛି। ଏହାଫଳରେ ଉକ୍ତ ୟୁନିଟ୍‌ଗୁଡିକରେ କାର୍ଯ୍ୟ କରୁଥିବା ଲୋକମାନେ ଅନେକ ସଂଖ୍ୟାରେ ନିଯୁକ୍ତି ହରାଇଥିବା ବଜାର ବିଶେଷଜ୍ଞମାନେ ଯୁକ୍ତି ବାଢିଛନ୍ତି। ନିଯୁକ୍ତି ଧାରା ପ୍ରଭାବିତ ହୋଇଥିବାରୁ ଏହାର ପ୍ରତିଫଳନ ଆଗାମୀ ସାଧାରଣ ନିର୍ବାଚନରେ ଦେଖାଯାଇ ପାରେ ବୋଲି ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଅନ୍‌ଲାଇନରେ ଟିକସ ଫାଇଲିଂ, ଆକାଉଣ୍ଟାଣ୍ଟ ନିଯୁକ୍ତି, ସିଷ୍ଟମ ନାଭିଗେଶନ ଭଳି ଅନେକ ସମସ୍ୟା ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବିଶେଷ ଭାବେ ଅସୁବିଧା ସାମ୍ନା କରିଛନ୍ତି। ଜଣେ ବ୍ୟବସାୟୀଙ୍କର ଜିଏସ୍‌ଟି ପଞ୍ଜୀକରଣ ରହିଥିଲେ ମଧ ଭେଣ୍ଡର ଏବଂ ବାୟରମାନେ ଟିକସ ବ୍ୟବସ୍ଥାର ଅନୁପାଳନ ଲାଗି ସମର୍ଥ ହେଉ ନ ଥିବାରୁ ବିଭିନ୍ନ ଅସୁବିଧା ଉପୁଜୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀ ପ୍ରକାଶ କରିଛନ୍ତି। ଟିକସ କ୍ଷେତ୍ରରେ ରହିଥିବା ଅସୁବିଧାର ସମାଧାନ ଲାଗି ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। କ୍ଷୁଦ୍ର ବାଣିଜ୍ୟଗୁଡିକର ଅସୁବିଧାକୁ ସରକାର ବିଚାର କରୁଛନ୍ତି। ମାତ୍ର ଜିଏସ୍‌ଟି ଯୋଗୁ କେତେ ନିଯୁକ୍ତି ହ୍ରାସ ହୋଇଛି ସେ ନେଇ ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୌଣସି ଉତ୍ତର ମିଳି ନାହିଁ। ଜିଏସ୍‌ଟି ଯୋଗୁ ବଡ ଫାର୍ମଗୁଡିକ ବିଶେଷ ଭାବେ କୌଣସି ଅସୁବିଧା ସାମ୍ନା କରି ନ ଥିବା ଜଣାଯାଇଛି। ମାତ୍ର କ୍ଷୁଦ୍ର ବାଣିଜ୍ୟଗୁଡିକ ଏବେ ମଧ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ଜୁଲାଇରେ ହୋଇଥିବା ଏକ ସର୍ଭେ ମୁତାବକ ଦେଶର ୬୩ ନିୟୁତ କ୍ଷୁଦ୍ର ବାଣିଜ୍ୟ ମଧ୍ୟରୁ ଏକ ପଞ୍ଚମାଂଶ ସଂସ୍ଥାଗୁଡିକର ଲାଭ ଜିଏସ୍‌ଟି ପରେ ୨୦% ହ୍ରାସ ଘଟିଛି। ଉକ୍ତ ସଂସ୍ଥାଗୁଡିକ ଜିଡିପିକୁ ୩୨% ଅବଦାନ ରଖୁଥିବା ବେଳେ ୧୧୧ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଏଭଳି ସ୍ଥିତି ଯୋଗୁ ସଂସ୍ଥାଗୁଡିକ ଅନେକ ମାତ୍ରାରେ ନିଯୁକ୍ତି ହ୍ରାସ କରିଥିବା ଜଣାଯାଇଛି। ରେଡିମେଡ ପୋଷାକ, ଜେମ୍ସ, ଜୁଏଲେରୀ, ଚମଡା, ହସ୍ତଶିଳ୍ପ, ବେସିକ୍ ମେଶିନାରୀ ମାନୁଫାକଚରିଂ କ୍ଷେତ୍ରରେ ବିଶେଷ ଭାବେ ନିଯୁକ୍ତି ହ୍ରାସ ହୋଇଥିବା ଶିଳ୍ପ ସଂସ୍ଥାଗୁଡିକର ପ୍ରତିନିଧିମାନେ କହିଛନ୍ତି।

# ପୋର୍ଟିକୋ ନ୍ୟୁୟର୍କ ପକ୍ଷରୁ ନୂଆ କଲେକଶନ



କଟକ, ୬-୯

ପ୍ରମୁଖ ହୋମ୍ ଫ୍ୟାଶନ କମ୍ପାନୀ କ୍ରଏଟିଭ୍ ପୋର୍ଟିକୋ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ପାର୍ବଣ ସମୟକୁ ଧ୍ୟାନରେ ରଖି ନୂଆ ଅଟମ୍-ୱିଣ୍ଟର କଲେକଶନ ବଜାରକୁ ଆସିଛି। କମ୍ପାନୀର ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି , ରିଟେଲ ଡିଜିଏମ୍ ସୁଭେଶ ସିଂ ଏବଂ ବିତରକ ଆରତୀ ମିଶ୍ର କଟକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କଲେକ୍ସନଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଟେକ୍ସଟାଇଲ ଓ ରିଟେଲ କ୍ଷେତ୍ରରେ ସକ୍ରିୟ ଥିବା କ୍ରିଏଟିଭ୍ ଗ୍ରୁପର ଏକ ଅଂଶବିଶେଷ 'ପୋର୍ଟିକୋ' । ଏହା ଗ୍ରାହକଙ୍କ ଲାଗି ଆକର୍ଷଣୀୟ ହୋମ୍ କଲେକ୍ସନ ପ୍ରସ୍ତୁତ କରୁଥିବା ସୂଚନା ଦେଇଛି। ବିଶ୍ୱ ବଜାରର ଟ୍ରେଣ୍ଡକୁ ଧ୍ୟାନରେ ରଖି ଭାରତୀୟ ଗ୍ରାହକଙ୍କୁ ସୁହାଇଲା ଭଳି ଉତ୍ପାଦ ଆଣିବା ଦିଗରେ ପଦକ୍ଷେପ ଜାରି ରହିଥିବା ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ସର୍ବଦା ନବୀନତମ ଉତ୍ପାଦ ପ୍ରଦାନ ଦିଗରେ କମ୍ପାନୀ ସର୍ବଦା ଯତ୍ନବାନ ବୋଲି ଡିଜାଇନ ତଥା ପ୍ରଡକ୍ଟ ଉନ୍ନତୀକରଣ ମୁଖ୍ୟ ପୂଜା ପୁସାଲକର କହିଛନ୍ତି। ଯୁବାବର୍ଗଙ୍କ ଆବଶ୍ୟକତା ଆଧାରରେ ନୂଆ କଲେକ୍ସନ ବଜାରକୁ ଛଡାଯାଉଛି।

# ଗ୍ରାହକ ସେବା ଜେଏମ୍‌ଜିର ପ୍ରାଥମିକତା



ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ବର୍ତ୍ତମାନ କମ୍ପାନୀଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଉନ୍ନତ ଉତ୍ପାଦ ତଥା ସେବା ଯୋଗାଣ ବାଦ୍ ଗ୍ରାହକଙ୍କୁ ନିଜ ସହ ବାନ୍ଧି ରଖିବା ଲାଗି କମ୍ପାନୀଗୁଡିକ ଟଚ୍ ପଏଣ୍ଟରେ ସ୍ୱତନ୍ତ୍ର ସେବା ଯୋଗାଇ ଦେଉଛନ୍ତି। ଟ୍ୱିନ ସିଟି କଟକ ଓ ଭୁବନେଶ୍ୱରରେ ହିରୋ ମୋଟୋକର୍ପର ସର୍ବ ବୃହତ ଡିଲରଶିପ ଭାବେ 'ଜେଏମ୍‌ଜି ହିରୋ'ର ଖ୍ୟାତି ରହିଛି। କଟକର ପ୍ରଫେସରପଡାରେ ଅବସ୍ଥିତ ଥିବା ଏହି ଶୋରୁମ 'ଜେଏମ୍‌ଜି ଅଟୋମୋବାଇଲ୍ସ' ନାମରେ ବେଶ ଜଣାଶୁଣା। ଉକ୍ତ ଡିଲରଶିପ ବର୍ତ୍ତମାନ ୨ ଟଚ୍ ପଏଣ୍ଟ ତଥା ସର୍ଭିସ ସେଣ୍ଟର ଦ୍ୱାରା ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଗ୍ରାହକଙ୍କୁ ବାଇକ୍ ଓ ସ୍କୁଟର ବିକ୍ରି, ସର୍ଭିସ, ଅଟୋ ଶିଳ୍ପର ଡିଲରଶିପ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର କିୟଦଂଶ.....

**■ଦୁଇ ଚକିଆ ଯାନ ବାଣିଜ୍ୟ କ୍ଷେତ୍ରକୁ ଆସିବା ଲାଗି କାହିଁକି ବାଛିଲେ?**

❖ଦୁଇ ଚକିଆ ଯାନ ଲାଗି ଓଡିଶା ଏକ ଅଭିବୃଦ୍ଧିଶୀଳ ବଜାର। ଏଠାରେ ଯୁବାବର୍ଗ ବାଇକ୍ ପ୍ରତି ବିଶେଷ ଆଗ୍ରହ ଦେଖାଉଛନ୍ତି। ହିରୋ ମୋଟୋକର୍ପର ବିଭିନ୍ନ ମଡେଲଗୁଡିକ ପ୍ରତି ଗ୍ରାହକଙ୍କର ମୂଳରୁ ବିଶେଷ ଭାବେ ଭଲ ପାଇବା ରହିଛି। ଏଭଳି ବିଭିନ୍ନ ଧାରାକୁ ନଜରରେ ରଖି ଦୁଇ ଚକିଆ ଯାନ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶ କରିଥିଲୁ।

**■ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବା ପରଠାରୁ ଗତ ୧୯ ବର୍ଷ ମଧ୍ୟରେ ଯାତ୍ରା କେମିତି ରହିଛି?**

❖ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ଗତ ୧୯ ବର୍ଷର ଯାତ୍ରା ଏକ ବିଶେଷ ଘଟଣା ବହୁଳ। କଟକ ସହରରେ ଏହି ସମୟ ମଧ୍ୟରେ ପ୍ରାୟ ୨ ଲକ୍ଷ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛୁ।

**■ଆଗାମୀ ଦିନରେ କ'ଣ ସବୁ ଯୋଜନା ରହିଛି?**

❖ ବର୍ତ୍ତମାନ ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ଆସିଲାଣି। ସବୁ ସେଗମେଣ୍ଟରେ ଦୁଇ ଚକିଆ ଯାନ ସହ ଗ୍ରାହକଙ୍କ ଚାହିଦାକୁ ପ୍ରାଥମିକତା ପ୍ରଦାନ ଦେଉଛୁ। ଏ ନେଇ ଶୋ'ରୁମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।

**■ଜେଏମ୍‌ଜି ହିରୋ ଶୋ'ରୁମର ସ୍ୱତନ୍ତ୍ରତା କ'ଣ?**

❖ଟ୍ୱିନ୍ ସିଟିରେ 'ଜେଏମ୍‌ଜି ହିରୋ' ହିରୋ ଦୁଇ ଚକିଆ ଯାନ ଲାଗି ଏକ ପ୍ରମୁଖ ଶୋ'ରୁମ। ଗ୍ରାହକଙ୍କ ଆବଶ୍ୟକତାକୁ ନେଇ ଆମେ ସର୍ବଦା ଯତ୍ନବାନ ରହିଛୁ। ସେଲସ୍, ସର୍ଭିସ, ସ୍ପେୟାର ତଥା ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନ ଦେଉଛୁ। ବେଷ୍ଟ ଇନ୍ କ୍ଲାସ ସୁବିଧା, ସର୍ବୋଚ୍ଚ ସର୍ଭିସ ଷ୍ଟାଣ୍ଡାର୍ଡକୁ ନଜରରେ ରଖାଯାଉଛି। ସମ୍ପୂର୍ଣ୍ଣ ଅଟୋମେଟେଡ ବ୍ୟବସ୍ଥା, ହିରୋ ମୋଟୋ କର୍ପର ଟେକ୍ନିସିଆନ ଯାନର କେୟାର ଲାଗି ନିୟୋଜିତ ହୋଇଛନ୍ତି। ଷ୍ଟେଟ୍ ଅଫ୍ ଆର୍ଟ ସର୍ଭିସ ଷ୍ଟେଶନ ଏଠାରେ ସ୍ଥାପନ କରାଯାଇଛି। ବର୍ତ୍ତମାନ ହିରୋର ସବୁ ଦୁଇ ଚକିଆ ଯାନ ଏବଂ ପ୍ରକୃତ ଆସେସୋରିଜ୍ ଉପରେ ୫ ବର୍ଷିଆ ୱାରେଣ୍ଟି ପ୍ରଦାନ କରାଯାଉଛି। ଗୁଡ୍ ଲାଇଫ୍ ପ୍ରୋଗ୍ରାମ, ଜଏ ରାଇଡ୍ ପ୍ରୋଗ୍ରାମ୍, କମ୍ପାନୀ ଅଫର ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ବାଦ୍ ଶୋରୁମରେ ଫାଇନାନ୍ସ ଏବଂ ଏକ୍ସଚେଞ୍ଜ ଅଫର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

**■ଉତ୍ତମ ଗ୍ରାହକ ସେବାକୁ ନେଇ କ'ଣ କହିବେ?**

❖ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣକୁ ଆମେ ସର୍ବଦା ଅଗ୍ରାଧିକାର ଦେଉଛୁ। ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ମଧ ପ୍ରଦାନ କରାଯାଉଛି। ନେଟ୍‌ୱର୍କରେ ଉନ୍ନତୀକରଣ ନେଇ ବର୍ତ୍ତମାନ ଆମେ ଫୋକସ ରଖିଛୁ।

# ୨୩ ବ୍ୟାଙ୍କକୁ ଜରିମାନା ଭୟ

ନୂଆଦିଲ୍ଲୀ,୬-୯

**ଆଧାର ପଞ୍ଜୀକରଣ**



ନଭେମ୍ବର ପହିଲାରୁ ପିଛିଲା ଭାବେ ପ୍ରତି ଶାଖାରେ ୮ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ ନ କଲେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫଡି ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦା ସହ ଦେଶର ୨୩ ବ୍ୟାଙ୍କ ବିରୋଧରେ ଆଧାର ପଞ୍ଜୀକରଣ ଏଜେନ୍ସି ୟୁଆଇଏଡିଆଇ ଜରିମାନା ଆଦାୟ କରିବ ବୋଲି ଚେତାବନୀ ଶୁଣାଇ ସାରିଛି। ଏହାକୁ ନେଇ ବ୍ୟାଙ୍କଗୁଡିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରିଜର୍ଭ ବ୍ୟାଙ୍କକୁ ବାଦ୍ ଦେଇ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) କିପରି ଜରିମାନା ଆଦାୟ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଚଳିତ ବର୍ଷ ଜୁଲାଇ ପହିଲାରୁ ପ୍ରତି ଶାଖାରେ ୮, ଅକ୍ଟୋବର ପହିଲାରୁ ୧୨ ଏବଂ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ୧୬ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ କରିବାକୁ ୟୁଆଇଡିଏଆଇ ପକ୍ଷରୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟସୀମାକୁ ଏବେ ନଭେମ୍ବର ପହିଲାକୁ ଘୁଞ୍ଚାଇ ଦିଆଯାଇଛି। ସମୟ ବୃଦ୍ଧି ପୂର୍ବରୁ ଜୁଲାଇରେ ଲକ୍ଷ୍ୟପୂରଣ କରି ନ ଥିବାରୁ ଆଇସିଆଇସିଆଇ ବ୍ୟାଙ୍କ ଉପରେ ୮୨ ଲକ୍ଷ ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୬୮ ଲକ୍ଷ ଟଙ୍କା,କାନାରା ବ୍ୟାଙ୍କ ୬୪.୨ ଲକ୍ଷ ଟଙ୍କା ଏବଂ ୟୁକୋ ବ୍ୟାଙ୍କ ଉପରେ ୫୭ଲକ୍ଷ ଟଙ୍କାର ଜରିମାନା ବକେୟା ପଡିଛି। ବ୍ୟାଙ୍କମାନଙ୍କ ପ୍ରଶ୍ନ ଉପରେ ଉତ୍ତର ଦେଇ ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆଧାର ଆଇନାନୁସାରେ ଏହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

# ୭୨ ଟପିଲାଣି ଟଙ୍କା...



ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ୭ମ ଦିନ ହ୍ରାସ ପାଇଛି। ଗୁରୁବାର ଟଙ୍କା ଏକ ସମୟରେ ୭୨ ସ୍ତର ପାର୍ କରିଯାଇଥିଲା। ଆଗକୁ ଆହୁରି କମିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଅଶୋଧିତ ତୈଳ ଦରବୃଦ୍ଧି, ଡଲାର ଚାହିଦା ବଢ଼ିବା ସାଙ୍ଗକୁ ବିକାଶଶୀଳ ଦେଶର ମୁଦ୍ରା ହ୍ରାସ ପାଇବାର ପ୍ରଭାବ ଟଙ୍କା ଉପରେ ପଡିଛି। ଏଥିଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ବଢୁଥିବା ବେଳେ ଚଳନ୍ତି ଖାତା ନିଅଣ୍ଟ ପରିମାଣ ମଧ ବଢୁଛି। ଟଙ୍କାର ହ୍ରାସ ନେଇ ବିଶେଷଜ୍ଞମାନେ କ'ଣ କହୁଛନ୍ତି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।

## ବିତ୍ତୀୟ ନିଅଣ୍ଟ ସୀମା ଭିତରେ ରହୁ



୨୦୧୩ ମସିହାରେ ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ ପାଖାପାଖି ୨୩% ହ୍ରାସ ପାଇଥିଲା। ସେ ସମୟକୁ ଦେଖିଲେ ଚଳିତ ବର୍ଷ ଏହା ୧୧% ହ୍ରାସ ପାଇଛି। ଅନ୍ୟ ପକ୍ଷରେ ୨୦୧୩ରେ ଏକ ବ୍ୟାରେଲ ଅଶୋଧିତ ତୈଳ ଦର ମୂଲ୍ୟ ୧୦୭ ଡଲାର ଥିଲା। କିନ୍ତୁ ଏବେ ଏହା ୭୫ ଡଲାର ପାଖାପାଖି ରହିଛି। ଯାହାକି ତୁଳନାତ୍ମକ ଭାବେ ଯଥେଷ୍ଟ କମ। ବର୍ତ୍ତମାନ ଖୁଚୁରା ବଜାରରେ ତୈଳ ଦର ବୃଦ୍ଧି କୌଣସି ବାହ୍ୟ କାରଣ ପାଇଁ ନୁହେଁ ବରଂ ଆଭ୍ୟନ୍ତରୀଣ ଟିକସ ଦ୍ୱାରା ପ୍ରଭାବିତ।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ପାଖାପାଖି ୪୧୫ ବିଲିୟନ ଡଲାର ବିଦେଶୀ ମୂଲ୍ୟ ଗଚ୍ଛିତ ରହିଛି, ଯାହାକି ୨୦୧୪ ମାର୍ଚ୍ଚ ବେଳକୁ ମାତ୍ର ୩୦୩ ବିଲିୟନ ଡଲାର ଥିଲା। ଏହି ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତି ତୁଳନାତ୍ମକ ଭାବେ ଭଲ ରହିଛି। ବିତ୍ତୀୟ ନିଅଣ୍ଟକୁ ସୀମା ଭିତରେ ରଖିବା ହେଉଛି ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣାଧୀନ ରହିଲେ ଯାଇ ପରିସ୍ଥିତି ନିୟନ୍ତ୍ରଣରେ ରହିବ।

**ଡ. ଦିଲ୍ଲୀପ କୁମାର ପଣ୍ଡା, ଅର୍ଥନୀତି ବିଶାରଦ**

## ରପ୍ତାନି ଶିଳ୍ପକୁ ଭଲ ହେଲେବି ଦେଶ ପାଇଁ ମନ୍ଦ



ଯେଉଁମାନେ ଭାରତରେ ରପ୍ତାନି ଶିଳ୍ପରେ ଜଡ଼ିତ ସେମାନଙ୍କ ପାଇଁ ସାମୟିକ ଭାବେ ଭଲ। କାରଣ ସେମାନେ ଡଲାର ଆକାରରେ ଯେଉଁ ଆୟ କରିବେ ତାହାର ବିନିମୟ ମୂଲ୍ୟ ଭାରତରେ ଅଧିକ ପାଇବେ। ଫଳରେ ପୂର୍ବରୁ ଏକ ଡାଲର ବଦଳରେ ସେମାନେ ଯଦି ୬୫ ଟଙ୍କା ପାଉଥିଲେ ବୋଲି ଧରାଯିବ ଆଜି ସେମାନେ ୭୨ ଟଙ୍କା ପାଇବେ। ଏହା ଏକ ସାମୟିକ ଲାଭ ବୋଲି କୁହାଯିବ। କିନ୍ତୁ ଦେଶର ଅର୍ଥନୀତି ପାଇଁ ଏହା ମହଙ୍ଗା। କାରଣ ସାମଗ୍ରିକ ଭାବେ ଖର୍ଚ୍ଚ ବଢ଼ିବ। ସାଧାରଣ ଅର୍ଥରେ ଖର୍ଚ୍ଚ ବଢ଼ିବା ଦ୍ୱାରା ଦର ବୃଦ୍ଧି ପାଇବ। ଦର ବୃଦ୍ଧି ପାଇଲେ ଖାଉଟିଙ୍କ ଉପରେ ବୋଝ ବଢ଼ିବ।

**ରମେଶ ମହାପାତ୍ର, ଅଧ୍ୟକ୍ଷ, ୟୁସିସିଆଇ**

ଅତି ସରଳ ଭାଷାରେ କହିଲେ ଭାରତରେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବିଦେଶରୁ କଞ୍ଚାମାଲ ଆମଦାନୀ କରୁଛନ୍ତି ସେମାନେ ଏବେ ଅଧିକ ଖର୍ଚ୍ଚ ସହିବେ। ଏହି ବର୍ଦ୍ଧିତ ଖର୍ଚ୍ଚ ସକାଶେ ଏଠାରେ ଉତ୍ପାଦନ ଖର୍ଚ୍ଚ ବଢ଼ିବ। ଉତ୍ପାଦନ ଖର୍ଚ୍ଚ ବଢ଼ିଲେ ଦର ଦାମ ବୃଦ୍ଧି ପାଇବ। ଫଳରେ ଖାଉଟିମାନଙ୍କ କ୍ରୟ ଶକ୍ତି କମିବ। ଏହା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଲା ତୈଳ ଦର ଉପରେ ଦେଶର ସବୁ କ୍ଷେତ୍ରଗୁଡିକ ନିର୍ଭରଶୀଳ ହୋଇଥିବା ବେଳେ ପ୍ରାୟ ୮୦% ତୈଳ ଭାରତରେ ଆମଦାନୀ ଉପରେ ନିର୍ଭରେ କରେ। ଏଭଳି ସ୍ଥଳେ ତୈଳ ଦର ବୃଦ୍ଧି ଏବଂ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ଖାଉଟିଙ୍କ ପାଇଁ ଶୁଭ ସଙ୍କେତ ନୁହେଁ। କାରଣ ଏକ ନିର୍ଦ୍ଦିଷ୍ଟ ସମୟରେ ଆୟ ପ୍ରାୟତଃ ସମାନ ଥାଏ। ଆୟ ସମାନ ଥାଇ ଦରଦାମ ବୃଦ୍ଧି ପାଇଲେ ଗ୍ରାହକଙ୍କର ପ୍ରକୃତ ଆୟ ହ୍ରାସ ପାଉଛି ବୋଲି ଜାଣି ରଖିବା ଉଚିତ।

**–ରୁପ୍ କୁମାର ପ୍ରଧାନ, ସିଏଫ୍‌ପି**


**List of Sairat Sources to be settled on Long Term lease basis for five years (2018-19 to 2022-23) in respect of Tahasil Office, Konisi.**

| Sl. No. | Mouza | Name of the Source | Khata No. | Plot No. | Extent of Area in Ac. | Royality per Cum including Addl. Charge 5% | Solvency | EMD |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Padmapur | Stone | 577 | 803 | 2.720 | 137 | 200000 | 14774 |

**Sairat Lease Application (Form-M) in sealed cover (Time-10.00 AM to 5.00 PM), with Treasury Challan Rs. 1,000/-**

| Phase | Date of Receive in sealed Cover | Date of opening of Tender | |
|---|---|---|---|
| 1st Phase | 05.09.2018 to 20.09.2018 | 24.09.2018 | 11.00 AM |
| 2nd Phase | 25.09.2018 to 10.10.2018 | 11.10.2018 | 11.00 AM |
| 3rd Phase | 20.10.2018 to 05.11.2018 | 06.11.2018 | 11.00 AM |

**Sd./- Tahasildar, Konisi**

**ODISHA STATE AGRICULTURAL MARKETING BOARD**
Plot No.1800(P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph. No.0674-2351311, Fax : 0674-2351310, Email : osamboard99@yahoo.com, Website : osamboard.org

**NOTICE INVITING TENDER**

**Bid Reference No. : OSAMB/2017-18/MKT-I/2634** **Date: 06.09.2018**

Online Bids through e-Tender portal **(https://tendersodisha.gov.in)** are invited from eligible bidders (OEM) for supply & delivery of Android Smart Mobile Phones as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 07.09.2018 | |
| 2 | Last Date and time for submission of pre bid queries | 11.09.2018 upto 05:00 PM | |
| 3 | Date & time of Pre-bid meeting | Date:- 12.09.2018 (at 10:00 AM to 02:00 PM) Venue : Conference Hall, Odisha State Agricultural Marketing Board, Plot No:-1800 (P), Near Ramamani Petrol Pump, Baramunda , Khandagiri, Bhubaneswar-751030 | |
| 4 | Publication of Corrigendum if any, | 15.09.2018 | |
| 5 | Date & time of Online bid submission. | Start Date | End Date & Time |
| | | 16.09.2018 | 30.09.2018 upto 05.00 P.M. |
| 6 | Date of online Technical bid opening | 01.10.2018 | |
| 7 | Date of demonstration of Mobile phones. | 09.10.2018 | |
| 8 | Date of opening of Price Bid | To be intimated to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and Terms & Conditions are available in the websites: **www.osamboard.org** and **https://tendersodisha.gov.in.** The Authority reserves the right to accept / reject any part thereof or all the bids without assigning any reason thereof.

**Sd./- General Manager**
**OSAMB, Bhubaneswar**



ଭାରତରେ ଅଶ୍ୱ ଚାଳନାକୁ ଲୋକପ୍ରିୟ କରିବାକୁ ହେଲେ ସରକାରୀ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି ।

–ଫୈଆଦ ମିର୍ଜା, ଏସିଆନ ଗେମ୍ସ ପଦକ ବିଜେତା



ଏସିଆ କପ୍‌ରେ ଭାରତୀୟ ଦଳର ଗେମ୍ ପ୍ଲାନରେ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ବିଶେଷ ଭୂମିକା ରହିବ।

–ବ୍ରେଟ୍ ଲି', ପୂର୍ବତନ ଅଷ୍ଟ୍ରେଲୀୟ ସ୍ପିଡ୍‌ଷ୍ଟର

## ସଂକ୍ଷେପରେ

### ହକି ଖେଳାଳି ସୁରେନ୍ଦର କୁମାରଙ୍କୁ ପଦୋନ୍ନତି

ନୂଆଦିଲ୍ଲୀ,୬।୯(ପି.ଟି.): ଏସିଆନ୍ ଗେମ୍ସ ହକି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ସୁରେନ୍ଦର କୁମାରଙ୍କୁ କେନ୍ଦ୍ର ଖାଦ୍ୟମନ୍ତ୍ରୀ ରାମ ବିଳାସ ପାସୱାନ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍‌ସିଆଇ)ରେ କାର୍ଯ୍ୟରତ ସୁରେନ୍ଦରଙ୍କୁ ମ୍ୟାନେଜର ପଦୋନ୍ନତି ଦେବା ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ନେଇ ଘୋଷଣା କରିଛନ୍ତି। ସୁରେନ୍ଦର ଏବେ ଆସିଷ୍ଟାଣ୍ଟ ଗ୍ରେଡ-୨ ପଦରେ କାର୍ଯ୍ୟରତ। ତାଙ୍କୁ ଏକା ଥରକେ ଦୁଇ ପାହ୍ୟା ଉପରକୁ ପଦୋନ୍ନତି ମିଳିଛି। ଏହି ହକି ଖେଳାଳିଙ୍କ ବ୍ୟତୀତ ଅବସରପ୍ରାପ୍ତ ଆଥ୍‌ଲେଟ୍ ସାଇନି ଆବ୍ରାହମ ଓ ଭାରୋତ୍ତୋଳନକାରୀ କର୍ନମ ମାଲେଶ୍ୱରି ସ୍ପୋର୍ଟ୍ସ କୋଟାରେ ଏଫ୍‌ସିଆଇରେ କାର୍ଯ୍ୟ କରୁଛନ୍ତି।

### ପାକିସ୍ତାନ ଦଳର ଫିଲ୍ଡିଂ କୋଚ୍ ବ୍ରାଡବର୍ନ

କରାଚୀ,୬।୯(ପି.ଟି.)- ପାକିସ୍ତାନ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତି ନେଇ ଚାଲିଥିବା ପ୍ରକ୍ରିୟାର ଅନ୍ତ ଘଟିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ବ୍ୟାଟ୍ସମ୍ୟାନ ଗ୍ରାଣ୍ଟ ବ୍ରାଡବର୍ନଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ମାସରେ ୟୁଏଇଠାରେ ହେବାକୁ ଥିବା ଏସିଆ କପ୍‌ଠାରୁ ସେ କାର୍ଯ୍ୟଭାର ସମ୍ଭାଳିବେ। ଏ ନେଇ ଗୁରୁବାର ପିସିବି ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ଅଷ୍ଟ୍ରେଲିଆନ ଫିଲ୍ଡିଂ କୋଚ୍ ଷ୍ଟିଭ ରିକ୍ସନଙ୍କ ସ୍ଥାନ ନେବେ।

# ହଂକଂ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୬।୯**

ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ହଂକଂ ବିପକ୍ଷରେ ଖେଳି ଭାରତୀୟ ଦଳ ତା'ର ଅଭିଯାନ ଆରମ୍ଭ କରିବ। ଗୁରୁବାର ହଂକଂ ଦଳ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ୟୁଏଇକୁ ୨ ଉଇକେଟ୍‌ରେ ପରାସ୍ତକରି ଚାମ୍ପିୟନ ହେବା ସହ ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓ ପାକିସ୍ତାନ ସହ ହଂକଂ ଗ୍ରୁପ୍-ଏ'ରେ ୩ୟ ଦଳ ଭାବେ ସ୍ଥାନ ପାଇଛି। ପୂର୍ବରୁ ଏସିଆ କପ୍ କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଚାଲିଥିବାରୁ ଗ୍ରୁପ୍-ଏ'ର କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇପାରି ନ ଥିଲା। ସେପ୍ଟେମ୍ବର ୧୮ରେ ହଂକଂ ବିପକ୍ଷରେ ଖେଳି ଭାରତ ତା'ର ଅଭିଯାନ ଆରମ୍ଭ କରିବ। ସେହିଭଳି ଏହାର ଠିକ୍ ପରଦିନ ଅର୍ଥାତ ସେପ୍ଟେମ୍ବର ୧୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ୬ ଦଳୀୟ ପ୍ରତିଯୋଗିତାର ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ରହିଛନ୍ତି। ଏସିଆ କପ୍ ସେପ୍ଟେମ୍ବର ୧୫ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଏହାପରେ ସେପ୍ଟେମ୍ବର ୨୧ରୁ ସୁପର୍-୪ ପର୍ଯ୍ୟାୟ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ୨୮ରେ ଦୁବାଇରେ ଅନୁଷ୍ଠିତ ହେବ।

ଏସିଆ କପ୍‌ର ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପାଇବା ପାଇଁ ନେପାଳ, ଓମାନ, ସିଙ୍ଗାପୁର, ମାଲେସିଆ ଓ ୟୁଏଇ ମଧ୍ୟରେ ଗତ ଅଗଷ୍ଟ ୨୯ରୁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ମାଲେସିଆରେ ଆରମ୍ଭ ହୋଇଥିଲା। ହଂକଂ ଓ ୟୁଏଇ ମଧ୍ୟରେ ଏହାର ଫାଇନାଲ ମ୍ୟାଚ୍ ଗୁରୁବାର କୁଆଲାଲୁମ୍ପୁର କିନରାରା ଏକାଡେମୀରେ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୨୪ ଓଭର ବିଶିଷ୍ଟ କରାଯାଇଥିଲା। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଟାର୍ଗେଟ୍‌କୁ ପିଛା କରି ହଂକଂ ୨୩.୩ ଓଭରରେ ଲକ୍ଷ୍ୟ ହାସଲ କରିନେବା ସହ ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିନେଇଛି।

### ହଂକଂ ନେତୃତ୍ୱ ନେବେ ଅଂଶୁମାନ

ହଂକଂ କ୍ରିକେଟ ଦଳ ଆଗାମୀ ଏସିଆ କପ୍‌କୁ ଯୋଗ୍ୟତା ହାସଲ କରିଥିବାବେଳେ ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ସହ ସ୍ଥାନ ପାଇଛି। ଗୁରୁବାର ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲରେ ହଂକଂ ୨ ଉଇକେଟ୍‌ରେ ୟୁଏଇକୁ ପରାସ୍ତକରି ଏହି ସଫଳତା ପାଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଓଡ଼ିଆ ପୁଅ ଅଂଶୁମାନ ରଥଙ୍କ ନେତୃତ୍ୱରେ ଖେଳି ହଂକଂ ଦଳ ଏସିଆ କପ୍‌ର ମୁଖ୍ୟ ପର୍ଯ୍ୟାୟକୁ ଟିକେଟ୍ ହାସଲ କରିଛି। ସେପ୍ଟେମ୍ବର ୧୬ରେ ପାକିସ୍ତାନ ବିପକ୍ଷ ମ୍ୟାଚ୍ ସହ ହଂକଂ ଏସିଆ କପ୍‌ରେ ତା'ର ଅଭିଯାନ ଆରମ୍ଭ କରିବ। ଏହାର ଦୁଇଦିନ ପରେ ୧୮ରେ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତକୁ ଭେଟିବ। ତେଣୁ ଏହି ଦୁଇ ମ୍ୟାଚ୍ ଲାଗି ଅଂଶୁମାନଙ୍କ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ୨୦ ବର୍ଷୀୟ ଅଂଶୁମାନ ୨୦୧୪ରେ ପାପୁଆ ନ୍ୟୁ ଗିନି ବିପକ୍ଷରେ ଖେଳି ତାଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ। ଇତିମଧ୍ୟରେ ଅଂଶୁମାନ ହଂକଂ ଜାତୀୟ ଦଳ ପକ୍ଷରୁ ୧୬ଟି ଦିନିକିଆ ଓ ୨୦ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ପରିଚିତ ଅଂଶୁମାନ ସାମୟିକ ସ୍ପିନ ବୋଲିଂ ମଧ୍ୟ ପକାନ୍ତି। ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ବାବର ହାଏତ୍‌ଙ୍କ ସ୍ଥାନରେ ଅଂଶୁମାନଙ୍କୁ ହଂକଂ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲା।


### INVITATION FOR BIDS (IFB)
### NATIONAL COMPETITIVE BIDDING THROUGH e-Tendering

IDENTIFICATION NO: RWS&S DIVN., PURI-35 OF 2018-19
Ph: (06752) 251276, Fax: (06752) 251276, E-mail: eerwss_puri@nic.in
NATIONAL COMPETITIVE BIDDING THROUGH E-PROCUREMENT
Bid Identification No. RWSSPURI 35/ 2018-19

**1st CORRIGENDUM TO**
**INVITATION FOR BIDS (IFB)**
**IDENTIFICATION NO: RWS&S DIVN. PURI-35 OF 2018-19**

**No.734-O:-** In the IDENTIFICATION NO. RWS&S DIVN. PURI-35 OF 2018-19, Sl. No. (1) the Column No. 3 to 4 are hereby changed as follows. All other items in the tender remain un-altered.

| Sl No. | Name of the Work | Appx. Value of work (Rs. in lakhs) | EMD to be deposited (In Rs.) |
|---|---|---|---|
| 1 | 2 | 3 | 4 |
| 1 | Piped water supply to village SIANDI under KRUSHNAPRASAD Block | 70.52 | 70600/- |

Sd./-
Executive Engineer,
RWS&S Division, Puri

25017/11/0062/1819

### GOVERNMENT OF ODISHA
### ST & SC DEVELOPMENT DEPARTMENT

**No.__17156__/SSD, Bhubaneswar Dated_05-09-2018___**
**STSCD-WOEP-CASE 3-0009-2015**

### SECOND SHOW CAUSE NOTICE

**No.44-V:-** Whereas a disciplinary proceeding has been initiated against Sri Manas Ranjan Pattnaik, Ex-W.E.O., Banarpal Block, Angul under Rule-15 of OCS (CC&A) Rules, 1962 vide Proceeding No.7917 dt.07.03.2002.

And whereas the Disciplinary Authority considered it necessary to appoint the A.D.M. Angul as the Inquiring Officer and the B.D.O., Banarpal as the Marshalling Officer under Sub-Rule-4 & 5 of Rule-15 of OCS(CC&A) Rules,1962 vide ST & SC Development Department, Office Order No.37394/SSD Dt.22.08.2003.

And whereas the Inquiring Officer submitted his enquiry report Dated.09.10.2015.

And whereas the enquiry report was sent to the Delinquent Officer through the 1st Show Cause Notice No.23013/SSD, dated.23.11.2015 which was returned without being served upon the addressee. Hence, the D.O. was intimated through a notice published in two local dailies viz, "The Samaj" and "The Dharitri" (dtd. 12.05.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer within 15 days.

And whereas Delinquent Officer did not submit his representation even after expiry of the stipulated period.

And whereas after careful consideration of article of charges, enquiry report of the Inquiring Officer, the Disciplinary Authority has proposed to award the following punishments on the Delinquent Officer.

1. Rs.18,700/- be recovered from the Delinquent Officer with interest from the date of receipt.
2. Two annual periodical increments be stopped with cumulative effect.
3. Period of suspension be treated as such.

Therefore, in pursuance of Rule-15 (10) (i) (b) of OCS (CC&A) Rules of 1962, the punishment as proposed by the Disciplinary Authority is furnished herewith to the Delinquent Officer calling upon him to submit any representation as he may wish to make against the proposed punishment within 15 days, failing which the matter will be decided on its own merit as per the existing rules.

Sd/-
Director (ST)-cum-Special Secretary to Govt.

26001/11/0008/1819

### ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ.୧୧୫୩୧/ତା୧୮।୦୮।୨୦୧୮
ବିଜ୍ଞାପନ

**ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ାସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଟେଣ୍ଡରର ତଥ୍ୟାବଳୀ ତା୦୭।୦୯।୨୦୧୮ରୁ ତା୦୩।୧୦।୨୦୧୮ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟାଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୫୦/– (ଏକ ଶତ ପଚାଶ ଟଙ୍କା) ଜମା କରି କିମ୍ବା www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ପାଇପାରିବେ। ଡାଉନଲୋଡ ଟେଣ୍ଡର ଫର୍ମ ସହ ଟ.୧୫୦/– (ଏକଶତ ପଚାଶ) ଟଙ୍କାର I.P.O. ଯାହାକି G.P.O. ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେସିକ ଫିସ୍ ପାଇଁ ଟ.୧୦୦୦/– (ଏକ ହଜାର) ଟଙ୍କା ଯାହାକି ଫେରସ୍ତଯୋଗ୍ୟ ନୁହେଁ, ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ Bank Draft, Accounts Officer, OSRTC, ଭୁବନେଶ୍ୱରଙ୍କ ନାମରେ ଗ୍ରହଣଯୋଗ୍ୟ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ତା୦୩।୧୦।୨୦୧୮ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website ରେ ଉପଲବ୍ଧ।

**ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ**
**ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

### GOVERNMENT OF ODISHA
### "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**

### WORKS DEPARTMENT
**TENDER CALL NOTICE**

E-mail: rbcirclekhurda@gmail.com
**Bid Identification No. SE-Khordha (R&B) Circle-05/2018-19**
**Memo No - Dt.28.08.2018.**

No. 452-B: The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

| | | | |
|---|---|---|---|
| 1. | Nature of Work | | Road Works |
| 2. | No. of Work | | 03 Nos. |
| 3. | Tender Cost | | Rs.10000.00 (On-Line) |
| 4. | Class of Contractor | | 'B' Class |
| 5. | Available of Bid document in the Website | | From Dt. 07.09.2018 10.00 AM to Dt. 22.09.2018 5.00 PM |
| 6. | Date of opening of Bid | | Dt. 24.09.2018 at 11.30 AM |
| 7. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum / Cancellation of tender can also be seen in the said website. | | |

**Superintending Engineer,**
34127/11/0005/1819 **Khordha (R&B) Circle, Khordha**

### ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ

**ବ୍ଲକ୍‌ସ୍ତରୀୟ ଜନଶୁଣାଣି**

**No. 49-F:-** ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୭–୧୮ ଆର୍ଥିକ ବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ଓସାଟ୍ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ଏହି ବ୍ଲକ୍‌ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବା ହେବେ।

| କ୍ର. ନଂ. | ବ୍ଲକ୍‌ର ନାମ | ବ୍ଲକ୍‌ସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟସୂଚୀ | | | |
|---|---|---|---|---|---|
| | | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
| ୧ | ତାଳଚେର | ୧୮।୦୯।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୨ | କଣିହାଁ | ୨୦।୦୯।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୩ | ଛେଣ୍ଡିପଦା | ୨୫।୦୯।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୪ | ଅନୁଗୋଳ | ୨୭।୦୯।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ |
| ୫ | ଆଠମଲ୍ଲିକ | ୨୯।୦୯।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା |
| ୬ | କିଶୋରନଗର | ୦୫।୧୦।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ର.ସ.), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା |
| ୭ | ପାଲଲହଡ଼ା | ୧୦।୧୦।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ |
| ୮ | ବଣ୍ଟାରପାଳ | ୧୨।୧୦।୨୦୧୮ | ୧୦.୩୦ | ପଞ୍ଚାୟତ ସମିତି ସଭାଗୃହ | ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ |

ସ୍ୱା./– ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ
ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଅନୁଗୋଳ
24012/11/0013/1819

### Government of Odisha, e- Procurement Notice
### INVITATION FOR BIDS (IFB)
**Bid Identification No. S.E.Dkl.(R&B) 04/2018-19**
**Email Id-sedklpwd@gmail.com**

Letter No / Dt.

No. 450-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road and Building works as detailed in the table below:

| | | | |
|---|---|---|---|
| 1. | Name of the work | : | Road, Bridge and Building works |
| 2. | No. of works | : | 13 (Thirteen) Nos. |
| 3. | Estimated Cost | : | Rs.1,18,98,681/- to Rs.3,95,04,688.00/- |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | 'A', 'B' and 'Special' Class' |
| 6. | Period of Completion of work | : | 05 (Five) to11 (Eleven) Calendar months |
| 7. | Date and time of availability of bid Document in the website | : | From Dt.06.09.2018 to 16.00 hours of Dt.20.09.2018 |
| 8. | Date of opening of bid | : | Dt.22.09.2018 at 15.30 hours |

The bidders have to participate in ONLINE biding only. further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Superintending Engineer**
34132/11/0007/1819 **Dhenkanal(R&B) Circle,Dhenkanal**

No.DSPL-148

### ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ– ୨୦୧୯

ତା. ୦୧.୦୧.୨୦୧୯ରିଖକୁ ଯୋଗ୍ୟତାସୂଚକ ତାରିଖ ଭାବେ ଭିତ୍ତିକରି ଭାରତ ନିର୍ବାଚନ କମିଶନ ରାଜ୍ୟର ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶନ – ୦୧.୦୯.୨୦୧୮
ଦାବି ଓ ଆପତ୍ତି ଦାଖଲ – ୦୧.୦୯.୨୦୧୮ ଠାରୁ ୩୧.୧୦.୨୦୧୮
ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ – ୦୪.୦୧.୨୦୧୯

- ଆସନ୍ତା ତା. ୩୧.୧୦.୨୦୧୮ରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ସରକାରୀ କାର୍ଯ୍ୟ ଦିବସରେ ଚିଠା ଭୋଟର ତାଲିକାକୁ ଭୋଟରମାନେ ତନଖି କରିପାରିବେ।
- ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଭୋଟର ତାଲିକାରେ ନିର୍ଭୁଲ ଭାବରେ ପଞ୍ଜୀକୃତ ହୋଇଛି କି ? ଯଦି ଆପଣ ୦୧.୦୧.୨୦୧୯ କୁ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ଆପଣଙ୍କ ନାମ ନାହିଁ ତେବେ ଫର୍ମ–୬ରେ ପାସପୋର୍ଟ ସାଇଜ୍ ଫଟୋ, ଜନ୍ମ ତାରିଖ ପ୍ରମାଣ ଏବଂ ବାସସ୍ଥାନ ପ୍ରମାଣ ସହ ଦରଖାସ୍ତ ଦିଅନ୍ତୁ।
- ଭୋଟର ତାଲିକାରେ ନାମ ତ୍ରୁଟି ସଂଶୋଧନ କରିବା ପାଇଁ ଫର୍ମ–୮ରେ ଦରଖାସ୍ତ ସଂପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବି.ଏଲ୍.ଓ.)/ ବ୍ଲକ / ମ୍ୟୁନିସିପାଲଟି / ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।
- ଭୋଟର ତାଲିକାକୁ ସଂପୂର୍ଣ୍ଣ ଶୁଦ୍ଧ ଏବଂ ବିଶ୍ୱସନୀୟ କରିବା ନିମନ୍ତେ ଏହି ପ୍ରୟାସରେ ଆପଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in/ www.ceoorissa.nic.in ରେ on–line ଦରଖାସ୍ତ ଦେଇପାରିବେ।

ଜାଣି ରଖନ୍ତୁ :–

- ଗୋଟିଏ ଭୋଟର ପରିଚୟ ପତ୍ର ସାରା ଭାରତରେ ବୈଧ।
- ଭୋଟର ତାଲିକାରେ ଆପଣଙ୍କ ନାମ ଯାଞ୍ଚ କରିବା ନିମନ୍ତେ website : www.ceoorissa.nic.in / www.nvsp.in ଦେଖନ୍ତୁ।
- ଅଧିକ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 0674–1950 / 1950କୁ ଫୋନ୍ କରନ୍ତୁ।

**ଶ୍ରୀ ସୁରେନ୍ଦ୍ର କୁମାର, ଭା.ପ୍ର.ସେ.**
**ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା**

12001/13/0018/1819

### OFFICE OF THE SUPERINTENDENT, SLNMCH, KORAPUT, DIST.- KORAPUT

Letter No. 1056 Dt. 04.09.2018

### QUOTATION CALL NOTICE

**No. 405-E:-** Sealed quotation is invited from Travel Agencies / Tour Operators or Private individuals from state for providing one non-Ac Diesel Driven vehicle (Swift Dzire). The detail information of which are made available in Koraput Dist. website i.e. http//www.koraput.nic.in.

The date and time of receipt of sealed quotation is from 05.09.2018 to 18.09.2018 at 2.00PM on working days.

*Sd./- Superintendent*
*SLNMCH, Koraput*

10121/11/0018/1819

### THE ODISHA STATE POLICE HOUSING & WELFARE CORPORATION LTD.

OPHWC
**JANAPATH, BHOINAGAR, BHUBANESWAR - 22 (Electrical Division)**
Ph: 0674-2541545, 2542921, Fax: 0674-2541543
Email: jmelectricalophwc@gmail.com, Website: www.ophwc.nic.in

### TENDER CALL NOTICE
**BID REFERENCE NO. 26/JM/ ELECT/ OPHWC/2018-19**

CAD-805

### INVITATION FOR BIDS (IFB)

| | | | |
|---|---|---|---|
| 1. | The Joint Manager, Electrical Division (OSPH&WC), Odisha Bhubaneswar invites bids in single cover system for work as detailed below: | | |
| 2. | Name of work | : | Execution of Comprehensive Annual maintenance contract for close circuit camera system installed at State Guest House, Bhubaneswar |
| 3. | No. of Work | : | 01 No. |
| 4. | EMD & Bid Cost | : | (As per column-3 & 4 of the IFB) |
| 5. | Eligibility Criteria | : | Authorised dealers or their authorised service providers |
| 6. | Availability of Bid Documents in the website www.ophwc.nic.in | : | Dt.07.09.2018 to Dt.17.09.2018 upto 5.00PM |
| 7. | Last date /time of Receipt of Bids | : | Dt.22.09.2018 upto 12:30 PM |
| 8. | Date of Opening Bid | : | Dt.22.09.2018 at 03:30PM |
| 9. | Further details can be seen from the website: www.ophwc.nic.in. Any addendum / corrigendum / cancellation of tender can also be seen in the said website. | | |

*Sd./- Joint Manager (Elect)*
*OSPH&WC, Bhubaneswar*

12025/11/0074/1819

### Directorate of Sch. Castes & Sch. Tribes Research & Training Institute (SCSTRTI), CRPF Square, Bhubaneswar-751003
**(Telephone & Fax No.0674-2561635/ E-mail Id: scstrti@yahoo.co.in.)**
**No.2490/M/11/18 Dated:05.09.2018**

**SHORT TENDER NOTICE**

**No.46-V:-** Sealed tenders are hereby invited from interested Agencies/Firms for 'Enriching Virtual Reality Experiences' in SCSTRTI, Bhubaneswar. The bid must be addressed to the Director & Spl. Secy. to Govt. SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is dt.20.09.2018 by 3.00 PM. The interested Agencies/Firms can log on to the Govt. website (www.odisha.gov.in) and SCSTRTI website (www.scstrti.in) for detail.

**Sd./-**
**Director &Spl. Secy.**
**To Govt. SCSTRTI,**
**Bhubaneswar**

26026/11/0020/1819

> ଅଶ୍ୱଚାଳନା ପ୍ରତିଯୋଗିତାରେ ଗୋଟିଏ ଘୋଡ଼ା ଓ ମଣିଷର ଦୁଇ ଶରୀର ଓ ଗୋଟିଏ ଆତ୍ମାର ସମିଶ୍ରଣ ଭଳି ।
>
> –ମେଜର ଆଶିଷ ମଲିକ, ଭାରତୀୟ ଅଶ୍ୱଚାଳନା ଦଳର ଅଧିନାୟକ



> ସାଫ୍ କପ୍‌ରେ ମାଳଦ୍ୱୀପକୁ ଭେଟିବା ପୂର୍ବରୁ ଆମର ତ୍ରୁଟିକୁ ସଜାଡ଼ି ନେବା ଅତ୍ୟନ୍ତ ଜରୁରୀ ।
>
> –ଷ୍ଟିଫେନ କନ୍‌ଷ୍ଟାଣ୍ଟିନ୍, ଫୁଟ୍‌ବଲ ମୁଖ୍ୟ କୋଚ୍



## ସଂକ୍ଷେପରେ

### ଶିବସୁନ୍ଦର ମଣିପୁର ଦଳର କୋଚ୍

କଟକ ଅଫିସ, ୬।୯: ପ୍ରଥମ ଥର ନିମନ୍ତେ ବିସିସିଆଇର ଘରୋଇ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ମଣିପୁର ଦଳର କୋଚ୍ ଭାର ସମ୍ଭାଳିଛନ୍ତି ଶିବସୁନ୍ଦର ଦାସ। ରାଜ୍ୟର ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ସିନିୟର ଦଳର ପୂର୍ବତନ କୋଚ୍ ଶିବସୁନ୍ଦର ଆସନ୍ତା ୯ତାରିଖରେ ମଣିପୁର ଦଳର ପ୍ରସ୍ତୁତି ଶିବିରରେ ଯୋଗଦେବେ। ମଣିପୁରରେ ବର୍ଷା ଲାଗି ରହିଥିବାରୁ ଆସାମଠାରେ ଦଳର ପ୍ରସ୍ତୁତି ଶିବିର ହେବ। ୨୦୧୮-୧୯ କ୍ରିକେଟ ସିଜିନରେ ମଣିପୁର ପ୍ରଥମଥର ପାଇଁ ମୁକାବିଲାକୁ ଓହ୍ଲାଉଥିବାରୁ ଏହି ଦଳର କୋଚ୍ ଭାର ଗ୍ରହଣ କରିବା ଚ୍ୟାଲେଞ୍ଜିଂ ବୋଲି ଶିବସୁନ୍ଦର କହିଛନ୍ତି। ଅନ୍ୟପକ୍ଷରେ ଦଳର ସାମର୍ଥ୍ୟକୁ ପରଖା ଯାଇ ଖେଳାଳିମାନଙ୍କୁ ଆଗାମୀ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ କରାଯିବ। ଉଭୟ ମୋ ପାଇଁ ଓ ମଣିପୁର ଦଳ ପାଇଁ ଆଗାମୀ କ୍ରିକେଟ ସିଜିନ ଏକ ନୂତନ ଚ୍ୟାଲେଞ୍ଜ ଭାବେ ସମ୍ମୁଖୀନ ହେବ ବୋଲି ଶିବସୁନ୍ଦର କହିଥିଲେ। ସୂଚନାଥାଉକି, ଗତ ୨୦୧୭-୧୮ ସିଜିନରେ ଶିବସୁନ୍ଦର ଓଡ଼ିଶା ସିନିୟର ଦଳର କୋଚ୍ ରହିଥିଲେ ।

### ଫାଓ ଲିଗ୍: ଚାଉଳିଆଗଞ୍ଜ କ୍ଲବ ବିଜୟୀ

କଟକ ଅଫିସ, ୬।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଗୋଟିଏ ମ୍ୟାଚ୍‌ରେ ଚାଉଳିଆଗଞ୍ଜ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା। ଚାଉଳିଆଗଞ୍ଜ କ୍ଲବ ୨-୦ଗୋଲରେ ଟାଉନ୍‌କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଚାଉଳିଆଗଞ୍ଜ କ୍ଲବ ପକ୍ଷରୁ ଏହି ୨ଟି ଯାକ ଗୋଲ ହୋଇଥିଲା। ୩ୟ ମିନିଟରେ ରମେଶ ମୁର୍ମୁ, ୨୯ତମ ମିନିଟରେ ମହେଶ ସିଂ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନହେବା ଯୋଗୁଁ ଚାଉଳିଆଗଞ୍ଜ କ୍ଲବ ମ୍ୟାଚ୍‌କୁ ଜିତିଥିଲା। ଏସ୍‌ବିଆଇ ଓ ଲାଲ୍‌ବାଗ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି ।

### ବିରାଟ, ରୁଟ୍ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ: ଲାରା

ନ୍ୟୁୟର୍କ, ୬।୯- କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ କ୍ରିକେଟର ବ୍ରାଏନ ଲାରା ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡର ଜୋ ରୁଟ୍‌ଙ୍କୁ ବର୍ତ୍ତମାନ ସମୟର ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ଚୟନ କରିଛନ୍ତି। ଆଇସିସି ବିଶ୍ୱକପ୍ ଟ୍ରଫି ଟୁର୍ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବର୍ତ୍ତମାନ ନ୍ୟୁୟର୍କ ଗସ୍ତରେ ଥିବା ଲାରା ଦୁଇ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ କାଗିସୋ ରାବାଡାଙ୍କୁ ଶ୍ରେଷ୍ଠ ବୋଲରଭାବେ ଅଭିହିତ କରିଛନ୍ତି। କିନ୍ତୁ ମୁଥିୟା ମୁରଲୀଧରନ ଓ ସେନ ୱର୍ନଙ୍କୁ ସାମ୍ନା କରିବା ସବୁଠାରୁ କଷ୍ଟସାଧ୍ୟ ଥିଲା ବୋଲି ଏହି ମହାନ ବାମହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁରଲୀଧରନ ମୋତେ ସବୁବେଳେ ଦ୍ୱନ୍ଦ୍ୱରେ ପକାଉଥିଲେ। କିନ୍ତୁ ସମୟ ଗଡ଼ିବା ସହ ମୁରଲୀଙ୍କ ବିପକ୍ଷରେ ଖେଳିବା ମୋତେ ବହୁତ ସହଜ ହୋଇଥିଲା। ସେହିଭଳି ୱର୍ନଙ୍କୁ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଲେଗ୍-ସ୍ପିନର ଭାବେ ସେ ବର୍ଣ୍ଣନା କରିଛନ୍ତି। ଅପରପକ୍ଷରେ ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସରେ ଟି୨୦ କ୍ରିକେଟକୁ ସାମିଲ କରିବାକୁ ଲାରା ନିଜର ସମର୍ଥନ ଜଣାଇଛନ୍ତି। 'ଟି୨୦ କ୍ରିକେଟ ମାତ୍ର ୩ ଘଣ୍ଟାର ଖେଳ। ତେବେ କାହିଁକି ଏହାକୁ ଅଲିମ୍ପିକ୍ସରେ ସାମିଲ କରାଯାଉନାହିଁ' ବୋଲି ଲାରା ପ୍ରଶ୍ନ କରିଛନ୍ତି।

### ଏମ୍‌ବାପ୍ପେ ୩ଟି ମ୍ୟାଚ୍‌ରୁ ବାସନ୍ଦ

ପ୍ୟାରିସ, ୬।୯- ଫ୍ରାନ୍ସ ଯୁବ ଫୁଟ୍‌ବଲ ତାରକା କେଲିଆନ ଏମ୍‌ବାପ୍ପେ ଲିଗ୍ ୧' ପ୍ରତିଯୋଗିତାର ଆଗାମୀ ୩ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି)ର ଷ୍ଟାର ଷ୍ଟ୍ରାଇକର ୧୯ ବର୍ଷୀୟ ଏମ୍‌ବାପ୍ପେ ଗତ ସପ୍ତାହରେ ନିମେସ ବିପକ୍ଷ ଏକ ମ୍ୟାଚ୍‌ରେ ରେଡ୍ କାର୍ଡ ପାଇଥିଲେ। ଏହି କାରଣରୁ ପ୍ରତିଯୋଗିତାର ପରବର୍ତ୍ତୀ ୩ଟି ମ୍ୟାଚ୍‌ରୁ ସେ ବାସନ୍ଦ ହୋଇଛନ୍ତି ବୋଲି ଫ୍ରାନ୍ସ ଲିଗ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଏହି ମ୍ୟାଚ୍‌ରେ ଏମ୍‌ବାପ୍ପେଙ୍କ ଗୋଲ ବଳରେ ତାଙ୍କ ଦଳ ପିଏସ୍‌ଜି ୪-୨ରେ ନିମେସ୍‌କୁ ପରାସ୍ତ କରିଥିଲା। ତେବେ ମ୍ୟାଚ୍ ଅବସରରେ ଏମ୍‌ବାପ୍ପେ ପ୍ରତିପକ୍ଷ ଖେଳାଳି ତେଜି ସଭନିଅରଙ୍କୁ ଫାଉଲ୍ ମାରି ପଡ଼ିଆ ଛାଡ଼ିଥିଲେ। ବାସନ୍ଦାଦେଶ ଫଳରେ ଏମ୍‌ବାପ୍ପେ ସେଣ୍ଟ-ଏଟିଏନ୍ନେ (ସେପ୍ଟେମ୍ବର ୧୪), ରେନ୍ନେସ (ସେପ୍ଟେମ୍ବର ୨୩) ଓ ଏହାର ୩ ଦିନପରେ ରେଇମ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

# ସାନ୍ତ୍ୱନାମୂଳକ ବିଜୟ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୬।୯(ପି.ଟି.)

ସିରିଜ ହାତଛଡ଼ା କରିସାରିଥିବା ଭାରତ ଶୁକ୍ରବାର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡକୁ ଭେଟିବାକୁ ଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ଅବସର ଘୋଷଣା କରିସାରିଥିବାରୁ ତାଙ୍କ ପାଇଁ ଏହା ଫେୟାରୱେଲ ଟେଷ୍ଟ ବା ବିଦାୟୀ ମ୍ୟାଚ ସାବ୍ୟସ୍ତ ହୋଇଛି। ଅନ୍ୟ ପଟେ ୩-୧ରେ

## କୁକ୍‌ଙ୍କ ବିଦାୟୀ ଟେଷ୍ଟ

ପଛରେ ରହି ସିରିଜ ହାରିସାରିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍ ଜିତି ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ୧-୪ ବ୍ୟବଧାନରେ ହାରିବା ଅପେକ୍ଷା ୨-୩ ବ୍ୟବଧାନରେ ସିରିଜ ହାରିବା ନିଶ୍ଚିତ ଭାବେ ଆଖିକୁ ଭଲ ଦେଖାଯିବ।

ଭାରତୀୟ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଭାରତକୁ ଗତ ୧୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ଭ୍ରମଣକାରୀ ଦଳ ବୋଲି ଆଖ୍ୟା ଦେଇଛନ୍ତି ଓ ଦଳର ମନୋବଳ ଉଚ୍ଚ ରଖିବାକୁ ପ୍ରୟାସ କରିଛନ୍ତି। ଯଦିଓ ତାଙ୍କର ଏହି ମତ ତଥ୍ୟ ଭିତ୍ତିକ ନୁହଁ। ୨୦୦୨ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ଇଂଲଣ୍ଡ ଗସ୍ତରେ ଆସି ସିରିଜ ଅମୀମାଂସିତ ରଖିଥିଲା। ସେହିପରି ଗାଙ୍ଗୁଲିଙ୍କ ଏହି ଭାରତୀୟ ଦଳ ୨୦୦୩-୦୪ରେ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ସିରିଜ ଡ୍ର ରଖିଥିଲା ଓ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଗୋଟିଏ ଟେଷ୍ଟ ଜିତିଥିଲା। ପୁଣି ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ପାକିସ୍ତାନ ଗସ୍ତ କରି ଏକ ସିରିଜ ଜିତିଥିଲା।

ପୁଣି ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଭାରତ ୨୦୦୬ରେ ୱେଷ୍ଟଇଣ୍ଡିଜ୍‌ରେ ଓ ୨୦୦୭ରେ ଇଂଲଣ୍ଡରେ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଟେଷ୍ଟ ମଧ୍ୟ ଜିତିଥିଲା। ସେହିପରି ଅନିଲ କୁମ୍ବଲେଙ୍କ ନେତୃତ୍ୱରେ ଭାରତ ପର୍ଥର ବାଉନ୍ସି ଉଇକେଟରେ ଅନୁଷ୍ଠିତ ଟେଷ୍ଟରେ ବାଜି ମାରିଥିଲା। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରି ଟେଷ୍ଟ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକା ଗସ୍ତ କରି ପ୍ରଥମଥର ପାଇଁ ଟେଷ୍ଟ ସିରିଜ ଡ୍ର ରଖିଥିଲା।


ପ୍ରଥମେ ଦକ୍ଷିଣ ଆଫ୍ରିକା ଓ ପରେ ଇଂଲଣ୍ଡ ଗସ୍ତରେ ପଛକୁ ପଛ ଦୁଇଟି ସିରିଜ ହାତଛଡ଼ା କରିସାରିବା ପରେ ବିଶ୍ୱ ୧ ନମ୍ବର ଟେଷ୍ଟ ଦଳ ଭାରତର ପ୍ରଦର୍ଶନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ସିରିଜର ପରାଜୟ ସତ୍ତ୍ୱେ ଅବଶ୍ୟ ଭାରତ ତା'ର ୧ ନମ୍ବର ସ୍ଥାନ ବଜାୟ ରଖିଛି।

ଅନ୍ତିମ ଟେଷ୍ଟରେ ଭାରତର ଅନ୍ତିମ ଏକାଦଶ କିଭଳି ହେବ ତାହା ଫୋକସ୍‌ରେ ରହିଛି। ଶ୍ରେଷ୍ଠ ଦଳ ନେଇ ଭାରତ ପଡିଆକୁ ଓହ୍ଲାଇବ। ତେବେ ଏହି ଦଳରେ କେତୋଟି ପରିବର୍ତ୍ତନ ହେବ ଓ ପରୀକ୍ଷା ନିରୀକ୍ଷା ହେବା ଆଶା କରାଯାଉଛି। ୧୮ ବର୍ଷୀୟ ଓପନର ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଛି। ନୂଆ ପିଢିର ଓପନରଙ୍କ ଉପରେ ଚୟନକର୍ତ୍ତାଙ୍କ ଏବେ ନଜର ରହିଛି। ଦୁର୍ବଳ ଫର୍ମ କାରଣରୁ ମୁରଲୀ ବିଜୟ ଦଳରୁ ବାଦ ପଡିସାରିଛନ୍ତି। ଡିସେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ ରହିଥିବାରୁ ଚୟନକର୍ତ୍ତାମାନେ ଯୁବ ତଥା ଦକ୍ଷ ଖେଳାଳିଙ୍କ ଉପରେ ନଜର ରଖିଛନ୍ତି। ପୃଥ୍ୱୀ ସଫଳ ହେଲେ ଭଲ। ପୁଣି ଯଦି ବିଫଳ ହୁଅନ୍ତି ତେବେ ମଧ୍ୟ ତାଙ୍କ ପାଇଁ ଆଗକୁ ସୁଯୋଗ ରହିବ। ତେବେ ଏବେକାର ଓପନିଂ ଯୋଡି ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପର୍ଯ୍ୟନ୍ତ ଭାରତ ବଜାୟ ରଖିବା ଉଚିତ୍ ବୋଲି କେତେକେ ମତ ଦେଇଛନ୍ତି। ତେଣୁ ଏହି ଯୋଡିକୁ ଶେଷ ସୁଯୋଗ ଉପରେ କେତେକେ ପ୍ରାଧାନ୍ୟ ଦେଇଛନ୍ତି। ଆଗାମୀ ଘରୋଇ ସେସନ ପର୍ଯ୍ୟନ୍ତ ପୃଥ୍ୱୀଙ୍କୁ ଅପେକ୍ଷା କରିବାକୁ ପଡିବ ବୋଲି ମଧ୍ୟ କୁହାଯାଇଛି। ଲୋୟର ମିଡିଲ ଅର୍ଡରରେ ଭାରତ ପରିବର୍ତ୍ତନ କରିବା ଆଶା କରାଯାଉଛି। ହାର୍ଦ୍ଦିକ ପାଣ୍ଡ୍ୟ ବ୍ୟାଟିଂରେ ବିଫଳ ହେବା କାରଣରୁ ହନୁମା ବିହାରୀଙ୍କୁ ସୁଯୋଗ ଦିଆଯିବା ମନେହୁଏ। ହନୁମା ମଧ୍ୟ କାମଚଳା ସ୍ପିନ୍ ବୋଲିଂ କରିପାରନ୍ତି।

ପୁଣି ନେଟ୍ସରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ବୁଧବାର ବୋଲିଂ କରିନାହାନ୍ତି। ଫଳରେ ଏହି ଗସ୍ତରେ ରବୀନ୍ଦ୍ର ଜାଡେଜା ପ୍ରଥମଥର ପାଇଁ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ପୁଣି ଆସନ୍ତା ସପ୍ତାହରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାରୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ବୁମରା ଓ ଶାର୍ଦ୍ଦୁଲ ଠାକୁର ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଫଳରେ ଉମେଶ ଯାଦବ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଆଶା କରାଯାଉଛି।

ଅପରପକ୍ଷରେ କୁକ୍ ଅବସର ନେଉଥିବାରୁ ଏହି ଟେଷ୍ଟ ଇଂଲଣ୍ଡ ପାଇଁ ବେଶ୍ ଭାବପ୍ରବଣତା ସୃଷ୍ଟି କରିଛି। ବିଜୟ ହାସଲ କରି କୁକ୍‌ଙ୍କୁ ବିଦାୟୀ ଉପହାର ଦେବାକୁ ଇଂଲଣ୍ଡ ଦଳ ଚେଷ୍ଟା କରିବ। ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କ୍ରମାଗତ ବିଫଳତା ସତ୍ତ୍ୱେ ଜେନିଙ୍ଗ୍ସଙ୍କୁ ଦଳରେ ବଜାୟ ରଖାଯାଇଛି। ଦୁଇ ତାରକା ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ମଧ୍ୟରୁ ଜଣକୁ ବିଶ୍ରାମ ଦିଆଯାଇପାରେ। କ୍ରିସ ୱୋକ୍ସ ଫିଟ୍ ହୋଇସାରିଥିବାରୁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ମନେହୁଏ। ଅନ୍ୟ ଗ୍ରାଉଣ୍ଡ ଭଳି ଓଭାଲର ଉଇକେଟରେ ମଧ୍ୟ ଘାସ ରହିଛି ଓ ଏହା ଭଲ ଟେଷ୍ଟ ଉଇକେଟ ବୋଲି ପ୍ରମାଣିତ ହେବା ଆଶା କରାଯାଉଛି।





ଅଭ୍ୟାସ ଅବସରରେ ରିଷଭ ପନ୍ତ (ବାମ) ଓ ବିରାଟ କୋହଲି।

| ଭାରତୀୟ ଦଳ | ଇଂଲଣ୍ଡ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, କରୁନ ନାୟାର, ହାର୍ଦ୍ଦିକ ପାଣ୍ଡ୍ୟା, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ହନୁମା ବିହାରୀ, ଇଶାନ୍ତ ଶର୍ମା, ଉମେଶ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଯଶପ୍ରୀତ ବୁମରା। | ଜୋ ରୁଟ (ଅଧିନାୟକ), ଆଲିଷ୍ଟର କୁକ, କିଟନ ଜେନିଙ୍ଗ୍ସ, ଜନି ବେୟାରଷ୍ଟୋ, ଜୋସ ବଟଲର, ଅଲିଭର ପୋପ୍, ମୋଇନ ଅଲୀ, ଆଦିଲ ରସିଦ, ସାମ କୁରାନ, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ, କ୍ରିସ୍ ୱୋକ୍ସ ଓ ବେନ୍ ଷ୍ଟୋକ୍ସ। |


**ସ୍ଥାନ: ଓଭାଲ, ଲଣ୍ଡନ, ସମୟ: ଅପରାହ୍ନ ୩.୩୦**

# ବିଶ୍ୱରେକର୍ଡ ସହ ସୌରଭଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱନ (ଦକ୍ଷିଣ କୋରିଆ), ୬।୯ (ପି.ଟି.)

## ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍

ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଯୁବ ଭାରତୀୟ ଶୁଟର ସୌରଭ ଚୌଧାରୀ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନିୟର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୌରଭ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୧୬ ବର୍ଷୀୟ ମିରଟ ଶୁଟର ସୌରଭ ଗତ ମାସରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ସଫଳତା ପାଇଥିଲେ।



ଗୁରୁବାର ଅନୁଷ୍ଠିତ ଜୁନିୟର ୧୦ ମିଟର ଏୟାର ପିସ୍ତଲର ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୧ ସ୍କୋର କରିବା ସହ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ସେ ୨୪୫.୫ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିବା ସହ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭାଙ୍ଗି ନୂତନ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଶୁଟର ଅର୍ଜୁନ ସିଂ ଚିମା ୨୧୮ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। କୋରିଆର ହୋଜିନ ଲିମ୍ (୨୪୩.୧) ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏଥିପୂର୍ବରୁ ସୌରଭ ଜୁନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଜୁନିୟର ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମେ ବିଶ୍ୱରେକର୍ଡ କରିଥିଲେ। ଅପରପକ୍ଷରେ ଟିମ୍ ଇଭେଣ୍ଟରେ ସୌରଭ, ଅର୍ଜୁନ ଓ ଅନମୋଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୭୩୦ ସ୍କୋର ସହ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲା। ୨୦୨୦ ଅଲିମ୍ପିକ୍ସ ପାଇଁ ଏହି ଚାମ୍ପିୟନଶିପ୍ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାବେଳେ ଦୁଇ ଭାରତୀୟ ଶୁଟର ଅଞ୍ଜୁମ ମୌଦଗିଲ ଓ ଅପୂର୍ବୀ ଚାଣ୍ଡେଲା କେବଳ ଅଲିମ୍ପିକ୍ସକୁ ଟିକେଟ୍ ଅର୍ଜନ କରିବାରେ ସଫଳ ହୋଇଛନ୍ତି।

# ପୋଲିସ ହକିରେ ନିଶାନ ଅମ୍ପାୟର

ଭୁବନେଶ୍ୱର, ୬।୯(କ୍ରୀଡ଼ା ପ୍ରତିନିଧି)

ପଞ୍ଜାବର ଜଳନ୍ଧରରେ ୬୭ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଞ୍ଜାବ ପୋଲିସ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ନିକଟରେ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକି( ଏ ଓ ବି ଡିଭିଜନ), ଏବା ଭୋପାଳରେ ଅନୁଷ୍ଠିତ ଜାତୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ହକି ଇଣ୍ଡିଆ ନିଶାନଙ୍କ ଉପରେ ଆସ୍ଥା ରଖି ଆଉ ଏକ ଟୁର୍ନାମେଣ୍ଟ ପାଇଁ ଅମ୍ପାୟରଭାବେ ନିଯୁକ୍ତି ଦେଇଛି।



ନିଶାନ ଜ୍ୟୋତି ମହାନ୍ତି

ଏହା ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅମ୍ପାୟର ଓ ଜଜ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ନିଶାନଙ୍କୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶାର ସମ୍ଭାବ୍ୟ ଖେଳାଳି ତାଲିକା

କଟକ ଅଫିସ,୬।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ-ବି'ରେ ଥିବାବେଳେ ୨୦ ତାରିଖରୁ ଅଭିଯାନ ଆରମ୍ଭ କରିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ ଦିଲ୍ଲୀରେ ଖେଳିବ। ଏ ନେଇ ରାଜ୍ୟର ୨୦ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଗୁରୁବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଘୋଷଣା କରିଛି। ତେବେ କେତେକ

## ବିଜୟ ହଜାରେ ଟ୍ରଫି

ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯାଇ ନୂଆ ମୁହଁକୁ ସମ୍ଭାବ୍ୟ ତାଲିକାରେ ସାମିଲ କରାଯାଇଛି।

ଆସନ୍ତା ସିଜିନ ନିମନ୍ତେ ରାଜ୍ୟ ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିର ଜୋରଦାର ଭାବେ କଟକରେ ଜାରି ରହିଛି। ଶିବିରରୁ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ନିମନ୍ତେ ଯେଉଁ ୨୦ ଜଣିଆ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି ସେଥିରୁ ରାଜ୍ୟର ଅଭିଜ୍ଞ ତଥା ସିନିୟର ଖେଳାଳିମାନଙ୍କୁ ବାଦ ଦିଆଯାଇଛି। ବସନ୍ତ ମହାନ୍ତି, ଅରବିନ୍ଦ ସିଂ, ଜୟନ୍ତ ବେହେରା, ଆଲୋକ ମଙ୍ଗରାଜ, ଧୀରଜ ସିଂ, ଆଲୋକ ସାହୁଙ୍କ ଭଳି ପ୍ରମୁଖ ଖେଳାଳିଙ୍କୁ ତାଲିକାଭୁକ୍ତ କରାଯାଇ ନାହିଁ। ଅନ୍ୟପକ୍ଷରେ ନୂତନ ଖେଳାଳି ଭାବେ ପପୁ ରାୟ, ରଘୁନାଥ ମଲ୍ଲ, କ୍ରିଷ୍ଣା ପଲାଇ ଓ ଆଶୁତୋଷ ଦାସ ରହିଛନ୍ତି। ରାଜେଶ ମହାନ୍ତିଙ୍କୁ ଏହି ତାଲିକାରେ ରଖାଯାଇଥିବା ବେଳେ ସେ ୧୯ ବର୍ଷରୁ କମ୍ ଏସିଆ କପ୍ ଖେଳିବା ନିମନ୍ତେ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ତାଙ୍କ ବଦଳରେ ଆଶୁତୋଷଙ୍କୁ ସ୍ଥାନ ମିଳିଥିଲା। ସିନିୟର ଖେଳାଳିମାନଙ୍କୁ ରଣଜୀ ସିଜିନ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ବେଳେ ଯୁବ ପ୍ରତିଭାମାନଙ୍କୁ ଏହି ଏକଦିବସୀୟ ଟୁର୍ନାମେଣ୍ଟ ନିମନ୍ତେ ସମ୍ଭାବ୍ୟ ତାଲିକାରେ ରଖାଯାଇଛି ବୋଲି ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କହିଛନ୍ତି ।

**ସମ୍ଭାବ୍ୟ ଖେଳାଳି ତାଲିକା**

ଅନୁରାଗ ଷଡ଼ଙ୍ଗୀ, ରାଜେଶ ଧୂପର, ରଞ୍ଜିତ ସିଂ, ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ବେହେରା, ପ୍ରୀତ କନୱର ସିଂ ଚୌହାନ, ଦେବବ୍ରତ ପ୍ରଧାନ, ଅଭିଶେକ ରାଉତ, ସୁଜିତ ଲେଙ୍କା, ପପୁ ରାୟ, ଶାନ୍ତନୁ ମିଶ୍ର, ରଘୁନାଥ ମଲ୍ଲ, ଶୁଭମ ନାୟକ, କ୍ରିଷ୍ଣା ପଲାଇ, ଆଶୁତୋଷ ଦାସ, ପି. ରୋଶନ କୁମାର ରାଓ, ପ୍ରୟାସ କୁମାର ସିଂ ।

**ଓଡ଼ିଶାର ମ୍ୟାଚ୍**

ସେପ୍ଟେମ୍ବର ୨୦– ବିପକ୍ଷ ଆନ୍ଧ୍ରପ୍ରଦେଶ
ସେପ୍ଟେମ୍ବର ୨୧– ବିପକ୍ଷ କେରଳ
ସେପ୍ଟେମ୍ବର ୨୩– ବିପକ୍ଷ ଉତ୍ତରପ୍ରଦେଶ
ସେପ୍ଟେମ୍ବର ୨୬– ବିପକ୍ଷ ଦିଲ୍ଲୀ
ସେପ୍ଟେମ୍ବର ୨୮– ବିପକ୍ଷ ମଧ୍ୟପ୍ରଦେଶ
ଅକ୍ଟୋବର ୨– ବିପକ୍ଷ ଛତିଶଗଡ଼
ଅକ୍ଟୋବର ୪– ବିପକ୍ଷ ସୌରାଷ୍ଟ୍ର
ଅକ୍ଟୋବର ୬– ବିପକ୍ଷ ହାଇଦ୍ରାବାଦ

# ସେମିରେ ଜୋକୋଭିଚ୍, ନିଶିକୋରି

ନ୍ୟୁୟର୍କ, ୬।୯

ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ଓ ଜାପାନର କେଇ ନିଶିକୋରି ଏଠାରେ ଚାଲିଥିବା ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ୍‌ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ନାଓମି ଓସାକା ୨୨ ବର୍ଷ ପରେ ଜାପାନର ପ୍ରଥମ ମହିଳା ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଅନ୍ତିମ-୪ରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

ବୁଧବାର ରାତିରେ ଖେଳାଯାଇଥିବା

## ୟୁଏସ୍ ଓପନ୍

ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୩୧ ବର୍ଷୀୟ ଜୋକୋଭିଚ୍ ୬-୩, ୬-୪, ୬-୪ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍‌ମ୍ୟାନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ଜିତିବାକୁ ୬ଷ୍ଠ ସିଡ୍ ଜୋକୋଭିଚ୍‌ଙ୍କୁ ୨ ଘଣ୍ଟା ୪୯ ମିନିଟ୍ ସମୟ ଲାଗିଥିଲା। ପୂର୍ବରୁ ପ୍ରି-କ୍ୱାର୍ଟରର ଏକ ମୁକାବିଲାରେ ବିଶ୍ୱର ୫୫ ନମ୍ବର ମାନ୍ୟତା ମିଲ୍‌ମ୍ୟାନ ତାରକା ଖେଳାଳି ରୋଜର ଫେଡେରରଙ୍କୁ ହରାଇ ଏହି ସମ୍ମାନଜନକ ପ୍ରତିଯୋଗିତାରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। କିନ୍ତୁ ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ସେ ସମ୍ପୂର୍ଣ୍ଣଭାବେ ଆତ୍ମସମର୍ପଣ କରିଥିଲେ। ଏହି ବିଜୟ ସହ ଜୋକୋଭିଚ୍ ୟୁଏସ୍ ଓପନ୍‌ରେ ଖେଳିଥିବା ସମସ୍ତ ୧୧ଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଜିତିଛନ୍ତି।

ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଜାପାନର ନିଶିକୋରିଙ୍କ ସହ ହେବ। ଯଦି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରନ୍ତି ତେବେ ସେ ରେକର୍ଡ ୫ମଥର ଲାଗି ୟୁଏସ୍ ଓପନ୍ ଫାଇନାଲ ଖେଳିବାରେ ପିଟ୍ ସାମ୍ପ୍ରସ ଓ ଇଭାନ ଲେଣ୍ଡଲ୍‌ଙ୍କ ସହ ସମକକ୍ଷ ହେବେ। ସେହିପରି ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ନିଶିକୋରୀ ୨-୬, ୬-୪, ୭-୬ (୭/୫), ୪-୬, ୬-୪ ସେଟ୍‌ରେ ୭ମ ସିଡ୍ କ୍ରୋଏସିଆର ମାରିନ ସିଲିକ୍‌ଙ୍କୁ ହରାଇଛନ୍ତି। ପାଞ୍ଚସେଟ୍ ବିଶିଷ୍ଟ ଏହି ସଂଘର୍ଷ ମ୍ୟାଚ୍‌ଟି ୪ ଘଣ୍ଟା ୮ ମିନିଟ୍ ଧରି ଖେଳାଯାଇଥିଲା।



କେଇ ନିଶିକୋରି

## ୨୨ ବର୍ଷ ପରେ ଓସାକା ପ୍ରଥମ ଜାପାନ ମହିଳା ଖେଳାଳି



ନାଓମି ଓସାକା

ଜାପାନର ନାଓମି ଓସାକା ଏଠାରେ ଚାଲିଥିବା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୨୦ ବର୍ଷୀୟା ଓସାକା ୬-୧, ୬-୧ ସିଧାସଳଖ ସେଟ୍‌ରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ହରାଇ କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ପ୍ରଥମ ଜାପାନ ମହିଳା ଟେନିସ ଖେଳାଳିଭାବେ ଓସାକା କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୧୯୯୬ରେ କିମିକୋ ଡେଟ୍ ୱିମ୍ବେଲଡନର ଅନ୍ତିମ-୪ରେ ପହଞ୍ଚିଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଜାପାନର କେଇ ନିଶିକୋରୀ ସେମିଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ଫଳରେ କୌଣସି ସମାନ ଗ୍ରାଣ୍ଡସ୍ଲାମର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଦୁଇ ଜାପାନ ପ୍ରତିଯୋଗୀ ଖେଳିବାରେ ଏହା ପ୍ରଥମ ଘଟଣା ହୋଇଛି।

ଧରିତ୍ରୀ
DHARITRI



# ୧୬ ଦିନ ହେଲା ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା

ଫିରିଙ୍ଗିଆ, ୬।୯

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ଡିରାମାହା ଗ୍ରାମ ଅଙ୍ଗନୱାଡି ସହାୟିକା ନିଯୁକ୍ତିକୁ ବିରୋଧ କରି ୧୬ ଦିନ ହେଲା କେନ୍ଦ୍ରରେ ତାଲା ପଡ଼ିଛି। ଫଳରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ମିଳିଥିବା ସୁଚନା ଅନୁସାରେ ଏହି ଅଙ୍ଗନୱାଡି କେନ୍ଦ୍ରର ସହାୟିକା ମନୋନୀତ ପାଇଁ ଗତ ୨୦ ତାରିଖରେ ଏକ ବୈଠକ ବସିଥିଲା। ଏଥିରେ ସରପଞ୍ଚ ଦମୟନ୍ତି କହଁର, ସିଡ଼ିପିଓ ମଞ୍ଜୁଲା ପ୍ରଧାନଙ୍କ ସମେତ ଡିରାମାହା, ଗୋଛାସାହି ଓ ମାଣ୍ଡିଆପଦର ଗ୍ରାମର ଲୋକେ ଯୋଗ ଦେଇଥିଲେ। ଡିରାମାହା ଗ୍ରାମର ମରିଚ ମଲିକଙ୍କୁ ଏଠାରେ ସହାୟକ ଭାବେ ମନୋନିତ କରା ଯାଇଥିଲା। ହେଲେ ମାଣ୍ଡିଆପଦର ଓ ଗୋଛାସାହିର ଲୋକେ ତାଙ୍କ ଅଞ୍ଚଳର ଜଣଙ୍କୁ ଏହି ପଦବୀ ପାଇଁ ମନୋନୀତ କରିବାକୁ ଦାବି କରିଥିଲେ। ପୂର୍ବରୁ ଡିରାମାହା ଗ୍ରାମର ଶାନ୍ତିଲତା କହଁର ଉକ୍ତ କେନ୍ଦ୍ରରେ ୱାର୍କର ଭାବେ ନିଯୁକ୍ତି ପାଇଥିବାରୁ ସହାୟିକା ଅନ୍ୟ ଗ୍ରାମରୁ ହେବା ପାଇଁ ଏହି ୨ଟି ଗ୍ରାମର ଲୋକେ ଅଡ଼ି ବସିଥିଲେ। ପରିସ୍ଥିତି ଏପରି ହେଲା ଯେ, ଘଟଣାର କୌଣସି ପ୍ରକାର ସମାଧାନ ହୋଇପାରି ନ ଥିଲା। ୨୧ ତାରିଖରେ ମାଣ୍ଡିଆପଦର ଗ୍ରାମର କେତେକ ଲୋକେ ଉକ୍ତ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ନେଇ କର୍ମୀ ଶାନ୍ତିଲତା କହଁର ସିଡ଼ିପିଓଙ୍କୁ ଅବଗତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଉକ୍ତ କେନ୍ଦ୍ରରେ ବର୍ତ୍ତମାନ ୧୨ ଜଣ ଶିଶୁ ଅଛନ୍ତି।

## ■ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ କାର୍ଯ୍ୟବନ୍ଦ

# ୧୧ ହାଇସ୍କୁଲରେ ପଡ଼ିଲା ତାଲା, ପାଠପଢ଼ା ଠପ୍

ଦିଗପହଣ୍ଡି,୬।୯(ଡି.ଏନ.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଡାକରାକ୍ରମେ ଦିଗପହଣ୍ଡି ବ୍ଲକ ଅଧୀନ ୧୧ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଗୁରୁବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲିବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଦିଗପହଣ୍ଡି ବ୍ଲକ ଶାଖା ସଭାପତି ମନୋଜ କୁମାର ପଟ୍ଟନାୟକ କହିଛନ୍ତି। ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ପୂର୍ଣ୍ଣ ଅନୁଦାନ ପ୍ରଦାନ, ଚାକିରି ସର୍ତ୍ତାବଳୀ ଲାଗୁ କରାଯିବା ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କୁ ସମସ୍ତ ଅବସରକାଳୀନ ସେବା ସୁବିଧା ଯୋଗାଇବା ଦାବିରେ ଆନ୍ଦୋଳନ ଚାଲିଛି। ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନିଷ୍ପତ୍ତିକ୍ରମେ ଗୁରୁବାର ସମସ୍ତ ବ୍ଲକଗ୍ରାଣ୍ଟ ହାଇସ୍କୁଲ ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନେ ତାଲା ଚାବି ଓ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ବାଙ୍କେଶ୍ୱରୀ ବିଦ୍ୟାପୀଠ, ଭ୍ରମରପୁର ଗ୍ରାମର ରଘୁନାଥ ହାଇସ୍କୁଲ, ଜକର ଗ୍ରାମର ବାବାଜୀ ଗଡ଼ଗୋବିନ୍ଦପୁର ଗ୍ରାମ ଶ୍ରୀରଘୁନାଥ ହାଇସ୍କୁଲ, ଖମାରିଗାଁର ଶ୍ରୀଉତ୍କଳେଶ୍ୱର ହାଇସ୍କୁଲ, ବାସୁଦେବପୁର ଗ୍ରାମର ଶ୍ରୀଜଗନ୍ନାଥ ହାଇସ୍କୁଲ, ବି.ତୁରୁବୁଡ଼ି ଗ୍ରାମର ପଞ୍ଚାୟତ ହାଇସ୍କୁଲ, ଚୌଧୁରୀ ଟିକରପଡ଼ା ଗ୍ରାମର ସୁନ୍ଦରମ୍ମା ହାଇସ୍କୁଲ, ବନମାଳୀ ଗ୍ରାମର ପଞ୍ଚାୟତ ହାଇସ୍କୁଲ ଏବଂ ବିଜୟଲକ୍ଷ୍ମୀ ନାରାୟଣପୁର ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଆନ୍ଦୋଳନରେ ସାମିଲ ଥିବାରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହିଛି ବୋଲି ସଂଘର କାର୍ଯ୍ୟକର୍ତ୍ତା ଯୋଗେନ୍ଦ୍ର ପ୍ରଧାନ, ମନୋରଞ୍ଜନ ପଣ୍ଡା, କୃଷ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷିନୀ ତ୍ରିପାଠୀ ପ୍ରମୁଖ ଜଣାଇଛନ୍ତି।

# ୨ ଫେରାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୬।୯(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଜାମିନବିହୀନ ୱାରେଣ୍ଟ ବଳରେ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିଗପହଣ୍ଡି ପାଇକ ସାହିର କୃଷ୍ଣଚନ୍ଦ୍ର ସ୍ୱାଇଁ ଏବଂ ତୁଡୁଙ୍ଗପୁରର ଗଣେଶ ପାତ୍ର। ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପକ୍ଷରୁ କେସ ନଂ ଜିଆର ୨୭୯/୦୬ ଅନୁଯାୟୀ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଏବଂ କେସ ନଂ. ଜିଆର ୨୪୭/୦୭ ଅନୁଯାୟୀ ଗଣେଶଙ୍କ ନାଁରେ ୱାରେଣ୍ଟ ଜାରି କରାଯାଇଥିଲା ।




# ୧୫୭ ନଂ. ଜାତୀୟ ରାଜପଥରେ ପଡ଼ିଲା ଗଛ

## ଫୁଲବାଣୀ-ବୌଦ୍ଧ ରାସ୍ତାରେ ଯାତ୍ରୀ ହନ୍ତସନ୍ତ



ଲୋକେ ରାସ୍ତା ଉପରେ ପଡିଥିବା ଗଛ ହଟାଉଛନ୍ତି।

ଖଜୁରିପଡ଼ା,୬।୯(ଡି.ଏନ୍.ଏ.):


ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ବୁଧବାରଠାରୁ କନ୍ଧମାଳ ଜିଲାରେ ସାଧାରଣ ଜନଜୀବନ ବ୍ୟାହତ ହୋଇଛି। ଅନ୍ୟପକ୍ଷରେ ଫୁଲବାଣୀରୁ ବୌଦ୍ଧ ଜିଲାକୁ ସଂଯୋଗ କରିଥିବା ୧୫୭ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ଗଛ ଉପୁଡ଼ି ପଡ଼ିଥିବାରୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଭେଟ୍‌ଖୋଲ ଘାଟି ଓ ପାଣିସାଳ ନିକଟସ୍ଥ ପଠାଣ ପିଛିଲାରେ ରାସ୍ତା ଉପରେ ଗଛ ପଡ଼ିଥିବାରୁ ଗୁରୁବାର ସକାଳ ୯ଟାରୁ ପ୍ରାୟ ୫/୬ ଘଣ୍ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ହୋଇପାରି ନ ଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ସେପଟେ ରାଣୀପଥର ନିକଟସ୍ଥ ବାଘିଆଣ୍ଟ ପୋଲ ଡାଇଭର୍ସନ ଉପରେ ୪/୫ ଫୁଟ ଉଚ୍ଚରେ ପାଣି ଚାଲଇଥିବାରୁ ଗାଡ଼ି ଚଳାଚଳ ବନ୍ଦ ଥିଲା। ଫୁଲବାଣୀ ଅଗ୍ନିଶମ ବିଭାଗ ଖବରପାଇ କିଛି ସ୍ଥାନରେ ରାସ୍ତାରୁ ଗଛ କାଟିଥିବା ବେଳେ କିଛି ସ୍ଥାନରେ ଲୋକେ ନିଜେ ରାସ୍ତା ସଫା କରିଥିଲେ।

# ଚାଲାଣ ବେଳେ ୫ ଶ୍ରମିକ ଉଦ୍ଧାର, ଏଜେଣ୍ଟ ଅଟକ

ଛତ୍ରପୁର,୬।୯(ଡି.ଏନ.ଏ)

ବେଆଇନ୍ ଭାବେ ଚେନ୍ନାଇକୁ ଚାଲାଣ ବେଳେ ୫ ଶ୍ରମିକଙ୍କୁ ରମ୍ଭା ପୋଲିସ ଉଦ୍ଧାର କରିଛି । କୌଣସି ସୂତ୍ରରୁ ଖବର ପାଇ ପୋଲିସ ରମ୍ଭା ରେଲୱେ ଷ୍ଟେଶନରୁ ପାଲୁର ଗଜପତିନଗରର ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲା। ଚେନ୍ନାଇରେ ଶ୍ରମିକ କାମ କରିବାକୁ ସେମାନଙ୍କୁ ବୁଧବାର ଜଣେ ଏଜେଣ୍ଟ ନେଉଥିଲେ ବୋଲି ଜଣାପଡିଛି। ସମ୍ପୃକ୍ତ ଏଜେଣ୍ଟଙ୍କୁ ରମ୍ଭା ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା ଚଳାଇଛି। ଏ ନେଇ ରମ୍ଭା ପୋଲିସ ଏକ ମାମଲା (ନଂ.୧୫୩/୧୮) ରୁଜୁ କରିଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ